# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୭/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, October 7/2025 | Page 12 | ₹ 7.00 | SAMBALPUR

୫୧ଶ ଭାଗ ୩୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 311 | ମୂଲ୍ୟ ₹୭/-




କଟକ ସହରରେ କର୍ଫ୍ୟୁ ଲାଗୁ ହୋଇଥିବାବେଳେ ସୋମବାର ବାଲୁବଜାରରେ ଦୋକାନଗୁଡ଼ିକ ବନ୍ଦ ରହିବା ସହ ରାସ୍ତା ଜନଶୂନ୍ୟ ହୋଇଛି। (ଫଟୋ: ରାଜକିଶୋର ମହାନ୍ତି)

# କଟକରେ କର୍ଫ୍ୟୁ ବଳବତ୍ତର

## ଆଉ ୨୪ ଘଣ୍ଟା ଇଣ୍ଟରନେଟ କଟକଣା ବଢ଼ିଲା

### ୮ ବିଶୃଙ୍ଖଳାକାରୀ ଗିରଫ

କଟକ,୬।୧୦(କାର୍ତ୍ତିକ ସାହୁ)

କଟକ ଦୁର୍ଗା ପୂଜା ଭସାଣି ସମୟରେ ସୃଷ୍ଟ ବିବାଦ ରବିବାର ଉଗ୍ରରୂପ ଧାରଣ କରିବା ପରେ ସହରର ୧୩ଟି ଥାନା ଅଞ୍ଚଳରେ ୩୬ଘଣ୍ଟିଆ କର୍ଫ୍ୟୁ ଲାଗୁ କରାଯାଇଛି। ସୋମବାର ସମ୍ପୂର୍ଣ୍ଣ ସହର ପୋଲିସ ଛାଉଣି ଭିତରେ ରହିଥିଲା। କର୍ଫ୍ୟୁ ଲାଗୁ ଫଳରେ କେବଳ ଜରୁରୀ ସେବା ବ୍ୟତୀତ ଦୋକାନବଜାର, ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ରାସ୍ତାଘାଟ ଶୂନଶାନ ହୋଇଯାଇଥିଲା। ୧୦୦ ପ୍ଲାଟୁନ୍ ଫୋର୍ସ ସହରର ବିଭିନ୍ନ ସ୍ଥାନରେ ପଇଁତରା ମାରିବା ସହ ଲୋକମାନଙ୍କୁ ଘର ଭିତରେ ସୁରକ୍ଷିତଭାବେ ରହିବାକୁ ପରାମର୍ଶ ଦେଇଥିଲେ। ସହରରେ ଉତ୍ତେଜନା ଏବଂ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗରେ ୮ଜଣଙ୍କୁ ଗିରଫ କରାଯାଇଛି। ସେପଟେ ସ୍ଥିତିକୁ ଦେଖି ରବିବାର ରାତିରୁ ୨୪ ଘଣ୍ଟା ପାଇଁ ଲାଗିଥିବା ଇଣ୍ଟରନେଟ ଏବଂ ସୋସିଆଲ୍ ମିଡିଆ କଟକଣାକୁ ଆଉ ୨୪ ଘଣ୍ଟା ଅର୍ଥାତ ମଙ୍ଗଳବାର ରାତି ୭ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସିଏମ୍‌ସି, ସିଡିଏ, ବୟାଳିଶ ମୌଜାରେ ହ୍ୱାଟ୍ସଆପ୍, ଫେସବୁକ୍, ଏକ୍ସ, ସ୍ନାପ୍‌ଚାଟ୍, ଇନ୍‌ଷ୍ଟାଗ୍ରାମ୍ ସେବା ବନ୍ଦ ରହିବ।

କମିଶନରେଟ ପୋଲିସ ଦ୍ୱାରା ରବିବାର ରାତି ୧୦ଟାରୁ ଜାରି ହୋଇଥିବା କର୍ଫ୍ୟୁ ସହରରେ ବଳବତ୍ତର ରହିଛି। କର୍ଫ୍ୟୁ ହେତୁ ସୋମବାର ସରକାରୀ କାର୍ଯ୍ୟାଳୟ, ଔଷଧ ଓ ଅତ୍ୟାବଶ୍ୟକ ସେବାକୁ ବାଦ୍ ଦେଲେ ବ୍ୟାଙ୍କ, ବେସରକାରୀ କାର୍ଯ୍ୟାଳୟ, ମାଲଗୋଦାମ ସମେତ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଛି। ପୂରା ସହରକୁ ୧୦୦ ପ୍ଲାଟୁନ୍ ଫୋର୍ସ ସହ ୮ କମ୍ପାନୀ ସିଆର୍‌ପିଏଫ୍ ଯବାନ ଓ ୧ କମ୍ପାନୀ ରାପିଡ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଚାକିରି ପାଇଁ ନିବେଶ

# ନଭେମ୍ବର ୧୧ରେ ନୂଆପଡ଼ା ଭୋଟ

ଭୁବନେଶ୍ୱର,୬।୧୦ (ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନ ଭୋଟ୍ ନଭେମ୍ବର ୧୧ ତାରିଖରେ ହେବ। ଏଥିସହିତ ବିଧିବଦ୍ଧ ଭାବେ ସୋମବାରଠାରୁ ଆଦର୍ଶ ଆଚରଣବିଧି ଲାଗୁ ହେଲା ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ଥ ଗୋପାଳନ କହିଛନ୍ତି। ସୋମବାର ସନ୍ଧ୍ୟାରେ ସିଇଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୋପାଳନ କହିଥିଲେ, ନୂଆପଡ଼ା ଉପନିର୍ବାଚନ ଲାଗି ସମ୍ପୂର୍ଣ୍ଣ ଜିଲାରେ ଆଦର୍ଶ ଆଚରଣବିଧି ବଳବତ୍ତର ରହିବ। ଏହି ଅବଧି ନଭେମ୍ବର ୧୬ ପର୍ଯ୍ୟନ୍ତ ଲାଗୁ ହେବ।

ସେ କହିଥିଲେ, ନୂଆପଡ଼ା ଉପନିର୍ବାଚନ ଲାଗି ଆସନ୍ତା ୧୩ରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହେବ।




- ୧୪ରେ ଫଳାଫଳ
- ଉପନିର୍ବାଚନ ପାଇଁ ଲାଗୁହେଲା ଆଦର୍ଶ ଆଚରଣବିଧି: ସିଇଓ

୨୦ରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରହିଥିବାବେଳେ ୨୨ ତାରିଖ ସୁଦ୍ଧା ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ☞ପୃଷ୍ଠା-୪

## ୨ ପର୍ଯ୍ୟାୟରେ ବିହାର ନିର୍ବାଚନ

### ନଭେମ୍ବର ୬, ୧୧ରେ ମତଦାନ

ନୂଆଦିଲ୍ଲୀ,୬।୧୦(ପି.ଟି.)

ବିହାର ବିଧାନସଭା ନିର୍ବାଚନ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ବିଧାନସଭାର ୨୪୩ ଆସନ ମଧ୍ୟରୁ ୧୨୧ଟିରେ ନଭେମ୍ବର ୬ରେ ଏବଂ ଅବଶିଷ୍ଟ ୧୨୨ ଆସନରେ ସେହି ମାସ ୧୧ ତାରିଖରେ ଭୋଟ ଗ୍ରହଣ କରାଯିବ। ଭୋଟ ଗଣତି ନଭେମ୍ବର ୧୪ରେ କରାଯିବ ବୋଲି ସୋମବାର ଅପରାହ୍ନରେ ନିର୍ବାଚନ କମିଶନ (ଇସି) ସୂଚନା ଦେଇଛନ୍ତି। ଇସିଙ୍କ ଏହି ଘୋଷଣା ସହ ବିହାରରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି।

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ବିହାର ନିର୍ବାଚନ ନଭେମ୍ବର ୬ ଓ ୧୧ରେ ହେବାକୁ ଥିବାବେଳେ ୧୪ ତାରିଖରେ ଭୋଟ ଗଣତି କରାଯିବ। ସମଗ୍ର ନିର୍ବାଚନୀ ପ୍ରକ୍ରିୟା ନଭେମ୍ବର ୧୬ରେ ସମାପ୍ତ ହେବ। ପ୍ରଥମ ପର୍ଯ୍ୟାୟରେ ୧୨୧ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୨୨ ଆସନରେ ନିର୍ବାଚନ ହେବ। ଭୋଟ ଗଣତିର ଶେଷ ୨ଟି ପର୍ଯ୍ୟାୟ ପୂର୍ବରୁ ପୋଷ୍ଟାଲ ବାଲଟ୍ ଗଣତି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ବାଧ୍ୟତାମୂଳକ କରାଯାଇଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସମେତ କେତେକ ନୂଆ ପଦକ୍ଷେପ ନିଆଯାଉଥିବାରୁ ସିଇସି ବିହାର ନିର୍ବାଚନକୁ 'ସବୁ ନିର୍ବାଚନର ଜନନୀ' ଭାବେ ଅଭିହିତ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ପାଇଁ ନାମାଙ୍କନପତ୍ର ☞ପୃଷ୍ଠା-୪

## ୩ ବୈଜ୍ଞାନିକଙ୍କୁ ମେଡିସିନରେ ନୋବେଲ

### ରୋଗ ପ୍ରତିଷେଧକ ପ୍ରଣାଳୀ ଉପରେ ଗବେଷଣା ପାଇଁ ସମ୍ମାନ

ଷ୍ଟକ୍‌ହୋମ,୬।୧୦



ମେରି ଇ ବ୍ରୁନ୍‌କୋ | ଫ୍ରେଡ୍ ରାମ୍ସଡେଲ | ଶିମୋନ ସାକାଗୁଚି

୨୦୨୫ ନୋବେଲ ପୁରସ୍କାର ପାଇଁ ବିଜେତାଙ୍କ ନାମ ଘୋଷଣା ହେବା ଆରମ୍ଭ ହୋଇଛି। ମେଡିସିନ କ୍ଷେତ୍ରରେ ୩ ବୈଜ୍ଞାନିକଙ୍କୁ ଚଳିତ ଥରର ନୋବେଲ ପୁରସ୍କାର ଦିଆଯିବା ନେଇ ସୋମବାର ସୁଇଡେନ୍‌ର ଷ୍ଟକ୍‌ହୋମରେ ରୟାଲ ସ୍ୱିଡିଶ ଏକାଡେମୀ ଅଫ୍ ସାଇନ୍ସ ପକ୍ଷରୁ ଘୋଷଣା କରାଯାଇଛି। ମାନବ ଶରୀରର ପେରିଫେରାଲ ଇମ୍ୟୁନ୍ ଟଲରାନ୍ସ ଉପରେ ଗବେଷଣା ପାଇଁ ଆମେରିକୀୟ ବୈଜ୍ଞାନିକ ମେରି ଇ ବ୍ରୁନ୍‌କୋ, ଫ୍ରେଡ୍ ରାମ୍ସଡେଲ ଏବଂ ଜାପାନର ବୈଜ୍ଞାନିକ ଶିମୋନ ସାକାଗୁଚିଙ୍କୁ ନୋବେଲ ପୁରସ୍କାର ପାଇଁ ମନୋନୀତ ☞ପୃଷ୍ଠା-୪

## ନୂଆପଡ଼ାବାସୀଙ୍କ ପାଇଁ ମୋ ଦୁଆର ସବୁବେଳେ ଖୋଲା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ନୂଆପଡ଼ା, ୬।୧୦ (ରବିନାରାୟଣ ଜେନା/ମକାରୁ ବେମାଲ)

ନୂଆପଡ଼ାବାସୀଙ୍କ ପାଇଁ ମୋ ଦୁଆର ସବୁବେଳେ ଖୋଲା। ସେମାନେ ଯେତେବେଳେ ଚାହିଁବେ, ମୋତେ ଭେଟିପାରିବେ। ସେମାନଙ୍କ କୌଣସି ସମସ୍ୟା ଯଦି ମୋ ନଜରକୁ ଆସେ, ସେ ସବୁକୁ ଗୁରୁତ୍ୱ ଦେଇ ସମାଧାନ କରିବାକୁ ଉଦ୍ୟମ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ନୂଆପଡ଼ା ମିନି ଷ୍ଟାଡିୟମଠାରେ ସୋମବାର ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ, ଦୂର ହେଉ କି ପାଖ, ବଡ଼ ହେଉ ବା ଛୋଟ, ରାଜ୍ୟର ସବୁ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ରାଜ୍ୟର ଜନସାଧାରଣଙ୍କ ସେବା ପାଇଁ ସବୁ ସମୟରେ, ସବୁ ମୁହୂର୍ତ୍ତରେ ଉପସ୍ଥିତ ଅଛି। ନୂଆପଡ଼ା ସହିତ ମୋର ଭାବଗତ ସମ୍ପର୍କ ରହିଛି ଏବଂ ଏହା ବଢ଼ି ବଢ଼ି ଚାଲିଛି। ଆଗାମୀ ଦିନରେ ଏହି ସମ୍ପର୍କ ଆହୁରି ଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ନୂଆପଡ଼ା ଜିଲା ପାଇଁ ୧୧୦୧ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ ଓ ଘୋଷଣା କରିଥିଲେ। ସେ କହିଥିଲେ, ଇତିମଧ୍ୟରେ ତିନି ☞ପୃଷ୍ଠା-୪



ନୂଆପଡ଼ା ମିନି ଷ୍ଟାଡିୟମଠାରେ ସୋମବାର ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

## ଖରିଆରରୋଡ୍ ମ୍ୟୁନିସିପାଲିଟି, କୋମନା ଓ ସିନାପାଲିକୁ ଏନ୍‌ଏସି ଘୋଷଣା

### ୧୧୦୧ କୋଟିର ସ୍ୱତନ୍ତ୍ର ପ୍ୟାକେଜ୍

ନୂଆପଡ଼ା ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ନୂଆପଡ଼ା ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ୧୧୦୧ କୋଟି ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ ଓ ଘୋଷଣା କରିଛନ୍ତି। ସେଥିମଧ୍ୟରେ ୬୪ କୋଟି ୨ ଲକ୍ଷ ଟଙ୍କା ବିନିଯୋଗରେ ୧୦୯ଟି ପ୍ରକଳ୍ପର ଲୋକାର୍ପଣ ସହ ୧୫୯ କୋଟି ୭୬ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଶିଳାନ୍ୟାସ ରହିଛି। ଏହାସହିତ ୭୫ କୋଟି ୩୭ ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ କରାଯିବ। ନୂଆପଡ଼ାରେ ଜଳସେଚନର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ୮୦୨ କୋଟି ୯ ଲକ୍ଷ ☞ପୃଷ୍ଠା-୪

## ସିଜେଆଇଙ୍କୁ ଜୋତା ଫିଙ୍ଗିଲେ ଆଇନଜୀବୀ



### ଏଭଳି କାର୍ଯ୍ୟ ମୋତେ ପ୍ରଭାବିତ କରେନି: ସିଜେଆଇ ଜଷ୍ଟିସ୍ ଗବଇ

ନୂଆଦିଲ୍ଲୀ,୬।୧୦

ସୁପ୍ରିମକୋର୍ଟରେ ସୋମବାର ଏକ ମାମଲାର ଶୁଣାଣି ଚାଲିଥିବାବେଳେ ଜଣେ ୭୧ ବର୍ଷୀୟ ଆଇନଜୀବୀ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇଙ୍କୁ ଜୋତା ଫିଙ୍ଗିବାକୁ ଉଦ୍ୟମ କରିଥିଲେ। ଜଣେ ବରିଷ୍ଠ ଆଇନଜୀବୀଙ୍କ ଏଭଳି କାର୍ଯ୍ୟ ଅଦାଲତ ଶିଷ୍ଟାଚାରର ଗୁରୁତର ଉଲ୍ଲଂଘନ କରିଛି। ଏଭଳି କାର୍ଯ୍ୟ ଦ୍ୱାରା ମୁଁ ବିଚଳିତ ନୁହେଁ, ଏଗୁଡ଼ିକ ମୋତେ ପ୍ରଭାବିତ କରେନାହିଁ ବୋଲି ଜଷ୍ଟିସ୍ ଗବଇ କହିବା ସହ ଶୁଣାଣି ଜାରି ରଖିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସନ୍ଧ୍ୟାରେ ସିଜେଆଇଙ୍କ ସହ କଥା ହୋଇଛନ୍ତି। ସୁପ୍ରିମକୋର୍ଟ ପରିସରରେ ସିଜେଆଇଙ୍କ ଉପରେ ଆକ୍ରମଣକୁ ପ୍ରଧାନମନ୍ତ୍ରୀ ନିନ୍ଦା କରିବା ସହ ଏହି ଘଟଣା ପ୍ରତ୍ୟେକ ଭାରତୀୟଙ୍କୁ କ୍ଷୁବ୍ଧ କରିଥିବା କହିଛନ୍ତି।

ଓକିଲମାନଙ୍କ କହିବା ଅନୁଯାୟୀ, ଆଇନଜୀବୀମାନେ ସେମାନଙ୍କ ମାମଲାଗୁଡ଼ିକର ତ୍ୱରିତ୍ ଶୁଣାଣି ପାଇଁ ସିଜେଆଇ ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠରେ ଉପସ୍ଥାପନା କରୁଥିଲେ। ଏହି ସମୟରେ ମୟୂରବିହାର ଅଞ୍ଚଳର ଆଇନଜୀବୀ ରାକେଶ କିଶୋର ଡାଏସ୍ ପାଖରେ ପହଞ୍ଚି ଜୋତା ଖୋଲିବା ସହ ବିଚାରପତିମାନଙ୍କ ଉପରକୁ ଫିଙ୍ଗିବାକୁ ଉଦ୍ୟମ କରିଥିଲେ। କୋର୍ଟରୁମ୍‌ରେ ସଜାଗ ଥିବା ସୁରକ୍ଷା କର୍ମଚାରୀ ତୁରନ୍ତ ହସ୍ତକ୍ଷେପ କରି ରାକେଶଙ୍କୁ ଅଟକାଇଥିଲେ। ପରେ ତାଙ୍କୁ ସୁରକ୍ଷା କର୍ମଚାରୀ ଘେରିଯାଇ କୋର୍ଟ ବାହାରକୁ ନେଇଯାଇଥିଲେ।

ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ମଧ୍ୟପ୍ରଦେଶର ଖଜୁରାହୋଠାରେ ଭଗବାନ ବିଷ୍ଣୁଙ୍କ ମୂର୍ତ୍ତି ପୁନଃନିର୍ମାଣରେ ନ୍ୟାୟିକ ହସ୍ତକ୍ଷେପ ସକାଶେ ଏକ ଜନସ୍ୱାର୍ଥ ମାମଲା ଦାଖଲ ହୋଇଥିଲା। ସିଜେଆଇ ଉକ୍ତ ଆବେଦନକୁ ପ୍ରଚାରଧର୍ମୀ କହି ଖାରଜ ☞ପୃଷ୍ଠା-୪




## ସଂକ୍ଷେପରେ

### ୮୦ ବର୍ଷର ପୁରୁଣା କୋଠା ଭୁଶୁଡ଼ି ୩ ମୃତ

ଅହମଦାବାଦ, ୬।୧୦

ଗୁଜରାଟର ଗିର-ସୋମନାଥ ଜିଲାର ଭେରାଭଲ ସହରରେ ଏକ ୮୦ ବର୍ଷର ପୁରୁଣା ୩ ମହଲା ବିଶିଷ୍ଟ କୋଠା ରବିବାର ବିଳମ୍ବିତ ରାତିରେ ଭୁଶୁଡ଼ି ପଡ଼ିବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି। କୋଠା ମଧ୍ୟରେ ଥିବା ଜଣେ ମା' ଓ ଝିଅଙ୍କ ମୃତ୍ୟୁ ଘଟିଥିବା ବେଳେ କୋଠା ସମ୍ମୁଖରେ ଥିବା ରାସ୍ତାରେ ବାଇକରେ ଯାଉଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସୂଚନା ପାଇ ତୁରନ୍ତ ଅଗ୍ନିଶମ ବାହିନୀ ଏବଂ ପୋଲିସ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ। ରେସ୍କ୍ୟୁ ଟିମ୍ ଭଗ୍ନାବଶେଷ ମଧ୍ୟରୁ ୨ ଜଣଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଛି। କୋଠା ଭୁଶୁଡ଼ିବାକୁ ନେଇ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି।

### ପ୍ରମାଣର ସ୍ଥାନ ସନ୍ଦେହ ନେଇପାରିବ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ ,୬।୧୦

ସନ୍ଦେହ ଯେତେ ଦୃଢ଼ ହୋଇଥାଉନା କାହିଁକି, ଏହା ପ୍ରମାଣର ସ୍ଥାନ ନେଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ୨୦୦୭ର ଏକ ହତ୍ୟା ମାମଲାରେ ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦ୍ରେଶ ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ୩ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଦେବା ସହ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ମାମଲାର ତଦନ୍ତରେ ଯଥେଷ୍ଟ ଶୂନ୍ୟତା ରହିଛି। ରେକର୍ଡ ହୋଇଥିବା ପ୍ରମାଣ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବାକୁ ଯଥେଷ୍ଟ ନୁହେଁ। ୩ ଅଭିଯୁକ୍ତଙ୍କୁ ତଳକୋର୍ଟ ଦୋଷୀସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡାଦେଶ ଦେଇଥିବାବେଳେ ୨୦୧୭ ନଭେମ୍ବରରେ ଉତ୍ତରାଖଣ୍ଡ ହାଇକୋର୍ଟ ଏହାକୁ କାଏମ ରଖିଥିଲେ। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତମାନେ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ବିଜ୍ଞାନସମ୍ମତ ପ୍ରମାଣକୁ ଅଣଦେଖା କରି ସନ୍ଦେହପୂର୍ଣ୍ଣ ପ୍ରମାଣ ଆଧାରରେ ଦୋଷୀସାବ୍ୟସ୍ତ କରିବା ଅର୍ଥ ପ୍ରମାଣ ସ୍ଥାନରେ ସନ୍ଦେହକୁ ଗ୍ରହଣ କରିବା। ସନ୍ଦେହ ଯେତେ ଦୃଢ଼ ହେଲେ ବି ଏହା ପ୍ରମାଣକୁ ସ୍ଥାନାନ୍ତର କରିପାରିବ ନାହିଁ ବୋଲି ଖଣ୍ଡପୀଠ ରାୟରେ କହିଛନ୍ତି।

### ଆମେରିକାକୁ ରେୟାର ଆର୍ଥ ପଠାଇଲା ପାକିସ୍ତାନ

ଇସ୍‌ଲାମାବାଦ, ୬।୧୦

ପାକିସ୍ତାନ ସୋମବାର ପ୍ରଥମ ପର୍ଯ୍ୟାୟରେ ଆମେରିକାକୁ ରେୟାର ଆର୍ଥ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପଠାଇଛି। ଏନେଇ ପାକିସ୍ତାନୀ ଖବରକାଗଜ ଡନ୍‌ରେ ରିପୋର୍ଟ ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟରେ ଆମେରିକାକୁ ପଠାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ମଧ୍ୟରେ ଆଣ୍ଟିମୋନି, କପର କନ୍‌ସେନ୍‌ଟ୍ରେଟ୍ ଏବଂ ନିଓଡିମିୟମ, ପ୍ରସେଓଡିମିୟମ ପରି ରେୟାର ଆର୍ଥ ଉପାଦାନ ରହିଛି। ପାକିସ୍ତାନର ଖଣିଜ ସମ୍ପଦ ଅନୁସନ୍ଧାନ ଏବଂ ବିକାଶ ପାଇଁ ଗତ ମାସରେ ଏକ ଆମେରିକୀୟ କମ୍ପାନୀ ସହ ପାକିସ୍ତାନ ସରକାର କରିଥିବା ଚୁକ୍ତି ଅନୁଯାୟୀ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଆମେରିକା ପଠାଯାଇଛି। ଏହାକୁ ନେଇ ପାକିସ୍ତାନରେ ବିରୋଧ ଆରମ୍ଭ ହୋଇଛି।

ଦିଲ୍ଲୀରେ ଆଜି




ଖବରଦାତା ସମ୍ମିଳନୀରେ ବିହାର ବିଧାନସଭା ନିର୍ବାଚନ ସମ୍ପର୍କରେ ସୂଚନା ଦେଉଛନ୍ତି ସିଇସି ଜ୍ଞାନେଶ କୁମାର। ତାଙ୍କ ସହ ୨ ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଏବଂ ବିବେକ ଜୋଷୀ ଉପସ୍ଥିତ ଅଛନ୍ତି। (ଫଟୋ: ଚମନ ଗୌତମ)

## ବିହାର ବିଗୁଲ ବାଜିଲା

# ଫୋକସ୍‌ରେ ୩ ନେତା

**ବିହାରରେ ନିର୍ବାଚନୀ ବିଗୁଲ ବାଜିବା ସହ ରାଜନୈତିକ ମଇଦାନ ପ୍ରସ୍ତୁତ ହୋଇଛି। ଏଥିସହ ଗଣମାଧ୍ୟମର ଫୋକସ୍ ମୁଖ୍ୟତଃ ୩ଟି ଚେହେରା ଉପରେ କେନ୍ଦ୍ରୀଭୂତ ହୋଇଛି। କେତେକ ଜାତୀୟ ଗଣମାଧ୍ୟମ ଜେଡିୟୁ ମୁଖ୍ୟ ନୀତୀଶ କୁମାରଙ୍କୁ 'ଡିଫେଣ୍ଡର' ଆଖ୍ୟା ଦେଇଥିବାବେଳେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ 'ଚ୍ୟାଲେଞ୍ଜର' ଓ ରଣନୀତିକାରରୁ ରାଜନେତା ସାଜିଥିବା ପ୍ରଶାନ୍ତ କିଶୋରଙ୍କୁ 'ଡିସ୍‌ରପ୍ଟର' ବୋଲି ଅଭିହିତ କରିଛନ୍ତି। ଏହି ୩ ଜଣଙ୍କ ସଫଳତା ବା ବିଫଳତା ସେମାନଙ୍କ ଦଳର ଭବିଷ୍ୟତକୁ ପ୍ରଭାବିତ କରିବା ସହ ବିହାର ରାଜନୈତିକ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ିପାରେ ବୋଲି ମନେକରାଯାଉଛି।**

ପାଟନା/ନୂଆଦିଲ୍ଲୀ,୬।୧୦

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନେତୃତ୍ୱାଧୀନ ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ବିହାରରେ ଛଟ୍‌ପୂଜା ଓ ଦୀପାବଳି ପରେ ନିର୍ବାଚନ ହେବ ବୋଲି ଊଣାଅଧିକେ ସମସ୍ତେ ଅବଗତ ଥିଲେ ହେଁ ଏହାର ଆନୁଷ୍ଠାନିକ ତାରିଖ ଘୋଷଣାକୁ ରାଜନୈତିକ ଦଳଗୁଡ଼ିକ ଅପେକ୍ଷା କରିଥିଲେ। ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ସୋମବାର ଏହି ତାରିଖ ଘୋଷଣା କରିବା ସହ ବିହାର ନିର୍ବାଚନ ପାଇଁ ବିଗୁଲ ବାଜିଛି। ନିର୍ବାଚନରେ ଶାସକ ଭାରତୀୟ ଜନତା ପାର୍ଟି (ଭାଜପା) ଏବଂ ସଂଯୁକ୍ତ ଜନତା ଦଳ (ଜେଡିୟୁ) ମେଣ୍ଟ ସହ କଂଗ୍ରେସ ଓ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତୃତ୍ୱାଧୀନ ମହାମେଣ୍ଟ ମଧ୍ୟରେ ପ୍ରତ୍ୟକ୍ଷ ଲଢ଼େଇ ହେବ। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ତାଙ୍କ ପଶ୍ଚିମବଙ୍ଗ ପ୍ରତିପକ୍ଷ ମମତା ବାନାର୍ଜୀଙ୍କ ପାଇଁ ପୂର୍ବରୁ ନିର୍ବାଚନୀ ରଣନୀତି ପ୍ରସ୍ତୁତ କରି ସଫଳ ହୋଇଥିବା ପ୍ରଶାନ୍ତ କିଶୋର ଏଥର ନିର୍ବାଚନୀ ରାଜନୀତିରେ ପ୍ରବେଶ କରି ମଇଦାନକୁ ଓହ୍ଲାଇଛନ୍ତି। ତାଙ୍କ ଜନ ସୁରାଜ ପାର୍ଟି ବିହାରର ସମସ୍ତ ୨୪୩ ଆସନରେ ପ୍ରାର୍ଥୀ ଦେବ। ନିର୍ବାଚନ କମିଶନଙ୍କ ପକ୍ଷରୁ କରାଯାଇଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ରାଜନୈତିକ ଓ ଆଇନଗତ ବିବାଦ ଥମି ନ ଥିବାବେଳେ ବିହାରୀ ଭୋଟର ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରି ପ୍ରତିନିଧି ବାଛିବାକୁ ଯାଉଛନ୍ତି।



**ନୀତୀଶ କୁମାର:** ଜେଡିୟୁର ୭୪ ବର୍ଷୀୟ ନୀତୀଶ କୁମାର ୨ ଦଶନ୍ଧି ଧରି ବିହାର ମୁଖ୍ୟମନ୍ତ୍ରୀ ରହିଆସିଛନ୍ତି। ବିକାଶମୂଳକ କାର୍ଯ୍ୟକୁ ନେଇ ଏକଦା ସୁଶାସନ ବାବୁ ନାମରେ ପରିଚିତ ନୀତୀଶ ନିକଟ ଅତୀତରେ ନିଜ ପ୍ରଶାସନିକ ପଦକ୍ଷେପ ତୁଳନାରେ ଓଲଟାପାଲଟା ବୟାନ ଦେଇ ଅଧିକ ଚର୍ଚ୍ଚା ସାଉଣ୍ଟିଛନ୍ତି। ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ନୀତୀଶଙ୍କ ଭିଡିଓଗୁଡ଼ିକୁ ନେଇ ତାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଶ୍ନ ଉଠିଛି। ଜେଡିୟୁ-ଭାଜପା ମେଣ୍ଟ ଯଦି ନିର୍ବାଚନ ଜିତେ ତେବେ ନୀତୀଶ ଆଉ ଥରେ ମୁଖ୍ୟମନ୍ତ୍ରୀ ପଦ କିପରି ସମ୍ଭାଳିବେ ତାକୁ ନେଇ ଲୋକଙ୍କ ମନରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ଭାଜପା ଅଦ୍ୟାବଧି କୌଣସି ବିକଳ୍ପ ଚେହେରାକୁ ସାମ୍ନାକୁ ଆଣି ନ ଥିବାରୁ ଶାସକ ମେଣ୍ଟ ନୀତୀଶଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିବାକୁ ଯାଉଥିବା ଏକପ୍ରକାର ନିଶ୍ଚିତ। ତେଣୁ ନୀତୀଶ ୧୦ମ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ନା ଫଳାଫଳ ବିହାରରେ ନୀତୀଶ ରାଜ୍‌ର ଅବସାନ ଘଟାଇବ ତାହା ଉପରେ ସମସ୍ତଙ୍କ ନଜର।



**ତେଜସ୍ୱୀ ଯାଦବ:** ଆର୍‌ଜେଡି ପ୍ରତିଷ୍ଠାତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବଙ୍କ ସାନପୁଅ ୩୫ ବର୍ଷୀୟ ତେଜସ୍ୱୀ ଯାଦବ ଏହି ନିର୍ବାଚନରେ ଏକ ପ୍ରମୁଖ ଚେହେରା। ୨୦୨୦ ନିର୍ବାଚନରେ ଆର୍‌ଜେଡି ୧୪୪ ଆସନରେ ଲଢ଼ିଥିବାବେଳେ ୭୫ଟିରେ ବିଜୟୀ ହୋଇ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲା। କିନ୍ତୁ ଏହାର ସହଯୋଗୀ ଦଳ କଂଗ୍ରେସର ଦୁର୍ବଳ ପ୍ରଦର୍ଶନ ଯୋଗୁ ମହାମେଣ୍ଟ ସରକାର ଗଢ଼ିବାକୁ ସୁଯୋଗ ପାଇ ନ ଥିଲା। ଇତିମଧ୍ୟରେ ଲାଲୁଙ୍କ ଅସୁସ୍ଥତା ଯୋଗୁ ତେଜସ୍ୱୀ ନିଜେ ଆର୍‌ଜେଡିର ନେତୃତ୍ୱ ନେଇ ଦଳ ପରିଚାଳନା କରୁଛନ୍ତି। ଏପରି କି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭୋଟର ଅଧିକାର ଯାତ୍ରା'ଠାରୁ ନେଇ ଆର୍‌ଜେଡିର 'ବିହାର ଅଧିକାର ଯାତ୍ରା' ପର୍ଯ୍ୟନ୍ତ ସବୁଥିରେ ତେଜସ୍ୱୀ ସାମିଲ ହୋଇ ଭୋଟରଙ୍କ ନିକଟତର ହୋଇପାରିଛନ୍ତି। ଏହି ଯୁବ ରାଜନେତା ବର୍ତ୍ତମାନ ଭାଜପା ସମ୍ମୁଖରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରୂପେ ଉଭା ହୋଇଛନ୍ତି।



**ପ୍ରଶାନ୍ତ କିଶୋର:** ପିକେ ନାମରେ ପରିଚିତ ନିର୍ବାଚନୀ ରଣନୀତିକାର ପ୍ରଶାନ୍ତ କିଶୋର ଅନ୍ୟ ଦଳର ପ୍ରଚାର ଅଭିଯାନ ଯୋଜନା ଛାଡ଼ି ଜନ ସୁରାଜ ପାର୍ଟି ଗଢ଼ିଛନ୍ତି। ଏଥର ନିର୍ବାଚନରେ ସେ ନିଜ ଭାଗ୍ୟ ପରୀକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି। ୨୦୨୨ରେ ବିହାର ସାରା ଏକ ଯାତ୍ରା କରି ଲୋକପ୍ରିୟତା ହାସଲ କରିଥିବା ପିକେ ତାଙ୍କ ପ୍ରତି ଲୋକଙ୍କ ରହିଥିବା ସମର୍ଥନ ଆଗାମୀ ନିର୍ବାଚନରେ ପ୍ରତିଫଳିତ ହେବ ବୋଲି ଆଶା ବାନ୍ଧିଛନ୍ତି। ଅନ୍ୟପକ୍ଷେ ମୁଖ୍ୟସ୍ରୋତର ଦଳଗୁଡ଼ିକର ନେତାମାନେ ରାଜନୀତିରେ ପ୍ରଶାନ୍ତ କିଶୋରଙ୍କ ପ୍ରବେଶ ଏକ ଫ୍ଲପ୍ ଶୋ' ହେବ ବୋଲି ଭବିଷ୍ୟବାଣୀ କରିଛନ୍ତି। ଆଉ କେତେକଙ୍କ ମତରେ ପିକେଙ୍କ ପାର୍ଟି ଅନ୍ୟ ଦଳଗୁଡ଼ିକର ଭୋଟ କାଟିବା ଛଡ଼ା ବିଶେଷ ପ୍ରଦର୍ଶନ କରି ନ ପାରେ।

### ୱାଙ୍ଗ୍‌ଚୁକ୍‌ଙ୍କ ଗିରଫଦାରି କେନ୍ଦ୍ର, ଲଦାଖକୁ ଜବାବ ତଲବ

ନୂଆଦିଲ୍ଲୀ,୬।୧୦(ପି.ଟି.)

ଲେହରେ ହିଂସାତ୍ମକ ବିକ୍ଷୋଭ ପରେ ଜଳବାୟୁ କର୍ମୀ ସୋନମ୍ ୱାଙ୍ଗ୍‌ଚୁକ୍‌ଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ)ରେ ଅଟକ ରଖାଯାଇଥିବାରୁ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଜେ ଆଙ୍ଗ୍‌ମୋ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ୱାଙ୍ଗ୍‌ଚୁକ୍‌ଙ୍କୁ ତୁରନ୍ତ ମୁକ୍ତ କରିଦେବା ପାଇଁ ସେ ନିବେଦନ କରିଥିଲେ। ସର୍ବୋଚ୍ଚ ଅଦାଲତ ସୋମବାର ଏହାର ଶୁଣାଣି କରି କେନ୍ଦ୍ର ସରକାର ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନକୁ ଜବାବ ମାଗିଛନ୍ତି। ତେବେ ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ ପିଟିଶନ୍ ଉପରେ କୌଣସି ରାୟ ଦେବାକୁ ମନା କରିଦେଇ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୪ ତାରିଖକୁ ଧାର୍ଯ୍ୟ କରିଛନ୍ତି।



ଲଦାଖକୁ ରାଜ୍ୟ ଘୋଷଣା କରାଯିବା ସମେତ ଷଷ୍ଠ ପରିଚ୍ଛଦ ମାନ୍ୟତା ପ୍ରଦାନ ଦାବିରେ ସେପ୍ଟେମ୍ବର ୨୬ରେ ଲେହ ସହରରେ ବିକ୍ଷୋଭ ବେଳେ ହିଂସାକାଣ୍ଡ ଘଟିଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ୯୦ ଜଣ ଆହତ ହୋଇଥିଲେ। ହିଂସା ପାଇଁ ଉସୁକାଇବା ଅଭିଯୋଗରେ ୱାଙ୍ଗ୍‌ଚୁକ୍‌ଙ୍କୁ ୨୮ ତାରିଖରେ ଏନ୍‌ଏସ୍‌ଏ ବଳରେ ଗିରଫ କରାଯାଇ ରାଜସ୍ଥାନର ଯୋଧପୁର ଜେଲରେ ରଖାଯାଇଛି। ୱାଙ୍ଗ୍‌ଚୁକ୍‌ଙ୍କ ସ୍ତ୍ରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ୍ କୋର୍ଟରେ ଉପସ୍ଥିତ ରହି ଅଟକ ରଖାଯିବାର କାରଣ ଜଣାଇବା ନିମନ୍ତେ ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି କୋର୍ଟଙ୍କୁ ନିବେଦନ କରିଥିଲେ। ଏ ସମ୍ପର୍କରେ ୱାଙ୍ଗ୍‌ଚୁକ୍‌ଙ୍କୁ ଜଣାଇ ଦିଆଯାଇଛି ଏବଂ ତାଙ୍କ ସ୍ତ୍ରୀଙ୍କୁ ଜଣାଇବାର ଆଇନଗତ ଆବଶ୍ୟକତା ନାହିଁ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ।

# ହସ୍ପିଟାଲରେ ନିଆଁ: ୮ ରୋଗୀ ମୃତ

## ଅବହେଳା ଅଭିଯୋଗର ତଦନ୍ତ ନିର୍ଦ୍ଦେଶ

ଜୟପୁର,୬।୧୦

ରାଜସ୍ଥାନ ଜୟପୁରରେ ଥିବା ସୱାଇ ମାନ୍‌ସିଂ (ଏସ୍‌ଏମ୍‌ଏସ୍) ହସ୍ପିଟାଲର ନ୍ୟୁରୋ ଆଇସିୟୁରେ ରବିବାର ବିଳମ୍ବିତ ରାତିରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୮ ଜଣ ରୋଗୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ୩ ଜଣ ମହିଳା ରହିଛନ୍ତି। ତେବେ ନିଆଁ ଲାଗିବା ସମୟରେ ରୋଗୀଙ୍କ ସମ୍ପର୍କୀୟମାନେ ସତର୍କ କରାଇବା ସହ ଧାଁଦଉଡ଼ କରୁଥିଲେ ମଧ୍ୟ ହସ୍ପିଟାଲ କର୍ମଚାରୀମାନେ ଏହାକୁ ଅଣଦେଖା କରିଥିଲେ ବୋଲି ଅଭିଯୋଗ ହୋଇଛି। କର୍ମଚାରୀଙ୍କ ଅବହେଳାର ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି।

ଏସ୍‌ଏମ୍‌ଏସ୍ ଜୟପୁରର ସର୍ବବୃହତ୍ ସରକାରୀ ହସ୍ପିଟାଲ ହୋଇଥିବାବେଳେ ରାତି ପ୍ରାୟ ୧୧ଟା ୨୦ ମିନିଟ୍ ସମୟରେ ଏହାର ଟ୍ରମା ସେଣ୍ଟର ଆଇସିୟୁରେ ନିଆଁ ଲାଗିଥିଲା। ଶର୍ଟସର୍କିଟରୁ ଏଭଳି ଅଗ୍ନିକାଣ୍ଡ ଘଟିଲା ବୋଲି ଅଧିକାରୀମାନେ ସନ୍ଦେହ କରୁଛନ୍ତି। ଆଇସିୟୁ ୱାର୍ଡର



ଏସ୍‌ଏମ୍‌ଏସ୍ ହସ୍ପିଟାଲର ନ୍ୟୁରୋ ଆଇସିୟୁ ଜଳୁଛି।

ଷ୍ଟୋରରୁମ୍‌ରେ କାଗଜପତ୍ର, ମେଡିକାଲ ଉପକରଣ ଏବଂ ରକ୍ତ ନମୁନା ଟ୍ୟୁବ୍ ରଖାଯାଇଥିବାବେଳେ ଶର୍ଟସର୍କିଟରୁ ଭୟଙ୍କର ଅଗ୍ନିକାଣ୍ଡ ଘଟି ତୁରନ୍ତ ସମ୍ପୂର୍ଣ୍ଣ ୱାର୍ଡକୁ ବ୍ୟାପିଯାଇଥିଲା। ବିଲ୍ଡିଂରେ ଧୂଆଁ ଭର୍ତ୍ତି ହୋଇଯିବାରୁ ରୋଗୀ ଓ କର୍ମଚାରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ହସ୍ପିଟାଲ ପ୍ରଶାସନର ସୂଚନା ଅନୁଯାୟୀ, ଅଗ୍ନିକାଣ୍ଡ ସମୟରେ ଆଇସିୟୁ ଏବଂ ସେମି-ଆଇସିୟୁରେ ମୋଟ ୧୮ ଜଣ ରୋଗୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୧ ଜଣ ନିଆଁ ଲାଗିଥିବା ୱାର୍ଡରେ ରହିଥିଲେ। ଅଗ୍ନିଶମ ଗାଡ଼ି ପହଞ୍ଚିଥିଲେ ମଧ୍ୟ ନିଆଁ ଓ ବିଷାକ୍ତ ଧୂଆଁ ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଅଧିକାଂଶ ରୋଗୀ ସେମାନଙ୍କ ପରିବାର ସଦସ୍ୟ ଓ କର୍ମଚାରୀଙ୍କ ସହାୟତାରେ ଝରକା ଓ କବାଟ ଭାଙ୍ଗି ବାହାରି ଯାଇଥିଲେ। ସେମାନଙ୍କୁ ରାସ୍ତାରେ ବେଡ୍‌ରେ ରଖାଯାଇ ଅକ୍ସିଜେନ୍ ଓ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା।

ଅଗ୍ନିକାଣ୍ଡ ପରେ ହସ୍ପିଟାଲର ସୁରକ୍ଷା ବ୍ୟବସ୍ଥାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠିଛି। ନିଆଁ ଲାଗିବା ପରେ ପରେ ଫାୟାର ଆଲାର୍ମ ସିଷ୍ଟମ୍ ପ୍ରଥମେ ଠିକ୍ ଭାବେ କାର୍ଯ୍ୟ କରି ନ ଥିଲା ବୋଲି ଅଭିଯୋଗ ହୋଇଛି। ଏଥିସହିତ ଅକ୍ସିଜେନ୍ ଲାଇନ୍‌କୁ ବନ୍ଦ କରିବାରେ ମଧ୍ୟ ବିଳମ୍ବ ହୋଇଥିଲା। କର୍ମଚାରୀଙ୍କ ପାଖରେ ପର୍ଯ୍ୟାପ୍ତ ଅଗ୍ନି ସୁରକ୍ଷା ଉପକରଣ ନ ଥିବାରୁ ନିଆଁ ଅଧିକ ବ୍ୟାପିଲା ବୋଲି କୁହାଯାଉଛି। କର୍ମଚାରୀମାନଙ୍କ ଅବହେଳାରୁ ୮ ରୋଗୀଙ୍କ ଜୀବନ ଗଲା ବୋଲି ସେମାନଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିବା ସହ ହସ୍ପିଟାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ସମ୍ପର୍କୀୟମାନେ ଟ୍ରମା ସେଣ୍ଟର ବାହାରେ ଧାରଣାରେ ବସିବା ସହ ମୁଖ୍ୟ ରାସ୍ତାରେ ପ୍ରତିବାଦ କରିଥିଲେ। ମୁଖ୍ୟମନ୍ତ୍ରୀ ଭଜନଲାଲ୍ ଶର୍ମା ବିଳମ୍ବିତ ରାତିରେ ହସ୍ପିଟାଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଆହତମାନଙ୍କ ଚିକିତ୍ସା ପାଇଁ ତୁରନ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ ଘଟଣା ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସେ ଡାକ୍ତରୀ ଶିକ୍ଷା ସଚିବ ଅମ୍ବିଶ କୁମାର, ପୋଲିସ କମିଶନର ବିଜୁ ଜର୍ଜ ଜୋସେଫ, ଜୟପୁର ଜିଲାପାଳ ଜିତେନ୍ଦ୍ର ସୋନି ଏବଂ ଏସ୍‌ଏମ୍‌ଏସ୍ ମେଡିକାଲ କଲେଜ ପ୍ରିନ୍ସିପାଲ୍ ଡା. ଦୀପକ ମାହେଶ୍ୱରୀଙ୍କଠାରୁ ସବିଶେଷ ରିପୋର୍ଟ ମାଗିଛନ୍ତି।

## ୧୪ ଘଣ୍ଟାରେ ଭାଙ୍ଗିଗଲା ସରକାର

ପ୍ୟାରିସ୍,୬।୧୦

**ଫ୍ରାନ୍ସରେ ରାଜନୈତିକ ସଙ୍କଟ**

**ମାସେ ନ ପୂରୁଣୁ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା**

ଦାୟିତ୍ୱ ଗ୍ରହଣର ମାସେ ନ ପୂରୁଣୁ ଫ୍ରାନ୍ସର ନୂଆ ପ୍ରଧାନମନ୍ତ୍ରୀ ସେବାଷ୍ଟିଆନ୍ ଲେକୋର୍ନୁ ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଲକୋର୍ନୁ ରବିବାର ମନ୍ତ୍ରିମଣ୍ଡଳ ଗଠନ କରିଥିଲେ। ୧୪ ଘଣ୍ଟା ପରେ ତାଙ୍କ ଇସ୍ତଫା ଫଳରେ ନୂଆ ସରକାର ଭାଙ୍ଗିଯିବା ସହ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଛି। ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ତାଙ୍କ ଇସ୍ତଫାପତ୍ର ଗ୍ରହଣ କରଛନ୍ତି। ଲେକୋର୍ନୁ ମନୋନୀତ କରିଥିବା ମନ୍ତ୍ରୀମାନଙ୍କୁ ବିଶେଷକରି ପୂର୍ବତନ ଅର୍ଥମନ୍ତ୍ରୀ ବ୍ରୁନୋ ଲେ ମାଇରେଙ୍କୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଦାୟିତ୍ୱ ଦେବା ନିଷ୍ପତ୍ତି ବିଭିନ୍ନ ମହଲରେ ସମାଲୋଚିତ ହୋଇଥିଲା। ଏପରିକି ସରକାର ଭାଙ୍ଗିଦେବାକୁ ମଧ୍ୟ ତାଙ୍କ ସହଯୋଗୀ ଓ ବିରୋଧୀମାନେ ଧମକ ଦେଇଥିଲେ।



ସେବାଷ୍ଟିଆନ୍ ଲେକୋର୍ନୁ

## ଦାର୍ଜିଲିଂ ଭୂସ୍ଖଳନ: ଯୋଜନାବିହୀନ ସହରୀକରଣ ଦାୟୀ

ଦାର୍ଜିଲିଂ,୬।୧୦

ପଶ୍ଚିମବଙ୍ଗର ଦାର୍ଜିଲିଂରେ ପ୍ରବଳ ବର୍ଷା ଓ ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ୨୪ରେ ପହଞ୍ଚିଥିବାବେଳେ ପରିବେଶବିତ୍‌ମାନେ ଏହାକୁ ମନୁଷ୍ୟକୃତ ବିପର୍ଯ୍ୟୟ କହିଛନ୍ତି। ଦୀର୍ଘ ଦଶନ୍ଧି ଧରି ଗଛକଟା, ଯୋଜନାବିହୀନ ସହରୀକରଣ ଏବଂ ନିମ୍ନମାନର ପରିଚାଳନା ହିମାଳୟ ପାଦଦେଶ ଅଞ୍ଚଳ ପାଇଁ ବିପର୍ଯ୍ୟୟକୁ ଡାକିଆଣିଥିବା ସେମାନେ ମତ ଦେଇଛନ୍ତି। ବିପର୍ଯ୍ୟୟ ଯୋଜନାର ବିକେନ୍ଦ୍ରୀକରଣ, ନିର୍ମାଣ ନିୟମାବଳୀ କଡ଼ାକଡ଼ି ଲାଗୁ ଏବଂ ଜଳବାୟୁସମ୍ବେଦୀ ବିକାଶ ହିମାଳୟକୁ ବିପର୍ଯ୍ୟୟରୁ ରକ୍ଷା କରିପାରିବ। ମାନବୀୟ ଅବହେଳାରୁ ସୌନ୍ଦର୍ଯ୍ୟଭରା ଦାର୍ଜିଲିଂ ଏବେ ଧ୍ୱଂସାବଶେଷ ସ୍ଥାନରେ ପରିଣତ ହୋଇଛି।

# ଗାଜା ଯୁଦ୍ଧକୁ ୨ ବର୍ଷ, ଶାନ୍ତି ଉଦ୍ୟମ ଜାରି

କାଏରୋ,୬।୧୦(ଏ.ପି./ରଏଟର୍ସ)

୨୦୨୩ ଅକ୍ଟୋବର ୭ରେ ଗାଜାର ସଶସ୍ତ୍ର ଶାସକ ହମାସ୍ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିଥିଲା। ଏଥିରେ ୧,୨୦୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ହମାସ୍ ୨୫୧ ଜଣଙ୍କୁ ପଣବନ୍ଦୀ କରିନେଇଥିଲା। ଏହାର ଜବାବରେ ଇସ୍ରାଏଲ୍ ଗାଜା ଷ୍ଟ୍ରିପ୍ ଉପରେ ଆକ୍ରମଣ କରିଥିଲା, ଯାହାକି ଅଦ୍ୟାବଧି ଜାରି ରହିଛି। ଯୁଦ୍ଧକୁ ମଙ୍ଗଳବାର ୨ ବର୍ଷ ପୂରୁଥିବାବେଳେ ଆମେରିକା, କାତାର ଓ ଇଜିପ୍ଟ ମଧ୍ୟସ୍ଥତାରେ ଶାନ୍ତି ପ୍ରତିଷ୍ଠା ଉଦ୍ୟମ ଚାଲିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୨୦-ସୂତ୍ରୀ ଶାନ୍ତି ଯୋଜନାକୁ ବାସ୍ତବ ରୂପ ଦେବା ପାଇଁ ଇସ୍ରାଏଲୀ ଅଧିକାରୀମାନେ ଇଜିପ୍ଟରର ଶାର୍ମ ଏଲ୍-ଶେଖସ୍ଥିତ ରେଡ୍ ସି ରିସର୍ଟରେ ଏକାଠି ହୋଇଛନ୍ତି। ଇସ୍ରାଏଲ୍ ପକ୍ଷରୁ ପ୍ରତିନିଧି ଦଳର ନେତୃତ୍ୱ ରୋନ୍ ଡେରମର ନେଉଛନ୍ତି। ହମାସ୍‌ର ଡେଲିଗେଶନ୍‌କୁ ଖଲିଲ ଅଲ୍-ହୟାହ ଲିଡ୍ କରୁଛନ୍ତି। ଆମେରିକାର ମଧ୍ୟପ୍ରାଚ୍ୟ ପ୍ରତିନିଧି ଷ୍ଟିଭ୍ ୱିଟ୍‌କୋଫ୍ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ଜ୍ୱାଇଁ ଜରେଡ୍ କୁଶନେର ମଧ୍ୟ ଏହି ରିସର୍ଟରେ ପହଞ୍ଚିଥିବା ଜଣାପଡ଼ିଛି।



ଶାନ୍ତି ଆଲୋଚନା ମଧ୍ୟରେ ଇସ୍ରାଏଲ୍‌ର ରକେଟ୍ ମାଡ଼ରେ ଗାଜା ଷ୍ଟ୍ରିପ୍‌ର କୋଠଗୁଡିକରୁ ଧୂଆଁ ଉଠୁଛି।

## ୩୦୦ କୋଟି କ୍ଲବ୍‌ରେ 'କାନ୍ତାରା: ଚାପ୍ଟର ୧'

ବେଙ୍ଗାଲୁରୁ

ଅଭିନେତା ରିଷବ ଶେଟ୍ଟୀଙ୍କ 'କାନ୍ତାରା: ଚାପ୍ଟର ୧' ଫିଲ୍ମ ଗତ ୨ ତାରିଖରେ ରିଲିଜ୍ ହୋଇଥିଲା। ରିଲିଜ୍ ହେବାର ୪ ଦିନ ମଧ୍ୟରେ ଏହି ଫିଲ୍ମ ବିଶ୍ୱବ୍ୟାପୀ ୩୩୫ କୋଟି ଟଙ୍କା ରୋଜଗାର କରିଛି। କେବଳ ଭାରତୀୟ ସିନେମା ହଲଗୁଡ଼ିକରୁ ଏହି ଫିଲ୍ମ ୨୨୩.୭୫ କୋଟି ଟଙ୍କାର ବ୍ୟବସାୟ କରିଛି। ଗୁରୁବାର ରିଲିଜ୍ ହେବା ଦିନ ଏହି ଫିଲ୍ମ ଘରୋଇ ବକ୍ସ ଅଫିସରୁ ୬୧.୮୫ କୋଟି ଟଙ୍କା ରୋଜଗାର କରିଥିଲା। ସେହିପରି ଶୁକ୍ରବାର, ଶନିବାର ଏବଂ ରବିବାର ଏହି ଫିଲ୍ମ ଭାରତୀୟ ସିନେମାହଲ୍‌ଗୁଡ଼ିକରୁ ଯଥାକ୍ରମେ ୪୫.୪, ୫୫ ଏବଂ ୬୧.୫ କୋଟି ଟଙ୍କା ବ୍ୟବସାୟ କରିଛି। ଏହାସହ 'କାନ୍ତାରା: ଚାପ୍ଟର ୧' ଫିଲ୍ମ ଚଳିତ ବର୍ଷ ବିଶ୍ୱବ୍ୟାପୀ ସର୍ବାଧିକ ରୋଜଗାର କରିଥିବା ୫ ଭାରତୀୟ ଫିଲ୍ମ ମଧ୍ୟରେ ସ୍ଥାନ ପାଇଛି।






# ପୁରୀରେ ପହଞ୍ଚିଲେ ହବିଷିଆଳି

**ଆଜିଠୁ କାର୍ତ୍ତିକ ବ୍ରତ**

ପୁରୀ,୬।୧୦(ଅଜିତ କୁମାର ମହାନ୍ତି)

ଚଳିତବର୍ଷର କାର୍ତ୍ତିକ ବ୍ରତ ବା ରାଇଦାମୋଦର ବ୍ରତ ମଙ୍ଗଳବାରଠାରୁ ଆରମ୍ଭ ହୋଇ ନଭେମ୍ବର ୫ରେ ସରିବ। ବ୍ରତ ପାଳନ ପାଇଁ ହବିଷିଆଳିମାନେ ସୋମବାର ପୁରୀରେ ଆସି ପହଞ୍ଚିଛନ୍ତି। ସେହିପରି ଅନ୍‌ଲାଇନ ମାଧ୍ୟମରେ ଆବେଦନ କରି ଯୋଗ୍ୟ ବିବେଚିତ ହୋଇଥିବା ହବିଷିଆଳିମାନେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କେନ୍ଦ୍ରଗୁଡ଼ିକରେ ପହଞ୍ଚିବା ପରେ ନାମ ପଞ୍ଜୀକରଣ କରାଇ ନିଜ ନିଜ କୋଠରିକୁ ଯାଇଥିଲେ। ସରକାରଙ୍କ ପକ୍ଷରୁ ବୃନ୍ଦାବତୀ ନିବାସ, ରେଳୱେ ପର୍ଯ୍ୟଟକ କମ୍ପ୍ଲେକ୍ସ, ବଗଲା ଧର୍ମଶାଳା ଓ ମୋଚିସାହି ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ହବିଷିଆଳି କେନ୍ଦ୍ର ଖୋଲାଯାଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ୧୯୫୦ ହବିଷିଆଳି ବିଭିନ୍ନ କେନ୍ଦ୍ରରେ ରହିଥିବା ସୂଚନା ମିଳିଛି। ପୂର୍ବାହ୍ନରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତ କେନ୍ଦ୍ର ପରିଦର୍ଶନ କରିଥିଲେ। ପଞ୍ଜୀକରଣ କାର୍ଯ୍ୟ ସହ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥାକୁ ଜିଲାପାଳ ଅନୁଧ୍ୟାନ କରି ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଠିକ୍ ଭାବେ କର୍ତ୍ତବ୍ୟ ତୁଲାଇବାକୁ ପରାମର୍ଶ ଦେଇଥିଲେ। ଯେପରି କୌଣସି କ୍ଷେତ୍ରରେ ହବିଷିଆଳି ମା'ମାନଙ୍କର ଅସୁବିଧା ନ ହୁଏ, ସେଥିପ୍ରତି ଯତ୍ନବାନ ହେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ହବିଷିଆଳି ଓ ସ୍ୱେଚ୍ଛାସେବୀମାନଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ରଗୁଡ଼ିକରେ ବରିଷ୍ଠ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର କର୍ମଚାରୀ, ସ୍ୱେଚ୍ଛାସେବୀ, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା କାର୍ଯ୍ୟରତ ଅଛନ୍ତି। ଅନ୍ୟପକ୍ଷରେ ସମସ୍ତ ତୀର୍ଥ ପୁଷ୍କରିଣୀରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୨୨ ପ୍ଲାଟୁନ ପୋଲିସ ଫୋର୍ସ, ୪ ଜଣ ଅତିରିକ୍ତ ଏସ୍‌ପି, ୧୫ ଡିଏସ୍‌ପି, ୧୫ ଇନ୍ସପେକ୍ଟର, ୬୫ ସବ୍‌ଇନ୍ସପେକ୍ଟର, ୧୦୦ କନଷ୍ଟେବଲ ମୁତୟନ ରହିବେ ବୋଲି ଏସ୍‌ପି ପ୍ରତୀକ ସିଂ କହିଛନ୍ତି।



ବୃନ୍ଦାବତୀ ନିବାସ କେନ୍ଦ୍ରରେ ପହଞ୍ଚିଥିବା ହବିଷିଆଳିମାନେ। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ସମବାୟ ନୀତି-୨୦୨୫ ଲାଗି ମତାମତ ଲୋଡ଼ିଲା ବିଭାଗ

ଭୁବନେଶ୍ୱର, ୬।୧୦(ସୁନିତ୍ ମିଶ୍ର)

ରାଜ୍ୟରେ ସମବାୟ କ୍ଷେତ୍ରକୁ ଅଧିକ ସଶକ୍ତ, କ୍ରିୟାଶୀଳ ଓ ବହୁମୁଖୀ କରିବା ଲକ୍ଷ୍ୟରେ 'ଓଡ଼ିଶା ରାଜ୍ୟ ସମବାୟ ନୀତି-୨୦୨୫' ପ୍ରକାଶ ପାଇବାକୁ ଯାଉଛି। ଏହିକ୍ରମରେ ଏକ ଚିଠା ସମବାୟ ନୀତି ପ୍ରସ୍ତୁତ କରାଯାଇ ଜନସାଧାରଣଙ୍କ ସୁଚିନ୍ତିତ ମତାମତ/ପ୍ରସ୍ତାବ ରଖିବାକୁ ସମବାୟ ବିଭାଗ ପକ୍ଷରୁ ନିବେଦନ କରାଯାଇଛି। ଚିଠା ନୀତି ସମବାୟ ବିଭାଗର ୱେବସାଇଟ 'http://coop.odisha.gov.in' ରେ ଉପଲବ୍ଧ ଅଛି। ଜନସାଧାରଣ, ସମବାୟବିତ୍, ବୁଦ୍ଧିଜୀବୀ ସେମାନଙ୍କ ମତାମତ/ପ୍ରସ୍ତାବ ଇମେଲ୍: coopsec.or@od.gov.in /cooperationodisha@gmail.comରେ ପଠାଇପାରିବେ। ସୂଚନାଯୋଗ୍ୟ, କେନ୍ଦ୍ର ସମବାୟ ମନ୍ତ୍ରଣାଳୟ ପକ୍ଷରୁ ଚିଠା ସମବାୟ ନୀତି ପ୍ରକାଶ ପାଇଛି। କେନ୍ଦ୍ର ସରକାରଙ୍କ ପ୍ରସ୍ତାବକ୍ରମେ ରାଜ୍ୟ ସମବାୟ ବିଭାଗ ଚିଠା ନୀତି ପ୍ରସ୍ତୁତ କରିଛି। ଏକ ସମୟୋପଯୋଗୀ, ବ୍ୟବହାରିକ ଓ ଉନ୍ନତ ସମବାୟ ନୀତି ପ୍ରସ୍ତୁତ କରିବା ପାଇଁ ସମବାୟ ବିଭାଗ ପକ୍ଷରୁ ଜନସାଧାରଣଙ୍କ ସୁଚିନ୍ତିତ ମତାମତ/ପ୍ରସ୍ତାବ ଆହ୍ୱାନ କରାଯାଇଛି।

# ଯୁକ୍ତ ୨ ଫର୍ମ ପୂରଣ ପାଇଁ ତାରିଖ ଘୋଷଣା

**୧୩ରୁ ଏକ୍ସ-ରେଗୁଲାର, ୨୦ରୁ ରେଗୁଲାର**

ଭୁବନେଶ୍ୱର,୬।୧୦ (ସୁଚିସ୍ମିତା ସାହୁ)

ଆସନ୍ତା ୨୦୨୬ରେ ହେବାକୁ ଥିବା ଯୁକ୍ତ ୨ ପରୀକ୍ଷା ପାଇଁ ଫର୍ମ ପୂରଣ ତାରିଖ ସୋମବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ଘୋଷଣା କରାଯାଇଛି। କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ପାଠ୍ୟକ୍ରମର ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାର୍ଥୀମାନେ ଫର୍ମ ପୂରଣ କରିବେ। ରେଗୁଲାର ପରୀକ୍ଷାର୍ଥୀମାନେ ଅକ୍ଟୋବର ୨୦ରୁ ନଭେମ୍ବର ୬ ପର୍ଯ୍ୟନ୍ତ ଫର୍ମ ପୂରଣ କରିପାରିବେ। ସେହିପରି ଏକ୍ସ-ରେଗୁଲାର ଫର୍ମ ପୂରଣ ପାଇଁ ଅକ୍ଟୋବର ୧୩ରୁ ୨୫ ତାରିଖ ଧାର୍ଯ୍ୟ କରାଯାଇଛି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସିଏଚ୍‌ଏସ୍‌ଇ ଅଧୀନରେ ଥିବା ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଓ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଚିଠି ଲେଖି ଜଣାଇଛନ୍ତି।

ଫର୍ମ ପୂରଣ ପାଇଁ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ୬୦୦ଟଙ୍କା ସହିତ ମାଇଗ୍ରେଶନ ସାର୍ଟିଫିକେଟ ପାଇଁ ୧୦୦ ଟଙ୍କା ଏବଂ ପାସ୍ ସାର୍ଟିଫିକେଟ ପାଇଁ ୧୦୦ ଟଙ୍କା ପୈଠ କରିବାକୁ ପଡିବ। ଏହାସହିତ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ନିଜ ବିଷୟ ଅନୁଯାୟୀ ପ୍ରୋଜେକ୍ଟ ୱାର୍କ/ପ୍ରାକ୍ଟିକାଲ ପରୀକ୍ଷା/ ଇଭାଲ୍ୟୁଏଶନ କିମ୍ବା ଇଣ୍ଟରନାଲ ପରୀକ୍ଷା ପାଇଁ ପ୍ରତି ପେପର ପିଛା ୪୦ ଟଙ୍କା ଲେଖାଏ ଦାଖଲ କରିବାକୁ ପଡ଼ିବ। ଯେଉଁ ପରୀକ୍ଷାର୍ଥୀମାନେ ବିଳମ୍ବରେ ଫର୍ମ ପୂରଣ କରିବେ, ସେମାନଙ୍କୁ ଅତିରିକ୍ତ ଦେୟ ବା ଫାଇନ ଦେବାକୁ ପଡ଼ିବ। ଫର୍ମ ପୂରଣ କରିବା ପାଇଁ ଦିଆଯାଇଥିବା ନିର୍ଦ୍ଧାରିତ ତାରିଖ ପରେ ଅର୍ଥାତ୍ ନଭେମ୍ବର ୧୦ରୁ ୧୪ ମଧ୍ୟରେ ଫର୍ମ ପୂରଣ କଲେ ୨୦୦ ଟଙ୍କା ଫାଇନ ଦେବାକୁ ପଡିବ। ଯଦି ଏହି ସମୟରେ ପରୀକ୍ଷାର୍ଥୀମାନେ ଫର୍ମ ପୂରଣ କରିପାରିବେ ନାହିଁ, ତେବେ ସେମାନେ ନଭେମ୍ବର ୧୭ରୁ ୧୯ ଭିତରେ ଫର୍ମ ପୂରଣ କରିବା ପାଇଁ ପରିଷଦ ପକ୍ଷରୁ ସୁଯୋଗ ଦିଆଯିବ। କିନ୍ତୁ ଏଥିନିମନ୍ତେ ଅତିରିକ୍ତ ଦେୟ ୬୦୦ ଟଙ୍କା ପଇଠ କରିବାକୁ ପଡିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

# ୪୪ ଓଏଏସ୍ ଅଧିକାରୀଙ୍କ ବଦଳି

ଭୁବନେଶ୍ୱର, ୬।୧୦ (ରବିନାରାୟଣ ଜେନା)

ରାଜସ୍ୱ ଏବଂ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୪୪ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ଅଧିକାରୀଙ୍କୁ ସୋମବାର ବଦଳି କରାଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଆଲୋମଣି ସେଠୀ ୩୮ ଓଏଏସ୍ ଅଧିକାରୀଙ୍କ ବଦଳି ବିଜ୍ଞପ୍ତି ଜାରି କରିଥିବାବେଳେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏମ୍. କେ. ସେଠୀ ୬ଜଣଙ୍କ ବିଜ୍ଞପ୍ତି ଜାରି କରିଛନ୍ତି। ରାଜସ୍ୱ ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଥୁଆମୂଳ ରାମପୁର ତହସିଲଦାର ନିରୋଜ କୁମାର ଭର୍ତ୍ତାଙ୍କୁ ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଭାବେ ବଦଳି କରାଯାଇଥିବାବେଳେ ରାୟଗଡା କୋଲନରା ତହସିଲଦାର ଆକାଶ ରଞ୍ଜନ ସାହୁଙ୍କୁ ପଞ୍ଚାୟତିରାଜ ବିଭାଗକୁ ବଦଳି କରାଯାଇଛି। ସେହିପରି ଟିକୁନୁ ପାତ୍ରଙ୍କୁ ବଲାଙ୍ଗୀର ଲୋଇସିଂହାର ତହସିଲଦାର ଭାବେ ବଦଳି କରାଯାଇଥିବାବେଳେ ଆଉ ୩୫ କନିଷ୍ଠ ଓଏଏସ୍ ଅଧିକାରୀଙ୍କୁ ବିଭିନ୍ନ ସ୍ଥାନକୁ ବଦଳି କରାଯାଇଛି। ଅନୁରୂପ ଭାବେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୬ ଓଏଏସ୍ ଅଧିକାରୀଙ୍କୁ ବିଡିଓ ଭାବେ ବଦଳି କରାଯାଇଛି। ସେମାନଙ୍କ ମଧ୍ୟରେ ଜୟଜଗତ ସାହୁ, ସାର୍ଥକ ସୌରଭ ମହାପାତ୍ର, ଶୁଭଙ୍କରୀ ସୁଦେଷ୍ଣା ଦାଶ, ବିବେକାନନ୍ଦ ମିଶ୍ର, ନମିତା ବାରିକ ଏବଂ ଶରତ ଚନ୍ଦ୍ର ମଲ୍ଲିକ ରହିଛନ୍ତି।

## ବର୍ଷା: ଆଜି ୨୦ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୬।୧୦ (ବନ୍ଦନା ସେଠୀ)

ଟ୍ରଫ୍ ଲାଇନ୍ ପ୍ରଭାବରେ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗି ରହିଛି। ଏଥିସହ ୩ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ପୁରୀଠାରେ ସର୍ବାଧିକ ୭୭.୨ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ଭଦ୍ରକ ଚାନ୍ଦବାଲିରେ ୫୬.୪ ମି.ମି ଏବଂ ସୋନପୁରଠାରେ ୩୨.୨ ମି.ମି. ବର୍ଷା ହୋଇଥିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି କହିଛନ୍ତି, ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ବର୍ଷା ଲାଗି ରହିବ। ମଙ୍ଗଳବାର ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ୨୦ଟି ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

NOTICE FOR EXTENSION OF E-TENDER SUBMISSION DATE
STATE INSTITUTE OF HOTEL MANAGEMENT
TITILAGARH ROAD,BALANGIR - 767001 (ODISHA)

No. 624 /SIHM/2025-26/Tender Notice Date: 06.10.2025

In continuation of E-Tender NIT No.578/SIHM/2025-26/E-Tender, dated 10.09.2025, the last date for submission of E-Tender documents for the Supply/Contract of the following items for a period of 7 months (from 1st November 2025 to 31st May 2026) has been extended by 30 days:

Items under Tender:
1. Sec-A:- Groceries, Tins and Bottle Products etc.
2. Sec-B:- Vegetables, Fruits, Milk and Milk Products etc.
3. Sec-C:- Mutton, Chicken, Fish, Egg and other Non-veg items etc.
4. Sec-D:- Cleaning Material

Revised Schedule:
Last Date for submission: 04/11/2025 up to 05.00 P.M
Date & Time of Tender Opening: 06/11/2025 at 11.00 A.M

All other terms and conditions of the tender remain unchanged.
For detailed information and corrigendum, please visit the e-tender portal: www.tenderwizard.com/SIHM and the Official website: www.sihmbalangir.org

Sd/-
Principal

## ଯୁବକଙ୍କୁ ଦଳିଦେଲା ଦନ୍ତା

ଲାଞ୍ଜିଗଡ଼,୬।୧୦ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ କାତୁଲବାଇ ଗାଁର ଜଣେ ଯୁବକଙ୍କୁ ଏକ ଦନ୍ତାହାତୀ ପାଦରେ ଦଳି ମାରିଦେଇଛି। ମୃତକ ହେଲେ ଉକ୍ତ ଗ୍ରାମର ଅନିଲ ମାଝୀ (୧୮)। ସୂଚନା ଅନୁସାରେ ରବିବାର ସକାଳେ ଅନିଲ ଗାଁର ଅନ୍ୟ ଯୁବକମାନଙ୍କ ସହ ନିଜ ଗାଇ ଓ ଛେଳିକୁ ନେଇ ନିକଟସ୍ଥ ବରୀ ଜଙ୍ଗଲକୁ ଚରାଇବା ପାଇଁ ଯାଉଥିବା ବେଳେ ହଠାତ୍ ଏକ ହାତୀ ସେମାନଙ୍କ ସାମ୍ନାକୁ ଚାଲିଆସିଥିଲା। ହାତୀ ଦେଖି ପ୍ରାଣ ବିକଳରେ ଅନ୍ୟ ଗାଈ ଚରାଳିମାନେ ଦୌଡ଼ି ପଳାଇ ଯାଇଥିବା ବେଳେ ଅନିଲ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଆକ୍ରମଣ ଦେଖି ଅନ୍ୟ ପିଲାମାନେ ପାଟି କରିବାରୁ ହାତୀ ଛାଡି ପଳାଇଥିଲା। ଗୁରୁତର ଅବସ୍ଥାରେ ଅନିଲଙ୍କୁ ଡାକ୍ତରଖାନା ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବିଶ୍ୱନାଥପୁର ଏସିଏଫ୍ ନରୋତ୍ତମ ମାଝୀ ଓ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏସିଏଫ୍ ମାଝୀ ବିଶ୍ୱନାଥପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୨୫) ରୁଜୁ କରିଛି। ସୋମବାର ବିଶ୍ୱନାଥପୁର ଥାନାଧିକାରୀ ତୁଳସିରାମ ଶବରଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ଗାଁକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ଅନିଲଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶିକାର କରିବାକୁ ଯାଇ ନିଜେ ଶିକାର ହେଲେ

ଲାଞ୍ଜିଗଡ଼, ୬।୧୦ (ରମେଶ ଚନ୍ଦ୍ର ନାୟକ)

ଶିକାର କରିବାକୁ ଯାଇ ନିଜେ ଶିକାର ହୋଇଛନ୍ତି ଜଣେ ଯୁବକ। ନିଜ ବନ୍ଧୁକରୁ ଗୁଳି ଫୁଟି ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଖୁକ୍ସାଭଟା ଗାଁର ସଦା ଗଉଡ଼(୪୫)। ସୂଚନା ଅନୁସାରେ, ଖୁକ୍ସାଭଟା ଗାଁର ସଦାଙ୍କ ସହ ତାଙ୍କର ୩ ସାଙ୍ଗ ଲଛମନ ଗଉଡ଼, ଯଦୁମଣି ଗଉଡ଼ ଓ ଗୋପୀନାଥ ଗଉଡ଼ ଶନିବାର ସକାଳୁ ଗାଁ ନିକଟ ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ସମସ୍ତେ ଜଙ୍ଗଲରେ ଶିକାର ଅନ୍ୱେଷଣରେ ବୁଲୁଥିବା ବେଳେ ଆଗରେ ଚାଲୁଥିବା ସଦା ଏକ ପଥରରେ ଝୁଣ୍ଟି ପଡ଼ିଥିଲେ। ସେହି ସମୟରେ ସେ ନିଜେ ଧରିଥିବା ବନ୍ଧୁକରୁ ଗୁଳିଫୁଟି ତାଙ୍କ ଶରୀର ଭେଦ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ସାଥୀମାନେ କହିଛନ୍ତି। ଏ ନେଇ ସାଙ୍ଗମାନେ ତାଙ୍କ ଘରକୁ ଖବର ଦେବା ସହ ମୃତଦେହ ଆଣି ଗାଁ ନିକଟରେ ଜଗିରହିଥିଲେ। ରବିବାର ସକାଳେ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀଙ୍କ ସମେତ ନର୍ଲା ଥାନାଧିକାରୀ ବିଜୟରାଜ ମାଝୀ ଓ ପୋଲିସ ଟିମ୍ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣାରେ ପୋଲିସ ଲଛମନ, ଯଦୁମଣି ଓ ଗୋପୀନାଥଙ୍କୁ ଅଟକ ରଖିବା ସହିତ ଏକ ଦେଶୀ ବନ୍ଧୁକ ଜବତ କରିଛି। ଏ ନେଇ ନର୍ଲା ଥାନାରେ ଏକ ମାମଲା (ନଂ.୨୩୮/୨୫) ରୁଜୁ ହୋଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଦୈନିକ ୧୦ଘଣ୍ଟା କାର୍ଯ୍ୟ ନିଷ୍ପତ୍ତି ବାତିଲ ଦାବିରେ ଧାରଣା




୯ ଶ୍ରମିକ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱରସ୍ଥିତ ରାଜ୍ୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ଭୁବନେଶ୍ୱର, ୬।୧୦ (ବନ୍ଦନା ସେଠୀ)

କର୍ମଚାରୀମାନେ ଦୈନିକ ୧୦ଘଣ୍ଟା କାର୍ଯ୍ୟ କରିବା ନେଇ ସେପ୍ଟେମ୍ବର ୨୯ରେ ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି। ଏହାକୁ ବିରୋଧ କରିବା ସହ ରାତିରେ ମହିଳା କର୍ମଚାରୀ କାର୍ଯ୍ୟ କରିବା ଅନୁମତିକୁ ତୁରନ୍ତ ବାତିଲ ଦାବିରେ ୯ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ସୋମବାର ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ଅବସରରେ ଶ୍ରମ ଆୟୁକ୍ତଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ଶ୍ରମ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। କାରଖାନା ଆଇନ ଧାରା ୫୧ ଓ ୫୪କୁ ସଂଶୋଧନ କରି କର୍ପୋରେଟ୍ ମାଲିକମାନଙ୍କୁ ମୁନାଫା ଦେବା ଲାଗି ସରକାରଙ୍କ ଶ୍ରମିକମାରଣ ନୀତି ଓ ଶ୍ରମ ଲୁଟ୍ ପ୍ରୟାସ ବନ୍ଦ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସରକାର ଶ୍ରମିକମାନଙ୍କ ଲାଗି ଶ୍ରମ ଆଇନରେ କୌଣସି ସଂଶୋଧନ କଲାବେଳେ ଶ୍ରମିକ ସଂଗଠନଗୁଡ଼ିକ ସହିତ ଆଲୋଚନା ନ କରିବା ଭାରତୀୟ ସମ୍ବିଧାନକୁ ଉଲ୍ଲଂଘନ କରୁଛି। ଶ୍ରମିକମାନଙ୍କୁ ଦୈନିକ ୧୦ଘଣ୍ଟା କାମ କରାଇବା ଆନ୍ତର୍ଜାତିକ ଶ୍ରମିକ ସଂଗଠନ ଧାରା-୧କୁ ଉଲ୍ଲଂଘନ କରିବା ସହିତ ଭାରତୀୟ ଆଇଏଲ୍‌ସିର ନିଷ୍ପତ୍ତିକୁ ମଧ୍ୟ ଅବମାନନା କରୁଛି। ତେଣୁ ସରକାର ତୁରନ୍ତ ଶ୍ରମିକ ସଂଗଠନଗୁଡିକ ସହିତ ଏନେଇ ଆଲୋଚନା କରି ନିଷ୍ପତ୍ତିରେ ପରିବର୍ତ୍ତନ ଆଣିବାକୁ ଦାବି କରାଯାଇଛି।

କେନ୍ଦ୍ରୀୟ ଶ୍ରମିକ ସଂଗଠନର ମହେନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଆଇଏନ୍‌ଟିୟୁସି ନେତା କିଶୋର ଜେନା, ପ୍ରଣତି ମିଶ୍ର, ଏଆଇଟିୟୁସି ନେତା ବିଜୟ ଜେନା, ସୁର ଜେନା, ଏଚ୍‌ଏମ୍‌ଏସ୍ ନେତା ବି.ଏନ. ମହାପାତ୍ର, ସିଆଇଟିୟୁ ନେତା ବିଷ୍ଣୁ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଭାଜପା ଶାସିତ ରାଜ୍ୟଗୁଡ଼ିକ ଶ୍ରମିକ/କର୍ମଚାରୀଙ୍କ ମଜୁରି ବୃଦ୍ଧି ନ କରି କର୍ପୋରେଟ୍‌ମାନଙ୍କୁ ମୁନାଫା ଦେବା ଲାଗି ଏହି ପ୍ରକାର ଶ୍ରମିକ ବିରୋଧୀ ନୀତି ଆପଣାଇବା ସହ ଶ୍ରମ କୋଡ୍ ଲାଗୁ କରିବା ଲାଗି ଚେଷ୍ଟା କରୁଛନ୍ତି। ଏହାକୁ କେବେ ବରଦାସ୍ତ କରାଯିବ ନାହିଁ ବୋଲି ସେମାନେ କହିଛନ୍ତି।



# ଆଜି କ'ଣ କେଉଁଠି

**ସମ୍ବଲପୁର**
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଅନ୍ନଭୋଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ମୁଦିପଡା ପଞ୍ଚମୁଖି ହନୁମାନ ମନ୍ଦିର ନିକଟ, ସମୟ : ଅପରାହ୍ନ ୧ଟା।
- ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ବନ୍ୟପ୍ରାଣୀ ସପ୍ତାହ-୨୦୨୫, ସ୍ଥାନ : ସମ୍ବଲପୁର ଚିଡ଼ିଆଖାନା, ସମୟ : ଅପରାହ୍ନ ୩ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ପକ୍ଷରୁ ସ୍ୱତନ୍ତ୍ର ମାର୍ଶଲ ଆର୍ଟ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦।

**ରାଉରକେଲା**
- ଠିକାଦାର ସଂଘ ବୈଠକ, ସ୍ଥାନ: ସେକ୍ଟର-୪ କମ୍ୟୁନିଟି ସେଣ୍ଟର, ସ୍ଥାନ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଶ୍ରୀ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଭଣ୍ଡାରା, ସ୍ଥାନ: ମାଲଗୋଦାମ, ସମୟ: ଅପରାହ୍ନ ୧ଟା।

**କଳାହାଣ୍ଡି**
- ଗଜଲକ୍ଷ୍ମୀ ପୂଜା ଆରମ୍ଭ, ସ୍ଥାନ: ଜୁନାଗଡ଼ ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୮ଟା।

**ବୌଦ୍ଧ**
- ମାଁ ବରୁଳ ବୁଢା ଯାତ୍ରା, ସ୍ଥାନ: ଖୁଣ୍ଟିଗୋରା, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।
- ଘଣ୍ଟାପଡା ଗଜଲକ୍ଷ୍ମୀ ପୂଜାରେ ସଂକୀର୍ତ୍ତନ ବୈଠକି, ସ୍ଥାନ: ଘଣ୍ଟାପଡା, ବୌଦ୍ଧ, ସମୟ: ରାତି ୯ଟା।

**ଦେବଗଡ଼**
- ମହାଲକ୍ଷ୍ମୀ ପୂଜା ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ରିଆମାଳ, ସମୟ: ଅପରାହ୍ନ ୫ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା'ଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
- ମହାଲକ୍ଷ୍ମୀ ପୂଜା ଅବସରରେ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ରିଆମାଳ ଅସ୍ଥାୟୀ ପେଣ୍ଡାଲ, ସମୟ: ରାତି ୮ଟା ୩୦।

**ସୁବର୍ଣ୍ଣପୁର**
- ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ଦୁର୍ଲଭ ଧୂମାବତୀ ବେଶ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା।
- ଗଜଲକ୍ଷ୍ମୀ ପୂଜା, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ତୁଳସୀ ରାମାୟଣ ପରାୟଣ, ସ୍ଥାନ: ମୁର୍ଷୁଣ୍ଡି, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ଗଜଲକ୍ଷ୍ମୀ ପୂଜା ଆରମ୍ଭ, ସ୍ଥାନ: ବାଘମାରି ପୂଜା ମଣ୍ଡପ, ବୀରମହାରାଜପୁର, ସମୟ: ସକାଳ ୯ଟା।
- ଗଜଲକ୍ଷ୍ମୀ ପୂଜା, ସ୍ଥାନ: ସୁବଳୟା, ବୀରମହାରାଜପୁର, ସମୟ: ସକାଳ ୯ଟା୩୦।
- ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ବହଳପଦର, ବୀରମହାରାଜପୁର, ସମୟ: ସକାଳ ୯ଟା ୩୦।
- ଜିଲା ଯାଦବ ମହାସଭା ପକ୍ଷରୁ ମା' ସମଲେଶ୍ୱରୀଙ୍କ ପୂଜନୋତ୍ସବ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ସମଲେଶ୍ୱରୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଟିକିରିପଡା ଦୁର୍ଗା ମୂର୍ତ୍ତିଙ୍କ ଭସାଣୀ ଉତ୍ସବ ରାଲି, ସ୍ଥାନ: ସୁବର୍ଣ୍ଣପୁର ସହର, ସମୟ: ଅପରାହ୍ନ ୫ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।
- ବିନିକା ପୁରୁଣା ବସଷ୍ଟାଣ୍ଡସ୍ଥିତ ମା' ଦୁର୍ଗାଙ୍କ ମନ୍ଦିରରେ ମହାଆଳତି ଓ ଭଜନ ସମାରୋହ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।
- ମୁରାସୁର ଦରବାରର ଦ୍ୱିତୀୟ ରଜନୀ, ସ୍ଥାନ: ମୁର୍ଷୁଣ୍ଡି,ବୀରମହାରାଜପୁର ବ୍ଲକ, ସମୟ : ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ୧୫ତମ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ପୁରାଣ ପଠନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ରଜନା ପଞ୍ଚାୟତ ବେଲଗାଁ, ସମୟ: ସକାଳ ଓ ରାତ୍ର ୧୦ଟା।
- ମା' ସୁନାଦେଈଙ୍କ ଛତର ଯାତ୍ରା, ସ୍ଥାନ: କୋମନା ବ୍ଲକ ସୁନାବେଡ଼ା ଗାଁ, ସମୟ: ପୂର୍ବାହ୍ନ ୧୦ ଟା।
- ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ଆଳତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ସକାଳ ଓ ସନ୍ଧ୍ୟା ୬ଟା ୩୦।
- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ କୁମୁଟିମୁଣ୍ଡା ଗାଁ, ସମୟ: ରାତି ୯ଟା।
- ସାର୍ବଜନୀନ ଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ମାନିଗୁଡ଼ା ଗାଁ, ସମୟ: ରାତି ୯ଟା।
- ୪୧ତମ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଦର୍ଲିପଡ଼ା ପଞ୍ଚାୟତ ହାତିସରା ଗାଁ, ସମୟ: ରାତି ୯ଟା।

ପ୍ରଥମ ପୃଷ୍ଠାରୁ...

## କଟକରେ କର୍ଫ୍ୟୁ...

ଆକ୍ସନ ଫୋର୍ସ ମଧ୍ୟ ମୁତୟନ ରହିଛନ୍ତି। ସହରର ଗଳି, କନ୍ଦିରେ ପୋଲିସ ଫୋର୍ସ ପଇଁତରା ମାରୁଛନ୍ତି। କେବଳ ଜରୁରୀ କାର୍ଯ୍ୟ ପାଇଁ ଯାଉଥିବା ଲୋକଙ୍କୁ ପୋଲିସ ରାସ୍ତାରେ ଯିବା ପାଇଁ ଅନୁମତି ଦେଉଛି। ଚଳଚଞ୍ଚଳ ଥିବା ବାଦାମବାଡ଼ି, ଚାନ୍ଦିନୀଚୌକ, ମାଲଗୋଦାମ, ବାଲୁବଜାର ପୂରା ଶୁନଶାନ୍ ହୋଇଛି। ଲିଙ୍କ୍ ରୋଡ୍ ଦେଇ କଟକ ନେତାଜୀ ବସ୍ ଟର୍ମିନାଲକୁ ସ୍ୱଳ୍ପସଂଖ୍ୟକ ବସ୍ ଚଳାଚଳ କରୁଥିବା ଦେଖାଯାଇଛି। ପ୍ରତ୍ୟହ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଯାତ୍ରୀବାହୀ ବସ୍ ସଂଖ୍ୟା ହ୍ରାସ ପାଇଛି। ଦୋକାନ, ବଜାର ବନ୍ଦ ଥିବାରୁ ବସ୍‌ରେ ଯାତ୍ରୀଙ୍କ ସଂଖ୍ୟା ମଧ୍ୟ କମ୍ ରହିଛି। କାଁଭାଁ ଲୋକେ ବାଦାମବାଡ଼ି, ମଧୁପାଟଣା, ଓଏମ୍‌ପି ଆଦି ଅଞ୍ଚଳରେ ବସ୍‌କୁ ଅପେକ୍ଷା କରିଥିବା ଦେଖାଯାଇଥିଲା। ସେପଟେ ସହରରେ ସ୍ଥିତିକୁ ଦେଖି ରବିବାର ରାତି ୭ଟାରୁ ଲାଗୁ କରାଯାଇଥିବା ୨୪ ଘଣ୍ଟିଆ ଇଣ୍ଟରନେଟ କଟକଣାକୁ ଆଉ ୨୪ ଘଣ୍ଟା ବୃଦ୍ଧି କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଗୃହ ବିଭାଗକୁ ଅନୁମତି ମଗାଯାଇଥିଲା। ଗୃହ ବିଭାଗ ଏହାକୁ ଗ୍ରହଣ କରି ମଙ୍ଗଳବାର ରାତି ୭ଟା ପର୍ଯ୍ୟନ୍ତ ଇଣ୍ଟରନେଟ ସେବା କଟକଣାକୁ ଅନୁମତି ଦେଇଛନ୍ତି।

ଗଣ୍ଡଗୋଳ ସଂଘଟିତ ସ୍ଥଳ ଦରଘାବଜାରର କଦମରସୁଲ ସମେତ ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସାଧାରଣ ଲୋକଙ୍କ ଯାତାୟାତ ଉପରେ କଟକଣା ଜାରି କରାଯାଉଛି। ସହରର ପ୍ରବେଶ ପଥଗୁଡ଼ିକୁ ପୋଲିସ ଛାଉଣି ଦ୍ୱାରା ବ୍ଲକିଂ କରାଯାଇଛି। ଅବାଧ ଯାତାୟାତକୁ ପ୍ରତିହତ କରିବା ପାଇଁ ପୋଲିସ୍ ଫୋର୍ସ ସବୁଠି ମୁତୟନ ରହିଛନ୍ତି। ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ପର୍ଯ୍ୟାୟକ୍ରମେ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି। କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଘଟଣାସ୍ଥଳରେ ଉପସ୍ଥିତ ଥିବାବେଳେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଡିଜିପି ଆଇନଶୃଙ୍ଖଳା ସଞ୍ଜୟ କୁମାର ପ୍ରମୁଖ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି।

### କର୍ଫ୍ୟୁ ବଢ଼ିବା ନିଷ୍ପତ୍ତି ପରେ

କର୍ଫ୍ୟୁ ଅବଧି ବଢ଼ିବ କି ନାହିଁ ସେ ନେଇ ମଙ୍ଗଳବାର ପୋଲିସ ପକ୍ଷରୁ ସୂଚନା ଦିଆଯିବ। ସହରର ପରିସ୍ଥିତିକୁ ତର୍ଜମା କରାଯାଉଛି। କର୍ଫ୍ୟୁ ଅବଧି ସରିବା ପରେ ସ୍ଥିତି ଦେଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ଗଣ୍ଡଗୋଳ ଘଟଣାରେ ୮ ଗିରଫ, ୩ ମାମଲା

ଦରଘାବଜାରଠାରେ ରବିବାର ଘଟିଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ୩ଟି ମାମଲା ରୁଜୁ କରିଛି। ଏଥିସହ ସିସିଟିଭି ଫୁଟେଜ ଯାଞ୍ଚ କରି ଗଣ୍ଡଗୋଳରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ପୋଲିସ ନେଇଛି। ଅଦ୍ୟାବଧି ୮ ଜଣଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି।

### କଟକରେ ଶାନ୍ତି ଫେରୁଛି: ସଞ୍ଜୟ କୁମାର

କଟକକୁ ଶାନ୍ତି ଫେରୁଛି। ସହରରେ କର୍ଫ୍ୟୁ ଜାରି ରହିଛି। ହାଇକୋର୍ଟ ସମେତ ସରକାରୀ କାର୍ଯ୍ୟାଳୟଗୁଡ଼ିକ ଖୋଲା ରହିଛି। ରବିବାରର ଘଟଣା ପରେ ଆଉ କିଛି ଅଘଟଣ ବା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ଲୋକମାନଙ୍କୁ ଅନୁରୋଧ କରୁଛୁ, ସେମାନେ ଗୁଜବ ଠାରୁ ଦୂରେଇ ରୁହନ୍ତୁ, ଆଉ ପୋଲିସକୁ ସାହାଯ୍ୟ କରନ୍ତୁ। ଏହି ଘଟଣା ଘଟାଇବାରେ ଯେଉଁମାନେ ସାମିଲ ଅଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କଟକ ଏକ ଶାନ୍ତିପ୍ରିୟ ସ୍ଥାନ, ଶାନ୍ତି ନିଶ୍ଚିତ ଫେରିବ ବୋଲି ଆଇନ ଶୃଙ୍ଖଳା ଡିଜିପି ସଞ୍ଜୟ କୁମାର କହିଛନ୍ତି।

### ଆୟୁଷ୍ମାନ କାର୍ଡଧାରୀ ଗୁରୁତର ରୋଗୀଙ୍କ ସେବା ଅଟକିଛି

ଇଣ୍ଟରନେଟ ସେବା ବନ୍ଦ ଯୋଗୁ ଆୟୁଷ୍ମାନ କାର୍ଡଧାରୀ ଗୁରୁତର ରୋଗୀଙ୍କ ସେବା ଅଟକି ଯାଇଛି। କଟକ ସହରର ବିଭିନ୍ନ ଘରୋଇ ହସ୍ପିଟାଲରେ ଏଭଳି ରୋଗୀଙ୍କ କାର୍ଡ ପଞ୍ଜୀକରଣ ସୋମବାର ହୋଇପାରି ନାହିଁ। ଫଳରେ ରୋଗୀମାନେ ସେବା ପାଇବା ପାଇଁ ଅପେକ୍ଷା କରିଛନ୍ତି। ବିଭିନ୍ନ ଘରୋଇ ହସ୍ପିଟାଲରେ ଏଭଳି ରୋଗୀମାନଙ୍କୁ ସମ୍ପର୍କୀୟମାନଙ୍କ ସହ ବସି ରହିଥିବା ଦେଖିବାକୁ ମିଳିଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଳେ ଗୋଦରୀ କଲା ବେଉସା**
**ଲାଭ ଖାଇଗଲା ଚୁଟିଆ ମୂଷା ।**

ଗୋଦର ବାତ ରୋଗର ଗୋଟିଏ ଅବସ୍ଥା। ଏହି ରୋଗରେ ଗୋଡ଼ ପାଦ ପେଣ୍ଡା ଫୁଲିଯାଏ। ଗୋଦରା ବା ଗୋଦରୀ ବେଶି ଦୂରକୁ ଯାଇପାରେ ନାହିଁ। ବ୍ୟବସାୟ କ୍ଷେତ୍ରରେ ବିଭିନ୍ନ ଆଡ଼କୁ ଯିବା ଆସିବା କରିବା ଦରକାର ପଡୁଥିବା ବେଳେ ଏପରି ଅବସ୍ଥା ସେଥିରେ ପ୍ରତିବନ୍ଧକ ସାଜିଥାଏ। ଅନ୍ୟ ଅର୍ଥରେ ଜୀବନର ଠିକ୍ ସମୟରେ ବ୍ୟବସାୟ ଆରମ୍ଭ ନ କରି ଡେରିରେ ଆରମ୍ଭ କଲେ ବ୍ୟବସାୟର ଗୁମର ଜାଣିହୁଏ ନାହିଁ। ସହଜେ ଗୋଦରୀ ପୁଣି ବହୁ ଡେରିରେ ବା ବର୍ଷ ପରେ ବ୍ୟବସାୟ ଆରମ୍ଭ। ଏପରିସ୍ଥଳେ ଅନେକ ଲୋକଙ୍କ ଉପରେ ବିଶ୍ୱାସ ଓ ନିର୍ଭର କରି ବ୍ୟବସାୟରେ କ୍ଷତି ଘଟିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅକାଳେ ମାଇଲି ଘାଏ**
**ଗଲା ଶିରାବଣ ଯାଏ ।**

ସାଧାରଣତଃ କାମରେ ଢିଲା ମାରୁଥିବା ଲୋକ କୌଣସି କାମକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ଜୋର ଦେଇ ବା ମନ ବଳାଇ ଗୋଟିଏ କାମକୁ ଥରେ କରି ଦେଲା ପରେ ଆଉ ସେ କାମରେ ହାତ ଦେଇ ନ ଥାନ୍ତି କି ସେଥିପ୍ରତି ନିଘା ରଖି ନ ଥାନ୍ତି। ଏହି ଧରଣର ବ୍ୟକ୍ତି ସମାଜରେ ଖାମଖିଆଲି ଲୋକ ଭାବେ ପରିଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ୩ ବୈଜ୍ଞାନିକଙ୍କୁ ମେଡିସିନରେ...

କରାଯାଇଛି। ପେରିଫେରାଲ ଇମ୍ୟୁନ ଟଲରାନ୍ସ ହେଉଛି ଶରୀର ମଧ୍ୟରେ ଏପରି ଏକ ପ୍ରକ୍ରିୟା, ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ନିଜ ଟିସୁ ଉପରେ ଆକ୍ରମଣ କରିବାରୁ ରୋକିଥାଏ। ନିଜ ଗବେଷଣାରେ ଏହି ୩ ବୈଜ୍ଞାନିକ ରେଗୁଲେଟୋରି ଟି ସେଲ୍‌କୁ ଚିହ୍ନଟ କରିଥିଲେ, ଯାହାକୁ ମଣିଷ ଶରୀରର ପ୍ରତିଷେଧକ ପ୍ରଣାଳୀର ସୁରକ୍ଷା କବଚ କୁହାଯାଇଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ସନ୍ତୁଳିତ ରଖିବାରେ ଏହି ଟି ସେଲ୍‌ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ବୋଲି ବୈଜ୍ଞାନିକମାନେ ଗବେଷଣାରେ ଦର୍ଶାଇଥିଲେ। ଏହି ଗବେଷଣା ଦ୍ୱାରା କର୍କଟ ରୋଗ, ଅଟୋ ଇମ୍ୟୁନ ରୋଗ ଏବଂ ଅଙ୍ଗ ପ୍ରତିରୋପଣର ଚିକିତ୍ସା ପାଇଁ ନୂତନ ରାସ୍ତା ଖୋଲିଛି, ଯାହା ମଧ୍ୟରୁ ସମ୍ପ୍ରତି ଅନେକ କ୍ଲିନିକାଲ ପରୀକ୍ଷଣ ପର୍ଯ୍ୟାୟରେ ରହିଛି। 'ଦି ନୋବେଲ କମିଟି ଫର୍ ମେଡିସିନ'ର ଅଧ୍ୟକ୍ଷ ଓଲେ କାମ୍ପେ କହିଛନ୍ତି, ମଣିଷ ଶରୀରର ରୋଗ ପ୍ରତିଷେଧକ ପ୍ରଣାଳୀ କିପରି କାମ କରିଥାଏ ଏବଂ ଗୁରୁତର ଅଟୋ-ଇମ୍ୟୁନ ରୋଗରେ ସମସ୍ତେ କାହିଁକି ପୀଡ଼ିତ ହୋଇ ନ ଥାନ୍ତି, ସେ ନେଇ ବୁଝାଉଥିବା ଯୁଗାନ୍ତକାରୀ ଗବେଷଣା ପାଇଁ ୩ ବୈଜ୍ଞାନିକଙ୍କୁ ମେଡିସିନ କ୍ଷେତ୍ରରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି।

୧୯୬୧ରେ ଜନ୍ମ ହୋଇଥିବା ମେରି ଆମେରିକାର ନ୍ୟୁ ଜର୍ସିସ୍ଥିତ ପ୍ରିନ୍ସଟନ୍ ୟୁନିଭର୍ସିଟିରୁ ପିଏଚ୍.ଡି. କରିଛନ୍ତି। ସେ ଏବେ ୱାଶିଂଟନର ସିଏଟଲସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସିଷ୍ଟମ ବାୟୋଲୋଜିରେ ସିନିୟର ପ୍ରୋଗ୍ରାମ ମ୍ୟାନେଜର ଭାବେ କାର୍ଯ୍ୟରତ ଅଛନ୍ତି। ୧୯୬୦ରେ ଜନ୍ମିତ ଫ୍ରେଡ୍ ୧୯୮୭ରେ ୟୁନିଭର୍ସିଟି ଅଫ୍ କାଲିଫର୍ନିଆ-ଲସ୍ ଏଞ୍ଜେଲ୍ସରୁ ପିଏଚ୍.ଡି. କରିଛନ୍ତି। ଏବେ ସେ ଆମେରିକାର ସାନ୍ ଫ୍ରାନ୍ସିସ୍କୋସ୍ଥିତ ସୋନୋମା ବାୟୋଥେରାପ୍ୟୁଟିକ୍ସର ବୈଜ୍ଞାନିକ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ୧୯୫୧ରେ ଜନ୍ମିତ ଶିମୋନ୍ ୧୯୮୩ରେ ଜାପାନର କ୍ୟୋଟୋ ୟୁନିଭର୍ସିଟିରୁ ପିଏଚ୍.ଡି. କରିଥିଲେ। ଏବେ ସେ ଓସାକା ୟୁନିଭର୍ସିଟିରେ ଇମ୍ୟୁନୋଲୋଜି ଫ୍ରଣ୍ଟିୟର ରିସର୍ଚ୍ଚ ସେଣ୍ଟରର ବିଶିଷ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ମେଡିସିନ କ୍ଷେତ୍ରରେ ବିଜେତା ଘୋଷଣା ହୋଇଥିବା ଏହି ୩ ବୈଜ୍ଞାନିକଙ୍କ ମଧ୍ୟରେ ୧୧ ମିଲିୟନ ସ୍ୱିଡିଶ କ୍ରୋନର (ପ୍ରାୟ ୧୦.୪ କୋଟି ଟଙ୍କା)ର ପୁରସ୍କାର ରାଶି ସମାନ ଭାବରେ ବଣ୍ଟନ କରାଯିବ। ବିଭିନ୍ନ କ୍ଷେତ୍ରରେ ନୋବେଲ ପୁରସ୍କାର ୨୦୨୫ର ବିଜେତାଙ୍କ ଘୋଷଣା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ଡିସେମ୍ବର ୧୦ରେ ଆଲ୍‌ଫ୍ରେଡ୍ ନୋବେଲଙ୍କ ମୃତ୍ୟୁ ବାର୍ଷିକୀ ଅବସରରେ ବିଜେତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ।

## ନଭେମ୍ବର ୧୧ରେ...

ଶେଷ ହେବ। ସେହିପରି ୨୪ ତାରିଖ ସୁଦ୍ଧା ପ୍ରାର୍ଥୀମାନେ ଯଦି ଚାହିଁବେ ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ। ନଭେମ୍ବର ୧୧ରେ ଉପନିର୍ବାଚନ ଲାଗି ମତଦାନ ଅନୁଷ୍ଠିତ ହେବ। ୧୪ରେ ଗଣତି ଓ ଫଳାଫଳ ଘୋଷଣା ହେବ। ଗୋପାଳନ କହିଛନ୍ତି, ଏହି ଉପନିର୍ବାଚନରେ ୪ହଜାର ଭିନ୍ନକ୍ଷମ ଏବଂ ୨୦୦୭ ବୟସ୍କଭୋଟର (୮୫ବର୍ଷରୁ ଅଧିକ)ଙ୍କୁ ମିଶାଇ ୨ଲକ୍ଷ ୪୮ହଜାର ୨୫୬ ମତଦାତା ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ଏଥିମଧ୍ୟରେ ୧ଲକ୍ଷ ୨୨ହଜାର ୧୦୩ ପୁରୁଷ, ୧ଲକ୍ଷ ୨୬ହଜାର ୧୩୨ଜଣ ମହିଳା ଭୋଟର ରହିଥିବାବେଳେ ଭିନ୍ନକ୍ଷମଙ୍କ ମଧ୍ୟରେ ୨୩୪୩ଜଣ ପୁରୁଷ ଏବଂ ୧୬୫୭ଜଣ ମହିଳା ଏବଂ ବୟସ୍କଙ୍କ ମଧ୍ୟରେ ୬୯୪ଜଣ ପୁରୁଷ ଏବଂ ୧୩୧୩ଜଣ ମହିଳା ଭୋଟର ରହିଛନ୍ତି। ଏହାବାଦ୍ ୨୧ଜଣ ତୃତୀୟଲିଙ୍ଗ ରହିଛନ୍ତି। ସେ କହିଛନ୍ତି, ନୂଆପଡ଼ା ଉପନିର୍ବାଚନମଣ୍ଡଳୀରେ ୩୫୮ଟି ମତଦାନ କେନ୍ଦ୍ର ରହିଛି। ସମସ୍ତ ବୁଥ୍‌ରେ ୱେବକାଷ୍ଟିଂ ବ୍ୟବସ୍ଥା କରାଯିବ। ତେବେ ୮୫ବର୍ଷରୁ ଅଧିକ ବୟସ୍କ ଏବଂ ଭିନ୍ନକ୍ଷମ ଭୋଟରଙ୍କୁ ୧୨-ଡି ଫର୍ମ ବଣ୍ଟନ କରାଯିବ। ସେମାନେ ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ ଦେଇପାରିବେ। ଏଥିନେଇ ଏକ ତାଲିକା ପ୍ରସ୍ତୁତ ହେବ।



ନୂଆପଡ଼ା ମିନି ଷ୍ଟାଡିୟମଠାରେ ସୋମବାର ଆୟୋଜିତ ସଭାରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରବି ନାରାୟଣ ନାୟକ, ମୁକେଶ ମହାଲିଙ୍ଗ ଓ ଏମ୍ପି ମାଳବିକା ଦେବୀ।

## ନୂଆପଡ଼ାବାସୀଙ୍କ ପାଇଁ...

ଥର ନୂଆପଡ଼ା ଆସିଛି। ଏପ୍ରିଲ ମାସରେ ମାରାଗୁଡ଼ା ମହୋତ୍ସବ ବେଳେ ୩୨୦ କୋଟି ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ ହୋଇଥିଲା। ନୂଆପଡ଼ା ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିଲି। ଏଥରକୁ ମିଶାଇ ନୂଆପଡ଼ାକୁ ତିନିଥର ଗସ୍ତ କରିଥିବାବେଳେ ୧୪୨୦ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏଥିସହ ସେ କହିଥିଲେ, ରାଜ୍ୟର କେନ୍ଦୁପତ୍ର ତୋଳାଳିଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ହୋଇ କାମ କରୁଛନ୍ତି। ଚଳିତବର୍ଷ ଜିଏସ୍‌ଟି କାଉନ୍‌ସିଲ ବୈଠକରେ କେନ୍ଦୁପତ୍ର ଉପରେ ଜିଏସ୍‌ଟି ହ୍ରାସ କରିବାକୁ ପ୍ରସ୍ତାବ ଦେଇଥିଲି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଜିଏସ୍‌ଟି ହାର ୧୮ ପ୍ରତିଶତରୁ ୫ ପ୍ରତିଶତକୁ କମ୍ କରିଛନ୍ତି। ଏହାଦ୍ୱାରା ସାରାଦେଶର ତଥା ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳି ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଭାଜପା ସରକାର ସବୁ ଅଞ୍ଚଳକୁ ସମାନ ଗୁରୁତ୍ୱ ଦେଉଛନ୍ତି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ଅଧିକ ଅନୁଦାନ ସହିତ ଦୃଢ଼ କରାଯାଇଛି ଏବଂ ତା' ସହିତ ଉତ୍ତର ଓ ଦକ୍ଷିଣ ଓଡ଼ିଶାର ବିକାଶ ପାଇଁ ସ୍ୱତନ୍ତ୍ର ବିକାଶ ପରିଷଦ ଗଠନ ଲାଗି ପଦକ୍ଷେପ ନିଆଯାଇଛି। ପୂର୍ବରୁ ପ୍ରିମାଟ୍ରିକ ସ୍କଲାରଶିପର୍ ଛାତ୍ରମାନଙ୍କୁ ୧୦,୫୦୦ ଟଙ୍କା ମିଳୁଥିବା ବେଳେ ଏବେ ୧୬,୦୦୦ ଟଙ୍କା ପ୍ରଦାନ କରାଯିବ। ସେହିପରି ଅନ୍ୱେଷା ଯୋଜନା ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ପୂର୍ବରୁ ୧୧ ହଜାର ଟଙ୍କା ମିଳୁଥିବା ବେଳେ ଏବେ ଏଥିରେ ୧୭ ହଜାର ଟଙ୍କା ମିଳିବ। ପୋଷ୍ଟ ମାଟ୍ରିକ ସ୍କଲାରଶିପ୍‌ରେ ପୂର୍ବରୁ ଛାତ୍ରଙ୍କୁ ୧୧ ହଜାର ଟଙ୍କା ମିଳୁଥିବା ବେଳେ ଏବେ ୧୬ ହଜାର ଟଙ୍କା ମିଳିବ ଏବଂ ଛାତ୍ରୀଙ୍କୁ ୧୭ ହଜାର ଟଙ୍କା ମିଳିବ। ମୋଦିଜୀଙ୍କ ନେତୃତ୍ୱରେ ଦେଶରେ ଏବେ ବିକାଶର ଏକ ନୂଆ ଯୁଗ ଆରମ୍ଭ ହୋଇଛି। ଓଡ଼ିଶାରେ ନୂଆ ସରକାର ଆସିବା ପରଠାରୁ କେନ୍ଦ୍ର ସରକାର ଓଡ଼ିଶା ପାଇଁ ୩୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ମଞ୍ଜୁର କରିଛନ୍ତି ଏବଂ ଏଥିରେ ନୂଆପଡ଼ା ପାଇଁ ମଧ୍ୟ ଦୁଇଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏଥିସହ ସୁଭଦ୍ରା ଯୋଜନାରେ ନୂଆପଡ଼ାର ୧ ଲକ୍ଷ ୫୫ ହଜାର ମହିଳା ଉପକୃତ ହୋଇଛନ୍ତି, ଅନ୍ତ୍ୟୋଦୟ ଗୃହ ଯୋଜନାରେ ୨୫୪୮ ପରିବାରକୁ ଘର ଯୋଗାଇଦେବା ପାଇଁ ପଦକ୍ଷେପ ନିଆଯାଇଛି। ଏହାସହିତ ନୂଆପଡ଼ା ଏକକ ପ୍ଲାଷ୍ଟିକ ବ୍ୟବହାର ଜିଲା ଭାବେ ଘୋଷିତ ହେବା ସହ ଶିଶୁକନ୍ୟାକୁ ପ୍ରାଧାନ୍ୟ ଦେଇ 'ଝିଅ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ନବଜାତ ଶିଶୁକନ୍ୟା ଓ ସେମାନଙ୍କ ମାତା ପିତାଙ୍କୁ ମଧ୍ୟ ସମ୍ମାନିତ କରାଯାଉଛି। ନୂଆପଡ଼ା ଜିଲା ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ଦୈନିକ ୬୦ ହଜାରରୁ ଅଧିକ ଶ୍ରମିକ ନିୟୋଜିତ କରି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ, ମୋହନ ମାଝୀଙ୍କ ସରକାର ହେଉଛି ଲୋକଙ୍କ ସରକାର। ରାଜ୍ୟର ସମସ୍ତ ବର୍ଗର ବିକାଶ କିପରି ହେବ ସେଥିପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ, ରାଜ୍ୟରେ ଭାଜପା ସରକାର ଆସିବା ପରେ ନୂଆପଡ଼ା ଜିଲାର ୧୦ଟି ହାଇସ୍କୁଲକୁ ଆମେ ଅପ୍‌ଗ୍ରେଡ୍ କରି ହାୟର ସେକେଣ୍ଡାରୀ ସ୍କୁଲରେ ପରିଣତ କରିଛୁ। ସହର ଏବଂ ଗ୍ରାମପଞ୍ଚାୟତର ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଆମ ସରକାର ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏ ସରକାରରେ ପ୍ରତିଟି କ୍ଷେତ୍ରରେ ବିକାଶ ହେବ ବୋଲି ଆଜି ସମସ୍ତଙ୍କ ମଧ୍ୟରେ ଏପରି ଆଶା ସଞ୍ଚାର ହୋଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, କଳାହାଣ୍ଡି ଏମ୍ପି ମାଳବିକା ଦେବୀ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ପ୍ରମୁଖ ଉଦ୍‌ବୋଧନ ରଖିଥିଲେ। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ଖରିଆରରୋଡ୍ ଏନ୍.ଏ.ସି. ଚେୟାରମ୍ୟାନ ଡ. ସୋନିଆ ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।

## ଖରିଆରରୋଡ୍ ମ୍ୟୁନିସିପାଲିଟି...

ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରି ଅନ୍ନଦାତାଙ୍କ ଜମିକୁ ଜଳ ଯୋଗାଇବା ପାଇଁ ସରକାର ନିଷ୍ଠାର ସହ ଉଦ୍ୟମ କରୁଛନ୍ତି ବୋଲି କହିଛନ୍ତି। ସେ କହିଥିଲେ, ପୂର୍ବରୁ ଖରିଆରରୋଡ୍‌କୁ ଏନ୍.ଏ.ସି.ରୁ ମ୍ୟୁନିସିପାଲିଟି କରିବା ପାଇଁ ଦାବି ହୋଇଆସୁଥିବା ବେଳେ ଏବେ ଏହାକୁ ମ୍ୟୁନିସିପାଲିଟି ଘୋଷଣା ହେଲା। ସେହିପରି କୋମନା ବ୍ଲକକୁ ଏନ୍.ଏ.ସି. କରାଯାଇଛି ଏବଂ ସିନାପାଲି ଗ୍ରାମପଞ୍ଚାୟତ ଓ ଗୋଡ଼ାଲ ଗ୍ରାମପଞ୍ଚାୟତକୁ ମିଶାଇ ସିନାପାଲି ଏନ୍.ଏ.ସି. ଭାବେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ସବୁ ତହସିଲରେ ସବ୍ ରେଜିଷ୍ଟ୍ରେଶନ ଅଫିସ ଖୋଲାଯିବ। ବର୍ତ୍ତମାନ ରାଜ୍ୟର ୩୧୭ଟି ତହସିଲରୁ ୨୧୦ଟି ତହସିଲରେ ସବ୍ ରେଜିଷ୍ଟ୍ରେଶନ ଅଫିସ ରହିଛି। ଖୁବ୍‌ଶୀଘ୍ର ବାକି ୧୦୭ଟି ତହସିଲରେ ସବ୍ ରେଜିଷ୍ଟ୍ରେଶନ୍ ଅଫିସ ଖୋଲାଯିବ। ଆଜି ପ୍ରଥମ ପର୍ଯ୍ୟାୟରେ ନୂଆପଡ଼ାର ୩ଟି - ସିନାପାଲି, କୋମନା ଓ ବୋଡେନ୍ ଏବଂ ମାଲକାନଗିରିର ୪ଟି- ମାଥିଲି, କାଲିମେଳା, ଖଇରପୁଟ ଓ କୁଡୁମୁଲୁଗୁମ୍ମା ଭଳି ୭ଟି ତହସିଲରେ ସବ୍ ରେଜିଷ୍ଟ୍ରେଶନ୍ ଅଫିସ ଖୋଲାଗଲା ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ଗୋପାଳନ କହିଛନ୍ତି ଯେ, ଯେଉଁ ରାଜନୈତିକ ଦଳ ଆପରାଧିକ ମାମଲାରେ ଜଡ଼ିତ ଥିବା ପ୍ରାର୍ଥୀଙ୍କୁ ନିର୍ବାଚନରେ ଛିଡ଼ା କରାଇବେ ସେମାନଙ୍କୁ ଆପରାଧିକ ପୃଷ୍ଠଭୂମି ବିଷୟରେ ସୂଚନା ଦେବାକୁ ହେବ। ସେମାନେ ୱେବସାଇଟ୍ ଏବଂ ଖବରକାଗଜ ତଥା ଟେଲିଭିଜନରେ ୩ଥର ପ୍ରକାଶ କରିବାକୁ ବାଧ୍ୟ ହେବେ। ଏହି ସମ୍ମିଳନୀରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁ, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ପର୍ଯ୍ୟାୟରେ ବିହାର...

ଦାଖଲର ଶେଷ ତାରିଖ ଅକ୍ଟୋବର ୧୭ ରଖାଯାଇଥିବାବେଳେ ଯାଞ୍ଚ ପାଇଁ ୧୮ ତାରିଖ ଧାର୍ଯ୍ୟ କରାଯାଇଛି। ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ହେଉଛି ଅକ୍ଟୋବର ୨୦। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଅକ୍ଟୋବର ୨୦ ରଖାଯାଇଥିବାବେଳେ ୨୧ରେ ସେଗୁଡ଼ିକର ଯାଞ୍ଚ କରାଯିବ। ଏହି ପର୍ଯ୍ୟାୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ହେଉଛି ଅକ୍ଟୋବର ୨୩। ଉଲ୍ଲେଖଯୋଗ୍ୟ, ବିହାର ବିଧାନସଭାର ୨୪୩ ଆସନ ମଧ୍ୟରୁ ୨ଟି ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ବର୍ଗଙ୍କ ପାଇଁ ସଂରକ୍ଷିତ ଥିବାବେଳେ ୩୮ ଆସନ ତଫସିଲଭୁକ୍ତ ଜାତି (ଏସ୍‌ସି)ଙ୍କ ପାଇଁ ଉଦ୍ଦିଷ୍ଟ।

## ସିଜେଆଇଙ୍କୁ ଜୋତା...

କରିଦେଇଥିଲେ। ଆବେଦନକାରୀଙ୍କୁ ସିଜେଆଇ କହିଥିଲେ, 'ଯାଅ ତୁମ ଭଗବାନଙ୍କୁ କୁହ ସେ ନିଜ ପାଇଁ କିଛି କରନ୍ତୁ।' ସିଜେଆଇଙ୍କ ଏହି ମନ୍ତବ୍ୟକୁ ନେଇ ସୋସିଆଲ ମିଡିଆରେ ଟ୍ରୋଲ କରାଯିବା ପରେ ହିନ୍ଦୁଧର୍ମ ପ୍ରତି ତାଙ୍କର କୌଣସି ନକାରାତ୍ମକ ବିଚାର ନାହିଁ ବୋଲି ସିଜେଆଇ ସଫେଇ ଦେଇଥିଲେ। ତେବେ ସ୍ପଷ୍ଟୀକରଣରେ ଅସନ୍ତୁଷ୍ଟ ରାକେଶ ଏହାର ପ୍ରତିବାଦରେ ସିଜେଆଇଙ୍କୁ ଜୋତା ଫିଙ୍ଗିବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଛି। ସନାତନ ଧର୍ମର ଅପମାନ ହିନ୍ଦୁସ୍ଥାନ ସହିବ ନାହିଁ ବୋଲି ରାକେଶ ଚିତ୍କାର କରି କହୁଥିବା ଓକିଲମାନେ କହିଛନ୍ତି। ଏଭଳି କାର୍ଯ୍ୟ ପାଇଁ ଆଇନଜୀବୀ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ରାକେଶଙ୍କୁ ଓକିଲାତି ପେସାରୁ ନିଲମ୍ବନ କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଶନିଯୁକ୍ତ ଚନ୍ଦ୍ର ହେତୁ ମାନସିକ ଅସ୍ଥିରତା ଭିତରେ ଦିନଟି କଟିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ଏବଂ ଆନୁଷ୍ଠାନିକ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଭୁଲ୍ ବୁଝାମଣାଜନିତ ବିନା କାରଣରେ ଅଶାନ୍ତି, କଳହ ଆଶଙ୍କା ରହିଛି। ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** - ନିଜ ଲୋକଙ୍କ ବିରୋଧ ସାଙ୍ଗକୁ ବିଭିନ୍ନ ଅଭାବ ଅସୁବିଧାର ସାମ୍ନା କରିବାକୁ ପଡ଼ିପାରେ। ଅନ୍ୟମାନଙ୍କୁ ଭଲରେ ରଖିବାକୁ ଚେଷ୍ଟାକଲେ ମଧ୍ୟ ସମୟ ଓ ପରିସ୍ଥିତି ସବୁକିଛି ବିଗାଡ଼ିଦେବ। ମୂଲ୍ୟବାନ୍ ଜିନିଷ କ୍ରୟରୁ ଖର୍ଚ୍ଚ ପରିମାଣ ବୃଦ୍ଧିପାଇବ। କେତୁଯୁକ୍ତ ଶୁକ୍ର କାରଣରୁ କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ଲାଗି ରହିବ।

**ମିଥୁନ** - ଆପଣଙ୍କ ପରିସ୍ଥିତି ଅବଲୋକନକରି ବୟସ୍କ ବ୍ୟକ୍ତି ସାହାଯ୍ୟ ପୂର୍ବକ ସହାନୁଭୂତି ପ୍ରକାଶ କରିବେ। ଅସାବଧାନତା କିମ୍ବା ଅନ୍ୟମନସ୍କ ହେତୁ ସମସ୍ୟାର ସମ୍ମୁଖୀନ ହେବେ। ବୃଥା ସନ୍ଦେହଜନିତ କାରଣରୁ ବନ୍ଧୁଙ୍କ ସହ କଳହର ସୂଚନା ରହିଛି। କୋଣଭାବସ୍ଥ ମଙ୍ଗଳଙ୍କ ସୁପ୍ରଭାବରୁ ଜମିଜମା କାରବାର କରିବା ପାଇଁ ପ୍ରକୃଷ୍ଟ ଦିନ।

**କର୍କଟ** - ଆଜିର କର୍ମାରମ୍ଭ ଅସୁବିଧା ମନେହେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବନ୍ଧୁଙ୍କୁ ସାହାଯ୍ୟ ଭିକ୍ଷା କରିବାକୁ ପଡ଼ିପାରେ। ଭାଗ୍ୟ ସ୍ଥାନରେ ଶନି ରହିଥିବାରୁ ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ । ଶିକ୍ଷା, ସନ୍ତାନ କ୍ଷେତ୍ରରେ କିଛିଟା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ସିଂହ** - ଚତୁର୍ଥାଧିପ ମଙ୍ଗଳ ଭାଗ୍ୟଭାବକୁ ଅବଲୋକନ କରୁଥିବାରୁ ପାରିବାରିକ ସମସ୍ୟା ସମାଧାନ ହୋଇଯିବ। ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ବନ୍ଧୁଙ୍କ ସବୁ କଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ। ଆନୁଷ୍ଠାନିକ କାମରେ ସହଯୋଗକରି ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** - ଶୁକ୍ର ଏକାଦଶ ସ୍ଥାନରେ ରହିଥିବାରୁ ଏକାଧାରରେ ଆର୍ଥିକ ଉନ୍ନତି ସହ ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ। କିନ୍ତୁ ଶନିଯୁକ୍ତ ଚନ୍ଦ୍ର ପ୍ରଭାବରୁ ହସ୍ତା ନକ୍ଷତ୍ର ମାନସିକ ସ୍ତରରେ ନିରୁତ୍ସାହିତ ରହିବେ। ଅଟକି ରହିଥିବା କାମକୁ ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ କରିପାରିବେ ନାହିଁ। ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବା ସମ୍ଭାବନା ରହିଛି।

**ତୁଳା** - ଦୀର୍ଘଦିନର ଅଭିଳାଷ ପୂରଣ ଦିଗରେ ଚେଷ୍ଟାକଲେ ସଫଳତା ପାଇବେ। ବୁଧ କ୍ଷେତ୍ରସ୍ଥ ଗୁରୁଙ୍କ ଯୋଗୁ ବନ୍ଧୁଙ୍କ ଆମନ୍ତ୍ରଣ ଆପଣଙ୍କ ବିଚାରକୁ ବିଗାଡ଼ି ଦେଇପାରେ। ଶାରୀରିକ ସୁସ୍ଥତା ରହିବା ହେତୁ ମନ ସାମୟିକ ହାଲୁକା ରହିବ। ବାରମ୍ବାର ସରକାରୀ କାମରେ ଭ୍ରମଣହେତୁକ କ୍ଳାନ୍ତି ଓ ଅବସାଦ ବୃଦ୍ଧିପାଇବ।

**ବିଛା** - କୋଣଭାବରେ ଭାଗ୍ୟାଧିପ ଅବସ୍ଥାନ କରୁଥିବାରୁ ସନ୍ତାନହେତୁକ ଦୁଶ୍ଚିନ୍ତା ଦୂରହେବ। ନିଜ ପ୍ରତି ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ବେଖାତିର କଥା କଷ୍ଟ ଦେଇପାରେ। ଆତ୍ମୀୟମାନେ ବିରୁଦ୍ଧାଚରଣ କରିବା ସମ୍ଭାବନା ରହିଛି। ତଥାପି ନିକଟ ଅତୀତରେ ଯାହା ଭାବୁଥିଲେ ତାହାର ସତ୍ୟତା ଆଜି ହିଁ ଅନୁଭବ କରିପାରନ୍ତି।

**ଧନୁ** - ଅଷ୍ଟମାଧିପତି ଚତୁର୍ଥସ୍ଥ ଯୋଗୁ ଘରେ ଅଶାନ୍ତିର ବାତାବରଣ ଦେଖାଦେବ। କୌଣସି ବନ୍ଧୁଙ୍କ କଥା ରକ୍ଷା କରିବାକୁ ଯାଇ ନିଜ କାମକୁ ଅବହେଳା କରିପାରନ୍ତି। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ଉପଯୁକ୍ତ ଭାବେ ସମ୍ମାନିତ ହେବେ। କିନ୍ତୁ ମୂଳା ନକ୍ଷତ୍ରର ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ।

**ମକର** - ମଙ୍ଗଳଙ୍କ ପ୍ରତ୍ୟକ୍ଷଦୃଷ୍ଟି ପ୍ରଭାବରେ ପାରିବାରିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ମତାନ୍ତରର ଆଶଙ୍କା ରହିଛି। ଆପଣ ଯେଉଁ କାମ କରିବାକୁ ମନସ୍ଥ କରିଛନ୍ତି, ତାହା ଶୀଘ୍ର ଆରମ୍ଭ କରିବା ଭଲ ହେବ। ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟା ସମାଧାନ କରିପାରିବେ। ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଖୁସି ହେବେ।

**କୁମ୍ଭ** - ପାପଗ୍ରହ ଯୁକ୍ତ ଚନ୍ଦ୍ରଜନିତ ଅନ୍ୟମନସ୍କ କିମ୍ବା ଅସାବଧାନତାବଶତଃ ଘରେ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। ସାମାଜିକ ସ୍ତରରେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବେ। ସାହିତ୍ୟ ସମସ୍ୟାର ସମାଧାନ କରିବେ ଏବଂ ଦୀର୍ଘଦିନର ଅଭିଳାଷ ପୂର୍ଣ୍ଣହେବାରୁ ଆନନ୍ଦିତ ହେବେ।

**ମୀନ** - ଶନିଙ୍କ ପ୍ରଭାବରେ ଅଧିକାଂଶ ସମୟ ଡିପ୍ରେସନ ଲାଗି ରହିବାରୁ ମନ ଭଲ ରହିବ ନାହିଁ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ଚିନ୍ତା ବଢ଼ିଯିବ। ସଙ୍ଗୀତ, ସାହିତ୍ୟଚର୍ଚ୍ଚା, ଶାସ୍ତ୍ରାଲୋଚନା, ସତ୍‌ସଙ୍ଗ, ଆଧ୍ୟାତ୍ମିକ ଚିନ୍ତନର ସୁଯୋଗ ପାଇବେ। ଅଭିଳଷିତ କାମ ହାସଲର ଚେଷ୍ଟା ଅବ୍ୟାହତ ରଖିଲେ ଉପକୃତ ହେବେ।

ଆଜି ଅକ୍ଟୋବର ୭ ତାରିଖ, ଦିବା ଘ.୦୯।୧୭ ମି. ଗତେ ପୂର୍ଣ୍ଣିମାଯୁକ୍ତ କାର୍ତ୍ତିକ କୃଷ୍ଣ ପ୍ରତିପଦା ମଙ୍ଗଳବାର, ଶ୍ରୀମନ୍ଦିରରେ କୁମାରପୂର୍ଣ୍ଣିମା, କାର୍ତ୍ତିକ ବ୍ରତାରମ୍ଭ, ଶ୍ରୀସୁଦର୍ଶନଙ୍କ ଚତୁରାଶ୍ରମ ପରିଭ୍ରମଣ, ମାଧବ ପରିବନ୍ଦନ, ମଙ୍ଗଳପୂର୍ଣ୍ଣିମା ବ୍ରତ, ଗଣକବି ବୈଷ୍ଣବ ପାଣି ଜୟନ୍ତୀ। ରାଶିନକ୍ଷତ୍ର-ରେବତୀ/ମୀନ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୪୨ ଗତେ, ଘ. ୦୭।୨୯, ଘ.୦୮।୩୮ ଗତେ, ଘ.୧୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୩୦ ଗତେ, ଘ.୦୩।୫୮ ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ନାଗେଶ୍ୱର କ୍ଲବ ତରଫରୁ ପୋଖରୀ ସଫେଇ

ପଦ୍ମପୁର,୬।୧୦(ପ୍ରଦୀପ୍ତ ଦାଶ): ପଦ୍ମପୁର ଅନ୍ତର୍ଗତ ଦର୍ଲିଗୁଡ଼ା ନାଗେଶ୍ୱର କ୍ଲବ ତରଫରୁ ରବିବାର ଗ୍ରାମର ପୋଖରୀକୁ ସଫେଇ କରାଯାଇଥିଲା। ଏଥିରେ କ୍ଲବ ତରଫରୁ କୁମୁଦ ସାହୁ, ସଞ୍ଜୀବ ସାହୁ, ହେମନ୍ତ ସାହୁ, ରୋହିତ ନାଗ, ମୀନକେତନ ପଧାନ, ବୀରେନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ କ୍ଲବ ତରଫରୁ ଆହୁରି ସାମାଜିକ କାର୍ଯ୍ୟକ୍ରମ କରାଯିବ ବୋଲି କର୍ମକର୍ତ୍ତା କହିଛନ୍ତି।

### ଯୁଗ୍ମ ଜନଶୁଣାଣି ଶିବିର

ବଘିଆପଡା,୬।୧୦(ଶ୍ରୀକାନ୍ତ ସାହୁ) ବୌଦ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ସମୁଦାୟ ୫୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୪୫ଟି ବ୍ୟକ୍ତିଗତ ଏବଂ ୫ଟି ସାମୂହିକ ରହିଥିଲା। ଜିଲାପାଳ ବିଭୂତି ଭୂଷଣ ନାୟକ ଅଭିଯୋଗଗୁଡିକର ଶୁଣାଣି କରିଥିଲେ।୧୩ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ସେହିପରି ଜିଲା ରେଡ୍‌କ୍ରସ୍‌ରୁ ଜଣଙ୍କୁ ଆର୍ଥିକ ସହାୟତା ଦିଆଯାଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୫ ବନ୍ଧୁକ ସହ ଧରାପଡ଼ିଲେ ୧୫ ଅଭିଯୁକ୍ତ

### ୨୦ଗୁଳି,୧୫୦୦ ବୋତଲ କଫ ସିରପ୍ ଜବତ


ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତମାନଙ୍କୁ ହାଜର କରିଛି।

ବରଗଡ଼,୬।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ ଜିଲା ପୋଲିସ ସୋମବାର ଏକ ଅପରାଧୀ ଗ୍ୟାଙ୍ଗକୁ ଧରିଛି। ଉକ୍ତ ଗ୍ୟାଙ୍ଗର ୧୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କୋର୍ଟ ଚାଲାଣ କରିଛି। ସେମାନେ ହେଲେ, ବଲାଙ୍ଗୀର ଜିଲା ଟାଉନ ଥାନା ଅନ୍ତର୍ଗତ ୱାର୍ଡ ନଂ.- ୧୮ ରାଜୀବନଗର ନିବାସୀ ବବଲୁ ବେହେରା(୩୨), ବରଗଡ଼ ଜିଲା ଟାଉନ ଥାନା ଭଟଲି ଛକ ନିବାସୀ ଶ୍ରୀକାନ୍ତ ବେହେରା(୨୯), ବରଗଡ଼ ସଦର ଥାନା ଏକାମ୍ର ଛକ ନିବାସୀ ମନୀଷ ଓରଫ କାଲୁ ଅଗ୍ରୱାଲ(୩୦), ଟେଣ୍ଟେଲଟିକ୍ରା ନିବାସୀ ପିଣ୍ଟୁ ସାହୁ(୨୪), ଅତାବିରା ଥାନା ହଲଦୀଟିକ୍ରା ନିବାସୀ ପ୍ରଫୁଲ୍ଲ ରଣା(୩୦), ସୋଢ଼ାପାଲିର ତୁଷାର ବଲ୍ଲଭ ରାଉତିଆ(୩୧), କୁଲୁଣ୍ଡାର ହରିପ୍ରସାଦ ସେଟ(୨୬), ବରଗଡ଼ ଟାଉନ ଥାନା ଅନ୍ତର୍ଗତ ଡାଙ୍ଗ ନିବାସୀ ବବଲୁ ଶତପଥୀ(୩୭), ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୬ ବ୍ରହ୍ମଚାରୀର ଅଙ୍କୁଲ ବଳ(୩୦), ଛତିଶଗଡ଼ ରାଜ୍ୟ ତେଲିବନ୍ଧ ଥାନା ତେଲିବନ୍ଧର ହରଦୀପ ସିଂ ସନ୍ଧୁ(୨୮), ଏମଡ଼ି ଅସରଫ୍(୨୬), ଛତିଶଗଡ଼ ରାଜ୍ୟ ତେଲିବନ୍ଧ ମୂଳ ବାସିନ୍ଦା ତଥା ବର୍ତ୍ତମାନ ବରଗଡ଼ ଜିଲା ପାଇକମାଳ ଥାନା ମୁରସିଙ୍ଗ ଗ୍ରାମରେ ରହୁଥିବା ସୟଦ ଅଜିମ୍(୩୧), ଭଦ୍ରକ ଜିଲା ଧୁସୁରୀ ଥାନା ଗୋଦିପୋଖରୀ ଗ୍ରାମର ମୂଳ ବାସିନ୍ଦା ତଥା ବର୍ତ୍ତମାନ ଯାଜପୁର ଜିଲା ଧର୍ମଶାଳା ଥାନା ଭଟ୍ଟୁଦିପାସୀ ଗ୍ରାମରେ ରହୁଥିବା ରସିଦ୍ ଶାହା(୩୦), ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା ଧନୁଆ ଗ୍ରାମର ସମ୍ବିତ କୁମାର ପରିଜା(୨୫) ଏବଂ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଟିକନପୁର ଗ୍ରାମର ମୂଳବାସିନ୍ଦା ତଥା ବର୍ତ୍ତମାନ କଟକ ଜିଲା ପହଲା ଥାନା ପହଲା ଗ୍ରାମର ପ୍ରୀତମ ବିଶ୍ୱାଳ(୩୦)। ସେମାନଙ୍କ ପାଖରୁ ୧୫୦୦ ବୋତଲ କଫ ସିରପ୍, ୫ଦେଶୀ ପିସ୍ତଲ, ୨୦ଗୁଳି, ୧୬ମୋବାଇଲ, ନଗଦ ୫୭ହଜାର ୨୦୦ ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ବରଗଡ଼ ସଦର ଥାନା, ବରଗଡ଼ ଟାଉନ ଥାନା, ଅତାବିରା ଥାନା ଏବଂ ବିଜେପୁର ଥାନାରେ ପୃଥକ୍ ଭାବେ ୪ମାମଲା ରୁଜୁ ହୋଇଛି। ସମସ୍ତ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ଜିଲା କାରାଗାର ହାଜତକୁ ପଠାଇ ଦିଆଯାଇଛି।

ଏ ନେଇ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସପି ପି.ଏସ୍. ମୀନା ସୂଚନା ଦେଇ କହିଥିଲେ, ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବରଗଡ଼ ଟାଉନ ଥାନାର ଏକ ପୋଲିସ ଟିମ୍ ସ୍ଥାନୀୟ ଗଣପତି ହୋଟେଲ ନିକଟରେ ପ୍ରଥମେ ୩ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଜେରା ପରେ ଅନ୍ୟ ଅଭିଯୁକ୍ତମାନେ ଧରାପଡ଼ିଥିଲେ। ଅଭିଯୁକ୍ତମାନେ କଟକ ଜିଲାରୁ କଫ ସିରପ୍ ଆଣୁଥିବା ତଦନ୍ତରୁ ଜଣାପଡ଼ିଥିଲା। ସେହିପରି ଏକାଧିକ ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ବିଭିନ୍ନ ଥାନାରେ ମାମଲା ରହିଥିବା ଜଣାପଡ଼ିଛି। ଏ ନେଇ ଅଧିକ ତଦନ୍ତ ଚାଲିଛି । ଜିଲାର ୫ପୋଲିସ ଟିମ୍ ଏଭଳି ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିଛନ୍ତି। ତଦନ୍ତରେ ଆଉ କାହାରି ସମ୍ପୃକ୍ତି ଜଣାପଡ଼ିଲେ, ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଏସ୍‌ପି ମୀନା ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବରଗଡ଼ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ।

# ଦାନବାକ୍ସରୁ ମିଳିଲା ୫.୪୨ ଲକ୍ଷ

### ସମଲେଶ୍ୱରୀ ମନ୍ଦିର ଦାନବାକ୍ସ ଖୋଲିଲା

ବରଗଡ଼,୬।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମା' ସମଲେଶ୍ୱରୀ ମନ୍ଦିର ପରିସରରେ ରହିଥିବା ଦାନବାକ୍ସ(ହୁଣ୍ଡି)କୁ ବର୍ଷକ ପରେ ରବିବାର ସନ୍ଧ୍ୟାରେ ଖୋଲା ଯାଇଥିଲା। ରାତି ପ୍ରାୟ ୯ଟା ୩୦ମିନିଟ ପର୍ଯ୍ୟନ୍ତ ଦାନବାକ୍ସରୁ ମିଳିଥିବା ଦାନ ରାଶି ଗଣତି ଚାଲିଥିଲା। ଗଣତି ସରିବା ପରେ ଦାନବାକ୍ସରୁ ସମୁଦାୟ ୫ଲକ୍ଷ ୪୨ହଜାର ୨୦୦ ଟଙ୍କା ମିଳିଥିବା ଜଣାପଡ଼ିଥିଲା। ଏହି ଦାନରାଶିକୁ ସମଲେଶ୍ୱରୀ ମନ୍ଦିର ପରିଚାଳନା କମିଟିର ଆକାଉଣ୍ଟରେ ଜମା କରାଯିବ। ଗଣତି ସମୟରେ ସମଲେଶ୍ୱରୀ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ଏବଂ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।

# ଶିବିରରେ ୧୦୪ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଆନେମିଆ, କ୍ୟାନସର ରୋଗ ଚିହ୍ନଟ ଶିବିରରେ ଅତିଥିବୃନ୍ଦ।

ବରଗଡ଼,୬।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ରବିବାର ଆନେମିଆ ଓ କ୍ୟାନସର ରୋଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରର ବାଗଚି ଶ୍ରୀ ଶଙ୍କରା କ୍ୟାନସର କେନ୍ଦ୍ର ଓ ଗବେଷଣା ଅନୁଷ୍ଠାନ ଏବଂ ବରଗଡ଼ ନାଗରିକ ମଞ୍ଚର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କୁବେର ଚନ୍ଦ୍ର ମହନ୍ତ ଉଦ୍‌ଘାଟନ କରିଥିଲେ। କର୍କଟ ରୋଗ ବିଶେଷଜ୍ଞ ଶତରୂପା ମହାପାତ୍ର ଓ ବୈଭବ ସିଂ ଉପସ୍ଥିତ ରହି ବରଗଡ଼ର ୧୦୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ। ସିକଲିନ, ଥାଲାସେମିଆ, ରକ୍ତହୀନତା, କର୍କଟ ରୋଗ ଆଦି ଉପରେ ସେମାନେ ପରାମର୍ଶ ଦେଇଥିଲେ। ଏହାପରେ ଏକ ସଚେତନତା କାର୍ଯ୍ୟକ୍ରମରେ ବରଗଡ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କ୍ୟାନସର ଏବଂ ସିକିଲସେଲ ରୋଗ ନିରାକରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମହିଳାମାନଙ୍କ ମଧ୍ୟରେ ରକ୍ତହୀନତା ସଂଖ୍ୟା ବଢି ଚାଲୁଥିବାରୁ ଡାକ୍ତରଙ୍କ ପରାମର୍ଶ କରି ସରକାରଙ୍କ ବିଭିନ୍ନ ଔଷଧ ସେବନ କରିବା ଓ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଡା. ମହାପାତ୍ର ପରାମର୍ଶ ଦେଇଥିଲେ। ପଶ୍ଚିମ ଓଡ଼ିଶାରେ ସିକିଲସେଲ ରୋଗୀଙ୍କ ସଂଖ୍ୟା ବଢୁ ଥିବାରୁ ଏହାର ଆଗୁଆ ଚିହ୍ନଟ କଲେ ଅନେକାଂଶରେ ସମସ୍ୟା ଦୂର ହେବ ବୋଲି ନିଶାନ୍ତ ଦେବତା କହିଥିଲେ। ବରଗଡ଼ ନାଗରିକ ମଞ୍ଚର ସଭାପତି ଭୀଷ୍ମଦେ ସରାଫ କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଅନ୍ୟ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଉପଜିଲାପାଳ ପ୍ରସନ୍ନ ପାଣ୍ଡେ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ହରଦୀପ ସିଂ, ନିରଞ୍ଜନ ମୁଦୁଲି, ଚନ୍ଦ୍ରଶେଖର ବାଗ, ରମେଶ ମହାପାତ୍ର, ନିଧୁବନ ବିହାରୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବରଗଡ଼ ନାଗରିକ ମଞ୍ଚର ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭାଗବତ ଟୁଙ୍ଗିର ଭିତ୍ତି ପ୍ରସ୍ତର ସ୍ଥାପନ

ପାଇକମାଳ,୬।୧୦(ବଡ଼ ଶତପଥୀ)

ପାଇକମାଳ ବ୍ଲକ ଛିନ୍ଦେଇକେଲା ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ଭାଗବତ ଟୁଙ୍ଗୀ ଆନୁକୂଲ୍ୟରେ ସୋମବାର ଏକ ନୂତନ ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଯାଇଛି। ଏଥିରେ ବିଶିଷ୍ଟ ବ୍ୟକ୍ତି ଇନ୍ଦ୍ରମଣି ସାହୁ ଓ ତାଙ୍କ ସହଧର୍ମିଣୀ ଯମୁନା ସାହୁଙ୍କ ପିତୃ ସମ୍ପତ୍ତିର କିଛି ଅଂଶ ଦାନ କରିଛନ୍ତି। ଭାଗବତ ଟୁଙ୍ଗୀ ସଭାପତି ପର୍ଶୁରାମ ସାହୁ ଓ ନନ୍ଦିକିଶୋର ନନ୍ଦଙ୍କ ନେତୃତ୍ୱରେ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି। କର୍ତ୍ତା ଭାବରେ ଆନନ୍ଦ ସାହୁ ଓ ସୂର୍ଯ୍ୟକାନ୍ତି ସାହୁ ଥିବା ବେଳେ ପଣ୍ଡିତ ସନ୍ତୋଷ ପାଢ଼ୀ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ଏହି ଭାଗବତ ଟୁଙ୍ଗି ଘର ନିର୍ମାଣ ହେଲେ ସବୁଦିନ ଏଠାରେ ଭାଗବତ ପଠନ, ବିଭିନ୍ନ ଧର୍ମ ପୁସ୍ତକ ପଠନ କରାଯାଇ ଲୋକଙ୍କୁ ଶୁଣାଇବା ବ୍ୟବସ୍ଥା କରାଯିବ ଯେପରିକି ଲୋକେ ବେକାର ବସି ଏଣୁ ତେଣୁ ନ ଗପି ଭଗବାନଙ୍କ ବିଷୟରେ ଜ୍ଞାନ ଆହରଣ କରିବେ ବୋଲି ସରପଞ୍ଚ ସୁବାସିନୀ ନନ୍ଦ, ବରିଷ୍ଠ ସଦସ୍ୟ ଖାଡିଆ ସାହୁ, ବ୍ରଜକିଶୋର ସାହୁ, ଶେଖର ସେଠ, ଲକ୍ଷ୍ମୀନାରାୟଣ ସଂକୀର୍ତ୍ତନ ଓ ଭାଗବତ ଟୁଙ୍ଗୀର ସମସ୍ତ ସଦସ୍ୟମାନେ କହିଛନ୍ତି।


ଦେବୀ ପୀଠରେ ପୂଜାର୍ଚ୍ଚନା କରାଯାଉଛି।

# ୨୫ବର୍ଷ ପରେ ଗୁରୁ-ଶିଷ୍ୟଙ୍କ ମିଳନ



କାର୍ଯ୍ୟକ୍ରମରେ ଗୁରୁ, ଶିଷ୍ୟବୃନ୍ଦ।

ବରଗଡ଼,୬।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ କୁରୁଆଁ ଗ୍ରାମସ୍ଥିତ ଉମା ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ରବିବାର ୨୦୦୦ ମସିହା ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ପୁରାତନ ଛାତ୍ରୀଛାତ୍ରମାନେ ସପରିବାର ଯୋଗ ଦେଇଥିଲେ। ପ୍ରଥମେ ଶିକ୍ଷକମାନଙ୍କୁ ଗୁରୁ ପୂଜନ କରି ଦିବଙ୍ଗତ ଶିକ୍ଷକ ସ୍ୱର୍ଗତ ଉପେନ୍ଦ୍ର ସାହୁ, ପିଅନ ମୀନକେତନ ଅମାତ ପ୍ରମୁଖଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଶିକ୍ଷକ ଭକ୍ତ ପ୍ରସାଦ ପ୍ରଧାନ, ପ୍ରେମାନନ୍ଦ ସାହୁ, ସଦାନନ୍ଦ ଗରିଆ, ଗୁରୁଦେବ ଭୁଏ, ସରୋଜ ମହାକୁର ଉଦବୋଧନ ଦେଇଥିଲେ। ସଭାକାର୍ଯ୍ୟକୁ ପୁରାତନ ଛାତ୍ର ଈଶ୍ୱର ଛନ୍ଦ ପରିଚାଳନା କରିଥିବାବେଳେ ରାଜେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଭରତ କିଶୋର ନାଏକ, ଭରତ ମହାକୁର, କରନ ସିଂ, ଦୁର୍ଗା ପ୍ରଧାନ, ବିନୋଦ ଷାଣ୍ଢ, ଯାମିନୀ ମହାକୁର, ସୁଦେଷ୍ଣା ମହାକୁର, ରୁକ୍ମିଣୀ କଲତା, ଶୋଭାଞ୍ଜଳି ସେଠ, କନକ ଦେହେରୀ, ରୀନା କର୍ମୀ ପ୍ରମୁଖ ପୁରାତନ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ। ଏଥି ସହିତ ଶିଶୁମାନେ ନୃତ୍ୟ, ଗୀତ ପରିବେଷଣ କରିଥିଲେ।

# ମାଁ ମାଣିକେଶ୍ୱରୀଙ୍କ ବାର୍ଷିକ ଯାତ୍ରା ସମ୍ପନ୍ନ

ଘଣ୍ଟାପଡା, ୬।୧୦(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଗବଯୋର କେନ୍ଦ୍ର କୈବର୍ତ୍ତ ସମାଜର ଇଷ୍ଟଦେବୀ ମାଁ ମାଣିକେଶ୍ୱରୀଙ୍କ ବାର୍ଷିକ ଯାତ୍ରା ମହାସମାରୋହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସମାଜର ମହିଳାପୁରୁଷମାନେ ଏକ ଶୋଭାଯାତ୍ରାରେ ଗବଯୋର-ପଥର୍ଲ୍ଲା ଗାଁ ସମ୍ମୁଖ ପଡିଆସ୍ଥିତ ମାଁ ମାଣିକେଶ୍ୱରୀଙ୍କ ମନ୍ଦିରକୁ ଯାଇଥିଲେ। ସେଠାରେ ଝାଙ୍କର ଦୁର୍ଗା ମହାଲିଙ୍ଗ ରୀତିନୀତିରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଦେବୀ ପୀଠରେ ମାନସିକଧାରୀଙ୍କ ବଳି ପଡିଥିଲା। କୈବର୍ତ୍ତ ସମାଜର ଜିଲା ଉପସଭାପତି ମାଗୁଣୀ ନାଏକ, ଗବଯୋର କେନ୍ଦ୍ର ସଭାପତି ତ୍ରିନାଥ ସେଠି, ସମ୍ପାଦକ ରାଜକିଶୋର ନାଏକ, ଦେବାଶିଷ ମଲିକ, ଗଣେଶ୍ୱର ଝାଙ୍କର, ହୃଷୀକେଶ ସେଠି, ଉଦ୍ଧବ ମହାଲିକ, ରାଧାକାନ୍ତ ମହାଲିଙ୍ଗ, ଗୋବିନ୍ଦ ମୁଦୁଲିଙ୍କ ସମେତ ଜିଲାର ୧୬ଟି କେନ୍ଦ୍ରର ପ୍ରତିନିଧିମାନେ ଯୋଗ ଦେଇଥିଲେ। ସୋନପୁର ଓ ବଲାଙ୍ଗୀର ଜିଲାର ବିଭିନ୍ନ କେନ୍ଦ୍ର ସଭାପତି ଓ ସମ୍ପାଦକ ଓ କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ। ପରେ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।

# ଝାରବନ୍ଧ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବନ୍ଧୁ ମିଳନ

ଝାରବନ୍ଧ,୬।୧୦(ଦେବେନ୍ଦ୍ର ସାହୁ)



ଝାରବନ୍ଧ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ୧୯୮୬ମାଟ୍ରିକ ବ୍ୟାଚର ଝାରବନ୍ଧ ଡ୍ୟାମଠାରେ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବ୍ୟାଚର ପ୍ରାୟ ୫୫ଜଣ ଯୋଗଦାନ କରି ବିଗତ ୩୯ବର୍ଷ ପୂର୍ବର ସ୍ମୃତି ମାନ ଉପସ୍ଥାପନ କରିଥିଲେ। ଉକ୍ତ ବ୍ୟାଚର ପ୍ରତିଷ୍ଠ ବ୍ୟବସାୟୀ ଭାବରେ ଆନନ୍ଦ ସାହୁ, ଭାରତୀୟ ଷ୍ଟେଟ ବ୍ୟାଙ୍କରେ କାର୍ଯ୍ୟରତ ଅଧିକାରୀ ଶ୍ୟାମସୁନ୍ଦର ଠାକୁର, ଦିଲ୍ଲୀ ଏମ୍ସରେ କାର୍ଯ୍ୟରତ ଆଲୋକ ରାୟ, ଶିକ୍ଷକ ଦିବ୍ୟାକିଶୋର ପ୍ରଧାନ, ଶିବ ପ୍ରସାଦ ହାତୀ, ଅଶୋକ ହାତୀ, ଚନା ବୁଟୁ ବଞ୍ଜାରା, ଦେବୀପ୍ରସାଦ ଅଗ୍ରୱାଲ ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୨୦୦୯ ମାଟ୍ରିକ୍ ବ୍ୟାଚର ବନ୍ଧୁମିଳନ


କାର୍ଯ୍ୟକ୍ରମରେ ସପରିବାର ଉପସ୍ଥିତ ହୋଇଥିବା ସହପାଠୀ।

ପାଇକମାଳ ୬।୧୦(ବଡ଼ ଶତପଥୀ)

ବରଗଡ଼ ଜିଲା ପାଇକମାଳ ବ୍ଲକ ଗାୟତ୍ରୀ ଉଚ୍ଚ ବିଦ୍ୟାଳୟ ସାପଲହରର ୨୦୦୯ ମାଟ୍ରିକ୍ ବ୍ୟାଚର ଦୀର୍ଘ ୧୬ ବର୍ଷ ପରେ ଏକ ବନ୍ଧୁମିଳନ ଉତ୍ସବ ପ୍ରସିଦ୍ଧ ଶୈବ ପୀଠ ଦେବଦର୍ହାଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ହେମନ୍ତ ବରିହା ସ୍ୱାଗତ ସଙ୍ଗୀତ ଗାନ ସହିତ ସଙ୍ଗୀତା ସାହୁ ଓ ବିରଜାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାୟ ୫୪ ଜଣ ସହପାଠୀ ସପରିବାର ଏକତ୍ରିତ ହୋଇଥିଲେ। ମଧ୍ୟାହ୍ନରେ ଏକାଠି ଖାଇବା ସହ ସମସ୍ତେ ନିଜ ନିଜର ପରିବାର ସାଙ୍ଗରେ ସମସ୍ତଙ୍କୁ ପରିଚୟ କରାଇଥିଲେ। ଲକ୍ଷ୍ମୀକାନ୍ତ ମେହେର ଓ ଉଦୟନାଥ ପ୍ରଧାନ ବନ୍ଧୁତାର ସୂତା ଆଉଟିକେ ମଜଭୁତ କରିବାକୁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଶେଷରେ କଳ୍ପନା ବାଟପାହାର ଓ ଲିଲିମା ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବସଷ୍ଟାଣ୍ଡ ନିର୍ମାଣ ପାଇଁ ବୈଠକ

ପଦ୍ମପୁର, ୬।୧୦(ପ୍ରଦୀପ୍ତ ଦାଶ)

ପଦ୍ମପୁରରେ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ରବିବାର ସ୍ଥାନୀୟ ଟାଉନହଲଠାରେ ବିଭିନ୍ନ ସଙ୍ଗଠନକୁ ନେଇ ଏକ ବୈଠକ ବଣିକ ସଂଘର ସଭାପତି ପ୍ରତାପ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବସଷ୍ଟାଣ୍ଡ ନିର୍ମାଣକୁ ନେଇ ଦାନୀ ବନ୍ଧକୁ ପୋତି କାମ ଆରମ୍ଭ ହୋଇଥିଲା। ଏଥିପାଇଁ ବ୍ୟବହାରରେ ଆସୁ ନ ଥିବା ବନ୍ଧର କିସମ ମଧ୍ୟ ପରିବର୍ତ୍ତନ ହୋଇଯାଇଥିଲା। କିନ୍ତୁ କିଛି ବ୍ୟକ୍ତି ପରିବେଶ ନାମରେ ଗ୍ରୀନ ଟ୍ରିବ୍ୟୁନାଲରେ ଆପତ୍ତି କରି ବସଷ୍ଟାଣ୍ଡ ନିର୍ମାଣ ଉପରେ ରୋକ୍ ଲଗାଇ ଦେଇଛନ୍ତି। ଏହାକୁ ପଦ୍ମପୁରର ଉପସ୍ଥିତ ଥିବା ଅନୁଷ୍ଠାନ ବୈଠକରେ ବିରୋଧ କରିଥିଲେ ଏହା ପଦ୍ମପୁରର ସ୍ୱାର୍ଥ ତଥା ଉନ୍ନୟନ ବିରୋଧୀ ପଦକ୍ଷେପ ବୋଲି ନିନ୍ଦା କରିଥିଲେ। ଏପରି ପଦକ୍ଷେପ ବିରୋଧରେ ଆନ୍ଦୋଳନାତ୍ମକ ଓ ଆଇନଗତ ପଦକ୍ଷେପ ନେବାକୁ ସର୍ବସମ୍ମତି ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ବ୍ୟବସାୟୀ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଲାୟନ୍ସ କ୍ଲବ ସଭାପତି ପ୍ରିଜମ ମେହେର, ବସ ମାଲିକ ସଂଘର ସଭାପତି ମନୋରଞ୍ଜନ ସିଂ ବରିହା ମଞ୍ଚାସୀନ ଥିଲେ।


ମଞ୍ଚାସୀନ କାର୍ଯ୍ୟକର୍ତ୍ତା।

# ଖାଲଖମାରେ ଭର୍ତ୍ତି ଖୋର୍ଦ୍ଧା-ବଲାଙ୍ଗୀର ଏନ୍‌ଏଚ


ଆଡେଣୀଗଡଠାରେ ରାସ୍ତା ସାରା ଖାଲଖମା।

ବୌଦ୍ଧ,୬।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଦେଇ ଯାଇଛି ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ। ବୌଦ୍ଧ ଜିଲାର ମନମୁଣ୍ଡାଠାରୁ ନୟାଗଡ ଜିଲା ସୀମାନ୍ତ କାମଟିପଙ୍ଗା ପର୍ଯ୍ୟନ୍ତ ଦୀର୍ଘ ୧୨୦ କି.ମି ରାସ୍ତା ରହିଛି। କିନ୍ତୁ ବର୍ତ୍ତମାନ ଉକ୍ତ ରାଜପଥ ସାରା ଖାଲଖମାରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଛି। ଫଳରେ ପ୍ରତିଦିନ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ହାନି ହେଉଛି। ଏହି ରାଜପଥ ଦେଇ ସମ୍ବଲପୁର, ସୋନପୁର, ଝାରସୁଗୁଡା, ବଲାଙ୍ଗୀର, ବରଗଡ, କଳାହାଣ୍ଡି ସମେତ ଅନ୍ୟ କିଛି ଜିଲାର ଜନସାଧାରଣ ପ୍ରତିଦିନ ଯିବା ଆସିବା କରିଥାନ୍ତି। ରାଜପଥରେ ବହୁ ସଂଖ୍ୟାରେ ମଧ୍ୟ ଯାତ୍ରୀବାହୀ ବସ୍, ଟ୍ରକ୍ ଓ ଛୋଟ ଛୋଟ ଗାଡି ଯିବାଆସିବା କରିଥାନ୍ତି। ତେବେ ରାଜପଥରେ ଖାଲଖମା ଯୋଗୁ ଯାତାୟାତରେ ସମସ୍ୟା ହେଉଛି। ତୁରନ୍ତ ପ୍ରଶାସନ ପକ୍ଷରୁ ଏହା ଉପରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଝରାସାହି: ଗାଁକୁ ନାହିଁ ସବୁଦିନିଆ ରାସ୍ତା

ବୌଦ୍ଧ,୬।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ସଦର ମହକୁମାଠାରୁ ପୁରୁଣା ଜଗନ୍ନାଥ ସଡ଼କରେ ଗଲେ ମାତ୍ର ୭ କିଲୋମିଟର ଦୂରରେ ରହିଛି ହରଭଙ୍ଗା ବ୍ଲକ ମଥୁରା ପଞ୍ଚାୟତର ଝରାସାହି। ଏହି ଗାଁକୁ ସବୁଦିନିଆ ରାସ୍ତା ନ ଥିବାରୁ ଲୋକମାନେ ବିଲ ହୁଡାରେ ଯିବା ଆସିବା କରିଥାନ୍ତି। ଏହି ଗ୍ରାମରେ ଝରା ସମ୍ପ୍ରଦାୟର ୧୪ରୁ ଊର୍ଦ୍ଧ୍ୱ ପରିବାର ବାସ କରନ୍ତି। ମହାନଦୀରୁ ମାଛ ମାରିବା ଓ ରତ୍ନ ପଥର ଖୋଳିବା ଏମାନଙ୍କ ମୁଖ୍ୟ ଜୀବିକା। ରାସ୍ତା ପାଇଁ ଗ୍ରାମବାସୀ ଦାବି କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ରାସ୍ତା ନ ଥିବାରୁ ରୋଗୀଙ୍କୁ ଲୋକେ ଭାରରେ ବୋହି ମୁଖ୍ୟ ରାସ୍ତାକୁ ଆଣିଥାନ୍ତି। ସ୍ଥାନୀୟ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।


ଝରାସାହିକୁ ପଡିଥିବା ବିଲ ହୁଡା ରାସ୍ତା।

## ସଂକ୍ଷେପରେ

### ସାପ କାମୁଡ଼ାରେ ବୃଦ୍ଧ ମୃତ

**ଲହୁଣୀପଡା,୬।୧୦(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ମଞ୍ଜାବେଡା ଗ୍ରାମର ଜଣେ ବୃଦ୍ଧଙ୍କ ସାପ କାମୁଡ଼ାରେ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ଲାଲୁ ସିଂ (୬୨)। ସୂଚନାରୁ ପ୍ରକାଶ, ଲାଲୁ ରବିବାର ରାତିରେ ଖାଇ ପିଇ ଶୋଇଥିଲେ। ବିଳମ୍ବିତ ରାତିରେ ବାହାରକୁ ଯାଇଥିବା ବେଳେ ତାଙ୍କୁ କ'ଣ ଗୋଟେ କାମୁଡି ଦେଇଥିଲା। ଏନେଇ ସେ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଲହୁଣୀପଡା ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେ. ବଲାଙ୍ଗ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ନଦୀକୁ ଗାଧୋଇବାକୁ ଯାଇ ଜଣେ ନିଖୋଜ

**ସୁନ୍ଦରଗଡ,୬।୧୦(ଜୟ ନାରାୟଣ ମେଣ୍ଟୁଲି):** ସୁନ୍ଦରଗଡ ଜିଲା ଭଷ୍ମା ଥାନା ଅନ୍ତର୍ଗତ ବୁରୋବଗା ନିକଟ ବସୁନ୍ଧରା ନଦୀକୁ ଗାଧୋଇବାକୁ ଯାଇ ଜଣେ ବ୍ୟକ୍ତି ନିଖୋଜ ହୋଇଯାଇଛନ୍ତି। ନିଖୋଜ ବ୍ୟକ୍ତିଙ୍କ ନାମ ଚନ୍ଦ୍ର ଖଡିଆ(୫୦)। ତାଙ୍କ ଘର ବୁରୋବଗା ଗ୍ରାମରେ। ସେ ସୋମବାର ଅପରାହ୍ଣ ପ୍ରାୟ ୨ଟାରେ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଗଭୀର ଜଳ ସ୍ରୋତରେ ପଡି ନିଖୋଜ ହୋଇଯାଇଛନ୍ତି। ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀ ଓ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି ଜାରିରଖିଥିଲେ ମଧ୍ୟ ଖବର ଲେଖା ହେବା ସୁଦ୍ଧା ନିଖୋଜ ବ୍ୟକ୍ତିଙ୍କ କୌଣସି ସନ୍ଧାନ ମିଳିପାରିନାହିଁ।

### ବାଇକ୍ ଚୋର ଗିରଫ

**କୁଆଁରମୁଣ୍ଡା,୬।୧୦(ମହେନ୍ଦ୍ର କୁମାର ସାହୁ):** ବାଇକ ଚୋରି କରି ଫେରାର ଥିବା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଯମୁନାଢିପା ଗ୍ରାମର ଅର୍ଜ୍ଜୁନ ସିଂ(୩୦)ଙ୍କୁ ଫାଣ୍ଡି ପୋଲିସ ରବିବାର ରାତିରେ ଗିରଫ କରିଥିବା ବେଳେ ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଅର୍ଜ୍ଜୁନ ଯମୁନାନାକି, ତେଲିପୋଷ ଓ ଗୋବିରା ଅଞ୍ଚଳରୁ ୩ ଟି ଦାମୀ ବାଇକ ଚୋରି କରି ଫେରାର ଥିବା ବେଳେ ତାଙ୍କ ନାମରେ ବୀରମିତ୍ରପୁର ଥାନାରେ ଏ ନେଇ ୩ଟି ମାମଲା ରୁଜୁ ହୋଇଥିଲା। ଜବତ ହୋଇଥିବା ୩ ବାଇକକୁ ସେମାନଙ୍କ ମାଲିକଙ୍କୁ ଖୁବ ଶୀଘ୍ର ଫେରସ୍ତ କରାଯିବ ବୋଲି ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ସୂଚନା ଦେଇଛନ୍ତି।

### ଶୈଳେଶ ସୁନ୍ଦରଗଡ ଜିଲା ବିଜେଡି ଆଇଟି ସେଲ୍‌ର ସଂଯୋଜକ



**ସୁନ୍ଦରଗଡ,୬।୧୦(ଜୟ ନାରାୟଣ ମେଣ୍ଟୁଲି):** ଶୈଳେଶ କୁମାର ନାଏକ ସୁନ୍ଦରଗଡ ଜିଲା ବିଜେଡି ଆଇଟି ସେଲର ସଂଯୋଜକ ଭାବେ ନିଯୁକ୍ତ ହୋଇଛନ୍ତି। ରାଜ୍ୟ ବିଜେଡ଼ି ପକ୍ଷରୁ ତାଙ୍କ ନାମ ଘୋଷଣା ହେଲା ପରେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ,ବରିଷ୍ଠ ରାଜ୍ୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଏବଂ ସୁନ୍ଦରଗଡ ବିଧାୟକ ତଥା ବିଜୁ ଜନତା ଦଳର ଜିଲା ସଭାପତି ଯୋଗେଶ କୁମାର ସିଂହଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି। ଶୈଳେଶ ଏହା ପୂର୍ବରୁ ସୁନ୍ଦରଗଡ ଜିଲା ବିଜୁ ଛାତ୍ର ଜନତା ଦଳର ଡିଜିଟାଲ ସମ୍ପାଦକ ଭାବରେ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିବା ପରେ ତାଙ୍କୁ ଏବେ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଭବାନୀପାଟଣା,୬।୧୦(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଏସ୍. କୁଣ୍ଡାମାଲସ୍ଥିତ ଗଣପତି ଆଗ୍ରୋ ରାଇସ ମିଲରେ କାର୍ଯ୍ୟରତ ଜଣେ ଯୁବକଙ୍କ ରବିବାର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ସେ ହେଲେ ବଳଦିଆମାଲ ନେହେରୁ ନଗରପଡାର ଦୁଃଖହରି ମେହେର। ପ୍ରତିଦିନ ଭଳି ଦୁଖଃହରି ରାଇସ ମିଲକୁ କାମ କରିବାକୁ ଯାଇଥିଲେ। ହେଲେ ଅପରାହ୍ନରେ ତାଙ୍କ ଦେହ ଅସୁସ୍ଥ ହେବାରୁ ଜୁନାଗଡ଼ ଡାକ୍ତରଖାନାକୁ ନିଆଯାଇଥିଲା।



ରାଉରକେଲା ଟ୍ରାଫିକ୍ ଗେଟ୍ ଦୈନିକ ବଜାରରେ ଯାନବାହନ ପାର୍କିଂସ୍ଥଳରେ ବ୍ୟବସାୟ ପସରା ଖୋଲାଯାଇଛି।

# ପାର୍କିଂସ୍ଥଳରେ ବେଆଇନ ପସରା, ଟ୍ରାଫିକ୍ ଜାମ୍

## ଟ୍ରାଫିକ୍ ଗେଟ୍ ଦୈନିକ ବଜାର

**ରାଉରକେଲା,୬।୧୦(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଟ୍ରାଫିକ୍ ଗେଟ୍ ଦୈନିକ ବଜାରରେ ଥିବା ଯାନବାହନ ପାର୍କିଂସ୍ଥଳରେ ଅବୈଧ ପସରା ଖୋଲି ବ୍ୟବସାୟ କରାଯାଉଛି। ଫଳରେ ବଜାରକୁ ଆସୁଥିବା ସାଧାରଣ ଖାଉଟି ବାଧ୍ୟହୋଇ ବଜାର ସଂଲଗ୍ନ ମୁଖ୍ୟମାର୍ଗରେ ନିଜ ନିଜ ଯାନବାହନ ରଖୁଛନ୍ତି। ଏଥିଯୋଗୁ ଅଧିକାଂଶ ସମୟରେ ଟ୍ରାଫିକ ଜାମ୍ ପରିସ୍ଥିତି ସୃଷ୍ଟି ହେଉଛି। ଅନ୍ୟପକ୍ଷେ ନିଜ ଜିନିଷପତ୍ର ବଜାର ଭିତରକୁ ନେବାରେ ଅସୁବିଧା ହେଉଥିବା ସ୍ଥାନୀୟ ବ୍ୟବସାୟୀ ବଂଶୀଧର ସାହୁ, ଶଙ୍କର ସାହୁ, କାଳିଆ ପ୍ରଧାନ, ଦିନବନ୍ଧୁ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଦୀନା ଦସ୍ତଗିରଙ୍କୁ ପଚାରିବାରୁ ଏ ଦିଗରେ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ଦାଦନ ଖଟିବାକୁ ଯାଇ ଶ୍ରମିକଙ୍କ ମୃତ୍ୟୁ

**ଲାଞ୍ଜିଗଡ଼, ୬।୧୦(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ତ୍ରିଲୋଚନପୁର ଗ୍ରାମର ଆପାରାଓ ପଲକିଆ(୫୦) ଦାଦନ ଖଟିବାକୁ ବିଜୟନଗରମ ଯାଇଥିବାବେଳେ ରବିବାର ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଆପାରାଓ ପୂର୍ବରୁ ଦାଦନ ଖଟିବାକୁ ଯାଇଥିବା ଗାଁର ଅନ୍ୟ ଯୁବକମାନଙ୍କ ସହିତ ଯୋଗାଯୋଗ କରି ୧୫ ଦିନ ତଳେ ଆନ୍ଧ୍ରପ୍ରଦେଶର ବିଜୟନଗରମଠାରେ ଏକ ପ୍ଲାଇଉଡ଼ କମ୍ପାନୀରେ ଗାଁ ଲୋକଙ୍କ ସହିତ ମିଶି କାମ କରୁଥିଲେ। ଏପରିସ୍ଥଳେ ହଠାତ୍ ଦୁଇଦିନ ତଳେ ତାଙ୍କ ଦେହ ଅସୁସ୍ଥ ହୋଇଥିଲା। ସାଥୀରେ ଥିବା ଗାଁ ଲୋକେ ତାଙ୍କୁ ଔଷଧ ଆଣି ଦେଇଥିଲେ। ଅସୁସ୍ଥ ଯୋଗୁ ସେ କାମ କରିବାକୁ ନ ଯାଇ କମ୍ପାନୀ ଦେଇଥିବା ଘରେ ରହୁଥିବା ବେଳେ ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରକାଶଥାଉ କି ୭ ବର୍ଷ ତଳେ ଆପାରାଓଙ୍କ ବଡ଼ପୁଅ ସୁଦନ ପଲକିଆ କେରଳ ରାଜ୍ୟକୁ କାମ କରିବାକୁ ଯାଇ ମୃତ୍ୟୁବରଣ କରିଥିବା ବେଳେ ପରିବାର ପ୍ରତିପୋଷଣ ବୋଝ ଆପାରାଓଙ୍କ ଉପରେ ରହିଥିଲା। ବର୍ତ୍ତମାନ ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ସ୍ତ୍ରୀ ପ୍ରଫୁଲ୍ଲ ପଲକିଆ, ଝିଅ ଦଇମତି ପଲକିଆ(୧୮), ପୁଅ ଜନେକ ପଲକିଆ(୧୭) ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ବିଜୟନଗରମରୁ ମୃତଦେହ ଆଣିବା ପାଇଁ ସମ୍ବଳ ନ ଥିବାରୁ ସେମାନେ ଅସହାୟ ହୋଇପଡିଛନ୍ତି। ସାଥିରେ କାମ କରୁଥିବା ଗାଁର ଜଳନ୍ଦର ବାଗ ଓ ଅନ୍ତ ପରାଭୋଇ କମ୍ପାନୀ ମାଲିକଙ୍କୁ ଜଣାଇ ଦୁହେଁ ଆମ୍ବୁଲାନ୍ସ ଯୋଗେ ଆପାରାଓଙ୍କ ମର ଶରୀର ଧରି ସୋମବାର ତ୍ରିଲୋଚନପୁରରେ ପହଞ୍ଚିଥିଲେ। ମୃତଦେହ ପହଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ମା' ସୁନାଦେଇଙ୍କ ଛତର ଯାତ୍ରା ଆଜି

**ନୂଆପଡ଼ା,୬।୧୦ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଚାକୋଟିଆ ଭୁଞ୍ଜିଆଙ୍କ ଇଷ୍ଟଦେବୀ ତଥା ଅଭୟାରଣ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ସୁନାଦେଈଙ୍କ ଛତର ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହେବ। ଆଶ୍ୱିନ ଅମାବାସ୍ୟା ମହାଳୟାଠାରୁ ପୂଜା କାର୍ଯ୍ୟ ଆରମ୍ଭ ହୋଇ କୁମାର ପୂର୍ଣ୍ଣିମା ଦିନ ଛତର ଧରି ଦେବୀ ନଗର ପରିକ୍ରମା କରିଥାନ୍ତି। ଏହି ସମୟରେ ଅନେକ ଶ୍ରଦ୍ଧାଳୁ ଅଧିଆ ପଡ଼ି ମା'ଙ୍କ ଆଶୀର୍ବାଦ ନେଇଥାନ୍ତି।

## ମ୍ୟୁନିସିପାଲିଟି, ଏନ୍ଏସି ଘୋଷଣା: ଜିଲାରେ ଖୁସିର ଲହରି

**ନୂଆପଡ଼ା,୬।୧୦ (ମକାରୁ ବେମାଲ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଦିନିକିଆ ନୂଆପଡ଼ା ଗସ୍ତରେ ଆସି ଜିଲା ପାଇଁ ବଡ ଉପହାର ଦେଇଛନ୍ତି। ଦୀର୍ଘ ଦିନରୁ କୋମନା ଓ ସିନାପାଲିକୁ ଏନ୍ଏସି ଘୋଷଣା କରିବା ପାଇଁ ଦାବି ହୋଇଆସୁଥିବା ବେଳେ ଏହାକୁ ପୂରଣ କରିଛନ୍ତି। ଖରିଆର ରୋଡ୍ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ମ୍ୟୁନିସିପାଲିଟି ଏବଂ କୋମନା ଓ ସିନାପାଲିକୁ ନୂତନ ଏନ୍ଏସି ଭାବରେ ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ଜିଲାରେ ଖୁସିର ଲହରି ଖେଳିଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ କହି ଜିଲାବାସୀ କୃତଜ୍ଞତା ଜଣାଇଛନ୍ତି ।

### ଏମାନେ କୁହନ୍ତି...



ରାଜ୍ୟରେ ଭାଜପା ସରକାର ଆସିବାର ପ୍ରାୟ ଦୁଇବର୍ଷ ପୂରିବ। ହେଲେ ଆଜି ପର୍ଯ୍ୟନ୍ତ କୌଣସି ବିକାଶମୂଳକ କାର୍ଯ୍ୟ ନ କରି ବିଜେଡି ସରକାର ସମୟର କାର୍ଯ୍ୟକୁ ରଙ୍ଗ ବୋଳିବାରେ ଲାଗିଛନ୍ତି। ନୂଆପଡା ନିର୍ବାଚନ ମଣ୍ଡଳୀରେ ଆଗକୁ ଉପନିର୍ବାଚନ ରହିଥିବାରୁ ମୁଖ୍ୟମନ୍ତ୍ରୀ ଆସି ଭୋଟ ହାତେଇବା ପାଇଁ ତରବରିଆ ଭାବରେ ୧୧ ଶହ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରି ଏନ୍ଏସି ଘୋଷଣା କରିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ଆମେ ବିଶ୍ୱାସ କରିବୁ।

**–ଅବନୀ ରଞ୍ଜନ ଜୋଷୀ, ବିଜେଡି ଜିଲା ସଭାପତି**



ରାଜ୍ୟରେ ଭାଜପା ସରକାର ଲୋକଙ୍କୁ ଭୂଆଁ ବୁଲାଉଛି। ଦଳର କର୍ମକର୍ତ୍ତା ପ୍ରତିଶ୍ରୁତି ଦେବା ନିତିଦିନିଆ ହୋଇଗଲାଣି। ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ହିଁ ରହିଯିବ। ଯଦି ଏନ୍ଏସି ଘୋଷଣା କରିବାର ଥିଲା ପୂର୍ବରୁ କାହିଁକି ନ କଲେ। ନୂଆପଡା ଉପନିର୍ବାଚନ ଆସିଲା ପରେ ଘୋଷଣା କରୁଛନ୍ତି। ଏସବୁ ଭୋଟ ହାତେଇବା ପାଇଁ ଚାଲିଛି।

**– ଅମିତ କୁମାର ଅହୀର, କଂଗ୍ରେସ ଯୁବମୋର୍ଚ୍ଚା ଜିଲା ସଭାପତି**

## ଲଘୁଚାପ ବର୍ଷାରେ ଫସଲ ନଷ୍ଟ



**ଖଡ଼ିଆଳ,୬।୧୦ (ସୁଜିତ କୁମାର ପ୍ରଧାନ)**

ଖଡ଼ିଆଳ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ସାଙ୍ଗକୁ ତିଖାଲି ଡ୍ୟାମରୁ ପାଣି ଛଡାଯିବା ଯୋଗୁ ଅଞ୍ଚଳରେ ବିଭିନ୍ନ ପ୍ରକାର ଫସଲ ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି। ବ୍ଲକର ଚିନ୍ଦାଗୁଡ଼ା, ମଣ୍ଡୋସିଲ, ଲାଞ୍ଜି, ବିରିଘାଟ, ଶରଧାପୁର, ବଡ ଦୋହେଲ ଆଦି ପଞ୍ଚାୟତ ସହିତ ଖଡ଼ିଆଳ ଏନ୍ଏସିର ଚାଷ ଜମି ପାଣିରେ ବୁଡିରହିଛି। ଫଳରେ ଧାନ ସାଙ୍ଗକୁ କପା, ଚିନବାଦାମ, ହରଡ଼ ଫସଲ ନଷ୍ଟ ହେବାକୁ ବସିଛି। ଆଗକୁ ବର୍ଷା କମିଲେ ମଧ୍ୟ ଫସଲ ଅମଳ ଭଲ ହେବ ନାହିଁ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଏହାକୁ ନେଇ କ୍ଷତିଗ୍ରସ୍ତ ଚାଷୀ ଚିନ୍ତାରେ ଅଛନ୍ତି। ଜିଲା ପ୍ରଶାସନ ତୁରନ୍ତ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି କ୍ଷତିପୂରଣ ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ଖଡ଼ିଆଳ ସହକାରୀ କୃଷି ଅଧିକାରୀ ପ୍ରଶାନ୍ତ ବାଗଙ୍କୁ ପଚାରିବାରୁ ବ୍ଲକର ୧୬୪୯ ହେକ୍ଟର ଜମି ପ୍ରଭାବିତ ହୋଇଛି। କ୍ଷୟକ୍ଷତି ବାବଦରେ ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ତଦନ୍ତ ପରେ ଚାଷୀଙ୍କୁ ନିୟମ ଅନୁଯାୟୀ ସହାୟତା ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ।

## ତ୍ରିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଗରଗଡବାହାଲ ଚାମ୍ପିୟନ

**ବଡ଼ଗାଁ, ୬।୧୦( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାମରା ଗ୍ରାମରେ ସ୍ଥାନୀୟ ମା' ସମଲେଶ୍ୱରୀ କ୍ଲବ ଆୟୋଜିତ ତ୍ରିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ୧୬ଟି ଫୁଟବଲ ଟିମ ଅଂଶଗ୍ରହଣ କରିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଗରଗଡବାହାଲ ଓ ପାମରା ନିକଟ ଦଶରାପଡା ମଧ୍ୟରେ ହୋଇଥିଲା। ଏଥିରେ ଟାଇବ୍ରେକର ଜରିଆରେ ଗରଗଡବାହାଲ ଚାମ୍ପିୟନ ହୋଇଛି। ଖେଳ ପରିଚାଳନା ବିକ୍ରମ ସିଂ, ଡିଲେଶ୍ୱର୍ କିସାନ, ନରେଶ ବାଗ, ସରୋଜ ବାଡା କରିଥିଲାବେଳେ କ୍ଲବର କର୍ମକର୍ତ୍ତା ମନୋଜ ମାଝୀ, ଯଦୁମଣି କିସାନ, ରାଜୀବ କିସାନ, ବାବୁଲାଲ କିସାନ, ହରି କିସାନ, କିଶୋର ଲାକଡା,



ଅତିଥିଙ୍କ ସହିତ ଖେଳାଳି।

ମଧୁ କିସାନ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ଅର୍ଜ୍ଜୁନ ମହାକୁଡ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଲକ୍ଷ୍ମଣ ପୁରୋହିତ ଓ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ସ୍ଥାନୀୟ ସମିତି ସଭ୍ୟ ଲଳିତ ଏକ୍କା, ସାହାଜବାହାଲ ସମବାୟ ସମିତି ସଭାପତି ମିତ୍ର ଲାକଡା, ବରିଷ୍ଠ ଭାଜପା ନେତା ବସନ୍ତ ସାହୁ, ନୀଳ ମାଧବ ପୁରୋହିତ, ଫୁଲଚନ୍ଦ ବାଡା ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଚାମ୍ପିୟନ ଟିମକୁ ଟ୍ରଫି ସହିତ ଖାସି, ରନର୍ସ ଟିମକୁ ଖାସି ସହିତ ଟ୍ରଫି, ତୃତୀୟ ସ୍ଥାନ ପାଇଥିବା ସଗରା ଓ ଚତୁର୍ଥ ସ୍ଥାନ ପାଇଥିବା ତଲିମୁଣ୍ଡା ଟିମକୁ ୪ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଥିଲା।

## ରାଶନ ଦୋକାନରୁ ଚୋରି, ଜଣେ ଗିରଫ

**ରାଉରକେଲା, ୬।୧୦(ସଙ୍ଗୀତା ଜେନା)**

ଗତ ମାସ ୨୮ ତାରିଖରେ ରଘୁନାଥପାଲୀ ଥାନା ଅନ୍ତର୍ଗତ ଉପରବାଲିଯୋଡି ଅଞ୍ଚଳରେ ଏକ ରାଶନ ଦୋକାନରୁ ଚୋରି ଅଭିଯୋଗରେ ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦେବଗଡ଼ ଜିଲାର ମୂଳବାସିନ୍ଦା ମୁନା ଦେହୁରୀ(୩୦)। ତାଙ୍କଠାରୁ ତେଲ ପ୍ୟାକେଟ, ପାନମସଲା ଓ ଖାଦ୍ୟ ସାମଗ୍ରୀ ପ୍ୟାକେଟ ଜବତ ହୋଇଛି। ପୋଲିସ ଏକ ମାମଲା (ନଂ.୫୫୪/୨୫) ରୁଜୁ କରି ସୋମବାର ଅପରାହ୍ନ ୫ଟାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ୨ଟି ଆପରାଧିକ ମାମଲା ରହିଛି।

# ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ

## ଫ୍ଲାଏ ଆଶ୍ ଚାଲାଣ, ବେଆଇନ ଡମ୍ପିଂ ବିରୋଧରେ ଭାଜପାର ଗଣଧାରଣା

**ସୁନ୍ଦରଗଡ,୬।୧୦ (ଜୟ ନାରାୟଣ ମେଣ୍ଟୁଲି)**

ଏନ୍‌ଟିପିସି ଦର୍ଲିପାଲି ପ୍ଲାଣ୍ଟରୁ ନିର୍ଗତ ବର୍ଜ୍ୟବସ୍ତୁ ଫ୍ଲାଏ ଆଶ ବେଆଇନ ଚାଲାଣ ଓ ଡମ୍ପିଂ ବିରୋଧରେ ଜିଲା ଭାଜପା ପକ୍ଷରୁ ଚାଲିଥିବା ଗଣଧାରଣା ଆଲୋଚନା ପରେ ରବିବାର ରାତିରେ ପ୍ରତ୍ୟାହୃତ ହୋଇଛି। ଏନ୍‌ଟିପିସି ଜିଏମ୍, ପ୍ରଶାସନ ଓ ପୋଲିସ ଉପସ୍ଥିତିରେ ଧାରଣାରତ ଭାଜପା କର୍ମୀଙ୍କ ସହିତ ଆଲୋଚନା ପରେ ଆସନ୍ତା ୭ଦିନ ମଧ୍ୟରେ ପଦକ୍ଷେପ ନିଆଯିବା ପାଇଁ ନିଷ୍ପତ୍ତି ହୋଇଛି। ନିଷ୍ପତ୍ତି ଅନୁଯାୟୀ, ଏନ୍‌ଟିପିସି ପ୍ଲାଣ୍ଟରୁ ଫ୍ଲାଏ ଆଶ ବୋଝେଇ ହେଉଥିବା ସ୍ଥାନରୁ ସିସିଟିଭିରେ ରେକର୍ଡ ହେବାସହ ଡମ୍ପିଂ ହେଉଥିବା ସ୍ଥାନରେ କ୍ୟାମେରାରେ ରେକର୍ଡ ହେବ। ଏନ୍‌ଟିପିସି ଦର୍ଲିପାଲି ତରଫରୁ ଏଥିପାଇଁ ପୋର୍ଟା କ୍ୟାବିନ ବ୍ୟବସ୍ଥା କରାଯିବ। ଏହାଦ୍ୱାରା ଆଶ ବୋଝେଇ ଟ୍ରକ୍‌ର ଗତିବିଧିକୁ ଅନ୍‌ଲାଇନ ମନିଟରିଙ୍ଗ କରାଯାଇପାରିବ। ଏଥିସହିତ କୋଲ କରିଡର ଉପରେ ବିଶେଷ କରି କାଲୋବାହାଲ ଛକରୁ ବିଜୁ ଏକ୍ସପ୍ରେସ ୱେ ପର୍ଯ୍ୟନ୍ତ ଜମା ହୋଇଥିବା ଆଶକୁ ସଫା କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ଅନୁମୋଦନ ପତ୍ର ନିଆଯିବ ଓ ସମସ୍ତ ପରିବହନ ସଂସ୍ଥାକୁ ଚେତାବନୀ ଦିଆଯିବ। ଏହାକୁ ଉଲ୍ଲଂଘନ କଲେ ଆଇନ ଅନୁସାରେ ଦଣ୍ଡିତ ହେବେ ବୋଲି ନିଷ୍ପତ୍ତି ହୋଇଛି।

# ରୂପା ଆଣ୍ଡ ରୂପା ଦଳ ଚାମ୍ପିୟନ



ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

## ପାଞ୍ଚ ଦିନିଆ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

**ଲହୁଣୀପଡା,୬।୧୦(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଗୋପନା ପଞ୍ଚାୟତ ଛିଡା କୁଦର ଗ୍ରାମ ଖେଳ ପଡ଼ିଆଠାରେ ହଂସନନ୍ଦନ କ୍ଲବ ପଟାସାହି ପକ୍ଷରୁ ଚାଲିଥିବା ତ୍ରୟୋଦଶ ତମ ୫ ଦିନିଆ ଫୁଟବଲ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ୫ଦିନିଆ ଫୁଟବଲ ପ୍ରତିଯୋଗିତାରେ ୩୨ ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଏହାର ଫାଇନାଲ ମ୍ୟାଚରେ ଜେପି ବ୍ରଦର୍ସ ଦଳକୁ ୧–୦ ଗୋଲରେ ରୂପା ଆଣ୍ଡ ରୂପା ଦଳ ହରାଇ ଚଳିତ ବର୍ଷ ଚାମ୍ପିୟନ ହୋଇଥିଲା। ସେହିପରି ଖାଲକୋ ବ୍ରଦର୍ସ ତୃତୀୟ ସ୍ଥାନ ଏବଂ ବିରୁଳି ବ୍ରଦର୍ସ ଚତୁର୍ଥ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା। ଏହି ୫ ଦିନିଆ ଫୁଟବଲ ପ୍ରତିଯୋଗୀତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସିପିଆଇଏମ ସୁନ୍ଦରଗଡ଼ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ,ପଟାସାହି ରେଳ ସାଇଡିଂର ମାଲିକ ଦେବ ନାରାୟଣ ସାହୁ, ଜିଲା ପରିଷଦ ସଦସ୍ୟା ଶୁଶିଳା ମୁଣ୍ଡା, ଗୋପନା ପଞ୍ଚାୟତ ସରପଞ୍ଚ ମୁକ୍ତା ମୁଣ୍ଡା, ସମିତି ସଭ୍ୟା ଶକୁନ୍ତଳା କିଷାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଗୋପୀନାଥ ମାହାନ୍ତ, ଅଧ୍ୟାପକ ତପନ କୁମାର ଦଣ୍ଡିଆ , ଲହୁଣୀପଡ଼ା ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା ଯୋଗ ଦେଇଥିଲେ। କିଶୋର ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ହଂସନନ୍ଦନ କ୍ଲବର ସଭାପତି ବିରେନ୍ଦ୍ର ମୁଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପାରମ୍ପରିକ ଆଦିବାସୀ ନୃତ୍ୟର ତାଳେ ତାଳେ ଅତିଥିମାନଙ୍କୁ ମଞ୍ଚ ନିକଟକୁ ପାଛୋଟି ନେବା ସହିତ କମିଟିର କର୍ମକର୍ତ୍ତା ମାନେ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବିଜେତା,ଉପବିଜେତା ଓ ତୃତୀୟ ଦଳ, ଚତୁର୍ଥ ଦଳକୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଫୁଟବଲ ପ୍ରତିଯୋଗିତାକୁ ସଞ୍ଜୟ କୁମାର ସାମାଡ଼୍, ବିମଲ ମୁର୍ମୁ , ରୋହିତ ହେମ୍ବ୍ରମ, ନରନ ମାଣ୍ଡି, ନୁନରନ ଟୁଡୁ ପ୍ରମୁଖ ପରିଚାଳନା କରିଥିଲେ। ଓମନ୍ତ କୁମାର ମାହାନ୍ତ, ତୁରୀ ମୁଣ୍ଡା, ଯୋଗେଶ୍ୱର ମୁଣ୍ଡାଙ୍କ ସମେତ କ୍ଲବ କର୍ମକର୍ତ୍ତାଙ୍କ ପରିଚାଳନାରେ ଏହି ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ନିଶା କାରବାର ବନ୍ଦ ଦାବି କଲେ ମହିଳା


ଭାନପୁର ଗାଁର ମହିଳାମାନେ ମଦ ଓ ଗଞ୍ଜେଇ କାରବାର ବନ୍ଦ ପାଇଁ ଜିଲା ଅବକାରୀ ଅଧୀକ୍ଷକଙ୍କ ଅଫିସକୁ ଆସିଛନ୍ତି।

- କାର୍ଯ୍ୟାନୁଷ୍ଠାନ ଦାବିରେ ଅବକାରୀ ବିଭାଗ, ପୋଲିସକୁ ଦାବିପତ୍ର
- ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ ପକ୍ଷରୁ ନିଶାମୁକ୍ତି ଅଭିଯାନ
- ଭାନପୁରରେ ମଦ, ଗଞ୍ଜେଇ କାରବାରକୁ ନେଇ ଗ୍ରାମବାସୀ ଅତିଷ୍ଠ

ବଲାଙ୍ଗୀର, ୬।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ରତାଖଣ୍ଡି (ଭାନପୁର) ଗାଁରେ ଖୋଲାଖୋଲି ଦେଶୀମଦ ଏବଂ ଗଞ୍ଜେଇ କାରବାର ଚାଲିଛି। ଅବାଧ ଦେଶୀମଦ ଏବଂ ଗଞ୍ଜେଇ କାରବାର ଯୋଗୁ ଗାଁରେ ଅଶାନ୍ତି ସୃଷ୍ଟି ହେବା ସହ ଧନଜୀବନ ନଷ୍ଟ ହେଉଛି। ବାରମ୍ବାର ମନା କରିବା ପରେ ମଧ ମଦ ଓ ଗଞ୍ଜେଇ ବେପାରୀମାନେ ଏଦିଗରେ କାହାରି କଥା ଶୁଣୁନାହାନ୍ତି। ଏଣୁ ବାଧହୋଇ ଏହି ଗାଁର ୧୨ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟାମାନେ ସୋମବାର ଜିଲା ଅବକାରୀ ଅଧୀକ୍ଷକଙ୍କ ଅଫିସ ଏବଂ ସଦର ଥାନାକୁ ଆସି ଲିଖିତ ଅଭିଯୋଗ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଗାଁର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ କହିଛନ୍ତି, ଏହି ଗାଁର କେତେକ ବ୍ୟକ୍ତି ବେଆଇନ ଭାବେ ଦେଶୀ ମଦ ବିକ୍ରି କରୁଛନ୍ତି। କେତେଜଣ ଲୋକ ବେଆଇନ ଭାବେ ଗଞ୍ଜେଇ କାରବାର କରୁଛନ୍ତି। ମଦ ଓ ଗଞ୍ଜେଇ ନିଶା ଗାଁର ଶାନ୍ତି ଭଙ୍ଗ କରୁଛି। ମଦୁଆମାନେ ଉତ୍ପାତ ହେଉଛନ୍ତି। ମଦୁଆଙ୍କ ଉତ୍ପାତ ଯୋଗୁ ମହିଳା, ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଅନେକ ସମୟରେ ଗାଁରେ ଗାଳିଗୁଲଜ, କଳହ ପରିସ୍ଥିତି ଲାଗି ରହୁଛି। ଏନେଇ ଗାଁର ଭଦ୍ରବ୍ୟକ୍ତି ଏବଂ ମହିଳାମାନେ ସମ୍ପୃକ୍ତ ମଦ ଓ ଗଞ୍ଜେଇ ବେପାରୀଙ୍କୁ ମନା କଲେ ମଧ ସେମାନେ ମାନୁନାହାନ୍ତି। ଓଲଟା ସେମାନେ ଧମକ ଚମକ ଦେଉଛନ୍ତି। ଫଳରେ ଗାଁରେ ଉତ୍ତେଜନା ଲାଗି ରହୁଛି। ବେଳେ ବେଳେ ପରିସ୍ଥିତି ଏଭଳି ହେଉଛି ଯେ, ମହିଳାମାନେ ଘରୁ ବାହାରି ପାରୁନାହାନ୍ତି। ଏହାର ପ୍ରତିବାଦରେ ଗାଁର ୧୨ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସଂଘବଦ୍ଧ ଭାବେ ସୋମବାର ପ୍ରଥମେ ସଦର ଥାନାକୁ ଆସି ଗାଁରେ ମଦ ଓ ଗଞ୍ଜେଇ କାରବାର କରୁଥିବା ବ୍ୟକ୍ତି ଓ ଦମ୍ପତିଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସେଠାରୁ ଜିଲା ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ଦେଇ ରତାଖଣ୍ଡି (ଭାନପୁର) ଗାଁରେ ଚାଲିଥିବା ମଦ ଓ ଗଞ୍ଜେଇ କାରବାର ତୁରନ୍ତ ବନ୍ଦ କରିବା ଦିଗରେ ପଦକ୍ଷେପ ନେବା ଏବଂ ଅଭିଯୁକ୍ତମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଅବକାରୀ ବିଭାଗ ଏବଂ ପୋଲିସ ଏଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଲେ ସେମାନେ ଜିଲାପାଳ ଏବଂ ଏସ୍‌ପିଙ୍କ ପାଖକୁ ଯିବେ ବୋଲି କହିଛନ୍ତି। ଏନେଇ ଅବକାରୀ ଅଧୀକ୍ଷକ ସୀତାକାନ୍ତ ମୁଦୁଲିଙ୍କୁ ପଚରାଯିବାରୁ ରତାଖଣ୍ଡି ଗାଁର ମହିଳାମାନେ ଗାଁରେ ମଦ ଓ ଗଞ୍ଜେଇ ବିକ୍ରିକୁ ନେଇ ଲିଖିତ ଜଣାଇଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଅବକାରୀ ବିଭାଗ ପକ୍ଷରୁ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ବାଇକ୍ ଧକ୍କାରେ ବୃଦ୍ଧ ମୃତ

ଲୋଇସିଂହା,୬।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଥାନା ଡୁଡୁକା ଗ୍ରାମର ବ୍ଲକଛକରେ ସୋମବାର ଏକ ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ଜଣକ ହେଲେ ଡୁଡୁକା ସୁଶାନ୍ତିନଗରର ଚୂଡ଼ାମଣୀ ରଣା(୫୨)। ଖବରପାଇ ଆଗଲପୁର ପୋଲିସ ମୃତଦେହକୁ ଜବତ କରି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷେ ଦୁର୍ଘଟଣା ଘଟାଇଥିବା ବାଇକ୍ ଆରୋହୀ ମଧ୍ୟ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଚୂଡ଼ାମଣୀ ଚାଲି ଚାଲି ଯାଉଥିବାବେଳେ ସମ୍ପୃକ୍ତ ବାଇକ ଆରୋହୀ ତାଙ୍କୁ ଧକ୍କା ଦେବାରୁ ତଳେ ପଡିଯାଇଥିଲେ। ବାଇକ୍ ଆରୋହୀ ମଧ୍ୟ ଛିଟିକି ପଡି ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ଆଗଲପୁର ଡାକ୍ତରଖାନାକୁ ଆଣିଥିଲେ। ଚୂଡ଼ାମଣୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଗୁରୁତର ବାଇକ ଆରୋହୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଥିଲା। ଚୂଡ଼ାମଣୀଙ୍କ ପୁଅ ନିରଞ୍ଜନଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ.୧୬୯/୨୦୨୫) ରୁଜୁ ହୋଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି।

## ଲୋଇସିଂହାରେ ଗଜଲକ୍ଷ୍ମୀ ପୂଜା


ଲୋଇସିଂହା ଗାନ୍ଧୀଛକ ପୂଜାମଣ୍ଡପରେ ମା' ଗଜଲକ୍ଷ୍ମୀ।

ଲୋଇସିଂହା, ୬।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା, ଭାଲିଆମୁଣ୍ଡା ଓ ଅଗଲାପାଲିରେ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଛି। ଲୋଇସିଂହା ବ୍ଲକଛକରେ ୩୩ତମ ପୂଜାରେ ମୃତ୍ୟୁଞ୍ଜୟ ବଡପଣ୍ଡା ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ନ ଦେଇ ଭକ୍ତ ତଥା ଶ୍ରଦ୍ଧାଳୁଙ୍କୁ ଅନ୍ନକୋର୍ଟରେ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗୁରୁବାର ମା'ଙ୍କ ନିକଟରେ ୧୦୮ ପ୍ରକାର ଭୋଗ ଅର୍ପଣ ସହିତ ଶ୍ରଦ୍ଧାଙ୍କୁ ପୁରୀ ଶ୍ରୀକ୍ଷେତ୍ରରୁ କଣିକା ଭୋଗ ଅଣାଯାଇ ପ୍ରସାଦ ପ୍ରଦାନର ବ୍ୟବସ୍ଥା ରହିଥିବା ପୂଜା କମିଟି ସୂତ୍ରରୁ ପ୍ରକାଶ। ସେହିପରି ଲୋଇସିଂହା ବଣିକ ସଂଘ ଆନୁକୂଲ୍ୟରେ ଷ୍ଟାଡିୟମ ଆଗରେ ଚାଲିଥିବା ୫ମ ବର୍ଷ ପୂଜାରେ ପ୍ରଦୀପ ସାହୁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିପରି ଲୋଇସିଂହା ବସ୍ତି ଗାନ୍ଧୀଛକ ପୂଜା ପାଇଁ ସଭାପତି ବବଲୁ ଦଲେଇଙ୍କ ତତ୍ତ୍ୱାବଧାନରେ ମହିଳାପୁରୁଷ କଳସ ଶୋଭାଯାତ୍ରା କରିଥିଲେ। ଏଥିରେ ଲୋଇସିଂହା ଜମିଦାର ତଥା ରାଜନନ୍ଦିନୀ ଅର୍ଚ୍ଚନା ସିଂ ରାଏ ପରିବାର ସଦସ୍ୟ ସାମିଲ ହୋଇଥିଲେ। ପୂଜା ଅବସରରେ ୪ ଦିନ ବ୍ୟାପି ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରତ୍ୟହ ଅନ୍ନପ୍ରସାଦ ବ୍ୟବସ୍ଥା ରହିଥିବା ସମ୍ପାଦକ ବ୍ରଜମୋହନ ବିଶୋଇ ଜଣାଇଛନ୍ତି। ସେହିପରି ଅଗଲାପାଲି ଗ୍ରାମର ୨୪ ତମ ପୂଜାରେ ପ୍ରମୋଦ ତ୍ରିପାଠୀ ଓ ପିଙ୍କୁ ମହାପାତ୍ର କର୍ତ୍ତା ରହିଛନ୍ତି। ଭାଲିଆମୁଣ୍ଡା ଛକ ଏବଂ ଭାଲିଆମୁଣ୍ଡା ବସ୍ତିରେ ମଧ୍ୟ ନିଡାମ୍ବର ଭାବରେ ପୂଜା ପାଳନ ହେଉଛି।

## ଯୁବ ଓଡ଼ିଆ ଗବେଷକ ଅଭିଜିତ ମିଶ୍ର ଆନ୍ତର୍ଜାତିକ ସ୍ତରରେ ସମ୍ମାନିତ


ଅଭିଜିତ ମିଶ୍ର

ବଲାଙ୍ଗୀର, ୬।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ଆନ୍ତର୍ଜାତିକ ସ୍ତରରେ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯୁବ ଓଡିଆ ଗବେଷକ ଅଭିଜିତ ମିଶ୍ର ସମ୍ମାନିତ ହୋଇଛନ୍ତି। ରାଜସ୍ଥାନ ଯୋଧପୁରସ୍ଥିତ ଭାରତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି)ରେ ଗବେଷଣାରତ ବଲାଙ୍ଗୀର ଜିଲା ପାଟଣାଗଡର ଅଭିଜିତ ମିଶ୍ର ଜାପାନର ଫୁକୁଓକା ସ୍ଥିତ ଆନ୍ତର୍ଜାତିକ କଂଗ୍ରେସ କେନ୍ଦ୍ରରେ ଅନୁଷ୍ଠିତ ନବମ ଏସିଆ-ପ୍ରଶାନ୍ତ ମହାସାଗରୀୟ ପଦାର୍ଥ ବିଜ୍ଞାନ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ସେଠାରେ ସମ୍ମାନଜନକ ଏଲ୍‌ସେଭିୟର୍ ଛାତ୍ର ଓ ପିଏଚ୍‌ଡି ପୋଷ୍ଟର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଯୋଧପୁର ସ୍ଥିତ ଭାରତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନର ପ୍ରତିନିଧିତ୍ୱ କରି ଗବେଷକ ମିଶ୍ର ପ୍ଲାଜମା ପଦାର୍ଥ ବିଜ୍ଞାନରେ ଉତ୍କୃଷ୍ଟ ଗବେଷଣା ଅବଦାନକୁ ପାଳନ କରି 'ତରଳ ପରିବାହିତା ଦ୍ୱାରା ପ୍ରେରିତ ବାଇପୋଲାର୍ ପଲ୍ସଡ୍ କୋଲ୍ଡ. ଆଟମୋସ୍ଫେରିକ ପ୍ଲାଜମା ଜେଟ୍ସର ଡିସ୍ଚାର୍ଜ ଚରିତ୍ରରେ ପରିବର୍ତ୍ତନ' ଶୀର୍ଷକ ପୋଷ୍ଟର ପ୍ରଦର୍ଶନ କରିଥିଲେ। ଏହାର ମୌଳିକତା, ଗଭୀରତା ଓ ବୈଜ୍ଞାନିକ ଗୁରୁତ୍ୱ ବିଚାରକ ମଣ୍ଡଳୀଙ୍କୁ ଆକର୍ଷିତ କରିଥିଲା। ଗବେଷକ ମିଶ୍ର ତାଙ୍କ ଗବେଷଣାରେ ଶୀତଳ ପ୍ଲାଜମା ଜେଟ୍ ଓ ତାହାର ପ୍ଲାଜମା ଦ୍ରବ୍ୟ ସହିତ ସମ୍ପର୍କ ରଖି କିପରି ବିଭିନ୍ନ ଜୀବୋପଚାର, ଖାଦ୍ୟ ସୁରକ୍ଷା ଓ ପରିବେଶ ସୁରକ୍ଷା ଦିଗରେ ପ୍ରଭାବ ପକାଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱର ୩୭ଟି ଦେଶରୁ ୧ ହଜାରରୁ ଊର୍ଦ୍ଧ୍ୱ ପ୍ରତିଭାଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀରେ ଅଭିଜିତଙ୍କୁ ମର୍ଯ୍ୟାଦାଜନକ ସମ୍ମାନ ସହ ୫ଶହ ୟୁରୋ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ଅଭିଜିତଙ୍କ ଅଧ୍ୟବସାୟ, ବିଦ୍ୱତ୍ତା, ଉତ୍କର୍ଷତା ଓ ବିଶ୍ୱସ୍ତରରେ ଭାରତୀୟ ଗବେଷକଙ୍କ ସଫଳତାର ପ୍ରମାଣ ବୋଲି ତାଙ୍କ ମାର୍ଗଦର୍ଶକ ପ୍ରଫେସର ରାମପ୍ରକାଶ ମତ ଦେଇଛନ୍ତି। ତାଙ୍କର ସଫଳତା କେବଳ ଆଇଆଇଟି ଯୋଧପୁର ପାଇଁ ସମ୍ମାନ ନୁହେଁ ବରଂ ଆନ୍ତର୍ଜାତୀୟ ଗବେଷଣା କ୍ଷେତ୍ରରେ ଭାରତର ବର୍ଦ୍ଧିତ ଉପସ୍ଥିତିକୁ ଜାହିର କରୁଛି ବୋଲି ସେ କହିଥିଲେ। ଯୁବ ଗବେଷକ ଅଭିଜିତ ବଲାଙ୍ଗୀର ଜିଲା ପାଟଣାଗଡ଼ର ଲକ୍ଷ୍ମୀକାନ୍ତ ମିଶ୍ର ଓ ଅନୁପମା ମିଶ୍ରଙ୍କ ପୁଅ।

## କଳସ ଶୋଭାଯାତ୍ରା ସହ ମା' ଗଜଲକ୍ଷ୍ମୀ ପୂଜା ଆରମ୍ଭ


କଳସ ଶୋଭାଯାତ୍ରାରେ ଆସୁଛନ୍ତି ମହିଳା ଓ ପୁରୁଷ।

ସଇଁତଲା, ୬।୧୦ (ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଛକଠାରେ ୩୦ ବର୍ଷ ହେଲା ମହାଆଡ଼ମ୍ବର ସହକାରେ ପାଳିତ ହୋଇଆସୁଥିବା ମା' ଗଜଲକ୍ଷ୍ମୀଙ୍କ ପୂଜନୋତ୍ସବ ସୋମବାର ଆରମ୍ଭ ହୋଇଯାଇଛି। ସକାଳ ପ୍ରାୟ ୮ଟାରେ ବ୍ଲକଛକ, ନବୀନଛକ, ଭାଲୁଗୁମା, ଡ଼େଙ୍ଗ ପ୍ରଭୃତି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବ୍ଲକଛକସ୍ଥିତ ଲକ୍ଷ୍ମୀ ମଣ୍ଡପଠାରେ ଏକତ୍ରିତ ହୋଇଥିଲେ । ପରେ ନିକଟସ୍ଥ ପୋଖରୀକୁ ଯାଇଥିଲେ। ସେଠାରେ ମୁଖ୍ୟ ପୂଜକ କିରଣ ମିଶ୍ର ପୂଜାର୍ଚ୍ଚନା କରିବା ପରେ ଭରାକଳସ ନେଇ ମଣ୍ଡପରେ ସ୍ଥାପନ କରିଥିଲେ। ପରେ ପୂଜା ଆରମ୍ଭ ହୋଇଥିଲା। କର୍ତ୍ତା ଭାବରେ ତପନ ଦାସ ସପତ୍ନୀକ ରହିଥିବାବେଳେ ୧୬ ପ୍ରହରୀର କର୍ତ୍ତା ଭାବରେ ବିକ୍ରମ ବଗର୍ତ୍ତି ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ମୁଖ୍ୟ ପୂଜକଙ୍କୁ ମାନସ ମିଶ୍ର, ସୁରେନ୍ଦ୍ର ମିଶ୍ର ସହଯୋଗ କରିଥିଲେ। ଚଳିତବର୍ଷ ବୈଠକୀ କୀର୍ତ୍ତନ ସହ ୧୬ ପ୍ରହର ନାମଯଜ୍ଞ ଓ ଅନ୍ନଛତ୍ର ପୂଜାର ମୁଖ୍ୟ ଆକର୍ଷଣ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ। କମିଟିରେ ସଭାପତି ତପନ ଦାସ, ଉପସଭାପତି ରାଖାଲ ପ୍ରସାଦ ଶତପଥୀ, ସମ୍ପାଦକ ବିକ୍ରମ ବଗର୍ତ୍ତି, ସହସମ୍ପାଦକ ମନୋଜ କର୍ମୀ, କୋଷାଧ୍ୟକ୍ଷ ପ୍ରଦୀପ ଡ଼ାଙ୍ଗ, ସଦସ୍ୟ ବିନୋଦ ବଗର୍ତ୍ତି, ପୂର୍ଣ୍ଣ ଚନ୍ଦ୍ର ଦଳେଇ, ଯୁଗଳ କର୍ମୀ, ଲାଦୁରାମ କର୍ମୀ, ଆଦିତ୍ୟ ରଣା, ଲମ୍ବୋଦର ପାତ୍ର, ସରୋଜ କର୍ମୀ, ପ୍ରମୋଦ ପାତ୍ର, ଶୁଭମ କର୍ମୀ, ଈଶ୍ୱର କର୍ମୀ, ମୋତିଲାଲ ଖମାରୀ, ଅକ୍ଷୟ ସାହୁ, ପରମେଶ୍ୱର କର୍ମୀ, ବିରାଟ ଭୋଇ, କମଳ ଲୋଚନ କର୍ମୀ, ମେଘନାଥ ପଧାନ, ରାମସାମଲ, ପୁରୁଷୋତ୍ତମ କଲତା, ସୁନୀଲ ଅଗ୍ରୱାଲ, ଶ୍ରବଣ ଅଗ୍ରୱାଲ, ମାନ ରଣା, ଭରତ କର୍ମୀ, ଅବନୀ ସାହୁ, ସାହିଲ ସାହୁ, ନୀଳାମ୍ବର ସାହୁ, ବବଲୁ ମାଝୀଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରଥମ ଦିବସରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମା'ଙ୍କ ଦର୍ଶନ କରିଥିଲେ।

## ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ କଳସଯାତ୍ରା

ଦେଓଗାଁ, ୬।୧୦(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ କରୁଆଁଝର ଗ୍ରାମରେ ନବଜୀବନ ପାଠାଗାର ଆନୁକୂଲ୍ୟରେ ବିରାଟ ମଣ୍ଡପଠାରେ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୩ଦିନ ଧରି ହେବାକୁ ଥିବା ପୂଜାରେ କର୍ତ୍ତା ଭାବେ ସୁରେଶ ଚନ୍ଦ୍ର ଭୋଇ ଓ ତାଙ୍କ ସ୍ତ୍ରୀ ରଶ୍ମିତା ଭୋଇ ଏବଂ ପରାୟଣ କର୍ତ୍ତା ଭାବେ ମୁକଳ ବିହାରୀ ଭୋଇ ଓ ସ୍ତ୍ରୀ ଝସନେତ୍ରୀ ଭୋଇ ଦାୟିତ୍ୱ ତୁଲାଉଛନ୍ତି। ପୂଜକ ଭାବେ ବିରଞ୍ଚି ମିଶ୍ର, ଗୌତମ ମିଶ୍ର, ଅମ୍ବରିଶ ମିଶ୍ର ପୂଜା କାର୍ଯ୍ୟ ତୁଲାଉଛନ୍ତି। ପୂଜାକୁ ସଭାପତି ଅମ୍ବରିଶ ଭୋଇ, ଉପସଭାପତି ଅଗସ୍ତି ବାଗ, ସମ୍ପାଦକ ଉମେଶ ଚନ୍ଦ୍ର ଭୋଇ, କୋଷାଧ୍ୟକ୍ଷ ରାଧେଶ୍ୟାମ ଭୋଇଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ: ବଲାଙ୍ଗୀର ବିଜୟୀ

### ଟୁର୍ଣ୍ଣାମେଣ୍ଟ ସହ ଖେଳପଡ଼ିଆ ଉଦ୍‌ଘାଟନ କଲେ ବ୍ଲକ ଅଧ୍ୟକ୍ଷ


ଅତିଥିଙ୍କ ଗହଣରେ ଉଦ୍‌ଘାଟନୀ ମ୍ୟାଚର ଖେଳାଳି।

ଲୋଇସିଂହା, ୬।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ସାପ୍ତାହିକ ବଜାର ଛକରେ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଛି। ପୂଜା କମିଟି ଆନୁକୂଲ୍ୟରେ ବଜାର ପଡିଆରେ ୫୩ ତମ ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଯୋଗଦାନ କରି ନବ ନିର୍ମିତ ଖେଳ ପଡ଼ିଆ ଓ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ବାଦିବାହାଲ ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଫୁଟବଲ ପ୍ରତିଯୋଗିତାର ଉଦଘାଟନୀ ମ୍ୟାଚ ବୌଦ୍ଧ ଜିଲା କଣ୍ଟାମାଳ ଏ.ଏ ଓ ବଲାଙ୍ଗୀର ରିସାନ ଏଫ.ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଅମୀମାଂସୀତ ରହିବାରୁ ଟ୍ରାଇବ୍ରେକରରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା। ଏଥିରେ ବଲାଙ୍ଗୀର ବିଜୟୀ ହୋଇଛି। ସଞ୍ଜୀବ ସାହୁ ଓ ସାଥୀ ଖେଳ ପରିଚାଳନା କରିଥିଲେ। ୧୧ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଚାଲିବ। ବାଦିବାହାଲ ପଞ୍ଚାୟତ ପକ୍ଷରୁ ଚତୁଃପାର୍ଶ୍ୱରେ ପାଚେରି ଓ ଖେଳପଡିଆର ଉନ୍ନତୀକରଣ କରାଯାଇଛି।

## ମାଟିର ମହୋତ୍ସବ ପାଳନ ନେଇ ପ୍ରସ୍ତୁତି ବୈଠକ

କଣ୍ଟାବାଞ୍ଜି, ୬।୧୦ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରେ ଅନୁଷ୍ଠିତ ହେବାକୁଥିବା ୨ୟ ବର୍ଷ ମାଟିର ମହୋତ୍ସବର ପ୍ରସ୍ତୁତି ବୈଠକ ରବିବାର ସନ୍ଧ୍ୟାରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ପୁଷ୍ପକେତୁ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କମିଟି ଚ୍ୟାରମେନ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ସଭାପତିତ୍ୱ କରିଥିଲେ। ଏହି ସଭାରେ ୨ୟ ବର୍ଷ ମାଟିର ମହୋତ୍ସବ କିପରି ସଫଳତାର ସହ ପାଳନ କରାଯିବ ସେ ନେଇ ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଛି। ଆଗାମୀ ବୈଠକରେ ସମସ୍ତ ପ୍ରକାର ବୃତ୍ତାନ୍ତ ନିଷ୍ପତ୍ତି ନିଆଯିବା ପାଇଁ ଉପସ୍ଥିତ ସଭ୍ୟମାନଙ୍କ ମତାମତ ନିଆଯାଇଥିଲା।

## ବାରିକ ସମାଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ଲୋଇସିଂହା, ୬।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲାର ଲୋଇସିଂହା ବାରିକ ସମାଜ ଭବନଠାରେ ଲୋଇସିଂହା ବ୍ଲକ ବାରିକ ସମାଜ ପକ୍ଷରୁ ପଶ୍ଚିମ ଓଡିଶା ବାରିକ ସମାଜ ତଥା ବଲାଙ୍ଗିର ଜିଲା ବାରିକ ସମାଜର ସଭାପତି କଙ୍ଗାଲୁ ବାରିକଙ୍କ ଦେହାନ୍ତରେ ଏକ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ସମାଜର ଲୋଇସିଂହା ବ୍ଲକ ସଭାପତି କିଶୋର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସମାଜର କର୍ମକର୍ତ୍ତାମାନେ ସ୍ୱର୍ଗତ ବାରିକଙ୍କ ଫଟୋଚିତ୍ରରେ ଧୂପ ଦୀପ ଓ ପୁଷ୍ପମାଲ୍ୟ ଅର୍ପଣ କରି ୨ମିନିଟ ନିରବ ପ୍ରାର୍ଥନା କରିବା ସହ ସ୍ୱର୍ଗତ ବାରିକଙ୍କ ସ୍ମୃତିଚାରଣ କରିଥିଲେ। ହରିଶଙ୍କର ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଜିଲା ଉପସଭାପତି ନବୀନ କୁମାର ପଶାୟତ, ଜିଲା ସାଧାରଣ ସମ୍ପାଦକ ଦଶରଥ ପଶାୟତ, ଜିଲା କାର୍ଯ୍ୟକାରୀ ସଭାପତି ଶଙ୍କର ବାରିକ, ବ୍ଲକ ସାଧାରଣ ସମ୍ପାଦକ ସତ୍ୟ ବାରିକ, ଜିଲା ସେଲୁନ ସଂଘ ସଭାପତି ଶିଶିର ବେହେରା, ଲୋଇସିଂହା ବ୍ଲକ ସେଲୁନ ସଂଘ ସଭାପତି, ଜୟଦେବ ବାରିକ, ବୃନ୍ଦାବନ ବାରିକ, ଡା. ଲଳିତ ମୋହନ ବାରିକ, ସୁକାନ୍ତ କୁମାର ବାରିକ, ନାରାୟଣ ବାରିକ, ଶୁପାଳ ବାରିକ, ସରୋଜ କୁମାର ପଶାୟତଙ୍କ ସମେତ ବ୍ଲକ ସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସ୍ୱାଭିମାନ ପରିବାର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

ବଲାଙ୍ଗୀର, ୬।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର କୋଶଳ କଳା ମଣ୍ଡଳ ପଡ଼ିଆରେ ରବିବାର ସନ୍ଧ୍ୟାରେ ବଲାଙ୍ଗୀରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସ୍ୱାଭିମାନ ପରିବାର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବ ଆୟୋଜନ କରାଯାଇଥିଲା। ସ୍ୱାଭିମାନ ପରିବାରର ସଭାପତି ରଶ୍ମି ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ରିଙ୍କୁ ମିଶ୍ର ପରିଚାଳନା କରିଥିଲେ। ଜଣାଶୁଣା କଣ୍ଠଶିଳ୍ପୀ ବ୍ୟାସଦେବ ପୁରୋହିତଙ୍କ ସମଲେଇ ବନ୍ଦନାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ରୁକୁ ସୁନା, ଜୟଶ୍ରୀ ଷଡଙ୍ଗୀ, ସୁପ୍ରିୟା ଶର୍ମା, ହାସ୍ୟ ଅଭିନେତା ଜୋକେଶ ଜୋଜୋ ଓ ଦିବ୍ୟରଞ୍ଜନ ଦାଶ ଗୀତ, ସଙ୍ଗୀତ ଏବଂ ହାସ୍ୟକଳା ପ୍ରଦର୍ଶନ କରିଥିଲେ। ରସରକେଲି, ମାଏଲାଜଡ ଓ ଚୁଟକୁଟା ଗୀତରେ ଦୁଲୁକୁଥିଲା ନୂଆଖାଇ ଭେଟଘାଟ ମଞ୍ଚ। ଏହି ଅବସରରେ ସ୍ୱାଭିମାନ ପରିବାର ପକ୍ଷରୁ ଜଲିଆ ଗ୍ରାମବାସୀଙ୍କୁ ସମ୍ମାନିତ କରାଯାଇଥିଲା। ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ସ୍ୱାଭିମାନ ପରିବାର ସଦସ୍ୟଙ୍କ ସହ ବହୁ ଜଣାଶୁଣା ବ୍ୟକ୍ତି, କଳାକାର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଜ୍ୟୋତି ପଟେଲ, ସମ୍ପାଦକ ପ୍ରଭୁରଞ୍ଜନ ପଟେଲ, ରାକେଶ ସାହୁ, ସଞ୍ଜୀବ ସାହୁ, ପୋଲେଶ୍ୱର ସାହୁ, ଆଶିଷ ଶତପଥି, ଆକାଶ ବିଶ୍ୱାଳ, ସୁବାସ ମଟାରୀ, ରାଜା ନାଏକ, ମନୀଷ ସାହୁ, ସୌରଭ ବିଶ୍ୱାଳ, ସୁଶାନ୍ତ ପ୍ରଧାନ, ଟୁନା ମିଶ୍ର, ଲୋଟସ ଷଡଙ୍ଗୀ, ଜଗପତି ସାହୁ, ତ୍ରିଲୋଚନ ସାହୁ ଉପସ୍ଥିତ ଥିଲେ। ଏହା ସହିତ ବଲାଙ୍ଗୀର ଜିଲାର ଲୋଇସିଂହା, ସଇଁତଲା, ପାଟଣାଗଡ, ବେଲପଡା, କଣ୍ଟାବାଞ୍ଜି ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।


ସ୍ୱାଭିମାନ ପରିବାର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ କଳାକାର ଏବଂ ଅନୁଷ୍ଠାନର ସଦସ୍ୟ।

## ଜରାସିଂହା ପାଟଖଣ୍ଡା ଯାତ୍ରା ଉଦ୍‌ଯାପିତ

### ଦେବତାଙ୍କ ସ୍ୱସ୍ଥାନ ପ୍ରତ୍ୟାବର୍ତ୍ତନ

ଦେଓଗାଁ, ୬।୧୦ (କୃଷ୍ଣପ୍ରସାଦ ପାଣିଗ୍ରାହୀ)


ଦେଓଗାଁ ଜରାସିଂହାରେ ପାଟଖଣ୍ଡା ଯାତ୍ରା ଉଦ୍‌ଯାପନୀ ଦିବସରେ ଦେବତାଙ୍କ ବାହୁଡା ବିଜୟ ଶୋଭାଯାତ୍ରା।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଠାରେ ବିଜୟା ଦଶମୀରୁ ଆରମ୍ଭ ହୋଇଥିବା ପ୍ରସିଦ୍ଧ ଐତିହ୍ୟ ସମ୍ପନ୍ନ ମା' ପାଟଖଣ୍ଡାଙ୍କ ଯାତ୍ରା ସୋମବାର ସନ୍ଧ୍ୟାରେ ସମାପନ ହୋଇଛି। ଚଳିତବର୍ଷ ବର୍ଷା ସତ୍ତ୍ୱେ ଯାତ୍ରାରେ ଭକ୍ତଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ରବିବାର ସକାଳୁ ସାଲେପାଲି ଛକ ନିକଟପୀଠରେ ବଉରାପିଟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ରାତିରେ ମହିଳା ପ୍ରାଧାନ୍ୟ ନିଶିଗୁଡି ଯାତ୍ରା ଅନୁଷ୍ଠିତ ହୋଇଥିଲା । ସୋମବାର ଦିନସାରା ଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ସନ୍ଧ୍ୟାରେ ଦେବତା ସ୍ୱସ୍ଥାନ ଦେଝାର ଜଙ୍ଗଲକୁ ପ୍ରସ୍ଥାନ କରିଥିଲେ। ଦେବତାଙ୍କ ଏହି ବାହୁଡା ବିଜୟ ସହ ଯାତ୍ରା ଉଦ୍‌ଯାପିତ ହୋଇଥିଲା। ମୁଖ୍ୟ ସେବକ ଜରାସିଂହା ଜମିଦାର ଦୁର୍ଗା ପ୍ରସାଦ ସିଂଦେଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଯାତ୍ରାରେ ୩୨ ଦେହୁରୀଙ୍କ ଦ୍ୱାରା ପୂଜା କାର୍ଯ୍ୟ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବରୁଆ ସନ୍ତୋଷ ଥନାପତି, ବରୁଆ ବୁଡୁ ପତ୍ରିମାଲି, ଶଙ୍କର ସିଂ ବାବୁ, ରଘୁନାଥ ଝାଙ୍କର, ବେଣୁ ଦଣ୍ଡସେନା, ହେମନ୍ତ ଦିଗାଲ, ଶତ୍ରୁଘ୍ନ ଦଣ୍ଡସେନା, ରାଜ ଦଣ୍ଡସେନା, ଶ୍ରୀବତ୍ସ ସାହୁ, ଡା. ସରୋଜ କୁମାର ସାହୁ ପ୍ରମୁଖ ଦେବୀଙ୍କ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଏହି ଯାତ୍ରାକୁ ଜରାସିଂହା ବିଏନ୍‌ଏନ୍‌ଏ କମିଟି ତଥା ଗ୍ରାମବାସୀ ସହଯୋଗ କରିଥିଲେ। ଯାତ୍ରାରେ ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ଦେଓଗାଁ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା ।

# ଫେଲ୍ ମାରିଛି 'ସୁଆଦ ସମ୍ବଲପୁର' ଯୋଜନା

## ବ୍ୟବସ୍ଥିତ ହୋଇପାରିନି ଦୋକାନ, ହରାଉଛି ଆକର୍ଷଣ



ଜେଲଛକରେ ଥିବା ସୁଆଦ ସମ୍ବଲପୁର ଦୋକାନ ପଛରେ ମାଟି ଗଦା ହୋଇଛି।

ସମ୍ବଲପୁର,୬।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଅଞ୍ଚଳକୁ ସୁନ୍ଦର ଏବଂ ଆକର୍ଷଣୀୟ କରିବାକୁ ଉଦ୍ୟମ କରାଯାଉଛି। ହେଲେ ଆବଶ୍ୟକତା ଏବଂ ଚିନ୍ତିକୁ ଦୃଷ୍ଟିରେ ରଖି ଯୋଜନା କରାଯାଉ ନଥିବାରୁ ପ୍ରକୃତ ଅର୍ଥ ବ୍ୟୟ କରାଯାଇ ନିର୍ମାଣ କରାଯାଉଥିବା ପ୍ରକଳ୍ପଗୁଡିକ ସୁଫଳ ପ୍ରସାରୀ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି। ଏହାର ଏକ ଉଦାହରଣ ହେଉଛି ସମ୍ବଲପୁର ଜେଲଛକରେ ୧୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ସୁଆଦ ସମ୍ବଲପୁର। ବିଭିନ୍ନ ସହରରେ ଖାଦ୍ୟପେୟ ପାଇଁ ରହିଥିବା ଖାଉଗଲି ବ୍ୟବସ୍ଥାକୁ ସମ୍ବଲପୁର ସହରରେ ମଧ କାର୍ଯ୍ୟକାରୀ କରାଯାଇଛି। ସ୍ଥାନୀୟ ଲୋକଙ୍କ ପରାମର୍ଶକ୍ରମେ ଖାଉଗଲିର ସମ୍ବଲପୁରୀ ନାମକରଣ କରାଯାଇ ସୁଆଦ ସମ୍ବଲପୁର ମଧ କରାଯାଇଥିଲା। ହେଲେ ନିର୍ମାଣ ସମୟରେ ସ୍ଥାନୀୟ ଦୋକାନୀ ଏବଂ ଗ୍ରାହକଙ୍କ ମତାମତ ସଂଗ୍ରହ କରା ନ ଯାଇ ଯନ୍ତ୍ରୀ ଏବଂ ଅଧିକାରୀମାନଙ୍କ ଇଚ୍ଛା ଉପରେ ନିର୍ମାଣ କାର୍ଯ୍ୟକୁ ଛାଡି ଦିଆଗଲା। ସେଥିପାଇଁ କେବଳ ସୁନ୍ଦରତାକୁ ଦୃଷ୍ଟି ଦିଆଯାଇ ୧୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଏହି ପ୍ରକଳ୍ପରେ ସୁଆଦ ସମ୍ବଲପୁରର ଦୋକାନୀମାନଙ୍କୁ ଛାଇ କିମ୍ବା ବର୍ଷାରୁ ରକ୍ଷା କରିବା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଯଦ୍ୱାରା ଦୋକାନୀମାନେ ବର୍ଷା ସମୟରେ ପୁର୍ବରୁ ପ୍ଲାଷ୍ଟିକ ଛାଇ ଲଗାଇ ନିଜ ଦୋକାନକୁ ରକ୍ଷା କରୁଛନ୍ତି। ଖରା ସମୟରେ ପାଳଟାଣି ବ୍ୟବସାୟ କରୁଛନ୍ତି। ଏହାଦ୍ୱାରା ସମ୍ବଲପୁରକୁ ସୁନ୍ଦର ଏବଂ ଆକର୍ଷଣୀୟ କରିବାର ଲକ୍ଷ୍ୟ ମୂଲ୍ୟହୀନ ଭଳିମନେ ହେଉଛି। ସ୍ୱଚ୍ଛତା ଅଭିଯାନ ସମୟରେ ମହାନଗର ଅଧିକାରୀ ସୁଆଦ ସମ୍ବଲପୁରରେ ରହିଥିବା ଦୋକାନୀମାନଙ୍କୁ ଡଷ୍ଟବିନ ରଖି ନିଜ ଦୋକାନ ଆଖପାଖକୁ ସ୍ୱଚ୍ଛ ସୁନ୍ଦର କରିବା ପାଇ ନିର୍ଦ୍ଦେଶ ଦେଉଥିବା ଦେଖିବାକୁ ମିଳିଥିଲା। ହେଲେ ମହାନଗର ପକ୍ଷରୁ କରାଯାଇଥିବା ବ୍ୟବସ୍ଥାକୁ ଦେଖିଲେ ଦୋକାନୀମାନେ ଦୋକାନକୁ ସୁନ୍ଦର କରିବେ ନାଁ ପରିଷ୍କୃତ ଦେଖି ନିଜ ବ୍ୟବସ୍ଥା କରିବେ ତାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ସୁଆଦ ସମ୍ବଲପୁରରେ ଥିବା ଦୋକାନୀମାନଙ୍କୁ ଗ୍ରାଉଣ୍ଡ ଏବଂ ସ୍ଥାନକୁ ନେଇ କୌଣସି ଚିହ୍ନଟ ବ୍ୟବସ୍ଥା ନାହିଁ। ଆଜି ଜଣେ ଅଧିକାରୀ ଆସି ଏଠି ଦୋକାନ କର ବୋଲି କହିଯିବା ପରେ ଆଉଜଣେ ଅଧିକାରୀ ଦୋକାନ ହଟାଇ ଆଗକୁ ନିଅ ବୋଲି କହୁଥିବା ଅଭିଯୋଗ ହେଉଛି। ରାସ୍ତାକଡ଼ରୁ ଉଠାଦୋକାନୀଙ୍କୁ ହଟାଇ ସରକାରୀଭାବେ ଜବରଦଖଲ କରିବାକୁ ଉଠାଦୋକାନୀଙ୍କୁ ବାଧ କରାଯାଉଥିବା ଭଳି ସୁଆଦ ସମ୍ବଲପୁରର ଅବସ୍ଥା ପାଲଟିଛି। ଯୋଜନା କାର୍ଯ୍ୟକାରୀ କରିବାକୁ ଉପଯୁକ୍ତ ଥିବା ସ୍ଥାନକୁ ଲାଗି ବିରାଟ ଅଞ୍ଚଳ ରହିଛି। ଯାହା ଯୋଜନାର କାର୍ଯ୍ୟକାରିତାରୁ ଅଭାବରୁ ମାଟିମାଫିଆଙ୍କ ଦ୍ୱାରା ମାଟିଗଦା କରିବାର ସ୍ଥାନ ପାଲଟିଛି। ଦୂରଦୂରାନ୍ତରୁ ସୁଆଦ ସମ୍ବଲପୁରକୁ ଖାଇବାକୁ ଆସୁଥିବା ଗ୍ରାହକମାନେ ଏଭଳି ଅପରିଷାର ଅବସ୍ଥା ଦେଖିଲେ ଯୋଜନା ସଫଳତାକୁ ଅନୁମାନ କରାଯାଉଛି। ଏନେଇ ମହାନଗର କମିଶନର ରେହାନ ଖତ୍ରୀଙ୍କୁ ପଚାରିବାରୁ, ସୁଆଦ ସମ୍ବଲପୁର କଡରେ ଥିବା ଅବ୍ୟବହୃତ ଜମିକୁ ଜିଲା ପରିଷଦକୁ ମିଲେଟ ଖାଦ୍ୟ ଦୋକାନ କରିବାକୁ ହସ୍ତାନ୍ତର କରାଯାଇଛି। ତେବେ ସେମାନେ ଏହାର ଉପଯୋଗ କରୁନାହାନ୍ତି। ଫଳରେ ଏଠାରେ ରାସ୍ତାଘାଟରୁ ବାହାରୁଥିବା ମାଟିକୁ ସେଠାରେ ଗଦା କରାଯାଉଛି । ତେବେ ସଂପୃକ୍ତ ବିଭାଗ ସହ କଥା ହୋଇ ଏହାର ଉପଯୋଗ ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ଏହାସହ ପୂର୍ତ୍ତ ବିଭାଗ ପକ୍ଷରୁ ଜେଲଛକରୁ ମ୍ୟୁନିସିପାଲିଟି ଛକ ରାସ୍ତା ପ୍ରଶସ୍ତୀକରଣ କାମ ଜାରି ରହିଥିବାରୁ ଆମେ ଦୋକାନୀଙ୍କୁ ବ୍ୟବସ୍ଥିତ କରିପାରୁନି ବୋଲି ମହାନଗର କମିଶନର ଖତ୍ରୀ କହିଛନ୍ତି।

# ଅତ୍ୟାଧୁନିକ ଜ୍ଞାନକୌଶଳ ଚାଷୀଙ୍କୁ ସ୍ୱାବଲମ୍ବୀ କରିବ


କୃଷି ବୈଜ୍ଞାନିକମାନେ ସନାତନପାଲି ଅଞ୍ଚଳ ପରିଦର୍ଶନ କରୁଛନ୍ତି।

ସମ୍ବଲପୁର,୬।୧୦(ଭବାନୀ ଶଙ୍କର ଭୋଇ)

ଓଡ଼ିଶାର ଭୁବନେଶ୍ୱରର ଡିନ ଡ. ପ୍ରଶାନ୍ତ ମିଶ୍ର ଏବଂ ପେଲିମା ଗ୍ରିନ୍ଦିଷି ବିଜ୍ଞାନ କେନ୍ଦ୍ର ସମ୍ବଲପୁରର ବରିଷ୍ଠ ବୈଜ୍ଞାନିକମାନେ ସୋମବାର ଧୁଲୁପୁରା ବ୍ଲକର ସନାତନପାଲି, ଠାକୁରମାଲ ଗ୍ରାମ ପରିଦର୍ଶନ କରିଥିଲେ। ଏହି ଅବସରରେ ସେମାନେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସବୁଜ ସନାତପାଲି କୃଷକ ଉତ୍ପାଦକ କମ୍ପାନୀ ସହଯୋଗରେ ଅଞ୍ଚଳର ବିଭିନ୍ନ ଗ୍ରାମରେ ଫୁଲଚାଷ, ଛତୁଚାଷ, ପନିପରିବା ଏବଂ ମହୁ ଚାଷ କରାଯାଉଛି। ସଙ୍ଗଠନର ୧୨ଶହ ଚାଷୀ ବିଭିନ୍ନ ଲାଭଜନକ ଫସଲ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ପରିଦର୍ଶନ ସମୟରେ ଲାକ୍ଷ୍ମୀପ୍ରିତ କେନ୍ଦ୍ରୀୟ ଉଦ୍ଭିଦ ଗବେଷଣା କେନ୍ଦ୍ର ତରଫରୁ ପଲିହାଉସ ବ୍ୟବହାର କରି ପୁଷ୍ପ କୃଷି ଉତ୍ପାଦନ କରାଯାଉଛି। ନୂତନଭାବେ ଓଡ଼ିଶାରେ ଉତ୍ପାଦିତ ଯୁଷ୍ମା ଫୁଲ ଦେଖି ଖୁସି ପ୍ରକଟ କରିଥିଲେ। ଯୁବଚାଷୀ ଲଳିତ ପ୍ରଧାନ ଏହି ଫୁଲକୁ ସଫଳତାର ସହ ଉତ୍ପାଦନ କରିପାରିଥିବାରୁ ତାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗ ଚାଷୀଙ୍କୁ ସ୍ୱାବଲମ୍ବୀ କରିପାରିବ ବୋଲି ଡିନ ଡ. ମିଶ୍ର କହିଥିଲେ। ତାଙ୍କ ସହ ଏହି କାର୍ଯ୍ୟକ୍ରମରେ ମିଳିମିଶିତ କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସ୍ୱାଗତିକା ହରିଚନ୍ଦନଙ୍କ ସମେତ ଅନ୍ୟ ଅଧିକାରୀମାନେଉପସ୍ଥିତ ଥିଲେ।ବୈଷୟିକ ସହାୟତା ଏବଂ ବଜାର ସୁବିଧା ବିଷୟରେ ଚାଷୀମାନଙ୍କଠାରୁ ଅଧିକାରୀମାନେ ତଥ୍ୟ ସଂଗ୍ରହ କରିଥିଲେ। ଏହିଅବସରରେ ସବୁଜ ସନାତପାଲି କୃଷକ ଉତ୍ପାଦକ କମ୍ପାନୀର ନିର୍ଦ୍ଦେଶକ ମନବୋଧ ବାରିକ ଚାଷୀମାନଙ୍କ ଦ୍ୱାରା କରାଯାଉଥିବା ଉତ୍ପାଦନଗୁଡିକ ବିଷୟରେ କୃଷି ବୈଜ୍ଞାନିକମାନଙ୍କୁ ଅବଗତ କରିଥିଲେ। ଚାଷୀ ସୁଶାନ୍ତ ପ୍ରଧାନ, କପିଳ ପ୍ରଧାନ, ଲଳିଶ ପ୍ରଧାନ, ଶ୍ୟାମଲା ସାହୁ, ପ୍ରୀତି ପଟେଲ, ବାବୁଲାଲ ଗୁନା, ପ୍ରମୋଦ ଗଡଡିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଖଣ୍ଡୋକଟାରେ ଚାରାରୋପଣ କାର୍ଯ୍ୟକ୍ରମ

କୁଚିଣ୍ଡା, ୬।୧୦(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଖଣ୍ଡୋକଟାରେ ସୋମବାର ବାଏଏଫ(ଭାରତୀୟ ଏଗ୍ରୋ ଇଣ୍ଡଷ୍ଟ୍ରି ଫାଉଣ୍ଡେଶନ) ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଅଧିନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଚଡିଏଫସି ବ୍ୟାଙ୍କ ସହାୟତାରେ ପରିଚାଳିତ କେନ୍ଦ୍ରିୟ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଆମ୍ବସହ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା। କୁଚିଣ୍ଡା ଏଚଡିଏଫସି ବ୍ୟାଙ୍କ ମ୍ୟାନେଜର ବିଶ୍ୱନାଥ ଘୋଷ, ଖଣ୍ଡୋକଟା ପଞ୍ଚାୟତ ସରପଞ୍ଚ କୁନି ସେଉଳ, ବାଏଫ କର୍ମଚାରୀ ଚନ୍ଦ୍ରକାନ୍ତ ବରଦା ପ୍ରସନ୍ନ, ପ୍ରମୋଦ କୁମାର ଘୋଷ, ଉମେଶ ଚନ୍ଦ୍ର ମେହେର, ସଞ୍ଜୟ ମହାପାତ୍ର, ସନ୍ତୋଷ ନାୟକ, ସୁଶ୍ରୀ ଆକାଂକ୍ଷା ମିଶ୍ର ସାମିଲ ହୋଇଥିଲେ। ଏଥିରେ ଖଣ୍ଡୋକଟା ଗ୍ରାମ ବିକାଶ ସମିତି ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠି, ଚାଷୀ ଓ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ପ୍ରକଳ୍ପ ପରିଦର୍ଶନ


ଜଣେ ମହିଳାଙ୍କ ଅଭିଯୋଗ ଉପରେ ଜିଲାପାଳ ଶୁଣାଣି କରୁଛନ୍ତି।

କୁଚିଣ୍ଡା, ୬।୧୦(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଜିଲା ପ୍ରଶାସନ ଦ୍ୱାରା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏଥିରେ ଅଧ୍ୟକ୍ଷତା କରି କୁଚିଣ୍ଡା ବ୍ଲକର ୧୭ ପଞ୍ଚାୟତ ଅଞ୍ଚଳରୁ ଆସିଥିବା ୩୦ ଅଭିଯୋଗର ଶୁଣାଣି କରିଥିଲେ। ୧୧ଟି ଗୋଷ୍ଠିଗତ ଏବଂ ୧୯ଟି ବ୍ୟକ୍ତିଗତ ଅଭିଯୋଗର ଶୁଣାଣି କରି ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲାପାଳ ବୋନ୍ଦର ଜଣେ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର, ୧୦ଜଣଙ୍କୁ ଶ୍ରମିକ କାର୍ଡ ଓ ୫ଜଣଙ୍କୁ ରାଶନ କାର୍ଡ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଲା ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମ୍ଭୁ, ଜିଲା ପରିଷଦ ସିଡିଓ ପ୍ରସନ୍ନ ମଲ୍ଲିକ, କୁଚିଣ୍ଡା ଉପଜିଲାପାଳ ସରୱନନ ସ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ,ବାମରା ବନ୍ୟପ୍ରାଣୀ ଡିଏଫଓ ବିକ୍ରମଦେବ ପଟ୍ଟନାୟକ, ବିଡ଼ିଓ ଜୟନ୍ତ ସାହୁଙ୍କ ସମେତ ଜିଲା ଓ ଉପଖଣ୍ଡ ଅଧିକାରୀମାନେ ଉପସ୍ଥିତ ଥିଲେ। ଅପରାହ୍ନରେ ଜିଲାପାଳ ବୋନ୍ଦର କୁଚିଣ୍ଡା ବ୍ଲକର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ପ୍ରଥମେ ହାଡିପାଲି ପଞ୍ଚାୟତର ହାଡିପାଲିରେ ନବନିର୍ମିତ ଜିପିଏଲଏଫ ଗୃହ ପରିଦର୍ଶନ ଓ ପାନପାଲି ଗ୍ରାମରେ ଏସ୍ଏଚ୍ଜି ଦ୍ୱାରା ହୋଇଥିବା ବାସୁମତୀ ଧାନ ଚାଷ, ଖଣ୍ଡୋକଟା ପଞ୍ଚାୟତର ଖଣ୍ଡୋକଟାରେ ବାୟୋଫ୍ଲକ ଯୋଜନାରେ ହୋଇଥିବା ମତ୍ସ୍ୟଚାଷ, ନିର୍ମାଣାଧୀନ କଲ୍ୟାଣ ମଣ୍ଡପ ଓ ହାଇସ୍କୁଲର ଉନ୍ନତିକରଣ କାର୍ଯ୍ୟ, ପାରୁଆଭାଡି ପଞ୍ଚାୟତର ସାହାଜବାହାଲରେ ଏସ୍ଏଚ୍ଜି ଦାରା ହୋଇଥିବା ସମନ୍ୱିତ ଚାଷ ବୁଲି ଦେଖିବା ପରେ କୁଚିଣ୍ଡାସ୍ଥିତ ଅରୁଣୋଦୟ ଭିନ୍ନକ୍ଷମ ବିଦ୍ୟାଳୟ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଜ୍ଞାପରମିତା ନାୟକ, ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ,ଆକାଉଣ୍ଟ ଅଫିସର ଅଜୟ ବାଗେ ସହଯୋଗ କରିଥିଲେ।

# ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଝଣ୍ଡା ସ୍ଥାପନ


ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଝଣ୍ଡା ସ୍ଥାପନ ପାଇଁ ନିଆଯାଉଛି।

ସମ୍ବଲପୁର,୬।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଦାନିପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଆଶ୍ୱୀନ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଅବସରରେ ସୋମବାର ସ୍ୱତନ୍ତ୍ର ପୂଜା ସହ ରାମଚଣ୍ଡୀ ଦିବସ ପାଳିତ ହୋଇଯାଇଛି। ବୌଦ୍ଧ ସରସରାରେ ୧୩ ଶହ ଶତାବ୍ଦୀର ଶେଷ ଭାଗରେ ଆଶ୍ୱୀନ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ସ୍ଥାପନା ସହ ଡାହାଣ ଶଙ୍ଖ ତ୍ରିଶୂଳ ସ୍ଥାପନା କରାଯାଇ ପୂଜା ଆରମ୍ଭ ହୋଇଥିଲା ବୋଲି କହିଛନ୍ତି ପୂଜକ ଦେବୀ ପ୍ରସାଦ ଭୋଇ। ତେଣୁ ଏହି ଦିବସକୁ ମନେ ପକାଇ ପ୍ରତିବର୍ଷ ଏହି ତିଥିରେ ରାମଚଣ୍ଡୀ ଦିବସ ପାଳିତ ହୋଇଆସୁଛି। ସକାଳୁ ମା'ଙ୍କ ସ୍ୱତନ୍ତ୍ର ବେଶ କରାଯିବା ସହ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା। ବହୁ ସଂଖ୍ୟାରେ ଭକ୍ତ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସନ୍ଧ୍ୟାରେ ମୁଖ୍ୟ ମନ୍ଦିର ଏବଂ ଅନ୍ୟ ମନ୍ଦିର ଗୁଡିକରେ ଧ୍ୱଜାରୋହଣ କରାଯାଇଥିଲା। ପୂଜକ ଦେବୀପ୍ରସାଦଙ୍କ ଦ୍ୱାରା ଝଣ୍ଡା ପୂଜା କରାଯିବା ପରେ ଦେବବ୍ରତ ବାରିକଙ୍କ ଦ୍ୱାରା ମନ୍ଦିର ଶିଖରରେ ଝଣ୍ଡା ଲଗାଯାଇଥିଲା। କାର୍ଯ୍ୟକ୍ରମରେ କୁଳତା ସମାଜ ଉପସଭାପତି ଦେବତ୍ତମ ପ୍ରଧାନ, ସାଧାରଣ ସମ୍ପାଦକ ରଞ୍ଜନ ପାତ୍ର, ପ୍ରଦୀପ କୁମାର ସାହୁ, ଆନନ୍ଦ କୁମାର ପ୍ରଧାନ, ଦେବଦତ୍ତ ସାହୁ, ଅକ୍ଷୟ ପ୍ରଧାନ, ଭକ୍ତବନ୍ଧୁ ପ୍ରଧାନ, ସୁଦାମ ଭୋଇ, ଲିଙ୍ଗରାଜ ପ୍ରଧାନ, ଟଙ୍କଧର ବାରିକ, ସୁରେଶ ବେହେରା ଉପସ୍ଥିତ ଥିଲେ।

# କୃତୀ ଆଇଟିଆଇ ଛାତ୍ରୀ ସମ୍ବର୍ଦ୍ଧିତ

## ସର୍ବଭାରତୀୟ ଏଲଏସିପି ଟ୍ରେଡରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି



ଗୌରୀ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସମ୍ବଲପୁର,୬।୧୦(ପ୍ରମୋଦ ବହିଦାର)

ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ହୀରାକୁଦର ଛାତ୍ରୀ ଗୌରୀ ସେନାପତି ସର୍ବଭାରତୀୟ ଲାବରୋଟାରୀ ଆସିଷ୍ଟାଣ୍ଟ କେମିକାଲ ପ୍ଲାଣ୍ଟ(ଏସଏସିପି) ଟ୍ରେଡ ମହିଳା ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିପାଇଁ ତାଙ୍କୁ ସୋମବାର ହୀରାକୁଦ ଆଇଟିଆଇର ଅଧକ୍ଷ ଜୱାନ ଦାସଙ୍କ ସହିତ ଅନ୍ୟ ପଶିକ୍ଷକ ଓ କର୍ମଚାରୀ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି। ଅଇଟିଆଇର ଶିକ୍ଷାବର୍ଷ ୨୦୨୩-୨୦୨୫ ବ୍ୟାଚ ଛାତ୍ରୀ ସେନାପିତ ଏଲଏସିପି ଟ୍ରେଡ ପ୍ରଶିକ୍ଷଣ ମଧ ନେଇଛନ୍ତି । ତାଙ୍କର ଏହି କୃତିତ୍ୱ ପାଇଁ ଭୁବନେଶ୍ୱର କାଉନସିଲରେ ମଧ ତାଙ୍କୁ ସମ୍ମାନୀତ କରାଯାଇଥିଲା।

# ବେଲୁନ ବିକାଳି ହତ୍ୟା ଘଟଣା: ୨ଗିରଫ

କୁଚିଣ୍ଡା, ୬।୧୦(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡାରେ ଦଶହରାରେ ସଂଘବଦ୍ଧ ଆକ୍ରମଣରେ ବେଲୁନ ବିକାଳି ଗୁଡୁ ରଜକଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ସ୍ତ୍ରୀ ବିଷ୍ଣୁ ରଜକଙ୍କ ଅଭିଯୋଗ କ୍ରମେ କୁଚିଣ୍ଡା ଥାନାରେ ଭାରତୀୟ ନ୍ୟାୟ ସଂହିତା ଦଫା ୧୦୩(୧)/ ୧୨୬(୨)/ ୧୧୫(୨)/ ୩(୫)ରେ ଏକ ମାମଲା (ନଂ.୧୭୯/୨୫) ରୁଜୁ କରି ପୋଲିସ ରାମଲାଲ ଅଗ୍ରୱାଲଙ୍କୁ ଅଟକ ରଖି ତଦନ୍ତ ଚଳାଇଥିଲା। ସମ୍ବଲପୁର ସାଇଣ୍ଟିଫିକ ଟିମ୍ର ତଦନ୍ତ ରିପୋର୍ଟ, ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ସହ ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତି ଅନୁଧାନ ପରେ କୁଚିଣ୍ଡା ପୋଲିସ ହତ୍ୟା ଘଟଣାରେ ୨ଜଣଙ୍କୁ ଗିରଫ କରି ସୋମବାର ସନ୍ଧ୍ୟାରେ କୁଚିଣ୍ଡା ଏସ୍ଡିଜେଏମ କୋର୍ଟକୁ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କୁଚିଣ୍ଡା ଏନଏସି ୱାର୍ଡ ନଂ.୬ ବାସିନ୍ଦା ରାମଲାଲ ଅଗ୍ରୱାଲ(୪୭) ଓ କୁଚିଣ୍ଡା ପଞ୍ଚମୁଖୀ ଛକର ପଙ୍କଜ ଅଗ୍ରୱାଲ(୪୫)। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ବାମଦେବ ଶଙ୍ଖୁଆଳ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ମୃତ ଗୁଡୁ ଦୀର୍ଘ ବର୍ଷ ହେବ ପରିବାର ସହ ନିଜ ଶଶୁର ଘର ଗୁଣ୍ଡୁରୁଟୁଆଁ ପଞ୍ଚାୟତ ବନ୍ଧପାଲି ଗ୍ରାମରେ ରହୁଥିଲେ। ବୁଧବାର କୁଚିଣ୍ଡା ଦଶହରାକୁ ସ୍ତ୍ରୀଙ୍କ ସହ ସେ ବେଲୁନ ବିକିବାକୁ ଆସିଥିଲେ। ହେଲେ ଦଶହରା ଦିନ ଅର୍ଥାତ୍ ୨ତାରିଖରେ ପୁଣି ବେଲୁନ ବିକାଳି ଗୁଡୁଙ୍କ ସହ ପଙ୍କଜଙ୍କ ଝଗଡ଼ା ହୋଇଥିଲା। ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିବା ବେଳେ ଦୋକାନୀଙ୍କ ସପକ୍ଷରେ କୁଚିଣ୍ଡାର କେତେଜଣ ବ୍ୟକ୍ତି ବାହାରି ତାଙ୍କ ସ୍ୱାମୀଙ୍କୁ ମାଡ ମାରିଥିଲେ ବୋଲି ବିଷ୍ଣୁ ଥାନାରେ ଅଭିଯୋଗ କରିଥିଲେ। ଆକ୍ରମଣରେ ଗୁଡୁ ଗୁରୁତର ଆହତ ହେବାରୁ ତାଙ୍କୁ କୁଚିଣ୍ଡା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଭୋର ପ୍ରାୟ ୫ଟାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବସ୍ ଧକ୍କାରେ ଜଣେ ମୃତ

ସମ୍ବଲପୁର, ୬।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ସଦର ଥାନା ସିନ୍ଦୁରପଙ୍କ ନିକଟରେ ସୋମବାର ବସ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଗଛ କାଟୁ(୪୫)। ପୋଲିସ ବସକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି। ମୃତକ କାଟୁଙ୍କ ପରିବାରର କେହି ନ ଥିବା ବେଳେ ଦୀର୍ଘଦିନ ହେଲା ସେ ସିନ୍ଦୁରପଙ୍କ ହନୁମାନ ମନ୍ଦିରରେ ଅସହାୟ ଅବସ୍ଥାରେ ରହୁଥିଲେ। ସନ୍ଧ୍ୟାରେ ଜାତୀୟ ରାଜପଥ(୫୩) ପାର ବେଳେ ସମ୍ବଲପୁରକୁ ଆସୁଥିବା ବସ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରିଛି।

# ସମ୍ବଲପୁରରେ ଜମୁଛି ଗଜଲକ୍ଷ୍ମୀ ପୂଜା


ହୀରାକୁଦ ବୁଢ଼ାକଟାରେ ମଣ୍ଡପରେ ମା' ଗଜଲକ୍ଷ୍ମୀ।


ମୁଦିପଡାରେ ଗଜଲକ୍ଷ୍ମୀ ମଣ୍ଡପରେ ପୂଜା ପାଉଛନ୍ତି।

ସମ୍ବଲପୁର,୬।୧୦(ବି.ଶଙ୍କର)

ଆଶ୍ୱିନୀ ଶୁକ୍ଳପକ୍ଷ କୁମାର ପୂର୍ଣ୍ଣିମା ତିଥିରେ ସମ୍ବଲପୁର ଜିଲାରେ ଗଜଲକ୍ଷ୍ମୀ ପୂଜା ସୋମବାର ପାଳିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ହୀରାକୁଦ ୱାର୍ଡ ନମ୍ବର-୧୨ ଅନ୍ତର୍ଗତ ବୁଢ଼ାକଟା ଗ୍ରାମରେ ୪୫ ତମ ଗଜ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି । ଅପରାହ୍ନ ୧ଟାରେ କଳସ ଶୋଭାଯାତ୍ରା ହୋଇଥିଲା। ବୈରାଗୀ ଆଚାର୍ଯ୍ୟଙ୍କ ପୁରୋହିତ୍ୱରେ ପୂଜାର୍ଚ୍ଚନା ହୋଇଥିଲା । ଆଜିଠାରୁ ୫ ଦିନ ଧରି ପୂଜା କାର୍ଯ୍ୟକ୍ରମ ହେବ । ପ୍ରତ୍ୟେକ ଦିନ ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବୁଢାକଟା ଗଜଲକ୍ଷ୍ମୀ ପୂଜା କମିଟିର ମନୋଜ ବାରିକ, ମହେଶ୍ୱର ସାହୁ, ବିଶ୍ୱଜିତ ବାଗ, ସୁବ୍ରତ ପ୍ରଧାନ, ପିଣ୍ଟୁ ପ୍ରଧାନ, ଅଙ୍କୁର ପ୍ରଧାନ, ସୀପନ ସାହୁ, ପର୍ଶୁ ସାହୁ, ମଣ୍ଟୁ ପ୍ରଧାନ ପୂଜାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ମୁଦିପଡା ପଞ୍ଚମୁଖି ପୂଜା କମିଟି ଆୟୋଜନରେ ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଆରମ୍ଭ ହୋଇଛି। ସୋମବାର ସକାଳ ୭ଟା ୩୦ରେ କଳସ ଯାତ୍ରା, ଅପରାହ୍ନ ୧ଟାରେ ଅନ୍ନଭୋଗ ନୀତି ଏବଂ ସନ୍ଧ୍ୟା ୭ଟାରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ସମ୍ବଲପୁର ମହାନ୍ତିପଡାର ପଦ୍ମାଳୟା ବକ୍ସି ଓ ହଂସରାଜ ବହିଦାର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ପଣ୍ଡିତ ସନୁଜକୁରୀ ଗୋସ୍ୱାମୀ ମୁଖ୍ୟ ପୂଜକ ଦାୟିତ୍ୱ ସମ୍ପାଦନା କରିଥିଲେ। ସିଦ୍ଧେଶ୍ୱର ମହାପାତ୍ର, ଜଗନ୍ନାଥ ପୁରୋହିତ ଓ ଟିଙ୍କୁ ନାୟକ ଏଥିରେ ସହାୟତା କରିଥିଲେ। ମହୋତ୍ସବ ଆୟୋଜନ କମିଟିର ରାମଚନ୍ଦ୍ର ପୋଡ଼, କୋନ୍ଦନ ନାଏକ, ସୀମାଞ୍ଚଳ ପଣ୍ଡା, ବିନୋଦ ପ୍ରଧାନ, ନିଳାଞ୍ଚଳ ପଣ୍ଡା, ଦୁର୍ଗା ସାମନ୍ତରାୟ ଏବଂ ଭୁବନେଶ୍ୱର ସାହୁଙ୍କ ତତ୍ତ୍ୱାଧାନରେ ମହୋତ୍ସବ ହୋଇଥିଲା । ଏତଦବ୍ୟତୀତ ସମ୍ବଲପୁର ସହରର ବିଭିନ୍ନ ପଡାରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି ।

# ମା' ସମଲେଇଙ୍କ ରାଜରାଜେଶ୍ୱରୀ ବେଶ

- ପୂର୍ଣ୍ଣିମା ଜହ୍ନର ବିକିରଣରେ ନୂତନ ଧ୍ୱଜା ଲାଗିଲା
- ବୀରବାଦ୍ୟରେ ଯୁବକଙ୍କ ଆଖଡ଼ା ଖେଳ


ଦେବୀ ସମଲେଇଙ୍କ ରାଜରାଜେଶ୍ୱରୀ ବେଶ।

ସମ୍ବଲପୁର,୬।୧୦(ବି.ଶଙ୍କର)

ଆଶ୍ୱିନୀ ଶୁକ୍ଳପକ୍ଷ କୁମାର ପୂର୍ଣ୍ଣିମା ତିଥିରେ ମା' ସମଲେଇ ରାଜରାଜେଶ୍ୱରୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଦେବୀଙ୍କ ଦିବ୍ୟ ଓ ମନୋଲୋଭା ବେଶ ଦର୍ଶନ କରିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତମାନଙ୍କ ସମାଗମ ହୋଇଥିଲା। ପରମ୍ପରା ଓ ରୀତିନୀତି ଅନୁସାରେ ପ୍ରାତଃ ୪ଟାରେ ଦ୍ୱାର ଉନ୍ମୁକ୍ତ ହୋଇଥିଲା। ପ୍ରାତଃ ୫ଟାରେ ମଙ୍ଗଳ ଆଳତୀ, ସକାଳ ୬ଟାରେ ଭକ୍ତଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୧୧ଟା ୪୫ରେ ମୁଖ୍ୟ ଦ୍ୱାର ବନ୍ଦ ହେବା ପରେ ମଧ୍ୟାହ୍ନ ୧୨ଟାରେ ଅନ୍ନ ଭୋଗ ନୀତି ହୋଇଥିଲା। ଆଶ୍ୱିନୀ ଶୁକ୍ଳପକ୍ଷ କୁମାର ପୂର୍ଣ୍ଣିମା ତିଥିନୁସାରେ ଅପରାହ୍ନ ୧୨ଟା ୩୦ରେ ଦେବୀ ସମଲେଇଙ୍କଠାରେ ସିନ୍ଦୁର ଲାଗି ନୀତି, ରାଜରାଜେଶ୍ୱରୀ ବେଶ ହୋଇଥିଲା। ଦେବୀ ନୂତନ ସମ୍ବଲପୁରୀ ପାଟ ବସ୍ତ୍ର ପରିଧାନ କରିବା ସହ ସ୍ୱର୍ଣ୍ଣ, ରୌପ୍ୟ, ହୀରା, ମୋତି, ମାଣିକ୍ୟ ଅଳଙ୍କାରରେ ଆଭୂଷିତା ହୋଇଥିଲେ। ଅପରାହ୍ନ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଭକ୍ତମାନେ ଦେବୀଙ୍କ ଦିବ୍ୟ ଓ ମନୋଲୋଭା ରାଜରାଜେଶ୍ୱରୀ ବେଶ ଦର୍ଶନ କରିଥିଲେ। ରାତି ୭ଟାରେ ପୂଜକମାନେ ଗମ୍ଭିରାରେ ପ୍ରବେଶ କରି ଧ୍ୱଜା ପୂଜା କରିବା ପରେ ୭ଥର ମନ୍ଦିର ବେଢ଼ା ପରିକ୍ରମା କରିଥିଲେ। ରାତ୍ରି ପ୍ରାୟ ୯ଟାରେ ସମଲେଇ ମନ୍ଦିରରେ ନୂତନ ଧ୍ୱଜା ରୋହଣ ନୀତି ସମ୍ପନ୍ନ ହୋଇଛି। ତେଣୁ ମା'ଙ୍କ ଅନ୍ନଭୋଗ ଲାଗି ନୀତି, ଶିଙ୍ଗାର ଓ ରାଜରାଜେଶ୍ୱରି ବେଶ, ମନ୍ଦିରରେ ଧ୍ୱଜରୋହଣ ପର୍ବ ଓ ମହାଦୀପ ନୀତି ହୋଇଥିଲା। ଏହାପରେ ମହାଦୀପ ମନ୍ଦିର ଚୂଡାକୁ ଉଠିଥିଲା।

ମହାଦୀପ ବ୍ୟତୀତ ଧ୍ୱଜାନୁସାରେ ଦୀପ ମନ୍ଦିର ଶିଖରକୁ ନିଆଯାଇଥିଲା। ଶଙ୍ଖ, ଘଣ୍ଟ ଓ ଭକ୍ତଙ୍କ ହୁଳହୁଳି, ହରିବୋଲ ଧ୍ୱନିରେ ମୁଖରିତ ହୋଉଥିଲା ମନ୍ଦିର ପରିସର। ବୀରବାଦ୍ୟ ଶବ୍ଦରେ ପ୍ରକମ୍ପିତ ହୋଇ ଉଠିଥିଲା ମନ୍ଦିର ଅଞ୍ଚଳ। ଆଶ୍ୱିନୀ ମାସ କୁମାର ପୂର୍ଣ୍ଣିମା ଜହ୍ନର ରୂପେଲି କିରଣରେ ଝଟକୁଥିଲା ସମଲେଇ ମନ୍ଦିର। ସେହିପରି ରଙ୍ଗିନ ଆଲୋମାଳା ଓ ରଙ୍ଗ ବେରଙ୍ଗ ଆତସବାଜି ଉପସ୍ଥିତ ଭକ୍ତମାନଙ୍କୁ ବିମୋହିତ କରିଥିଲା। ଅପରପକ୍ଷେ କଡକଡି ବାଦ୍ୟ ତାଳେ ସମଲେଶ୍ୱରୀ ଆଖଡା ଦଳର ଯୁବକମାନଙ୍କ ବନାଟି ଖେଳ ପ୍ରଦର୍ଶନ ହୃଦୟସ୍ପର୍ଶୀ ହୋଇଥିଲା। ଏପରି ଏକ ମନୋରମ ପରିବେଶରେ ମନ୍ଦିର ଶିଖରରେ ଧ୍ୱଜା ରୋହଣ ନୀତି ହୋଇଥିଲା।

୩ମିଟର ଲମ୍ବାର ପାଟ ଧ୍ୱଜା ମନ୍ଦିର ଶିଖରକୁ ନିଆଯାଇଥିଲା। ବରଗଡ ଜିଲା ନୁନିଆପାଲି ଜଙ୍ଗଲରୁ ଧ୍ୱଜା ସକାଶେ ୫ଫୁଟ ଲମ୍ବାର ବାଉଁଶ ଆସିଥିଲା। ସମ୍ବଲପୁର ସହସିଆଁପଡା ବାସିନ୍ଦା ଟୁନା ସ୍ୱାଇଁ ଓ ଟୁନୁ ସ୍ୱାଇଁ ଦେବୀଙ୍କୁ ପ୍ରଣିପାତ କରି ଆର୍ଶିବାଦ ଭିକ୍ଷା କରିଥିଲେ। ଏହାପରେ ମୁଣ୍ଡରେ ସମଲେଇଙ୍କ ଚନରି ବାନ୍ଧି ଧ୍ୱଜା ନେଇ ମନ୍ଦିର ପରିସରକୁ ପ୍ରବେଶ କରିଥିଲେ। ଏହି ସମୟରେ ନୂତନ ଧ୍ୱଜାକୁ ସ୍ପର୍ଶ କରିବାକୁ ଭକ୍ତଙ୍କ ଭିଡ ଲାଗିଥିଲା। ପୁରୁଣା ଧ୍ୱଜାକୁ ଦୀପ ଦେଖାଇବା ପରେ ନୂତନ ଧ୍ୱଜା ସ୍ଥାପନ ହୋଇଥିଲା। ଧ୍ୱଜା ରୋପଣରେ ପୂଜକ ଅପକ୍ଷୟ ରାୟ ଓ ରାଜେନ୍ଦ୍ର ରାୟ ସହଯୋଗ କରିଥିଲେ। ସେହିପରି ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଓ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସଗନ ରାୟ, ପ୍ରକାଶ ରାୟ, ନିର୍ଭୟ ରାୟ, ଅକ୍ଷୟ ରାୟ, ପ୍ରଶାନ୍ତ ରାୟ, ସୁଧାଂଶୁ ରାୟ, ହିମାଂଶୁ ରାୟ, ଓକିଲ ରାୟ ପ୍ରମୁଖ ଧ୍ୱଜା ପୂଜାର୍ଚ୍ଚନା କରିଥିଲେ।

ବିଶ୍ୱସୃଷ୍ଟି ଆରମ୍ଭରେ ଥିଲା ପ୍ରେମ ଏବଂ ପ୍ରେମ ହିଁ ଭଗବାନ। ... ପ୍ରେମ ହିଁ କେବଳ ପୃଥିବୀର ଦୁଃଖ ଯନ୍ତ୍ରଣା ଉପଶମ କରିବା ପାଇଁ ସମର୍ଥ। ... ଏ ବିଶ୍ୱରେ ଯେତେ ପ୍ରକାର ଶକ୍ତି କାର୍ଯ୍ୟ କରୁଛନ୍ତି- ସେମାନଙ୍କ ଭିତରେ ପ୍ରେମ ହିଁ ସବୁଠାରୁ ଅପ୍ରତିରୋଧ ଓ ସବୁଠାରୁ କ୍ଷମତାଶାଳୀ। -ଶ୍ରୀମା

-କୁମାର ପୂର୍ଣ୍ଣିମା ଓ କାର୍ତ୍ତିକ ବ୍ରତାରମ୍ଭ



# ଚାକିରି ପାଇଁ ନିବେଶ

ସଭ୍ୟ ସମାଜରେ ପୋଲିସ ଆପରାଧିକ ନ୍ୟାୟ ବ୍ୟବସ୍ଥାର ମେରୁଦଣ୍ଡ ବୋଲି କୁହାଯାଇଥାଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ଆଇନଶୃଙ୍ଖଳା ବଜାୟ ରଖିବା, ଅପରାଧ ଠାବ କରି ତାହାକୁ ଦୂର କରିବା ଏବଂ ଜନସାଧାରଣଙ୍କ ଜୀବନ ଓ ଧନର ସୁରକ୍ଷା କରିବା ହେଉଛି ପୋଲିସର ଦାୟିତ୍ୱ। ହେଲେ ଆଜି ଓଡ଼ିଶା ସମେତ ସବୁ ରାଜ୍ୟର ପୋଲିସ ଯେମିତି ବଡ଼ବଡ଼ିଆଙ୍କ ଜଗୁଆଳି ସାଜିଛନ୍ତି। ସେମାନେ ଭିଆଇପିଙ୍କ ସୁରକ୍ଷାରେ ରହୁଥିବା ଅଧିକାଂଶ ବେଳେ ଦେଖିବାକୁ ମିଳୁଛି। ଅପରାଧକୁ ନିୟନ୍ତ୍ରଣ କରିବା ଅପେକ୍ଷା 'ଭିଆଇପି ମୁଭ୍‌ମେଣ୍ଟ' ପାଇଁ ଟ୍ରାଫିକ୍ ଜଗିବାକୁ ବଡ଼ କାମ ବୋଲି ପୋଲିସ ଧରି ନେଉଛି। ପୋଲିସ ଷ୍ଟେଶନରେ ଥାନା ବଡ଼ ବାବୁ କାହାନ୍ତି ପ୍ରଶ୍ନ କଲେ, ଉତ୍ତର ମିଳିବ ସାର୍ ମନ୍ତ୍ରୀଙ୍କ ସୁରକ୍ଷାରେ ବ୍ୟସ୍ତ। ଲାଗିଲାଣି ଯେମିତି ପୋଲିସ ବଡିଗାର୍ଡ ୟୁନିଟ୍ ହୋଇଯାଇଛି। ଅପରାଧ ତା' ବାଟରେ ଦୌଡୁଛି। ସମସ୍ୟା ଅଣାୟତ୍ତ ହୋଇଗଲାଣି ବୋଲି କଟକ ଭଳି ଘଟଣା ପ୍ରମାଣ କରିଦେଉଛି। ସହର ଡିସିପି ଓ ତାଙ୍କ ସହ ୨୫ ଜଣ ପୋଲିସ କର୍ମଚାରୀ ଗୁରୁତର ଆହତ ହେବା ଖବର ସ୍ଥାନୀୟ ଗୁଣ୍ଡା ଓ ଅସାମାଜିକ ବ୍ୟକ୍ତିଙ୍କ ମନୋବଳ ବଢ଼ାଇବା ସୁନିଶ୍ଚିତ। ଯେତେବେଳେ ପୋଲିସ ନିଜକୁ ସୁରକ୍ଷା ଦେବାରେ ଅକ୍ଷମ ହୋଇପଡ଼େ ସେତେବେଳେ ସଭ୍ୟ ସମାଜରେ ମୂଳଦୁଆ ଭୁଶୁଡ଼ି ପଡ଼ିଲା ଭଳି ହୃଦ୍‌ବୋଧ ହେବା ସ୍ୱାଭାବିକ।

ଏଥିସହିତ ଅନ୍ୟ ଏକ ଦିଗକୁ ବି ଦେଖାଯାଉ। ବିଗତ କିଛି ବର୍ଷ ହେଲା ବାରମ୍ବାର ପ୍ରବେଶିକା ଓ ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ହେବା କିମ୍ବା ଅଶାୟୀଙ୍କୁ ଗଳାବାଟ ଦେଇ ଯୋଗ୍ୟ କରାଇବା ଭଳି ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଏଭଳି କାର୍ଯ୍ୟକଳାପକୁ ପୋଲିସ ଠିକ୍ ଭାବେ ତଦନ୍ତ କରି ନିୟନ୍ତ୍ରଣ କରିପାରୁନାହିଁ। ଓଡ଼ିଶା ନ୍ୟାୟିକ ସେବା (ଓଜେଏସ୍), ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି), ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଓ ଅମିନ ପରୀକ୍ଷାକୁ ବାତିଲ କରାଯିବା ଏସବୁର ଦୃଷ୍ଟାନ୍ତ। ନିକଟରେ ଓଡ଼ିଶା ପୋଲିସର ସବ୍-ଇନ୍ସପେକ୍ଟର (ଏସ୍‌ଆଇ) ପରୀକ୍ଷା ଜାଲିଆତି ରାଜ୍ୟବ୍ୟାପୀ ଚହଳ ପକାଇବା ତା'ର ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ଦ୍ୱାରା ହେବାକୁ ଥିବା ଏହି ପରୀକ୍ଷାକୁ ଶେଷରେ ବାତିଲ କରିବାକୁ ପଡ଼ିଛି । ଘଟଣାକୁ ଦେଖିଲେ ଏହି ପରୀକ୍ଷାର ପରିଚାଳନା ଦାୟିତ୍ୱ ନେଇଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆଇଟିଆଇ ଲିମିଟେଡ୍ ତାହାକୁ ସିଲିକନ ଟେକଲାବ୍ ପ୍ରାଇଭେଟ ଲିମିଟେଡ୍‌କୁ ଦେଇଥିଲା। ସିଲିକନ୍ ପୁଣି ପଞ୍ଚସଫ୍ଟ ଟେକ୍‌ନୋଲୋଜିସ୍ ପ୍ରାଇଭେଟ ଲିମିଟେଡ୍‌କୁ କାମ ଦେଇଥିଲା। ଅର୍ଥାତ୍ ୩ ସେଣାରେ ପରୀକ୍ଷା କରାଇବା ଦ୍ୱାରା ପ୍ରତ୍ୟେକ ସଂସ୍ଥା ନିଜ ଲାଭ ରଖି ପରବର୍ତ୍ତୀ ସଂସ୍ଥାକୁ କାମ ହସ୍ତାନ୍ତର କରିଛି। ଏଥିରୁ ବୁଝିବାକୁ ହେବ ଯେ କରଦାତାଙ୍କ ଅର୍ଥକୁ କେତେ ପରିମାଣରେ ନଷ୍ଟ କରାଯାଉଛି। ଏହାବ୍ୟତୀତ ଏହିସବୁ ପରୀକ୍ଷାରେ କେଉଁଠାରୁ ବଦ୍‌ମାସି ଆରମ୍ଭ ହେଲା ତାହା ଲୁଚିଯିବା ସହଜ ହୋଇଥାଏ ଯେତେବେଳେ ବିଭିନ୍ନ ପରସ୍ତରେ କାମ କରାଯାଇଥାଏ। ଦେଖିବାକୁ ଗଲେ ସେହିସବୁ ସଂସ୍ଥା ଲିଖିତ ପରୀକ୍ଷା କରିବା ପରେ ଶାରୀରିକ ଓ ମୌଖିକ ପରୀକ୍ଷା ଓପିଆର୍‌ବି କରିଥାଆନ୍ତା। ତେବେ ଘରୋଇ ସଂସ୍ଥା ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟିଙ୍କ ଯୋଜନା ଅନୁଯାୟୀ ପରୀକ୍ଷା ପୂର୍ବରୁ ୧୧୪ ଜଣ ଆଶାୟୀଙ୍କୁ ହାଇଦ୍ରାବାଦ ଅଭିମୁଖେ ନିଆଯାଉଥିଲା। ଏ ବିଷୟ ଜଣାପଡ଼ିବା ପରେ ପୋଲିସ ସେମାନଙ୍କୁ ଗିରଫ କରି ଏସ୍‌ଆଇ ପରୀକ୍ଷାକୁ ବାତିଲ କରାଯାଇଛି। ଏଥିରେ ଜଣେ ପୂର୍ବତନ ଜେଲ୍ ଡିଆଇଜିଙ୍କ ପିଲା ରହିଥିବା ଖବର ପଦାକୁ ଆସିଛି। ଖୋଳତାଡ଼ ହେବା ପରେ ହୁଏତ ଅନ୍ୟ କେତେକଙ୍କ ନାମ ପଦାକୁ ଆସିପାରେ। ଜଣାପଡ଼ିଛି ଯେ, ଗୋଟେ ପଦବୀ ପାଇବା ପାଇଁ ଆଶାୟୀମାନେ ୨୫ ଲକ୍ଷ ଟଙ୍କା ଦେବା ଲାଗି ପ୍ରସ୍ତୁତ ହୋଇଥିଲେ। ପରୀକ୍ଷା ପୂର୍ବରୁ ୧୦ ଲକ୍ଷ ଦିଆଯାଇଥିଲା, ଚାକିରି ପାଇଥିଲେ ୧୫ ଲକ୍ଷ ଦେଇଥାଆନ୍ତେ ବୋଲି କଥା ସରିଥିଲା। ଇତିମଧ୍ୟରେ ଏହି ଜାଲିଆତିର ତଦନ୍ତ ଦାୟିତ୍ୱ କ୍ରାଇମ୍‌ବ୍ରାଞ୍ଚ ନେଇଥିବା କେବଳ ଧର୍ମକୁ ଆଖିଠାର ଭଳି।

ବାସ୍ତବରେ ଯେଉଁ ପ୍ରାର୍ଥୀମାନେ ପର୍ଯ୍ୟାପ୍ତ ଅର୍ଥ ବିନିଯୋଗ କରି ପୋଲିସ ଚାକିରିରେ ଭର୍ତ୍ତି ହେବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ କେତେ ଦୃଷ୍ଟି ପଡ଼ିବ ତାହା ଚିନ୍ତାର ବିଷୟ। ଏଥିସହିତ ନିରୀହଙ୍କୁ ନ୍ୟାୟ ଯୋଗାଇବା ପାଇଁ ଏହିଭଳି ପୋଲିସ ଅଫିସରଙ୍କର ଦାୟିତ୍ୱ ପଡ଼ିଲେ ସେମାନେ କେତେ ନିଷ୍ଠାରେ କାମ କରିବେ ତାହା ସମୟ କହୁଛି। ହୁଏତ ସେଥିପାଇଁ ଆଜି ମଧ୍ୟ ଭଦ୍ର ନାଗରିକମାନେ ଥାନାକୁ ଯିବାକୁ ଭୟ କରୁଛନ୍ତି। ଏହି ମାନସିକତା ଅନ୍ୟ ଗଣତାନ୍ତ୍ରିକ ଦେଶଗୁଡ଼ିକରେ ଦେଖିବାକୁ ମିଳେନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ମାତ୍ରକେ ସାଧାରଣ ଲୋକ ଶାନ୍ତିରେ ପ୍ରଶ୍ୱାସ ନେଇପାରନ୍ତି। କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତରେ ସେହିଭଳି ପରିସ୍ଥିତି ଦେଖିବାକୁ ମିଳେ ନାହିଁ। ପୂର୍ବରୁ ଚିନ୍ତା କରାଯାଉଥିଲା ମହିଳାମାନଙ୍କୁ ଆୟତ୍ତ କରିବା ପାଇଁ ମହିଳା ପୋଲିସ ମୁତୟନ ହେବା ଉଚିତ। ପରବର୍ତ୍ତୀ ସମୟରେ ଏବଂ ବିଶେଷକରି ସୋସିଆଲ ମିଡିଆରେ ପୋଲିସର ଅସଦ୍ ବ୍ୟବହାର ଦେଶବାସୀ ଦେଖିବାକୁ ପାଉଛନ୍ତି। ଏଥିରୁ ବୁଝିବାକୁ ହେବ ଯେ ମହିଳା ହୁଅନ୍ତୁ ବା ପୁରୁଷ, ପୋଲିସ ବଳର କ୍ଷମତାକୁ ଅପବ୍ୟବହାର କରିବା ପାଇଁ ସବୁ କର୍ମଚାରୀ ନ ହେଲେ ମଧ୍ୟ ଅଧିକାଂଶ ପ୍ରବଳ ମାତ୍ରାରେ ଇଚ୍ଛୁକ ରହୁଛନ୍ତି। ସେଥିପାଇଁ ୨୫ ଲକ୍ଷ ବିନିଯୋଗ କରି ଚାକିରି ପାଇବା ପରେ ସେହି ପୋଲିସ କର୍ମଚାରୀର ଲୋଭ ଅସରନ୍ତି ହୋଇଯାଉଛି। ଏହା ଏକ ସାମାଜିକ ରୋଗ, ଯାହାର ନିରାକରଣ ରାତାରାତି ହୋଇପାରିବ ନାହିଁ। କାରଣ ଉଚ୍ଚପଦସ୍ଥ ଅଫିସର ମଧ୍ୟ କୌଣସି ଭାବେ ଜନତା ସପକ୍ଷବାଦୀ ଚରିତ୍ର ପ୍ରଦର୍ଶନ କରିବାକୁ ଚେଷ୍ଟା କରୁନାହାନ୍ତି। ସେଥିପାଇଁକି ସକାରାତ୍ମକ ଅନୁକରଣ କରିବା ସୁଯୋଗ ଉପୁଜୁ ନାହିଁ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | | | 3 | | |
| 8 | 9 | | | | | | 1 | 4 |
| | | 1 | | | | 8 | 6 | |
| | | 8 | | | 5 | | | 7 |
| | | | 7 | 8 | | | | |
| | 2 | | | 4 | | | | |
| | 7 | | | | 9 | 6 | | 1 |
| | | | | | 7 | | 4 | |
| | | | 6 | 2 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 2 | 8 | 5 | 7 | 3 | 9 | 4 |
| 3 | 9 | 5 | 4 | 6 | 1 | 2 | 8 | 7 |
| 7 | 4 | 8 | 2 | 3 | 9 | 1 | 6 | 5 |
| 9 | 3 | 1 | 5 | 8 | 2 | 4 | 7 | 6 |
| 8 | 5 | 7 | 1 | 4 | 6 | 9 | 2 | 3 |
| 6 | 2 | 4 | 7 | 9 | 3 | 8 | 5 | 1 |
| 2 | 7 | 3 | 6 | 1 | 8 | 5 | 4 | 9 |
| 5 | 8 | 9 | 3 | 7 | 4 | 6 | 1 | 2 |
| 4 | 1 | 6 | 9 | 2 | 5 | 7 | 3 | 8 |

ଗତକାଲିର ଉତ୍ତର

# ମନ୍ଦିର ଆଉ ପ୍ରାର୍ଥନା



ସହଦେବ ସାହୁ

ଜଗନ୍ନାଥ ଚାହିଁଲେ ବୋଲି ଆପଣ ଆସିଲେ – ନ ଚାହିଁଥିଲେ କ'ଣ ଆପଣ ଆସିଥାନ୍ତେ? ଶ୍ରୀମନ୍ଦିରରେ ପଣ୍ଡାମାନେ ଏମିତି କହୁଥିବାର ମୁଁ ଶୁଣିଛି, ଆପଣମାନେ ବି ଶୁଣିଥିବେ। କିଏ କାହାକୁ ଡାକୁଛି? ଯଦି ଠାକୁରେ ଡାକୁଛନ୍ତି ତେବେ କେତେଜଣ ଶ୍ରଦ୍ଧାଳୁ ବାଟଘାଟରେ ବା ଭିଡ଼ତୋଡ଼ରେ ମୃତ୍ୟୁ ଲଭୁଛନ୍ତି କାହିଁକି? ଠାକୁରଙ୍କୁ ଆମେ ଡାକିଲେ ପ୍ରାର୍ଥନା, ଠାକୁରେ ଆମକୁ ଡାକିଲେ ପୂଜା। ଆମେ ଠାକୁରଙ୍କୁ ଡାକିଲେ ବଞ୍ଚିଯିବା ନିଶ୍ଚିତ, କିନ୍ତୁ ଠାକୁରେ ଆମକୁ ଡାକିଲେ ଆମ ଭିତରୁ କେତେକେ ମରିବା ନିଶ୍ଚିତ। ଏ କଥା ସର୍ବବିଦିତ, ତଥାପି ଲୋକେ ମନ୍ଦିର, ମସ୍‌ଜିଦ, ଗୁରୁଦ୍ୱାର, ଗିର୍ଜାକୁ ଯାଆନ୍ତି। ତଥାପି ମଣିଷ ଭୁଲିଯାଏ ଯେ ପ୍ରାର୍ଥନା ପ୍ରଥମେ, ଠାକୁର ପରେ। ସ୍କୁଲ ଆରମ୍ଭରେ ଛାତ୍ରୀଛାତ୍ରମାନଙ୍କ ମୁହଁରେ, ପଲିଟିକାଲ ସ୍ପିଚ୍ ପରେ ନେତା ଓ ଦେଖଣାହାରୀମାନଙ୍କ ମୁହଁରେ, ଅପରେଶନ ଥିଏଟର ସାମ୍ନାରେ ଠିଆହୋଇଥିବା ଲୋକଙ୍କ ମୁହଁରେ ତ ୱାର୍ଲଡ କପ୍ ଫାଇନାଲରେ ଲକ୍ଷ ଲକ୍ଷ ଲୋକଙ୍କ ମୁହଁରେ ପ୍ରାର୍ଥନା। ମିଟିଂରେ ପହଞ୍ଚିବାକୁ ଡେରି ହେଉଛି ସେତିକି ବେଳେ ଟ୍ରାଫିକ୍ ଲାଇଟ୍ ଲାଲ ଦିଶିଲା ତ ପ୍ରାର୍ଥନା। ପରୀକ୍ଷା ହଲ୍‌କୁ ଯିବା ରାସ୍ତାରେ, ବିମାନ ଉଡ଼ାଣ ଆରମ୍ଭ ହେଲା କ୍ଷଣି, ପରୀକ୍ଷାଫଳ ଖାତା ଖୋଲିବା ବେଳେ ପ୍ରାର୍ଥନା। ସବୁଠି ପ୍ରାର୍ଥନା। ସବୁ ଧର୍ମରେ। ଠାକୁର ତ ଅସଂଖ୍ୟ। ତା'ଛଡ଼ା ଗୁରୁ, ଯୋଗୀ, ଫକିର, ସନ୍ଥମାନେ ପ୍ରାର୍ଥନାରୁ ଆରମ୍ଭ ଓ ପ୍ରାର୍ଥନାରେ ଶେଷ। ପ୍ରାର୍ଥନା ଧର୍ମ ଭିତରେ ଲୁଚି ରହିଛି ବୋଲି ଆମେ ଭାବୁ, କିନ୍ତୁ ଜଣେ ଧର୍ମାଳୁ ନ ହୋଇ ବି ପ୍ରାର୍ଥନା କରେ। ଏ ଗୋଟିଏ ରୀତି ହୋଇଗଲାଣି।

ରାଜନୀତିରେ ଅଧର୍ମ କାମ କରୁଥିବା ଲୋକ ବି ପ୍ରାର୍ଥନା କରେ – ଧର୍ମାଳୁ ନ ହୋଇ ବି ପ୍ରାର୍ଥନା। ଆମେ ପ୍ରାର୍ଥନା କରିବା ଆବଶ୍ୟକ ବୋଲି ଠାକୁର ରହିବା ଦରକାର। କେହି ତ ଆମ ପ୍ରାର୍ଥନା ଶୁଣିବା ଦରକାର। ପ୍ରାର୍ଥନା କରୁଛୁ ବୋଲି ଆସ୍ଥା ଅଛି, ଆସ୍ଥା ଅଛି ବୋଲି ପ୍ରାର୍ଥନା ନୁହେଁ। ଠାକୁର ଅଛନ୍ତି ବୋଲି ଆମେ ପ୍ରାର୍ଥନା କରୁନା, ପ୍ରାର୍ଥନା କରୁଛୁ ବୋଲି ଠାକୁର ରହିବା ଦରକାର। ଆମ ଶବ୍ଦଗୁଡ଼ାକ କେଉଁଠି ତ ପହଞ୍ଚିବା ଦରକାର! ବିଶ୍ୱାସ (ଭକ୍ତି)ରୁ ପ୍ରାର୍ଥନା ଜନ୍ମେ ନାହିଁ, ପ୍ରାର୍ଥନାରୁ ବିଶ୍ୱାସ/ଆସ୍ଥା/ଧର୍ମ ଆସେ।

ଟିକେ ଭିତରେଇ ଦେଖିଲେ ଜାଣିବା ଯେ ପ୍ରାର୍ଥନା କାହାକୁ କହୁଛୁ ତା' ବିଷୟରେ ଯେତେ ନୁହେଁ ତା'ଠାରୁ ବେଶି ପ୍ରାର୍ଥନାକାରୀର ପରିସ୍ଥିତି ସମ୍ପର୍କରେ, ଯେଉଁ ପରିସ୍ଥିତିରୁ ଆମେ ଦୁଃଖରେ ଅଛୁ ବା ଅସଫଳ ହେବାର ଆଶଙ୍କା ଅଛି ତହିଁରୁ ଉଦ୍ଧାର ପାଇଁ। କ୍ଷୁଦ୍ର ବା ନଗଣ୍ୟ ଅନୁଭବ କରୁଥିବାରୁ ପ୍ରାର୍ଥନା ଆସେ, ଆମେ କ'ଣ ଚାହୁଁଛୁ ସେହି ଭାବନାରୁ ଆସେ। ଏ ଯେପରି ଏକ ମୂଳଚାଲ କାରବାର। ମୁଁ ମୋର ନିମ୍ନ ଭାବ ପ୍ରକାଶ କରୁଛି, ଶରଣ ପଶୁଛି, ତା' ବଦଳରେ



କିଛି ଚାହୁଁଛି। ନିଜର ଅକ୍ଷମତା ପ୍ରକାଶକରି ବିଶ୍ୱରୁ କିଛି ସୁବିଧା ବା ଅନୁଗ୍ରହ (କନ୍‌ସେସନ୍) ଚାହୁଁଛି। ଆମେ କ'ଣ ଚାହୁଁଛୁ ଓ କେତେଦୂର ତାହା ପାଇପାରିବୁ – ଏ ଦୁଇଟା ଭିତରେ ଥିବା ବ୍ୟବଧାନକୁ ପୂରଣ କରିବାର ଇଚ୍ଛାକୁ ପୂରଣ ପାଇଁ ଆମେ ପ୍ରାର୍ଥନା କରୁ। ଆମେ ସମର୍ପଣ ଭାବ ଦେଖାଉ, ସମର୍ପଣ ଭାବ ଭିତରେ ଅଛି ଆମର ଉଚ୍ଚାକାଙ୍କ୍ଷା। ପ୍ରାର୍ଥନାରେ ଆମେ ନିଜକୁ କ୍ଷୁଦ୍ର ମନେକରୁ ଏବଂ ଏମିତି ମନେକରିବା ହେତୁ ନିଜକୁ ମହାନ୍ ଭାବୁ। ପ୍ରାର୍ଥନା ଆମର ତୁଚ୍ଛ ଶରୀରକୁ ବିଶ୍ୱସ୍ତରୀୟ କରିଦିଏ। ପ୍ରାର୍ଥନା ଆମକୁ ଅଭାବୀ ଦର୍ଶାଏ ଏବଂ ଏ ପ୍ରକାର ଅନୁଭବ ଭିତରେ ଆମର ବଡ଼ପଣିଆ, ଅଧିକ ପାଇବାର ଯୋଗ୍ୟତା ଅନୁଭବ କରାଏ। ପ୍ରାର୍ଥନା କାନ୍ଦଣା ନୁହେଁ, ପ୍ରାର୍ଥନା କାନ୍ଦଣାକୁ ତାଳ ଦିଏ, ଦିଗ ଦିଏ, ମର୍ଯ୍ୟାଦା ଦିଏ। ଭିନ୍ନ ଭିନ୍ନ ରୀତିର ପ୍ରାର୍ଥନା ସେଇ ଗୋଟିଏ ପ୍ରବୃତ୍ତିକୁ ପ୍ରମାଣକରେ। ଶବ୍ଦଗୁଡ଼ାକ ବର୍ଣ୍ଣନା ନୁହେଁ, ସେଗୁଡ଼ିକ ଆକାଙ୍କ୍ଷାର ଟେକ୍ନୋଲୋଜି।

ନୂଆ ନୂଆ ଧର୍ମ ଆସୁଛି, ପୁରୁଣା ଉଭେଇଯାଉଛି, ସେମିତି ନୂଆ ନୂଆ ଠାକୁର ଆସୁଛନ୍ତି ପୁରୁଣା ଠାକୁର ଉଭେଇଯାଉଛନ୍ତି। କିନ୍ତୁ ପ୍ରାର୍ଥନା ରହିଛି। କାରଣ ଏ ଆସ୍ଥାର ଉତ୍ତର ନୁହେଁ, ପରିସ୍ଥିତିର ଉତ୍ତର। ଆଣ୍ଠେଇ ପଡ଼ି ପ୍ରାର୍ଥନାକରି ମଣିଷ ନିଜକୁ ଯେତିକି ଛୋଟ କରିଦିଏ ପ୍ରାର୍ଥନା ଶେଷରେ ସେତିକି ବଡ଼ ଅନୁଭବକରେ। ତେଣୁ ପ୍ରାର୍ଥନା ଆଗେ, ଠାକୁର ପରେ।

ମଣିଷର ଭଲପଣିଆ ହରାଇ ଆମେ ଧାର୍ମିକ ବୋଲାଉଛୁ। ଚାଶିସ୍ ଉପରେ ଗାଡ଼ି ରହିଲା ପରି ଧର୍ମ ଉପରେ ନୈତିକତା ଯୋଖିହୋଇ ରହିଗଲାଣି; ତାହା ଦରକାର ନାହିଁ। ସମାଜରେ ନୈତିକତା ଥିଲା ଓ ଅଛି – ସାଧୁ ସନ୍ଥ ବା ଧର୍ମପ୍ରଚାରକମାନେ ଧର୍ମର ରଥ (ଚାଶିସ୍) ଉପରେ ନୈତିକତାକୁ ରଖିଦେଉଛନ୍ତି। ପଡ଼ୋଶୀକୁ ଆହତ କରନାହିଁ, ଯାହା ଖାଦ୍ୟ ପାଉଛ ତାକୁ ବାଣ୍ଟିବୁଣ୍ଟି ଖାଅ, ଝଣ୍ଟି ପଡୁଥିବା ଲୋକକୁ ଉଠାଇ ନିଅ –ଏମିତି ନୈତିକତାକୁ ଆପଣାଅ– ମନ୍ଦ ବା ଖରାପ କରିବାରୁ ଦୂରରେ ରୁହ – ଏସବୁ ଗୁଣର ନାମକରଣ (ବ୍ରାଣ୍ଡିଂ) ଦରକାର ହେଲା। ତାହା ହିଁ ଧର୍ମ। ସବୁ ଧର୍ମର ଜନ୍ମ ତାରିଖ ଅଛି, ନାମକରଣ ହୋଇଛି। ଯେକୌଣସି ଧର୍ମକୁ ଦେଖ, ତାହା ଆଗରୁ ନ ଥିଲା କି ସବୁଆଡ଼େ ନ ଥିଲା, ମଝିରେ କେବେ କେବେ ବଦଳିଛି, କେତେକ ଅଂଶ ହଜିଯାଇଛି। ନୂଆ ଧର୍ମ ବା ପନ୍ଥା ବାହାରିପାରେ – ଏସବୁର ନାମ ଦିଆ ଉତ୍ସବ ପିଲାଟିଏର ନାମକରଣ ହୁଏ, ନାମକରଣ ଉତ୍ସବ ଲାଗି ସରକାରଙ୍କ ପିଆର୍ ବିଭାଗ ଭଳି ଜଣେ ଜନସମ୍ପର୍କ ଅଧିକାରୀ ଦରକାର, ସେ ହେଲେ ଧର୍ମ ପ୍ରବର୍ତ୍ତକ। କେତେଟା ମୌଳିକ ଭଦ୍ରାମି ବା ସତ୍ ଚରିତ୍ରର ନାମକରଣ ଦରକାର ହେଲା ତା' ନାଁ ହେଲା ଧର୍ମ। ଏକ ପ୍ରକାର ଜିନିଷକୁ ଭିନ୍ନ ଭିନ୍ନ କମ୍ପାନୀ ନୂଆ ନୂଆ ନାଁ ଦେଇ ପ୍ୟାକିଂ କଲା ଭଳି। କୁହାହେଲା ଧର୍ମ ହେଉଛି ସ୍ୱର୍ଗକୁ ଯିବାର ଟିକେଟ। ଆଉ ଥରେ ମଣିଷ ଜନ୍ମ ନ ହେବା ପାଇଁ ଆଚରଣ। ନର୍କର ନିଆଁରେ ଜଳିପୋଡ଼ି ହେବାରୁ ରକ୍ଷାପାଇବା ପାଇଁ ଏ ଭୂଇଁରେ ଆଚରଣ। ଏ ସବୁ ନୈତିକତା – ଧର୍ମ ନୈତିକତାର ଜନକ ହୋଇଗଲା। ସହାନୁଭୂତି ବା ବନ୍ଧୁପଣିଆ ସ୍ୱର୍ଗକୁ ଯିବାର ଟିକେଟ ହୋଇଗଲା। ସବୁ ଭଲ ଗୁଣର ବାଃ ବାଃ ନେଇଗଲା ଧର୍ମ। ସମାଜରେ ଭଲ ଭାବେ ଚଳିବାର ଗୁଣର ଜନନୀ ହୋଇଗଲା ଧର୍ମ, ଏକ ଜିପିଏସ୍ (ଜିଓଗ୍ରାଫିକାଲ୍ ପୋଜିସନିଂ ସିଷ୍ଟମ୍ – ବାଟ କଢ଼ାଳି ବ୍ୟବସ୍ଥା) ହୋଇଗଲା ଧର୍ମ। ଧର୍ମ ସଭା ବା ମନ୍ଦିରକୁ ରାସ୍ତା ଦେଖାଇଲା, ଅମୁକ ମନ୍ଦିର, ମସ୍‌ଜିଦ, ଗୁରୁଦ୍ୱାର ବା ଚର୍ଚ୍ଚକୁ ଗଲେ ସ୍ୱର୍ଗକୁ ବାଟ ମିଳିଯିବ? ଧର୍ମଗ୍ରନ୍ଥକାରକମାନେ କଥା/ଲେଖାଚୋର – ପ୍ଲାଗିଆରିଷ୍ଟ – ପୂର୍ବ ଧର୍ମର ନୈତିକ ବଚନକୁ ନିଜର ବୋଲି କହୁଥିବା ଲୋକ। ତେଣୁ ନିଜକୁ ସାଧୁ ବା ଋଷି ବୋଲାଉଥିବା ଲୋକ ପ୍ରତି ସାବଧାନ ହେବା ଉଚିତ। ଭଲ ମଣିଷ ହେବା ପାଇଁ ତାଙ୍କ ଉପରେ ନିର୍ଭର କରିବାକୁ ସେମାନେ କହନ୍ତି, ତାଙ୍କର ଅଧୀନ ହେବାକୁ କହନ୍ତି। ସେମାନେ ଆମର ସ୍ୱାଧୀନତା ହରଣ କରନ୍ତି, ଆମର ଧନ ଜନ ଅପହରଣ କରନ୍ତି। ଆମ ଜୀବନରୁ ବାଲୁଙ୍ଗା ଅନାବନା ଗୁଣ ଉପାଡ଼ିଦେବା ଆଳରେ ସେମାନେ ନୂଆ ବାଲୁଙ୍ଗା ନୂଆ ଅନାବନା ଗୁଣ ଦିଅନ୍ତି। କାହାକୁ ଗୁରୁ କଲେ ତୁମ ଧର୍ମ ବଢ଼ିବ, ମିଛ କଥା। ନିଜେ ଭଲ ନ ହେଲେ ଆଉ ଜଣେ ତୁମକୁ ଭଲ କରିପାରିବ ନାହିଁ। ଗୋଟିଏ ବିଶ୍ୱାସ ପ୍ରତି ବନ୍ଧାହୋଇଗଲେ ସତ୍ୟର ଅନୁସନ୍ଧାନ ବନ୍ଦ ହୋଇଯାଏ, ସତ୍ୟ ଓ ନୈତିକ ମାର୍ଗରେ ବାଡ଼ ପକାଇଦିଏ। ମନ୍ଦିରକୁ ଯାଇ ପୂଜକ ଜରିଆରେ ଠାକୁରଙ୍କୁ ଦରାଣ୍ଡିଲେ ସେ ମିଳିବେ ନାହିଁ, ସେ ତ ତୁମ ଅନ୍ତରରେ ଅଛନ୍ତି। ନିଜ ବାସସ୍ଥାନ ହିଁ ଦେବାଳୟ।

-sahadevas@yahoo.com

# ସ୍ତ୍ରୀ ଲୋକର ଦୁଃଖ



ଅନୁଲିପ୍ତା ମିଶ୍ର

ଆପଣମାନେ ଏହି ଶୀର୍ଷକ ଦେଖି ଭାବୁଥିବେ ସ୍ତ୍ରୀ ଲୋକର ଦୁଃଖ ପୁଣି କ'ଣ! ଦୁଃଖ କାହାର ନାହିଁ ଯେ! ସେ ପୁରୁଷ ହେଉ ବା ସ୍ତ୍ରୀ ସମସ୍ତଙ୍କର କିଛି ନା କିଛି ଦୁଃଖ ଅଛି। ସତକଥା, ସମସ୍ତଙ୍କ ଜୀବନରେ ଅଳ୍ପ, ବହୁତ ଦୁଃଖ ଅଛି, କଷ୍ଟ ଅଛି। ଦୁଃଖ ନ ଥିଲେ ସୁଖକୁ କ'ଣ ଭୋଗି ହୁଅନ୍ତା! କିନ୍ତୁ ସ୍ତ୍ରୀ ଲୋକର ଦୁଃଖ ଟିକେ ଅଲଗା ପ୍ରକାର। ପ୍ରଥମ ଦୁଃଖ ହେଲା, ଯୋଉ ଘରେ ସିଏ ଜନ୍ମ ହୁଏ, ଯୋଉ ମା' ବାପା, ପରିବାରର ସ୍ନେହ ପାଇଁ ସେ ବଡ ହୁଏ କିଛି ବର୍ଷ ପରେ ତାକୁ ସେ ଘର ଛାଡ଼ି ପର ଘରକୁ ଆସିବାକୁ ପଡେ। ସେହି ଘରେ ସେ କାହାକୁ ଚିହ୍ନି ନ ଥାଏ,ଜାଣି ନ ଥାଏ, ସେମାନଙ୍କ ସହ ତା'ର କୌଣସି ରକ୍ତ ସମ୍ପର୍କ ନ ଥାଏ। କିନ୍ତୁ ସେଇ ପରଲୋକମାନଙ୍କୁ ତାକୁ ନିଜର କରିବାକୁ ପଡେ। ତାକୁ କ'ଣ ଖାଇବାକୁ ଭଲ ଲାଗେ, କ'ଣ କରିବାକୁ ଭଲ ଲାଗେ, ତା'ର ଇଚ୍ଛା, ଅନିଚ୍ଛା ଉପରେ କାହାର ଗୁରୁତ୍ୱ ନ ଥାଏ। ତାକୁ କିନ୍ତୁ ସେ ଘରର ସମସ୍ତଙ୍କର ଭଲ ମନ୍ଦ ବୁଝି ଘରକୁ ଚଳେଇ ନେବାକୁ ପଡେ। ବାପଘରେ ଯେତେ ଅଲିଅଳରେ ବଢିଥିଲେ ବି ଶାଶୁଘରେ ତା'ର ସେ ଅଲିଅଳ ସରିଯାଏ। ସେଇ ଘର ଯେଉଁ ଘରେ ସିଏ ଜନ୍ମ ହୋଇଥାଏ, ଯେଉଁ ଘରେ ସେ ଛୋଟରୁ ବଡ ହୋଇଥାଏ ସେଇ ଘରକୁ ଯିବାକୁ ତାକୁ ପୁଣି ଅନ୍ୟର ମତାମତ ଓ ଅନୁମତି ନେବାକୁ ହୁଏ।

ଦେହ ଖରାପ ସମସ୍ତଙ୍କର ହୁଏ, କିନ୍ତୁ ସ୍ତ୍ରୀ ଲୋକର ଦେହ ଖରାପ ହେଲେ ଆହୁରି ଦୁଃଖ। ସେଇ ଅସୁସ୍ଥତା ଭିତରେ ବି ତାକୁ ଘରକଥା ବୁଝିବାକୁ ପଡେ, ରୋଷେଇ କରିବାକୁ ପଡେ, ଛୁଆପିଲାଙ୍କ କଥା ବୁଝିବାକୁ ପଡେ। ତା' ଦେହରେ ମୁଣ୍ଡରେ ହାତ ମାରିବାକୁ କିନ୍ତୁ କେହି ନ ଥାନ୍ତି। ଘରେ ସ୍ତ୍ରୀ ଲୋକଟିର ଦେହ ଖରାପ ହେଲେ ଘର ଯେମିତି ଅଚଳ ହେଲାପରି ଲାଗେ। ପରିବା କାଟୁ କାଟୁ ପନିକିରେ କେତେଥର ତା' ହାତ କଟେ, ରୋଷେଇ କଲାବେଳେ କେତେଥର ତା' ହାତରେ ଚିଆଁ ଲାଗେ ତା'ର ହିସାବ ନ ଥାଏ।ସେଇ କଟା ହାତର ଦରଜରେ ବି ସେ ବାସନ ମାଜେ, ପୁଣି ପରିବା କାଟେ। ଚିଆଁ ଲାଗିଗଲା ତ ପେଷ୍ଟ ଟିକେ ମାରି ପୁଣି କାମ କରିଯାଏ। ଏସବୁ ତ ଅତି ସାମାନ୍ୟ କଥା ତା' ପାଇଁ।

ଘରର ସବୁକାମ ସାରି ଶେଷରେ ବିଛଣାକୁ ଯାଏ, କିନ୍ତୁ ସମସ୍ତଙ୍କ ଆଗରୁ ବିଛଣା ଛାଡ଼ି ପୁଣି ତା' କାମରେ ଲାଗି ପଡେ। ବେଳେବେଳେ ତା' ଶରୀର ବି ଚାହେଁ ଟିକେ ବିଶ୍ରାମ! କିନ୍ତୁ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ଆଗରେ ବିଶ୍ରାମ ପାଇଁ ତା' ପାଖରେ ସମୟ ନ ଥାଏ। ଯଦି ସ୍ତ୍ରୀଲୋକଟି କର୍ମଜୀବୀ ହୋଇଥାଏ ତା' ଦୁଃଖ କଥା ନ କହିବା



ଭଲ। କେତେ ପ୍ରକାର ପ୍ରତିକୂଳ ପରିସ୍ଥିତି ଦେଇ ସେ ଗତି କରେ ତାହା କେବଳ ଜଣେ ଅନୁଭବୀ ହିଁ ବୁଝିପାରିବ। ସ୍ୱାମୀ, ସ୍ତ୍ରୀ ଉଭୟେ କର୍ମଜୀବୀ ହୋଇଥିଲେ ବେଶି ତ୍ୟାଗ ସ୍ତ୍ରୀକୁ ହିଁ କରିବାକୁ ପଡିଥାଏ। ଘର କାମ, ପିଲାଙ୍କ କାମ, ବାହାର କାମ ଭିତରେ ସେ ପେଷି ହୋଇଯାଏ। କର୍ମକ୍ଷେତ୍ରରେ ମଧ୍ୟ ତା' ପାଇଁ କେତେପ୍ରକାର ପ୍ରତିବନ୍ଧକ ଥାଏ।

ଆଉ ଜାଣିଛନ୍ତି, ଘର ହେଉ କି ପରିବାର ହେଉ ଯେଉଁଠି କିଛି ଖରାପ ହେଲା, କିଛି ଅସୁବିଧା ହେଲା ସବୁ ଦୋଷ ସ୍ତ୍ରୀ ଲୋକର ହୋଇଥାଏ। ଏଇ ଯେମିତି ଯଦି ପିଲାଟିଏ କିଛି ଭୁଲ କାମ କରିଦେଇଛି ତେବେ ସବୁ ଦୋଷ ତା ମା'ର, ଯଦି କିଛି ଭଲ କାମ କରିଛି ତେବେ ସବୁ ଶ୍ରେୟ ବାପାର। ଘରେ ଆଜି ଭଲ ଭଲ ଖାଇବା ଜିନିଷ ହୋଇଛି। ସମସ୍ତେ ପେଟ ପୂରେଇ ଖାଇସାରିବା ପରେ ଯଦି ବଳିବ ତେବେ ସ୍ତ୍ରୀ ଲୋକଟି ଖାଇବ। ଅବଶ୍ୟ ଏଥିରେ ସ୍ତ୍ରୀ ଲୋକର ଖୁସିଥାଏ। ଘରର ସମସ୍ତେ ଭଲରେ ଖାଇଲେ କୁଆଡ଼େ ତା' ପେଟ ପୂରିଯାଏ। କିନ୍ତୁ ସେଇ ଘର ଲୋକମାନଙ୍କର ବି ତା' ପ୍ରତି କିଛି କର୍ତ୍ତବ୍ୟ ଅଛି ସେଇଟା ସମସ୍ତେ ଭୁଲି ଯାଆନ୍ତି।

ସମସ୍ତଙ୍କୁ ଖୁସି କରିବାକୁ ଯାଇ ସ୍ତ୍ରୀ ଲୋକଟି ନିଜ ଖୁସି ଟିକକ ଭୁଲିଯାଏ। ସ୍ୱାମୀ, ପିଲାଙ୍କ ଖୁସିରେ ସେ ଖୁସି ହୁଏ। କିନ୍ତୁ କେବେ ଯଦି ସେ ନିଜ ଖୁସି ପାଇଁ କିଛି କରେ ତାକୁ ସେତିକି ସହଯୋଗ ମିଳେନାହିଁ। ତା'ର ବି ଗୋଟେ ମନ ଅଛି, ହୃଦୟ ଅଛି,ସେ ବି ଟିକେ କାହାଠାରୁ ସ୍ନେହ,ଆଦର ଚାହେଁ ଏକଥା ସମସ୍ତେ ଭୁଲିଯାଆନ୍ତି। ସ୍ତ୍ରୀ ଲୋକଟିଏ ସବୁ ସହିଯାଏ, କିନ୍ତୁ ତାକୁ ବି କଷ୍ଟ ହୁଏ, ତା' ଆଖିରୁ ବି ଲୁହ ଝରେ,ତା' ସ୍ୱାଭିମାନକୁ ବି ବାଧା ହୁଏ,ଏକଥା ବୋଧହୁଏ କେହି ବୁଝନ୍ତିନି। ହୃଦୟ ଭିତରେ ପାହାଡ଼ ପାହାଡ଼ ଦୁଃଖକୁ ଚାପିରଖି ସମସ୍ତଙ୍କୁ ଖୁସି କରିବାକୁ ତାକୁ ଉପରେ ହସିବାକୁ ପଡେ,ଏଇଟା କ'ଣ କମ୍ ଦୁଃଖର କଥା। ଜନ୍ମରୁ ତା'ପ୍ରତି ପାତରଅନ୍ତର। ଝିଅ ହୋଇ ଜନ୍ମ ହେଲେ ଦୁଃଖ, ଝିଅ ଜନ୍ମ କଲେ ଦୁଃଖ। ସବୁଠାରୁ ବଡ଼ ଦୁଃଖ ହେଲା ତା'ର ଦୁଃଖକୁ ସେ କାହା ଆଗରେ ପ୍ରକାଶ କରିପାରେନି। ଶାଶୁଘରର ଦୁଃଖ, କଷ୍ଟ, ଅସୁବିଧା ବୋଉ, ବାପାଙ୍କ ଆଗରେ କହିପାରେନି, କାଳେ ସେମାନେ ମନଦୁଃଖ କରିବେ। ସବୁ ଦୁଃଖକୁ ସହିଯିବା ବି ଆଉ ଗୋଟେ ଦୁଃଖ ନୁହେଁ କି।

ଆମେ ନାରୀ ସଶକ୍ତୀକରଣର କଥା କହୁ, କିନ୍ତୁ ପରିବାର ଭିତରେ ଯେକୌଣସି ନିଷ୍ପତ୍ତି ନେବାର ଥିଲେ ସ୍ତ୍ରୀ ଲୋକଙ୍କ ମତକୁ ଗୁରୁତ୍ୱ ଦିଆଯାଏନି। ଜନ୍ମରୁ ମୃତ୍ୟୁ ଯାଏ କେତେପ୍ରକାର ଦୁଃଖ ଝିଅଟିର, କେତେ ପ୍ରକାର ଦୁଃଖ ସ୍ତ୍ରୀ ଲୋକଟିର। କିନ୍ତୁ ସେଇ ଦୁଃଖର ଦରିଆ ଭିତରୁ ସୁଖର ମଣି ମୁକ୍ତା ଖୋଜିବାର ଶକ୍ତି ଈଶ୍ୱର ଦେଇଛନ୍ତି ତାକୁ। ନିଜର ଅପର୍ଯ୍ୟାପ୍ତ ସହନଶୀଳତା ଓ ତ୍ୟାଗ ମନୋବୃତ୍ତି ଯୋଗୁ ସବୁ ଦୁଃଖକୁ ସହିଯାଇ ସେ ହସିପାରେ।

**ସହକାରୀ ଶିକ୍ଷୟିତ୍ରୀ,**
**ମହିଳା ଉଚ୍ଚବିଦ୍ୟାଳୟ, ଜଗତ୍‌ସିଂହପୁର**
**ମୋ:୯୯୩୮୪୦୦୨୦୫**

## ଏଇ ଭାରତରେ

ମହାରାଷ୍ଟ୍ର ବିଦର୍ଭର ଅନେକ ଅଞ୍ଚଳରେ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରୁ ନିର୍ଗତ ବିଷାକ୍ତ ପାଉଁଶ ଯୋଗୁ ସେଠାକାର ଉର୍ବର ମାଟି ଫସଲ ପାଇଁ ଅଯୋଗ୍ୟ ହୋଇଯାଇଥିଲା। ଏପରି କି ସେହି ଅଞ୍ଚଳରେ ଫସଲ ଉପରେ ପାଉଁଶ ଜମି ରହୁଥିଲା। ଫଳରେ କୃଷକମାନେ କ୍ଷତି ସହୁଥିଲେ। କିନ୍ତୁ ବୈଜ୍ଞାନିକ ଡ. ଲାଲ ସିଂଙ୍କ ଉଦ୍ୟମରେ ଅନୁର୍ବର ମାଟି ଏବେ ପୁନର୍ବାର ଉତ୍ପାଦନକ୍ଷମ ହୋଇପାରିଛି। ଡ. ସିଂ କାଉନ୍‌ସିଲ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ୍ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ(ସିଏସ୍‌ଆଇଆର୍)– ନ୍ୟାଶନାଲ ଏନ୍‌ଭାଇରନ୍‌ମେଣ୍ଟ ଇଞ୍ଜିନିୟରିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ(ଏନ୍‌ଇଇଆର୍)ରେ ପ୍ରମୁଖ ବୈଜ୍ଞାନିକ ଓ ପ୍ରୋଜେକ୍ଟ ଲିଡର ରହିଛନ୍ତି। ସେ ବାଉଁଶ ଗଛ ଲଗାଇ ବିଦର୍ଭର ମାଟିକୁ ଉର୍ବର କରିବାରେ ସକ୍ଷମ ହୋଇଛନ୍ତି। ତାଙ୍କ ନେତୃତ୍ୱରେ ବୈଜ୍ଞାନିକମାନେ ଇକୋ-ରେଜୁଭେନେଶନ ଟେକ୍‌ନୋଲୋଜି(ଇଆର୍‌ଟି) ନାମକ ଏକ ସ୍ୱତନ୍ତ୍ର ପଦ୍ଧତି ବିକାଶ କରିଛନ୍ତି। ଏହି ପଦ୍ଧତିରେ ପ୍ରଦୂଷିତ ତଥା ଉର୍ବରତା ହରାଇଥିବା ମାଟିକୁ ତା' ପୂର୍ବାବସ୍ଥାକୁ ଫେରାଇ ଅଣାଯାଇପାରୁଛି। ବାଉଁଶଗଛ ଏବେ ତାପଜ ବିଦ୍ୟୁତ କେନ୍ଦ୍ରରୁ ନିର୍ଗତ ପାଉଁଶକୁ ଧରି ରଖୁଛି। ଫଳରେ ପରିବେଶ ସ୍ୱଚ୍ଛ ରହିବା ସହ ମାଟି ମଧ୍ୟ ପାଉଁଶର କୁପ୍ରଭାବରୁ ମୁକ୍ତ ହୋଇପାରିଛି। ବାଉଁଶ ଗଛ ଲଗାଇବାରେ ମୁଖ୍ୟତଃ ମହିଳାମାନଙ୍କୁ ନିଯୁକ୍ତ କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୭ ଅକ୍ଟୋବର ୧୯୭୬

- ଉତ୍ତର ପ୍ରଦେଶ ବ୍ରିଜ କର୍ପୋରେଶନ ନେପାଳରେ ୧୨ଟି ପୋଲ ତିଆରି କରିବା ନିମନ୍ତେ ଚୁକ୍ତିବଦ୍ଧ ହୋଇଛି।
- ବିହାରରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ୧୧୮ ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ବିହାରର ରିଲିଫ କମିଶନର ଭେଙ୍କଟେଶରମଣ ପ୍ରକାଶ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ମେଗା ପାନୀୟଜଳ ପ୍ରକଳ୍ପ ପୂର୍ଣ୍ଣ ରୂପ ନେଇପାରିଲାନି

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକର ୨୪ ଗୋଟି ପଞ୍ଚାୟତରେ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରୁନଥିବାରୁ ଲୋକେ ବର୍ଷାଦିନରେ ବିଶୁଦ୍ଧ ପାନୀୟ ଜଳ ପାଇପାରୁ ନାହାନ୍ତି। ତେବେ ୨୦୨୫ ମସିହା ଆରମ୍ଭ ହେଲାଣି, କିନ୍ତୁ ପ୍ରକଳ୍ପ କାମ ଏବେ ବି ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। କେବଳ ପାଇପ୍ ବିଛାରେ ସୀମିତ ରହିଛି କାର୍ଯ୍ୟ। ମେଗା ପାନୀୟ ଜଳ ପ୍ରକଳ୍ପ ଜରିଆରେ ପ୍ରତି ଗାଁକୁ ପିଇବା ପାଣି ଯୋଗାଇ ଦିଆଯିବ, ୭ ବର୍ଷ ତଳେ ଏଭଳି ସ୍ୱପ୍ନ ଦେଖାଇଥିଲେ ରାଜ୍ୟ ସରକାର। କିନ୍ତୁ ଦୁର୍ଭାଗ୍ୟ, ସମୟ ଅବଧି ପୂରି ବର୍ଷ ପରେ ବର୍ଷ ଗଡ଼ି ଚାଲିଥିଲେ ବି ସତ୍ୟବାଦୀ ବ୍ଲକରେ ଏହି ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ପୂର୍ଣ୍ଣ ରୂପ ନେଇପାରିନି। ଲକ୍ଷ୍ୟ ଥିଲା ସତ୍ୟବାଦୀ, କଣାସ ଓ ବ୍ରହ୍ମଗିରି ବ୍ଲକରେ ୧୨୬ଟି ଗାଁକୁ ଭାର୍ଗବୀ ନଦୀରୁ ପାନୀୟ ଜଳ ଯୋଗାଣ କରିବାକୁ ସତ୍ୟବାଦୀ ବ୍ଲକରେ ପ୍ରକଳ୍ପ ଆରମ୍ଭ ହେଲା। ବିଭିନ୍ନ ଠିକା ସଂସ୍ଥା ଏହାର ଟେଣ୍ଡର ନେଲେ। କାର୍ଯ୍ୟାଦେଶ ଅନୁଯାୟୀ ଦୁଇବର୍ଷ ଭିତରେ କାମ ସାରିବାର ଥିଲା। କିନ୍ତୁ ସମନ୍ୱୟ ଅଭାବ ଯୋଗୁ ପ୍ରକଳ୍ପ କାର୍ଯ୍ୟ ଏବେ ମଧ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ସ୍ଥାନୀୟ ଶାସନ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ଦୂଷିତ ଜଳ ପାନ କରି ଜନସାଧାରଣ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପରିଣାମ ସ୍ୱରୂପ ଅଧିକ କଷ୍ଟ ଭୋଗୁଛନ୍ତି ସତ୍ୟବାଦୀ, କଣାସ ଓ କୃଷ୍ଣପ୍ରସାଦ ଅଞ୍ଚଳବାସୀ।

**-ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ପାଷାଣ ସମାନ ଜଡ଼ ପାଲଟିଛି
ଯେତେ ଶତ ଅନୁଭବ
ନବ ନବ ରସେ ଗାଇ ଉଠୁ ତାହା
ତୁମରି ରୂପର ସ୍ତବ ।
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସରଣ୍ଡାରେ ଆଇଇଡି ବ୍ଲାଷ୍ଟ, ହାତୀ ଆହତ

**ରାଉରକେଲା, ୬।୧୦(ସଙ୍ଗୀତା ଜେନା)**

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ସୋମବାର ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଇଇଡି ବ୍ଲାଷ୍ଟରେ ଏକ ମାଈ ହାତୀ ଆହତ ହୋଇଥିବା ସୂଚନା ମିଳିଛି। ଆହତ ହାତୀର ବୟସ ପ୍ରାୟ ୧୨ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଘଟଣାସ୍ଥଳରେ ବନ ବିଭାଗ ଏବଂ ଚିକିତ୍ସକ ଦଳ ପହଞ୍ଚି ପ୍ରାଥମିକ ଚିକିତ୍ସା ଆରମ୍ଭ କରିଛନ୍ତି। ପ୍ରଥମେ ହାତୀକୁ ଔଷଧମିଶ୍ରିତ



ଆହତ ହାତୀ।

କଦଳୀ ଖାଇବାକୁ ଦିଆଯିବା ପରେ ଆଣ୍ଟିବାୟୋଟିକ୍, ଯନ୍ତ୍ରଣାନିବାରକ ଔଷଧ ଦିଆଯାଇଥିଲା। ମନୋହରପୁର ନିକଟବର୍ତ୍ତୀ ଜଙ୍ଗଲରେ ସୋମବାର ସକାଳେ ଏପରି ହୋଇଥିବା ଜଣାପଡ଼ିଛି। ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ, ହାତୀଟିର ଡାହାଣ ଗୋଡ କ୍ଷତିଗ୍ରସ୍ତ ହୋଇଛି। ଏହାକୁ ନେଇ ସ୍ଥାନୀୟ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ବନ ଅଧିକାରୀ ସଞ୍ଜୟ କୁମାର କହିଛନ୍ତି, ବିସ୍ଫୋରଣରେ ହାତୀର କ୍ଷତ ହୋଇଥିବା ଜଣାପଡୁଛି। ପ୍ରାଥମିକ ଉପଚାର ପରେ ହାତୀକୁ ଉନ୍ନତ ସ୍ଥାନକୁ ନିଆଯିବା ବ୍ୟବସ୍ଥା କରାଯାଉଛି ବୋଲି କୁମାର କହିଥିଲେ। ସୂଚନାଯୋଗ୍ୟ, ପ୍ରାୟ ୬ ମାସ ତଳେ ୨ଟି ହାତୀ ଏପରି ଆଇଇଡି ବିସ୍ଫୋରଣରେ ପ୍ରାଣ ହରାଇଥିଲେ। ସୀମାନ୍ତରେ ମାଓବାଦୀଙ୍କ ଉପଦ୍ରବ ଯୋଗୁ ଏପରି ପରିସ୍ଥିତି ହେଉଥିବା କୁହାଯାଉଛି।

# ପଥରରେ ଛେଚି ଶିଶୁଙ୍କୁ ହତ୍ୟା: ଅଭିଯୁକ୍ତ କୋର୍ଟ ଚାଲାଣ

**ଲାଞ୍ଜିଗଡ଼, ୬।୧୦ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଲାଞ୍ଜି ପଞ୍ଚାୟତ ଅନ୍ତର୍ଗତ ଜୋବା ଗାଁର ଜଣେ ୫ ବର୍ଷର ଶିଶୁକୁ ରବିବାର ପଥରରେ ଛେଚି ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଥିବା ଶିଶୁ ହେଲେ ଚନ୍ଦନ ମାଝୀ। ପୋଲିସ ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ଜୋବା ଗାଁର ବିଙ୍ଗରି ମାଝୀ (୩୭)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସୂଚନାନୁସାରେ ମୃତ ଚନ୍ଦନଙ୍କ ବାପା ସୁଦର ମାଝୀ ଓ ମା' ସନୁ ମାଝୀ ପଡ଼ୋଶୀ ଗାଁକୁ ଏକ ଦଶାହ କାର୍ଯ୍ୟରେ ଯାଇଥିଲେ। ହେଲେ କୌଣସି କାରଣରୁ ବିଙ୍ଗରି ଚନ୍ଦନଙ୍କୁ ବିସ୍କୁଟ ଦେବାକୁ କହି ଦୋକାନକୁ ଡ଼ାକିନେଇ ବାଟରେ ତାଙ୍କ ମୁଣ୍ଡକୁ ପଥରରେ ଛେଚି ଦେଇଥିଲେ।



ଗିରଫ ବିଙ୍ଗରି ମାଝୀ।

ଏଥିରେ ତାଙ୍କ ମୁଣ୍ଡଫାଟି ରକ୍ତାକ୍ତ ଅବସ୍ଥାରେ ଚେତାଶୂନ୍ୟ ହୋଇ ପଡିଥିଲେ। ପରେ କାଳେ ଚେତା ଫେରିଆସିବ ଓ ପରିବାରକୁ ଜଣାଇଦେବ ଭାବି ବିଙ୍ଗରି ପୁଣି କାଠ ଫାଳିଆ ଓ ପଥରରେ ଚନ୍ଦନଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଏଥିରେ ସେ ଚେତାଶୂନ୍ୟ ହୋଇ ରାସ୍ତା କଡରେ ପଡିରହିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ସକାଳେ ପରିବାର ଲୋକେ ବିଶ୍ୱନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଜୋବା ଗାଁରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ପଚରାଉଚୁରା ପରେ ସେ ହତ୍ୟା କରିଥିବା ସ୍ୱୀକାର କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ହତ୍ୟା ମାମଲା (ନଂ.୬୩/୨୫) ରୁଜୁ ହୋଇଛି।

# ୯ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର,୬।୧୦ (ପ୍ରମୋଦ ବହିଦାର)**

ହୀରାକୁଦ ଜଳଭଣ୍ଡାର ଜଳସ୍ତର ୬୨୯ଫୁଟ ଟପିଛି। ସୋମବାର ଜଳଭଣ୍ଡାରର ବାମପାର୍ଶ୍ୱସ୍ଥ ୬ଟି ଓ ଦକ୍ଷିଣ ପାର୍ଶ୍ୱସ୍ଥ ୩ଟି ମିଶି ମୋଟ୍ ୯ଟି ସ୍ଲୁଇସ ଗେଟ୍‌ରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ରାତି ସାଢ଼େ ୯ଟାରେ ହସ୍ତଗତ ସୂଚନା ଅନୁସାରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରହାରି ୧ ଲକ୍ଷ ୮୩ ହଜାର ୩୫୦ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ସମପରିମାଣର ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରେ ୯ ଗେଟ୍ ଜରିଆରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୧ ଲକ୍ଷ ୪୭ହଜାର ୮୨୫ ଘନଫୁଟ୍, ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୧.୭୧୧ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୪୩ ଘନଫୁଟ୍ ଏବଂ ଜଳ ସେଚନ ପାଇଁ ବରଗଡ଼ କେନାଲରେ ୨୯୯୦, ଶାସନ କେନାଲରେ ୫୦୦ ଓ ସମ୍ବଲପୁର କେନାଲରେ ୮୧ ଘନଫୁଟ୍ ଜଳ ମିଶି ମୋଟ୍ ୩୫୭୧ ଘନଫୁଟ୍ ଫୁଟ୍ ଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାର ପାଣିପାଗ ନିମନ୍ତ୍ରଣ କକ୍ଷ ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜଳଭଣ୍ଡାର ଉପରମୁଣ୍ଡରେ ୧୪.୧୪ ମିଲିମିଟର ଓ ତଳମୁଣ୍ଡରେ ୫.୭୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# 'ବଳ, କୌଶଳ, ଭୟରେ ଧର୍ମାନ୍ତରୀକରଣ ବେଆଇନ'

**ସମ୍ବଲପୁର,୬।୧୦ (ପ୍ରମୋଦ ବହିଦାର)**

ସ୍ୱଇଚ୍ଛାରେ ଧର୍ମ ପରିବର୍ତ୍ତନ ସମସ୍ତଙ୍କ କ୍ଷେତ୍ରରେ ଏକ ସାମ୍ବିଧାନିକ ଅଧିକାର। କିନ୍ତୁ କୌଣସି ବ୍ୟକ୍ତିଙ୍କୁ ଛଳ, ବଳ ଓ କୌଶଳକ୍ରମେ ଧର୍ମାନ୍ତରୀକରଣ କରିବା ବେଆଇନ୍। ସ୍ଥାନୀୟ ସାମ୍ବାଦିକ ଭବନ ପରିସରସ୍ଥ ପ୍ରଶାନ୍ତ ମହାନ୍ତି ପ୍ରେକ୍ଷାଳୟରେ ସୋମବାର ଅୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି ଅଖିଳ ଭାରତୀୟ ସନ୍ଥ ସମାଜର ସ୍ୱାମୀ ଜୀବନମୁକ୍ତାନନ୍ଦ ପୁରୀଜୀ ମହାରାଜ। ଏହିମର୍ମରେ ସେ କହିଛନ୍ତି, ସବୁ ଧର୍ମାବଲମ୍ବୀ ପାଇଁ ଧର୍ମ ସ୍ୱାଧୀନତା ରହିଛି। ମାତ୍ର ଏହି ସ୍ୱାଧୀନତା ଆଳରେ ଧର୍ମାନ୍ତରୀକରଣ ବର୍ତ୍ତମାନ ସମାଜରେ ଏକ ବ୍ୟାଧି ଭଳି ମାଡ଼ି ଚାଲିଛି। ସଚେତନତାର ଅଭାବ ଯୋଗୁ ଧର୍ମାନ୍ତରିକରଣ ରୂପି ବ୍ୟାଧି ଅଧିକ ବ୍ୟାପକ ହେବାରେ ଲାଗିଛି। ଫଳରେ ବର୍ତ୍ତମାନ ବିଶେଷ କରି ଭାରତରେ ହିନ୍ଦୁ ଧର୍ମ ଘୋର ସଙ୍କଟର ସମ୍ମୁଖୀନ ହୋଇଛି। ଏହାର ପ୍ରତିକାର ପାଇଁ ଭାରତର ଅନେକ ରାଜ୍ୟ ଉକ୍ତ





ଖବରଦାତା ସମ୍ମିଳନୀରେ ଅଖିଳ ଭାରତୀୟ ସନ୍ଥ ସମାଜର ସନ୍ଥବୃନ୍ଦ।

ଧର୍ମ-ସ୍ୱତନ୍ତ୍ରତା ବିଧେୟକ(ଆଇନ୍) ଲାଗୁ କରିଛନ୍ତି। ଯାହାକୁ ସମଗ୍ର ସନ୍ଥ ସମାଜ ଦୃଢ଼ ସମର୍ଥନ କରୁଛି ବୋଲି କହିଛନ୍ତି ସ୍ୱାମୀ ଜୀବନମୁକ୍ତାନନ୍ଦ ମହାରାଜ। ଏହି ଆଇନ୍ ଅନୁସାରେ ଜଣେ ସ୍ୱଇଚ୍ଛାରେ ଧର୍ମ ପରିବର୍ତ୍ତନ କରିବାରେ କୌଣସି କଟକଣା ବା ଅସୁବିଧା ନାହିଁ। ମାତ୍ର ଏହି ଆଇନ୍‌ର ଧାରା ୨୫ ଅନୁଯାୟୀ କୌଣସି ପ୍ରଲୋଭନ, ଛଳନା ବା ଭୟର ବଶବର୍ତ୍ତୀ ହୋଇ ଧର୍ମ ପରିବର୍ତ୍ତନ ବେଆଇନ୍। ତେଣୁ କୌଣସି ପ୍ରକାର ଛଳନା, ପ୍ରଲୋଭନ ବା ଭୟର ଶିକାର ନ ହୋଇ ସ୍ୱଇଚ୍ଛା ତଥା ସୁସ୍ଥ ମନରେ ଧର୍ମ ପରିବର୍ତ୍ତନ କରୁଛନ୍ତି ବୋଲି ସମ୍ପୃକ୍ତ ବ୍ୟକ୍ତିଙ୍କୁ ନିଜ ଜିଲାର ଜିଲାପାଳ ବା ଜିଲା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଏକ ସତ୍ୟପାଠ(ଆଫିଡେଭିଟ୍) ଦାଖଲ କରିବାର ନିୟମ ରହିଛି। ସ୍ୱାମୀ ଜୀବନମୁକ୍ତାନନ୍ଦଜୀ କହିଛନ୍ତି, ହଜାର ହଜାର ବର୍ଷ ଧରି ସନ୍ଥ ପରମ୍ପରା ଭାରତୀୟ ବା ଭାରତର ମହାନତା। ମାତ୍ର ଏହା ଏକମାତ୍ର ଦେଶ ଯେଉଁଠାରେ ସମସ୍ତ ଧର୍ମାବଲମ୍ବୀଙ୍କୁ ସମାନ ଅଧିକାର ସହିତ ବିଭିନ୍ନତା ଆଧାରରେ ଧର୍ମ-ସ୍ୱାଧୀନତା ଦେଇ ଆସିଛି। ଏଭଳି ସ୍ୱାଧୀନତା ଭାରତବର୍ଷକୁ ସମଗ୍ର ବିଶ୍ୱର ସର୍ବ ପୁରାତନ ଓ ଜୀବନ୍ତ ସଭ୍ୟତାର ପରିଚୟ ଦେଇଛି। କିନ୍ତୁ ବର୍ତ୍ତମାନ ଏହି ସ୍ୱାଧୀନତା ଛଳନା, ପ୍ରଲୋଭନ ବଳ ପ୍ରୟୋଗ ପୂର୍ବକ 'ଅବାଧ ଧର୍ମାନ୍ତରୀକରଣ' ରୂପେ ଦେଶବାସୀଙ୍କ ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରୁଛି ବୋଲି ସେ କହିଛନ୍ତି। ଏହି ଅବସରରେ ସେ ଏହି ଅଭିଯାନର ସଫଳତା ପାଇଁ ସମସ୍ତ ହିନ୍ଦୁ ସମାଜର ସମର୍ଥନ ଓ ସହଯୋଗ ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ଅଖିଳ ଭାରତୀୟ ସନ୍ଥ ସମାଜର ସ୍ୱାମୀ ଶିବାନନ୍ଦ ସରସ୍ୱତୀ, ସ୍ୱାମୀ ବିମଳାନନ୍ଦ ସରସ୍ୱତୀ ଓ ମହିମା ସନ୍ୟାସୀ ବାବା ଶେଷଦେବ ପ୍ରମୁଖ ଉପସ୍ଥିତ ଥିଲେ।

# ବଡ଼ଭାଇ, ଭାଉଜଙ୍କୁ ହତ୍ୟାକଲା ସାନ

## ଜମିଜମା ବିବାଦରୁ ଡବଲ ମର୍ଡର

**ରାଉରକେଲା,୬।୧୦ (ସଙ୍ଗୀତା ଜେନା)**

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ବିଶ୍ରା ଥାନା ମନକୋ ପଞ୍ଚାୟତର ଚିରୁବେଡ଼ା ଗ୍ରାମରେ ଜମିଜମା ବିବାଦରୁ ଡବଲ ମର୍ଡର ହୋଇଛି। ବଡ଼ ଭାଇ ଓ ଭାଉଜ ରାତିରେ ଶୋଇଥିବାବେଳେ ସାନ ଭାଇଙ୍କ କୁରାଢ଼ି ଚୋଟରେ ଉଭୟଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଏନେମ୍ ମୁଣ୍ଡା(୫୭) ଏବଂ ତାଙ୍କ ସ୍ତ୍ରୀ ଶୋଭା ମୁଣ୍ଡା(୫୦)। ପୋଲିସ ସୋମବାର ଏକ ହତ୍ୟା ମାମଲା (ନଂ.୨୭୮/୨୫) ରୁଜୁ କରି ଅଭିଯୁକ୍ତ ନାମଜନ୍ ମୁଣ୍ଡାଙ୍କୁ ଗିରଫ କରିଛି। ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯିବ ଏବଂ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଡିଏସ୍‌ପି ଅମରେନ୍ଦ୍ର ଷଣ୍ଢ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଏନେମ୍ ସ୍ତ୍ରୀ ଶୋଭା ଏବଂ ପୁଅଙ୍କ ସହିତ ଚିରୁବେଡ଼ା ଗ୍ରାମର ଏକ ପାହାଡ଼ ଉପରେ ଘର କରି ରହୁଥିଲେ। ଏନେମ୍‌ଙ୍କ ସାନଭାଇ ନାମଜନ୍ ଅନ୍ୟତ୍ର ରହୁଥିଲେ। ତେବେ ଉଭୟଙ୍କ ମଧ୍ୟରେ ଜମିବାଡିକୁ ନେଇ ପୂର୍ବରୁ ବିବାଦ ଲାଗି ରହିଥିଲା। ଶନିବାର ଏନେମ୍‌ଙ୍କ ପୁଅ ଘରୁ ବାହାରକୁ ଯାଇଥିଲେ। ବିଳମ୍ବିତ ରାତିରେ ଏନେମ୍ ଓ ଶୋଭା ଘରେ ଶୋଇଥିବା ବେଳେ ନାମଜନ୍ ସେଠାକୁ ଯାଇ ଏକ ଧାରୁଆ କୁରାଢ଼ିରେ ଉଭୟଙ୍କୁ ଆକ୍ରମଣ କରିଥିଲେ ଏବଂ ସେଠାରୁ ଫେରାର ହୋଇଯାଇଥିଲେ। ରବିବାର ସନ୍ଧ୍ୟାରେ ଏନେମ୍‌ଙ୍କ ପୁଅ ଘରକୁ ଫେରି ମା' ବାପା ମରି ପଡିଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ।

**OFFICE OF THE SUPERINTENDING ENGINEER RURAL WORKS DIVISION-I, GANJAM, BERHAMPUR**
E-Mail : eerw_gm1@yahoo.co.in
Government of Odisha e-Procurement Notice
Bid Identification No. Online Tender//05//SERWDG-I//2025-26
Letter No. 4352//RWDG-I//BAM//Date : 23.09.2025
No.O-886

| | | | |
|---|---|---|---|
| 1 | Name of the Work | : | Road Work |
| 2 | Estimated Cost | : | Rs.94.37 Lakhs |
| 3 | Period of Completion | : | 06 (Six) Calendar Months as shown in Column No.06 of Annexure |
| 4 | Date & Time of Availability of Bid Documents in the Portal | : | From 08.10.2025 at 11.00 AM to 22.10.2025 upto 6.00 PM |
| 5 | Last Date / Time for Receipt of Bids in the Portal | : | 22.10.2025 up to 6.00 PM |
| 6 | Name and Address of the Officer Inviting Bid | : | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.
Sd./- Executive Engineer
R.W. Division-I, Ganjam, Berhampur
OIPR-25085/11/0031/2526

**ପୂର୍ବ ତଟ ରେଳପଥ**
ଫାଇଲ୍ ନଂ.DRM/Engg/KUR/25-26/E-Tender/77,ତା.26.09.2025ରିଖ
ଟେଣ୍ଡର ସଂ.e-tenderNorthKUR-253-2025,ତା.25.09.2025ରିଖ
**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର(କାର୍ଯ୍ୟ)/ଯାଜପୁର କେନ୍ଦୁଝର ରୋଡ଼ ଅଧୀନସ୍ଥ ଯାଜପୁର କେନ୍ଦୁଝର ରୋଡ଼ (In) ଠାରୁ ଜେନାପୁର (In) ଏବଂ ଢଖପୁରା ଠାରୁ ଦୈତାରୀ ପର୍ଯ୍ୟନ୍ତ ସେକ୍ସନରେ 30.06.2026 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍ଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Additions & Alterations), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 55.93 ଲକ୍ଷ, EMD (ଟଙ୍କାରେ) : 1,11,900/-, ଶେଷ ହେବା ଅବଧି : 08 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.17.10.2025 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼
PR-658/Q/25-26

# ୮ରେ ତୀର୍ଥଯାତ୍ରାରେ ଯିବେ ବରିଷ୍ଠ ନାଗରିକ

**ସମ୍ବଲପୁର, ୬।୧୦ (ପ୍ରମୋଦ ବହିଦାର)**

- ସମ୍ବଲପୁରରୁ ଯିବେ ୮ ଜିଲାର ୭୭୫ ତୀର୍ଥଯାତ୍ରୀ
- ଭ୍ରମଣ କରିବେ ଅଯୋଧ୍ୟା ଓ ବାରାଣସୀ

ଆସନ୍ତା ୮ ତାରିଖରେ ସମ୍ବଲପୁରରୁ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ବରିଷ୍ଠ ନାଗରିକମାନେ ତୀର୍ଥଯାତ୍ରାରେ ଅଯୋଧ୍ୟା ଓ ବାରଣସୀ ବାହାରିବେ। ଏଥିରେ ସମ୍ବଲପୁର ସହିତ ସୁବର୍ଣ୍ଣପୁର, ଦେବଗଡ଼, ବରଗଡ଼, ଅନୁଗୋଳ, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବଲାଙ୍ଗୀର ଆଦି ଜିଲାର ମୋଟ୍ ୭୭୫ ଜଣ ବରିଷ୍ଠ ନାଗରିକ ଓ ୨୫ ଜଣ ଅଫିସିଆଲଙ୍କୁ ମିଶାଇ ମୋଟ୍ ୮ଶହ ଜଣ ତୀର୍ଥଯାତ୍ରା କରିବା କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ମଧ୍ୟରେ ସୁନ୍ଦରଗଡ଼ର ସର୍ବାଧିକ ୧୮୦ ଜଣ ରହିଥିବା ବେଳେ ଦେବଗଡ଼ର ସବନିମ୍ନ ୨୭ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ରହିଛନ୍ତି। ସେହିପରି ସମ୍ବଲପୁର ଜିଲାର ୮୯ ଜଣ, ବଲାଙ୍ଗୀରର ୧୪୧, ବରଗଡ଼ର ୧୨୭, ଅନୁଗୋଳର ୧୦୯, ସୁବର୍ଣ୍ଣପୁରର ୫୨ ଓ ଝାରସୁଗୁଡ଼ା ଜିଲାର ୫୦ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ପାଇଁ ପଞ୍ଜୀକୃତ ହୋଇଛନ୍ତି। ଏହାସହିତ ବରିଷ୍ଠ ତୀର୍ଥଯାତ୍ରୀଙ୍କ ଯତ୍ନ ଓ ସହାୟତା ପାଇଁ ପ୍ରତି ୩୧ଜଣରେ ଜଣେ ଲେଖାଏ ମିଶି ୨୫ ଜଣ ଅଫିସିଆଲ ସେମାନଙ୍କ ସହିତ ତୀର୍ଥଯାତ୍ରା କରିବେ। ଆଇଆର୍‌ସିଟି ପକ୍ଷରୁ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଭରା ଗୋଟିଏ ଲେଖାଏ ଭ୍ରମଣ କିଟ୍ ଦିଆଯିବ। ସେହିପରି ଆଇଆର୍‌ସିଟିସି ଦ୍ୱାରା ବରିଷ୍ଠ ନାଗରିକଙ୍କ ସହାୟତା ପାଇଁ ସ୍ୱତନ୍ତ୍ର ଭାବେ ସୁରକ୍ଷାକର୍ମୀ, କ୍ୟାଟେରିଂ, ସ୍ୱାସ୍ଥ୍ୟସେବୀ ଦଳ ଓ ଗାଇଡ୍ ନିୟୋଜିତ କରାଯିବ। ଏଥିପାଇଁ ଏକ ସ୍ୱତନ୍ତ୍ର ଟ୍ରେନ୍ ଆସନ୍ତା ୮ ତାରିଖ ବୁଧବାର ପୂର୍ବାହ୍ନ ୧୧ଟାରେ ସମ୍ବଲପୁର ରେଳ ଷ୍ଟେଶନରୁ ଯାତ୍ରା ଆରମ୍ଭ କରିବ। ତୀର୍ଥଯାତ୍ରୀମାନେ ଅଯୋଧ୍ୟା ଓ ବାରାଣାସୀ ଭ୍ରମଣ କରି ଆସନ୍ତା ଅକ୍ଟୋବର ୧୩ରେ ସମ୍ବଲପୁର ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ରହିଛି। ସମ୍ବଲପୁର ପର୍ଯ୍ୟଟନ ଡିଭିଜନ ସହନିର୍ଦ୍ଦେଶକ ରବୀନ୍ଦ୍ର କୁମାର ଦଳାଇଙ୍କ ସୂଚନାନୁସାରେ ତୀର୍ଥଯାତ୍ରାରେ ଯିବାକୁ ଥିବା ଉକ୍ତ ୮ଟି ଜିଲାର ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସମ୍ପୃକ୍ତ ଜିଲା ପ୍ରଶାସନ ପକ୍ଷରୁ ପଞ୍ଜୀକରଣ କରି ସେମାନଙ୍କୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ସମ୍ବଲପୁରରେ ପହଞ୍ଚିବାର ବ୍ୟବସ୍ଥା କରିବେ। ସମ୍ବଲପୁର ପାନ୍ଥନିବାସରେ ସମ୍ବଲପୁର, ସୁବର୍ଣ୍ଣପୁର ଓ ଦେବଗଡ଼ ଜିଲାର ତୀର୍ଥଯାତ୍ରୀଙ୍କ ପାଇଁ, କ୍ଷେତରାଜପୁର ମାରୱାଡ଼ି ପଞ୍ଚାୟତ ଧର୍ମଶାଳାରେ ବରଗଡ଼ ଓ ଅନୁଗୋଳ ଜିଲାର ତୀର୍ଥଯାତ୍ରୀଙ୍କ ପାଇଁ, ସମ୍ବଲପୁର ଦରୱାରରେ ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲାର ତୀର୍ଥଯାତ୍ରୀଙ୍କ ପାଇଁ ଓ କ୍ଷେତରାଜପୁର ଅଗ୍ରେସନ ଭବନରେ ବଲାଙ୍ଗୀର ଜିଲାର ତୀର୍ଥଯାତ୍ରୀଙ୍କ ପାଇଁ ରହଣୀ ଓ ଖାଇବା ବ୍ୟବସ୍ଥା କରାଯାଇଛି। ତେବେ ବିଭିନ୍ନ ସ୍ଥାନରେ ରହୁଥିବା ତୀର୍ଥଯାତ୍ରୀଙ୍କ ସମ୍ବଲପୁର ରେଳ ଷ୍ଟେଶନ ପର୍ଯ୍ୟନ୍ତ ପରିବହନ ପାଇଁ ସ୍ୱତନ୍ତ୍ର ବସ୍ ବ୍ୟବସ୍ଥା ଜିଲା ପ୍ରଶାସନ ପକ୍ଷରୁ କରାଯାଇଛି ବୋଲି ସହନିର୍ଦ୍ଦେଶକ ଦଳାଇ କହିଛନ୍ତି।

# ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁଙ୍କ ବିରୋଧରେ ଥାନାରେ ମାମଲା ରୁଜୁ

**ଟିଟିଲାଗଡ଼, ୬।୧୦ (ଶରତ ମିଶ୍ର)**

ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁଙ୍କ ବିରୋଧରେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଗତ ୩ ତାରିଖ ସ୍ଥାନୀୟ ହାଇସ୍କୁଲ ପଡିଆଠାରେ ଅନୁଷ୍ଠିତ ରାବଣ ଦହନ କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ସାହୁ ଯେଉଁ ବକ୍ତବ୍ୟ ଦେଇଥିଲେ ତାକୁ ନେଇ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିବା ଜଣାପଡିଛି। ଏହି ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଛି। ରାବଣ ଦହନ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ନେପାଳ ଘଟଣାକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଥିବା ବିଷୟକୁ ନେଇ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦରେ ଟିଟିଲାଗଡ଼ ବିଧାୟକଙ୍କ ସମର୍ଥକ ତଥା ଭାଜପା କର୍ମୀ ଟିଟିଲାଗଡ଼ ଥାନାରେ ଅଭିଯୋଗ କରିଥିଲେ। ବହୁ ବ୍ୟକ୍ତିଙ୍କ ସମ୍ମୁଖରେ ବିଧାୟକଙ୍କ ବିରୋଧରେ ଏବଂ ନେପାଳ ଘଟଣା ଉଲ୍ଲେଖ କରି ଆପତ୍ତିଜନକ ମନ୍ତବ୍ୟ ଦେଇଥିବାକୁ ନେଇ ଅଭିଯୋଗ କରାଯାଇଛି। ଉକ୍ତ ଭାଷଣକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଇ ଅଶାନ୍ତ ବାତାବରଣ ସୃଷ୍ଟି ଉଦ୍ୟମ କରାଯାଇଥିବା ନେଇ ପୂର୍ବତନ ମନ୍ତ୍ରୀ ସାହୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଭାଜପା ପକ୍ଷରୁ ସଞ୍ଜୟ ତ୍ରିପାଠୀ, ଅଶୋକ ଭୋଇ, ଜିତୁ ଜୈନ, ରଞ୍ଜନ ଆଡ଼ୁଆଡ଼, ଆକାଶ ଜୈନ, ତଥାଗତ କଟା, ଅକ୍ଷୟ ବେହେରା, ପବିତ୍ର ସାହୁ, ଅମରେଶ ସାହୁ, ପିଙ୍କୁ ସାହୁ, ଜଗୁ ଖରସେଲ ଓ ଅନ୍ୟମାନେ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BANSPAL**
E-mail : eerwbansapal@gmail.com
No.O-902
**"e" Procurement Notice for Road Works**
**Identification No. Online NCB - 03/2025-26**
1. Name of the Work : Road Work in the District of Keonjhar for the Year 2025-26, 2. Total Number of Work : 1 No., 3. Estimated Cost : Rs.41.29 lakhs, 4. Class of Contractor : "B", 5. Period of Completion : As per annexure of e-Procurement Notice No.03 of 2025-26, 6. Other Details :

| Procurement Officer | Bid Identification No. | Availability of Tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Banspal |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Banspal | Road Online NCB No. 03 | Dt.08.10.2025 at 11.00 A.M. | Dt.17.10.2025 up to 5.00 P.M. | Dt.16.10.2025 up to 5.00 P.M. | Dt.18.10.2025 at 11.00 A.M. |

Further details can be seen from the website www.tendersorissa.gov.in
Sd./- Superintending Engineer
R.W. Division, Banspal
OIPR-25198/11/0003/2526

# ଡୁଲେଶ୍ୱର କ୍ରିକେଟ୍: କେନ୍ଦ୍ରାପଡ଼ା ଚାମ୍ପିୟନ



ଟ୍ରଫି ସହିତ ଚାମ୍ପିୟନ କେନ୍ଦ୍ରାପଡ଼ା ଦଳର ଖେଳାଳିମାନେ।

**ଅମରପାଲି, ୬।୧୦ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପିତାମହୁଲ ପଞ୍ଚାୟତ ଅନ୍ତର୍ଗତ ଡୁଲେଶ୍ୱର ଗ୍ରାମରେ ବାଗ୍‌ଦେବୀ କ୍ଲବ ଆନୁକୂଲ୍ୟରେ ଦ୍ୱିତୀୟ ସୁରେଶ୍ୱରୀ ଡୁଲେଶ୍ୱର କ୍ରିକେଟ କପ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବଲାଙ୍ଗୀରକୁ ହରାଇ କେନ୍ଦ୍ରାପଡ଼ା ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଟି-୧୦ ଓ ୮-୮ ଓଭର ବିଶିଷ୍ଟ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ଡିସିସି ଶାନ୍ତାପୁର କେନ୍ଦ୍ରାପଡ଼ା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ଉଇକେଟ ହରାଇ ୧୧୪ ରନ କରିଥିଲା। ଜବାବରେ ଏମ୍‌ଏସ୍‌ଟି ବଲାଙ୍ଗୀର ଦଳ ୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୭୫ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ କେନ୍ଦ୍ରାପଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬ ଉଇକେଟ ହରାଇ ୮୧ ରନ କରିଥିଲା। ଜବାବରେ ବଲାଙ୍ଗୀର ଦଳ ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୫୫ ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ କେନ୍ଦ୍ରାପଡ଼ା ଦଳ ଚାମ୍ପିୟନ ହୋଇଥିଲା। ଆୟୋଜକ ସଭାପତି ଆଦିକନ୍ଦ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପିତାମହୁଲ ସରପଞ୍ଚ ଆକସ୍ମିତା ବଢ଼ିଆ ମୁଖ୍ୟ ଅତିଥି, ସମିତି ସଭ୍ୟ ସଇନ୍ଦୁ ସାହୁ, ସ୍ୱେଚ୍ଛାସେବୀ ପ୍ରଦୀପ ବଢ଼ିଆ, କ୍ରୀଡାବିତ ମାନଭଞ୍ଜନ ପାତ୍ରୀ, ଭୀଷ୍ମ ଦନ୍ତା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କେନ୍ଦ୍ରାପଡ଼ାର ବିଶ୍ୱ ରଞ୍ଜନ ସାହୁଙ୍କୁ ମ୍ୟାନ ଅଫ ଦି ଫାଇନାଲ ଓ ହୃଷୀ ଦାସଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ କେନ୍ଦ୍ରାପଡ଼ା ଦଳକୁ ନଗଦ ୫୦ ହଜାର ଟଙ୍କା ସହିତ ଟ୍ରଫି, ଉପବିଜେତା ବଲାଙ୍ଗୀର ଦଳକୁ ନଗଦ ୩୦ ହଜାର ଟଙ୍କା ସହିତ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା।

**उपायुक्त-सह-जिला दण्डाधिकारी का कार्यालय, लोहरदगा**
**(खनन शाखा)**
**शुद्धि पत्र**
एतद द्वारा सर्वसाधारण को सूचित किया जाता है कि The Jharkhand Sand Mining Rules, 2025 में उल्लेखित प्रावधानों के तहत Category-2 के बालूघाट/बालूघाटों की ई–नीलामी कार्यक्रम की सूचना PR. No. 363264 Lohardaga (25-26):D द्वारा प्रकाशित की गई थी। जिसमें तकनीकि त्रुटि के कारण बालूघाट/बालूघाटों के समूह की ई–नीलामी कार्यक्रम की तिथि में परिवर्तन किया गया है, जो निम्न प्रकार है :–
**Department of Mines and Geology**
[अल्पकालीन पुनर्निविदा] 3rd Call
**District- Lohardaga.**
**Notice Inviting E-Auction for Allocation of Sand ghats**
(Through E-Procurement mode over https://www.jharkhandtenders.gov.in)
ई–नीलामी कार्यक्रम :–

| NIT No. MINES/ LOHARDAGA/ SAND | बालूघाट या बालूघाटों के समूह जिसे एक इकाई बालू घाट मानते हुए नीलामी किया जाना है, की विवरणी। | निविदा दस्तावेज बिक्री शुल्क (5,000/–रू0+GST in RCM Mode) जमाकर निविदा दस्तावेज डाउनलोड प्रारंभ करने की तिथि | ई–नीलामी से पूर्व प्री– बीड बैठक एवं प्रशिक्षण का समय एवं स्थान | अग्रधन राशि जमा तथा निविदा दस्तावेज अपलोड करने की अंतिम तिथि एवं समय | तकनीकी निविदा की जिला स्तरीय समिति द्वारा जाँच/मूल्यांकन कर सफल निविदादाताओं की सूची सिस्टम में अपलोड करने तथा प्रारम्भिक वित्तीय प्रस्ताव के मूल्यांकन की तिथि | ई–नीलामी की तिथि एवं समय |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 5/2025 | GROUP-A<br>1. गितिलगढ–खरता<br>2. डोबा<br>3. कोलसिमरी–डोबा<br>4. लावागाई–नदीनगडा<br>5. हरमू–भक्सो<br>6. कैमो–भक्सो<br>7. बरगांव–कैमो<br>8. जुरिया–तिगरा | 06.10.2025 | – | 07.10.2025 03:00 PM एवं 13.10. 2025 03:00 PM | 16.10.2025 5:00 PM | 17.10.2025 को 10:00 बजे पूर्वाहन से 5:00 बजे अपराहन तक |
| 6/2025 | GROUP-B<br>1. डांडू–मेढो<br>2. एकागुडी–मेढो<br>3. सेन्हा–मेढो<br>4. जोगना–मेढो<br>5. उगरा–भड़गांव | | | | | |

नोट :– ई–निविदा की अन्य नियम एवं शर्ते यथावत रहेगें।
PR 363302 Lohardaga (25-26)_D
उपायुक्त, लोहरदगा

## ଦାଦନ ଖଟିବାକୁ ଯାଇ ଶ୍ରମିକଙ୍କ ମୃତ୍ୟୁ

ଲାଞ୍ଜିଗଡ଼, ୬।୧୦(ରମେଶ ଚନ୍ଦ୍ର ନାୟକ)

■ ଦିନକ ପରେ ପହଞ୍ଚିଲା ମୃତଦେହ


ଆପାରାଓ

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ତ୍ରିଲୋଚନପୁର ଗ୍ରାମର ଆପାରାଓ ପଲକିଆ(୫୦) ଦାଦନ ଖଟିବାକୁ ବିଜୟନଗରମ ଯାଇଥିବାବେଳେ ରବିବାର ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଆପାରାଓ ପୂର୍ବରୁ ଦାଦନ ଖଟିବାକୁ ଯାଇଥିବା ଗାଁର ଅନ୍ୟ ଯୁବକମାନଙ୍କ ସହିତ ଯୋଗାଯୋଗ କରି ୧୫ ଦିନ ତଳେ ଆନ୍ଧ୍ରପ୍ରଦେଶର ବିଜୟନଗରମଠାରେ ଏକ ପ୍ଲାଇଉଡ଼ କମ୍ପାନୀରେ ଗାଁ ଲୋକଙ୍କ ସହିତ ମିଶି କାମ କରୁଥିଲେ। ଏପରିସ୍ଥଳେ ହଠାତ୍ ଦୁଇଦିନ ତଳେ ତାଙ୍କ ଦେହ ଅସୁସ୍ଥ ହୋଇଥିଲା। ସାଥୀରେ ଥିବା ଗାଁ ଲୋକେ ତାଙ୍କୁ ଔଷଧ ଆଣି ଦେଇଥିଲେ। ଅସୁସ୍ଥ ଯୋଗୁ ସେ କାମ କରିବାକୁ ନ ଯାଇ କମ୍ପାନୀ ଦେଇଥିବା ଘରେ ରହୁଥିବା ବେଳେ ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରକାଶଥାଉ କି ୭ ବର୍ଷ ତଳେ ଆପାରାଓଙ୍କ ବଡ଼ପୁଅ ସୁଦନ ପଲକିଆ କେରଳ ରାଜ୍ୟକୁ କାମ କରିବାକୁ ଯାଇ ମୃତ୍ୟୁବରଣ କରିଥିବା ବେଳେ ପରିବାର ପ୍ରତିପୋଷଣ ବୋଝ ଆପାରାଓଙ୍କ ଉପରେ ରହିଥିଲା। ବର୍ତ୍ତମାନ ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ସ୍ତ୍ରୀ ପ୍ରଫୁଲ୍ଲ ପଲକିଆ, ଝିଅ ଦଇମତି ପଲକିଆ(୧୮), ପୁଅ ଜନେକ ପଲକିଆ(୧୭) ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ବିଜୟନଗରମରୁ ମୃତଦେହ ଆଣିବା ପାଇଁ ସମ୍ବଳ ନ ଥିବାରୁ ସେମାନେ ଅସହାୟ ହୋଇପଡିଛନ୍ତି। ସାଥିରେ କାମ କରୁଥିବା ଗାଁର ଜଳନ୍ଧର ବାଗ ଓ ଅନ୍ତ ପରାଭୋଇ କମ୍ପାନୀ ମାଲିକଙ୍କୁ ଜଣାଇ ଦୁହେଁ ଆମ୍ବୁଲାନ୍ସ ଯୋଗେ ଆପାରାଓଙ୍କ ମର ଶରୀର ଧରି ସୋମବାର ତ୍ରିଲୋଚନପୁରରେ ପହଞ୍ଚିଥିଲେ। ମୃତଦେହ ପହଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ପରିବାର ଓ ଗାଁ ଲୋକଙ୍କ ପକ୍ଷରୁ ମୃତଦେହ ସତ୍କାର କରାଯାଇଛି। ବର୍ତ୍ତମାନ ମଧ ବ୍ଲକ ଅଞ୍ଚଳର ୧୦ ହଜାରରୁ ଅଧିକ ଦାଦନ ଶ୍ରମିକ ବିଭିନ୍ନ ରାଜ୍ୟରେ କାମ କରୁଥିବା ସୂଚନା ମିଳିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ତୃତୀୟ ବର୍ଷରେ ଧର୍ମଗଡ଼ ଗଜଲକ୍ଷ୍ମୀ ପୂଜା


ଧର୍ମଗଡ଼ ଚାରିଛକଠାରେ ପୂଜା ପାଉଥିବା ମା' ଲକ୍ଷ୍ମୀ।

ଧର୍ମଗଡ, ୬।୧୦ (ଘାସିରାମ ଜଗତ)

କଳାହାଣ୍ଡି ଜିଲା ଧର୍ମଗଡ଼ ସହରର ଚାରିଛକଠାରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ତୃତୀୟ ବର୍ଷରେ ପହଞ୍ଚିଛି। ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଉଦ୍ୟୋକ୍ତା ରାମଦାସ ମେହେରଙ୍କ ଉଦ୍ୟମକ୍ରମେ ମା'ଙ୍କ ପୂଜା ଆରମ୍ଭ ହୋଇଛି। ଥିବାରୁ ରବିବାର କଳସ ଯାତ୍ରା ସହ ମା'ଙ୍କ ଅଁଳା ବରଣ ହୋଇଥଲା। ସୋମବାର ଯଥାରୀତି ପୂଜା ଆରମ୍ଭ ହୋଇ ଚକ୍ଷୁଦାନ ଓ ଜୀବନ୍ୟାସ ପରେ ମା'ଙ୍କ ମୁଖ ଦର୍ଶନ ହୋଇଛି। ପୂଜାରେ ମୁଖ୍ୟ ପୂଜକ ଭାବେ ପଣ୍ଡିତ ସୁରେଶ କୁମାର ଦାଶ, ସହଯୋଗୀ ପୂଜକ ବିଶ୍ୱ ରଞ୍ଜନ ଆଚାର୍ଯ୍ୟ ଓ ଶ୍ରୀଧର ନନ୍ଦ ନିୟୋଜିତ ଥିବାବେଳେ କର୍ତ୍ତା ଭାବେ ବାଞ୍ଛାନିଧି ଜୋଷୀ ଓ ଧର୍ମପତ୍ନୀ ପୁଷ୍ପାଞ୍ଜଳି ଯୋଶୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରତ୍ୟହ ମା'ଙ୍କ ରୀତିନୀତି ସହ ପୂଜାର୍ଚ୍ଚନା ଚାଲିଛି। ସମଗ୍ର ଅଞ୍ଚଳକୁ ଉଜ୍ଜ୍ୱଳ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଛି। ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି। ଆସନ୍ତା ୮ ତାରିଖରେ ପୂର୍ଣ୍ଣାହୁତି ସହ ମା'ଙ୍କ ଭବ୍ୟ ଭସାଣି ହେବ ବୋଲି ଆୟୋଜକ କମିଟି ପକ୍ଷରୁ ପ୍ରକାଶ।

## ସଂକ୍ଷେପରେ

### ସଲଣ୍ଡିଆ ମୁଣ୍ଡାରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ

ରିଷିଡ଼ା,୬।୧୦(ସୁଶାନ୍ତ ମଲ୍ଲିକ)

କଳାମୁଣ୍ଡା ବ୍ଲକ ରିଷିଡା ସଲଣ୍ଡିଆ ମୁଣ୍ଡାଠାରେ ଚତୁର୍ଦ୍ଦଶତମ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଏଥିଲାଗି ରବିବାର ସନ୍ଧ୍ୟାରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସୋମବାର ସକାଳୁ ପୂଜା ଆରମ୍ଭ ହୋଇଛି। କର୍ତ୍ତା ଭାବେ ବରିଷ୍ଠ ଖବରବାଦା ନରୋତ୍ତମ ସେଲମା ଓ ତାଙ୍କ ଧର୍ମପତ୍ନୀ ବନିତା ସେଲମା ରହିଥିବା ବେଳେ ରୁଦ୍ରଦେବ ଦାସ ପୂଜକ ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏହି ଅବସରରେ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ବ୍ୟାସ ଭାବେ ଆଶୁତୋଷ ଦାସ ଯୋଗଦେଇ ପୁରାଣ ପଠନ କରୁଛନ୍ତି। ପୂଜା କମିଟି ସଭାପତି ହେମନ୍ତ ଭୋଇ, ସମ୍ପାଦକ ବାସୁଦେବ ସେଲମା, ଉପସଭାପତି ମାୟାଧର ଭୋଇ, ସହ ସମ୍ପାଦକ ରଞ୍ଜନ କୁମାର ନାଏକ, ଲଛମନ ଭୋଇ ପ୍ରମୁଖ ସହଯୋଗ କରୁଛନ୍ତି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଭବାନୀପାଟଣା,୬।୧୦(ଉତ୍ତମ କୁମାର ଦାଶ)- କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଏସ୍. କୁଣ୍ଡାମାଲସ୍ଥିତ ଗଣପତି ଆଗ୍ରୋ ରାଇସ ମିଲରେ କାର୍ଯ୍ୟରତ ଜଣେ ଯୁବକଙ୍କ ରବିବାର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ସେ ହେଲେ ବଲଦିଆମାଲ ନେହେରୁ ନଗରପଡାର ଦୁଃଖହରି ମେହେର (୪୦)। ମିଳିଥିବା ସୂଚନା ଅନୁଯାୟୀ, ପ୍ରତିଦିନ ଭଳି ଦୁଖଃହରି ରାଇସ ମିଲକୁ କାମ କରିବାକୁ ଯାଇଥିଲେ। ହେଲେ ଅପରାହ୍ନରେ ତାଙ୍କ ଦେହ ଅସୁସ୍ଥ ହେବାରୁ ଜୁନାଗଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ସ୍ତ୍ରୀ ଗୀତାଞ୍ଜଳି ମେହେର ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ସ୍ୱାମୀଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ସୋମବାର ସକାଳେ ଜୁନାଗଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ଜୁନାଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୪/୨୦୨୫) ରୁଜୁ ହୋଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସଠାରୁ ସୂଚନା ମିଳିଛି।

### ଆଇନଜୀବୀ ଆଶୁତୋଷ ମିଶ୍ରଙ୍କ ପରଲୋକ



ଭବାନୀପାଟଣା,୬।୧୦ (ଉତ୍ତମ କୁମାର ଦାଶ): ଭବାନୀପାଟଣା ସହର ରାଧାକୃଷ୍ଣ ନଗରର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଭିଜିଲାନ୍ସ ସ୍ୱତନ୍ତ୍ର ପିପି ଆଶୁତୋଷ ମିଶ୍ର (୫୧)ଙ୍କ ସୋମବାର ପ୍ରତ୍ୟୁଷରେ ନିଜ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଛି। ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ତୁରନ୍ତ ଶହୀଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ୨୦୧୧ରୁ ୨୦୨୧ ଯାଏ ଭବାନୀପାଟଣା ଭିଜିଲାନ୍ସ ସ୍ୱତନ୍ତ୍ର ପିପି ଥିଲେ। ତାଙ୍କର ଆକସ୍ମିକ ବିୟୋଗରେ ଆଇନଜୀବୀ ମହଲରେ ଶୋକର ଛାୟା ଖେଳିଯାଇଛି। କଳାହାଣ୍ଡି ଓକିଲ ସଂଘ ସଭାପତି ସୁଧାଂଶୁ ନନ୍ଦ, ସମ୍ପାଦକ ଅଶୋକ ପଟ୍ଟନାୟକ, ବରିଷ୍ଠ ଓକିଲ କ୍ଷିରୋଦ ପ୍ରସାଦ ନେଗୀ, ନିମାଞ୍ଚଳ ନାଏକ, ସୁବ୍ରତ ବହିଦାର, ଚିତ୍ତରଞ୍ଜନ ମଣ୍ଡଳ ପ୍ରମୁଖ ତାଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ ଥିଲେ। ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଶୋକ ପ୍ରକାଶ କରାଯିବା ସହ ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରାଯାଇଛି। ସ୍ଥାନୀୟ ଆଶା ସାଗର ନିକଟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ପିତା ଡ଼ାକ୍ତର ବିବେକାନନ୍ଦ ମିଶ୍ର ମୁଖାଗ୍ନି ଦେଇଥିଲେ।

### ସାପ କାମୁଡ଼ାରେ ବୃଦ୍ଧ ମୃତ

ଲହୁଣୀପଡା,୬।୧୦(ଦାଶରଥି ପଣ୍ଡା): ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ମଞ୍ଜାବେଡା ଗ୍ରାମର ଜଣେ ବୃଦ୍ଧଙ୍କ ସାପ କାମୁଡ଼ାରେ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ଲାଲୁ ସିଂ (୬୨)। ସୂଚନାରୁ ପ୍ରକାଶ, ଲାଲୁ ରବିବାର ରାତିରେ ଖାଇ ପିଇ ଶୋଇଥିଲେ। ବିଳମ୍ବିତ ରାତିରେ ବାହାରକୁ ଯାଇଥିବା ବେଳେ ତାଙ୍କୁ କ'ଣ ଗୋଟେ କାମୁଡି ଦେଇଥିଲା।

## ଲଘୁଚାପ ବର୍ଷାରେ ଫସଲ ନଷ୍ଟ


ଫସଲ ଉଜୁଡିଯାଇଥିବା ଜମିରେ ଦୁଇ ଚାଷୀ।

ଖଡ଼ିଆଳ,୬।୧୦ (ସୁଜିତ କୁମାର ପ୍ରଧାନ)

ଖଡ଼ିଆଳ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ସାଙ୍ଗକୁ ତିଖାଲି ଡ୍ୟାମରୁ ପାଣି ଛଡାଯିବା ଯୋଗୁ ଅଞ୍ଚଳରେ ବିଭିନ୍ନ ପ୍ରକାର ଫସଲ ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି। ବ୍ଲକର ଚିନ୍ଦାଗୁଡ଼ା, ମଣ୍ଡୋସିଲ, ଲାଞ୍ଜି, ବିରିଘାଟ, ଶରଧାପୁର, ବଡ ଦୋହେଲ ଆଦି ପଞ୍ଚାୟତ ସହିତ ଖଡ଼ିଆଳ ଏନ୍ଏସିର ଚାଷ ଜମି ପାଣିରେ ବୁଡିରହିଛି। ଫଳରେ ଧାନ ସାଙ୍ଗକୁ କପା, ଚିନାବାଦାମ, ହରଡ଼ ଫସଲ ନଷ୍ଟ ହେବାକୁ ବସିଛି। ଆଗକୁ ବର୍ଷା କମିଲେ ମଧ ଫସଲ ଅମଳ ଭଲ ହେବ ନାହିଁ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଏହାକୁ ନେଇ କ୍ଷତିଗ୍ରସ୍ତ ଚାଷୀ ଚିନ୍ତାରେ ଅଛନ୍ତି। ଜିଲା ପ୍ରଶାସନ ତୁରନ୍ତ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି କ୍ଷତିପୂରଣ ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ଖଡ଼ିଆଳ ସହକାରୀ କୃଷି ଅଧିକାରୀ ପ୍ରଶାନ୍ତ ବାଗଙ୍କୁ ପଚାରିବାରୁ ବ୍ଲକର ୧୬୪୯ ହେକ୍ଟର ଜମି ପ୍ରଭାବିତ ହୋଇଛି। କ୍ଷୟକ୍ଷତି ବାବଦରେ ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ତଦନ୍ତ ପରେ ଚାଷୀଙ୍କୁ ନିୟମ ଅନୁଯାୟୀ ସହାୟତା ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ।

## ମା' ସୁନାଦେଈଙ୍କ ଛତର ଯାତ୍ରା ଆଜି

ନୂଆପଡ଼ା,୬।୧୦ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଚାକୋଟିଆ ଭୁଞ୍ଜିଆଙ୍କ ଇଷ୍ଟଦେବୀ ତଥା ଅଭୟାରଣ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ସୁନାଦେଈଙ୍କ ଛତର ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହେବ। ଆଶ୍ୱିନ ଅମାବାସ୍ୟା ମହାଳୟାଠାରୁ ପୂଜା କାର୍ଯ୍ୟ ଆରମ୍ଭ ହୋଇ କୁମାର ପୂର୍ଣ୍ଣିମା ଦିନ ଛତର ଧରି ଦେବୀ ନଗର ପରିକ୍ରମା କରିଥାନ୍ତି। ଏହି ସମୟରେ ଅନେକ ଶ୍ରଦ୍ଧାଳୁ ଅଧିଆ ପଡ଼ି ମା'ଙ୍କ ଆଶୀର୍ବାଦ ନେଇଥାନ୍ତି। ସୁନାଦେଈ ମା'ଙ୍କଠାରେ ମାନସିକ କଲେ ଦେବୀ ପୂରଣ କରନ୍ତି ବୋଲି ସମସ୍ତଙ୍କ ବିଶ୍ୱାସ ରହିଛି। ଯେଉ ଭକ୍ତଙ୍କ ମନସ୍କାମନା ପୂରଣ ହୁଏ ସେମାନେ ମା'ଙ୍କୁ ବୋଦା ବଳି ଦେଇ ସନ୍ତୁଷ୍ଟ କରିଥାନ୍ତି। ୧୫ ଦିନ ଧରି ଚାଲିଥିବା ସୁନାଦେଈ ଯାତ୍ରାରେ କୁମାର ପୂର୍ଣ୍ଣିମା ଛତର ଯାତ୍ରାରେ ପ୍ରବଳ ଭିଡ଼ ହୋଇଥାଏ। ଏଥିରେ ନୂଆପଡ଼ା ସମେତ ବରଗଡ଼, ବଲାଙ୍ଗୀର, କଳାହାଣ୍ଡି ଜିଲା ଓ ପଡ଼ୋଶୀ ରାଜ୍ୟ ଛତିଶଗଡର ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥାନ୍ତି।

## ମ୍ୟୁନିସିପାଲିଟି, ଏନ୍ଏସି ଘୋଷଣା: ଜିଲାରେ ଖୁସିର ଲହରି

ନୂଆପଡ଼ା,୬।୧୦ (ମକାରୁ ବେମାଲ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଦିନିକିଆ ନୂଆପଡ଼ା ଗସ୍ତରେ ଆସି ଜିଲା ପାଇଁ ବଡ ଉପହାର ଦେଇଛନ୍ତି। ଦୀର୍ଘ ଦିନରୁ କୋମନା ଓ ସିନାପାଲିକୁ ଏନ୍ଏସି ଘୋଷଣା କରିବା ପାଇଁ ଦାବି ହୋଇଆସୁଥିବା ବେଳେ ଏହାକୁ ପୂରଣ କରିଛନ୍ତି। ଖରିଆର ରୋଡ୍ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ମ୍ୟୁନିସିପାଲିଟି ଏବଂ କୋମନା ଓ ସିନାପାଲିକୁ ନୂତନ ଏନ୍ଏସି ଭାବରେ ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ଜିଲାରେ ଖୁସିର ଲହରି ଖେଳିଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ କହି ଜିଲାବାସୀ କୃତଜ୍ଞତା ଜଣାଇଛନ୍ତି ।

**ଏମାନେ କୁହନ୍ତି...**



"ରାଜ୍ୟରେ ଭାଜପା ସରକାର ଆସିବାର ପ୍ରାୟ ଦୁଇବର୍ଷ ପୂରିବ। ହେଲେ ଆଜି ପର୍ଯ୍ୟନ୍ତ କୌଣସି ବିକାଶମୂଳକ କାର୍ଯ୍ୟ ନ କରି ବିଜେଡି ସରକାର ସମୟର କାର୍ଯ୍ୟକୁ ରଙ୍ଗ ବୋଳିବାରେ ଲାଗିଛନ୍ତି। ନୂଆପଡା ନିର୍ବାଚନ ମଣ୍ଡଳୀରେ ଆଗକୁ ଉପନିର୍ବାଚନ ରହିଥିବାରୁ ମୁଖ୍ୟମନ୍ତ୍ରୀ ଆସି ଭୋଟ ହାତେଇବା ପାଇଁ ତରବରିଆ ଭାବରେ ୧୧ ଶହ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରି ଏନ୍ଏସି ଘୋଷଣା କରିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ଆମେ ବିଶ୍ୱାସ କରିବୁ।

**-ଅବନୀ ରଞ୍ଜନ ଜୋଷୀ, ବିଜେଡି ଜିଲା ସଭାପତି।**



"ରାଜ୍ୟରେ ଭାଜପା ସରକାର ଲୋକଙ୍କୁ ଭୂଆଁ ବୁଲାଉଛି। ଦଳର କର୍ମକର୍ତ୍ତା ପ୍ରତିଶ୍ରୁତି ଦେବା ନିତିଦିନିଆ ହୋଇଗଲାଣି। ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ହିଁ ରହିଯିବ। ଯଦି ଏନ୍ଏସି ଘୋଷଣା କରିବାର ଥିଲା ପୂର୍ବରୁ କାହିଁକି ନ କଲେ। ନୂଆପଡା ଉପନିର୍ବାଚନ ଆସିଲା ପରେ ଘୋଷଣା କରୁଛନ୍ତି। ଏସବୁ ଭୋଟ ହାତେଇବା ପାଇଁ ଚାଲିଛି।

**– ଅମିତ କୁମାର ଅହୀର, କଂଗ୍ରେସ ଯୁବମୋର୍ଚ୍ଚା ଜିଲା ସଭାପତି**

## ବସୁନ୍ଧରା ଯୋଜନାରେ ଘରଡିହ ପଟ୍ଟା ବଣ୍ଟନ

ବେହେରା/ଧର୍ମଗଡ଼,୬।୧୦
(ଭୂପେଶ ତିୱାରୀ/ଘାଷିରାମ ଜଗତ)


ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଉଛି।

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ବେହେରା-ଧଅରପୁର ରାଜସ୍ୱ ନିରୀକ୍ଷକ ଅଧୀନ ବିଭିନ୍ନ ଗ୍ରାମର ହିତାଧିକାରୀଙ୍କୁ ସୋମବାର ଘରଡିହ ପଟ୍ଟା ବଣ୍ଟନ କରଯାଇଛି। ବେହେରା ଗ୍ରାମ ପଞ୍ଚାୟତଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ ଯୋଗଦେଇ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରିଥିଲେ। କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ, ଧର୍ମଗଡ ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ବ୍ଲକ ଅଧକ୍ଷା ବବିତା ପାଟ୍ଟଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ବେହେରା ସରପଞ୍ଚ କୁମୁଦିନି ଗଏନ୍ତା, ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ଛଞ୍ଚାଣବାହାଲି ସରପଞ୍ଚ ପ୍ରୀତି ବେମାଲ, ତେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳ ପ୍ରମୁଖ ଉପସ୍ଥିତ ଥିଲେ। ଛଞ୍ଚାଣବାହାଲି ପଞ୍ଚାୟତ ବେହେରାଗୁଡା ଗ୍ରାମର ୨୮ଜଣ, ବେହେରା ପଞ୍ଚାୟତ ବେହେରା ଗ୍ରାମର ୨୬ଜଣ, ତେଣ୍ଡାପାଲି ପଞ୍ଚାୟତ ତେଣ୍ଡାପାଲି ଗ୍ରାମର ୧୦ଜଣ ଓ ଛତାଗହୀରା ଗ୍ରାମର ୮ଜଣ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ସରକାର ଘରଡ଼ିହ ନ ଥିବା ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ଘର ଡିହ ବାବଦକୁ ୪ ଡେସମିଲ ଡିହ ଯୋଗାଇଦେବା ବ୍ୟବସ୍ଥା କରିଛନ୍ତି। ଗରିବଙ୍କ ହିତ ଦୃଷ୍ଟିରୁ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଏହି ଅବସରରେ ପ୍ରକାଶ କରିଥିଲେ।

## ମଣ୍ଡଳସ୍ତରୀୟ ବିଜୟା ଦଶମୀ ଉତ୍ସବ

ଜୁନାଗଡ଼,୬।୧୦(ଅଂଶୁମାନ ଯୋଶୀ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ମୁଣ୍ଡରାଗୁଡାଠାରେ ସୋମବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶହେବର୍ଷ ପୂର୍ତ୍ତି ଅବସରରେ ମଣ୍ଡଳସ୍ତରୀୟ ବିଜୟା ଦଶମୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ କମଳାକାନ୍ତ ମୁଣ୍ଡ ଯୋଗଦେଇ ସୁସ୍ଥ ସମାଜ ଓ ସଶକ୍ତ ରାଷ୍ଟ୍ର ଗଠନରେ ସଂଘର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବରେ ଶିକ୍ଷାବିତ୍ ଉଦିତ ବେହେରା ଆର୍ଏସ୍ଏସ୍‌ର ଶହେ ବର୍ଷର ରାଷ୍ଟ୍ରସେବା ସମ୍ପର୍କରେ ଅବଗତ କରିଥିଲେ। ଏଥିରେ ମୁଣ୍ଡରାଗୁଡ଼ା, ଦାସିଗାଁ, ରାଜପୁର ଓ ବଣିଜରା ପଞ୍ଚାୟତରୁ ସ୍ୱୟଂସେବକ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶ୍ରୀବଲ୍ଲଭ ମୁଣ୍ଡ, ଆଦିତ୍ୟ ପଣ୍ଡା, ବିକାଶ ନାଏକ, ଦିଲୀପ ମେହେର, ପ୍ରବୀଣ ପଣ୍ଡା, ଶୁଭେନ୍ଦ୍ର ବାଗ, ସୂର୍ଯ୍ୟ ନାରାୟଣ ପଣ୍ଡା ଓ ଅବିନାଶ ମୁଣ୍ଡ ପରିଚାଳନା କରିଥିଲେ। ଜିଲା କାର୍ଯ୍ୟବାହ ଶିଶିର ସାବତ ଶତବାର୍ଷିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ଲଘୁଚାପ ଜନିତ ବର୍ଷାରେ ଭୁଶୁଡ଼ିଲା ଘର

ଲାଞ୍ଜିଗଡ଼,୬।୧୦(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବେଡ଼ାଗାଁ ପଞ୍ଚାୟତ ଗାରେଶ ଗ୍ରାମର କୃପା ହରପାଳଙ୍କ ଘର ଲଘୁଚାପ ବର୍ଷା ପ୍ରଭାବରେ ଭୁଶୁଡ଼ି ପଡିଛି। ହେଲେ ସୌଭାଗ୍ୟବଶତଃ କୃପା ବର୍ତ୍ତି ଯାଇଛନ୍ତି। କୃପାଙ୍କ ପରିବାରରେ କେହି ନ ଥିବାବେଳେ ଏକୁଟିଆ ସେ ଉକ୍ତ ମାଟି ଘରେ ରହିଆସୁଥିଲେ। ସରକାରୀ ସହାୟତା କହିଲେ ମାସକୁ ମାତ୍ର ପାଞ୍ଚ କେଜି ଚାଉଳ ମିଳୁଛି। ଖରା ବର୍ଷାରେ ମୁଣ୍ଡ ଗୁଞ୍ଜୁଥିବା ମାଟିଘର ଭୁଶୁଡ଼ି ଯିବାରୁ ସେ ବାସହରା ହୋଇପଡିଛନ୍ତି। ପଞ୍ଚାୟତ କର୍ତ୍ତୃପକ୍ଷ ତଥା ବ୍ଲକ ପ୍ରଶାସନ ସହାୟତା ଯୋଗାଇଦେବାକୁ କୃପା ଗୁହାରି କରିଛନ୍ତି। ପୂର୍ବତନ ନାଏବ ସରପଞ୍ଚ କାଳିଆ ବିଭାର କହନ୍ତି, କୃପା ଜଣେ ଗରିବ ଅସହାୟ ବ୍ୟକ୍ତି। ଆମେ ସରପଞ୍ଚଙ୍କୁ କହି ଘର ତଥା ସରକାରୀ ସହାୟତା ଯୋଗାଇ ଦେବାକୁ ଚେଷ୍ଟା କରିବୁ।



## ଶିବିରରେ ୧୧୫ ଅଭିଯୋଗ ପଞ୍ଜୀକରଣ

**ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି**

ଭବାନୀପାଟଣା,୬।୧୦(ଉତ୍ତମ କୁମାର ଦାଶ)


ଅତିରିକ୍ତ ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାପାଳଙ୍କ ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୧୫ଟି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୯୫ ଓ ସାମୂହିକ ୨୦ଟି ରହିଥିଲା। ସେହିପରି ୧୫ଟି ଆପତ୍ତି ଅଭିଯୋଗର ସମାଧାନ ତତ୍‌କ୍ଷଣାତ୍ କରାଯାଇଥିଲା। ଶିବିରରେ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ରାଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ୍, ଗ୍ରାମ୍ୟ ଉନ୍ନୟନ, ଶିଶୁ ସୁରକ୍ଷା, ଜଙ୍ଗଲ ଓ ପରିବେଶ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବା ପାଇଁ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲାପାଳ ଦରୱାନ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନ) ଅନିମେସ ପ୍ରଧାନ, ମୁଖ୍ୟ ଜିଲା ବେସାମରିକ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଜିଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକ, ଭବାନୀପାଟଣା ସଦର ଏସ୍‌ଡ଼ିପିଓ ନରେଶ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡିସିପିୟୁର ସୁରକ୍ଷା ଅଧିକାରୀ (ଆନୁଷ୍ଠାନିକ ଯତ୍ନ) ଅଂଶୁମାନ ବାବୁ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

# ଲକ୍ଷ୍ମୀପୂଜାରେ ଇସ୍ପାତ ସହର ଚଳଚଞ୍ଚଳ

ରାଉରକେଲା,୬।୧୦(ଦିନେଶ ମିଶ୍ର): ଲକ୍ଷ୍ମୀପୂଜା ପାଇଁ ରାଉରକେଲା ସହର ଚଳଚଞ୍ଚଳ ହୋଇପଡିଛି। ସହରରେ ଚଳିତ ବର୍ଷ ୩୭ଟି ସ୍ଥାନରେ ଲକ୍ଷ୍ମୀପୂଜା କରାଯାଉଛି। ସହରର ବିଭିନ୍ନ ଛକ ଓ ପୂଜା ମଣ୍ଡପଗୁଡିକ ରଙ୍ଗବେରଙ୍ଗ ଆଲୋକମାଳାରେ ଶୋଭାପାଉଛି। ଚଳିତ ବର୍ଷ ଲକ୍ଷ୍ମୀପୂଜାକୁ ନେଇ ସହରବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ସେକ୍ଟର-୧୭, ଉଦିତନଗର, ବାସନ୍ତୀ କଲୋନି, ଆରଡିଏ ମାର୍କେଟ, ଛେଣ୍ଡ, ଫର୍ଟିଲାଇଜର, ଡେଲିମାର୍କେଟ କମିଟି ପକ୍ଷରୁ ପୂଜାମଣ୍ଡପରେ ସୋମବାର ମା' ଲକ୍ଷ୍ମୀଙ୍କ ଘଟ ସ୍ଥାପନା ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ବାସନ୍ତୀ କଲୋନି ସ୍ଥିତ ଆରଡିଏ ମାର୍କେଟ, ଲକ୍ଷ୍ମୀ ମନ୍ଦିର, ହନୁମାନ ବାଟିକା, ଛେଣ୍ଡ ଲକ୍ଷ୍ମୀ ମନ୍ଦିର, ଉଦିତନଗର ସ୍ଥିତ ଲକ୍ଷ୍ମୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି। ସେକ୍ଟର-୧୭ରେ ମୀନା ବଜାର ଆୟୋଜନ କରାଯାଇଛି। ଶାନ୍ତିଶୃଙ୍ଖଳା ସହ ଗଜଲକ୍ଷ୍ମୀ ପୂଜା ପାଳନ ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ହୋଇଛି।

# ପ୍ରଦୂଷିତ ହେଉଛି କୋଏଲ ନଦୀ

## ଏସ୍‌ଟିପି ପ୍ଲାଣ୍ଟ ସ୍ଥାପନରେ ବିଳମ୍ବ

ରାଉରକେଲା,୬।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଝିରପାଣିରେ ହେବାକୁ ଥିବା ୧ ଏମ୍‌ଏଲ୍‌ଡି ଏସ୍‌ଟିପି ପ୍ଲାଣ୍ଟ ସ୍ଥାପନରେ ଅହେତୁକ ବିଳମ୍ବ ହେଉଛି। ଫଳରେ ସହରର ୧୫ ବୃହତ୍ ଡ୍ରେନରୁ ନିଷ୍କାସିତ ବର୍ଜ୍ୟଜଳ ସିଧାସଳଖ କୋଏଲ ନଦୀରେ ମିଶି ପ୍ରଦୂଷିତ କରୁଛି। ଏହି ପ୍ରଦୂଷଣ ଯୋଗୁ ନଦୀକୂଳିଆ ଲୋକେ ପ୍ରଭାବିତ ହେଉଛନ୍ତି।

ସୂଚନା ଅନୁସାରେ, ୨୦୧୩ରେ ରାଉରକେଲା ଜନସ୍ୱାସ୍ଥ୍ୟ ବିଭାଗ (ପିଏଚ୍‌ଡି) ପକ୍ଷରୁ ୫କୋଟି ୭୬ଲକ୍ଷ ଟଙ୍କା ବ୍ୟୟରେ ଝିରପାଣିରେ ଏକ ଏସ୍‌ଟିପି ପ୍ଲାଣ୍ଟ ସ୍ଥାପନ ହୋଇଥିଲା। ଏହାଦ୍ୱାରା ଉକ୍ତ ୧୫ଟି ଡ୍ରେନ୍‌ରୁ ନିଷ୍କାସିତ ହେଉଥିବା ବର୍ଜ୍ୟଜଳ ପ୍ଲାଣ୍ଟ ମାଧ୍ୟମରେ ଟ୍ରିଟମେଣ୍ଟ ହୋଇ ନଦୀକୁ ଛଡା ଯାଉଥିଲା। ଏହି ପ୍ଲାଣ୍ଟ ୫ବର୍ଷ ଚାଲିବା ପରେ ୨୦୧୮ରେ ପ୍ଲାଣ୍ଟ ପରିଚାଳନା ଅବଧି ସମୟସୀମା ଶେଷ ହେବାରୁ ମହାରାଷ୍ଟ୍ରର


ଡ୍ରେନେଜରୁ ବର୍ଜ୍ୟଜଳ ନଦୀକୁ ଯାଉଛି।

ଲକ୍ଷ୍ମୀ ସିଭିଲ ଇଞ୍ଜିନିୟରିଂ ନାମକ ସଂସ୍ଥା ଦାୟିତ୍ୱରୁ ଓହରିଗଲା। ସେହି ଦିନଠାରୁ ଉକ୍ତ ପ୍ଲାଣ୍ଟ ବନ୍ଦ ହୋଇଗଲା। ଏହାପରେ ରାଉରକେଲା ମହାନଗର ନିଗମ ପକ୍ଷରୁ ପିଏଚ୍‌ଡିକୁ ପ୍ଲାଣ୍ଟର ପୁନରୁଦ୍ଧାର କରି ଆର୍‌ଏମ୍‌ସିକୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଗଲା। ମାତ୍ର ପିଏଚ୍‌ଡି ପକ୍ଷରୁ ପ୍ଲାଣ୍ଟର ରକ୍ଷଣାବେକ୍ଷଣ କି ପୁନରୁଦ୍ଧାର କରାଗଲାନାହିଁ। ଫଳରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏସ୍‌ଟିପି ପ୍ଲାଣ୍ଟ ସମ୍ପୂର୍ଣ୍ଣ ଅଚଳ ହୋଇଗଲା। ୨୦୨୪-୨୫ ଆର୍ଥିକ ବର୍ଷରେ ଝିରପାଣିରେ ନୂତନ ଏସ୍‌ଟିପି ପ୍ଲାଣ୍ଟ ହେବାକୁ ଯାଉଥିବା ବେଳେ ଏଥିପାଇଁ ଜରୁରୀ ଅନୁମୋଦନ ମିଳିପାରୁନାହିଁ। ଫଳରେ ଏସ୍‌ଟିପି ପ୍ଲାଣ୍ଟ ସ୍ଥାପନ ପାଇଁ ଠିକାସଂସ୍ଥାକୁ କାର୍ଯ୍ୟାଦେଶ ମିଳିଥିଲେ ମଧ୍ୟ କାର୍ଯ୍ୟାରମ୍ଭ ହୋଇପାରୁନାହିଁ। ଏଣୁ ବିଭାଗୀୟ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରି ବୃଦ୍ଧି ପାଉଥିବା ନଦୀ ପ୍ରଦୂଷଣ ଓ ସ୍ଥାନୀୟ ଜନସାଧାରଣଙ୍କ ସମସ୍ୟାର ସମାଧାନ କରିବାକୁ ବୁଦ୍ଧିଜିବୀ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଦୁର୍ଯ୍ୟୋଧନ ମୁଣ୍ଡାଙ୍କୁ ପଚାରିବାରୁ ସେ କହିଲେ, ଝିରପାଣିଠାରେ ୧ଏମ୍‌ଏଲ୍‌ଡି ଏସ୍‌ଟିପି ପ୍ଲାଣ୍ଟ ସ୍ଥାପନ ପାଇଁ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଛି। କେବଳ ଏସ୍‌ଟିପି ପ୍ଲାଣ୍ଟ ପାଇଁ ଜରୁରୀ ଥିବା ଡ୍ରଇଂ ଓ ଡିଜାଇନ ଜନିତ ଆପ୍ରୁଭାଲ ଲେଟର ଆସିଲେ କାମ ଆରମ୍ଭ ହେବ ବୋଲି ସେ କହିଥିଲେ।

# ଆଇଜିଏଚ୍‌ରେ ଜଟିଳ ମେରୁଦଣ୍ଡ ଅସ୍ତ୍ରୋପଚାର ସଫଳ


ରୋଗୀଙ୍କ ସହ ଆଇଜିଏଚ୍ ନ୍ୟୁରୋସର୍ଜରୀ ଦଳ।

ରାଉରକେଲା,୬।୧୦(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲର ନ୍ୟୁରୋସର୍ଜରୀ ଦଳ କଟିବନ୍ଧ ମେରୁଦଣ୍ଡର ସଫଳ ଅସ୍ତ୍ରୋପଚାର କରିଛନ୍ତି। ଫଳରେ ରୋଗୀ ଜଣଙ୍କ ଅସ୍ତ୍ରୋପଚାର ପରେ ପୁଣି ଚାଲିବାକୁ ସକ୍ଷମ ହୋଇଛନ୍ତି। ଏହି ୩୪ବର୍ଷୀୟ ପୁରୁଷ ରୋଗୀ ୩୦ଦିନରୁ ଅଧିକ ସମୟ ଧରି ଉଭୟ ଗୋଡ଼ ଓ ପିଠିରେ ଯନ୍ତ୍ରଣା, ଠିଆ ହେବା, ଚାଲିବା, ବିଛଣାରେ କଡ ଲେଉଟାଇବା ଏବଂ ମଳମୂତ୍ର ତ୍ୟାଗ କରିବାରେ କଷ୍ଟ ପାଉଥିବାରୁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଆଇଜିଏଚ୍‌ରେ କରାଯାଇଥିବା ଏମ୍‌ଆର୍‌ଆଇ ସ୍କାନ୍‌ରୁ ଏକ ଏଲ୍ ୪-୫ ଏକ୍ସଟରଡେଡ ଡିସ୍କ ଜଣାପଡିଥିଲା ଯାହା କାଉଡା ଇକ୍ୱିନା ସିଣ୍ଡ୍ରୋମ ସୃଷ୍ଟି କରିବା ସହ ଏକ ଗମ୍ଭୀର ସ୍ୱାସ୍ଥ୍ୟଗତ ଅବସ୍ଥା ସୃଷ୍ଟି କରିଥିଲା। ଏଥିପାଇଁ ଜରୁରୀ ଅସ୍ତ୍ରୋପଚାର କରିବା ଜରୁରୀ ଥିଲା। ବରିଷ୍ଠ ପରାମର୍ଶଦାତା ତଥା ନ୍ୟୁରୋସର୍ଜନ ଡାକ୍ତର ମନୋଜ କୁମାର ଦେଓଙ୍କ ନେତୃତ୍ୱରେ ବିଶେଷଜ୍ଞ ଡାକ୍ତରଙ୍କ ଏକ ଦଳ ଅତିରିକ୍ତ ସିଏମ୍‌ଓ ଡାକ୍ତର ସଂଯୁକ୍ତା ପାଣିଗ୍ରାହୀଙ୍କ ନିଶ୍ଚେତକ ସହାୟତାରେ ସଫଳତାର ସହିତ ଏହି ଅସ୍ତ୍ରୋପଚାର ସମ୍ପାଦନ ହେଲା। ଅସ୍ତ୍ରୋପଚାର ପରେ ରୋଗୀ ଦ୍ରୁତ ଆରୋଗ୍ୟ ଲାଭ କରି ଦ୍ୱିତୀୟ ଦିନରେ ଠିଆ ହେବା ଏବଂ ଚାଲିବା ପାଇଁ ସକ୍ଷମ ହେଲେ।

# ଯୁଗ୍ମ ଜନଶୁଣାଣି: ୩୬ ଅଭିଯୋଗ ପଞ୍ଜୀକୃତ


ଶିବିରରେ ଅଭିଯୋଗଗୁଡିକର ଶୁଣାଣି କରାଯାଉଛି।

ରାଉରକେଲା,୬।୧୦(ଦିନେଶ ମିଶ୍ର)

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ସଭା କକ୍ଷରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୩୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୨୭ଟି ବ୍ୟକ୍ତିଗତ ଏବଂ ୯ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡିକରେ ରାସ୍ତା ନିର୍ମାଣଠାରୁ ଆରମ୍ଭ କରି ଭତ୍ତା, ଷ୍ଟ୍ରିଟ୍ ଲାଇଟ୍, ଡ୍ରେନ, ଜମିଜମା, ଜବରଦଖଲ ସମସ୍ୟା ରହିଥିଲା। ଅତିରିକ୍ତ ଜିଲାପାଳ ତଥା ଆର୍‌ଏମ୍‌ସି କମିଶନର ଦୀନା ଦସ୍ତଗିରି ଜନଶୁଣାଣିରେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ତ ଆପତ୍ତି ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଅର୍ଥ ମଞ୍ଜୁର ପାଇଁ ୭ଟି ଅଭିଯୋଗ ଆସିଥିଲା। ଜନଶୁଣାଣି କାର୍ଯ୍ୟକ୍ରମରେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ସୁରଜ କୁମାର ପଟ୍ଟନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ମିଶ୍ର, ଆର୍‌ଏମ୍‌ସି ଉପଆୟୁକ୍ତ ପଲ୍ଲବୀ ନାୟକ, ଅନୀତା ନାୟକ, ତରୁଣକାନ୍ତ ଏବଂ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପିରେ ତତ୍କାଳ ସ୍ୱୀକୃତି ଯୋଜନାରେ ଠିକା ଶ୍ରମିକ ପୁରସ୍କୃତ

ରାଉରକେଲା,୬।୧୦(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ସିଣ୍ଟର ପ୍ଲାଣ୍ଟ-୨ରେ ନିୟୋଜିତ ୨୩ଜଣ ଠିକା ଶ୍ରମିକଙ୍କୁ ଗତ ୩ ତାରିଖରେ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ତତ୍କାଳ ସ୍ୱୀକୃତି ଯୋଜନାରେ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସିଣ୍ଟର ପ୍ଲାଣ୍ଟ ବିଭାଗର ସିଜିଏମ୍ ଶେଖର ନାରାୟଣ ଅଧ୍ୟକ୍ଷତା କରିବା ସହିତ ବିଭିନ୍ନ ଦଳ ଅଧୀନରେ କାର୍ଯ୍ୟ କରୁଥିବା ଠିକା ଶ୍ରମିକମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ଜିଏମ୍ ଜି. ଆର୍ ଦାସ, ଏସ୍‌ପି-୨ ବିଭାଗର ଜିଏମ୍ ଏସ୍. କେ. ପାଢୀଙ୍କ ସମେତ ବିଭାଗର ବହୁ ଅଧିକାରୀ ଏବଂ ସମ୍ପୃକ୍ତ ଠିକାଦାର ସଂସ୍ଥାର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ଶେଖର ନାରାୟଣ ଠିକା ଶ୍ରମିକଙ୍କ ପ୍ରୟାସକୁ ପ୍ରଶଂସା କରି ଏଭଳି ମାନ୍ୟତା ଅନ୍ୟମାନଙ୍କୁ ସେମାନଙ୍କ କାର୍ଯ୍ୟରେ ଉତ୍କର୍ଷତା ହାସଲ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ମତବ୍ୟକ୍ତ କରିଥିଲେ। ଜି. ଆର୍. ଦାସ ଆର୍‌ଏସ୍‌ପିରେ ନୂତନ ଭାବେ ପ୍ରଚଳିତ ଅନ୍‌ଲାଇନ ଉପସ୍ଥିତି ବ୍ୟବସ୍ଥାରେ ନିଜକୁ ପଞ୍ଜୀକରଣ କରିବା ପାଇଁ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଏମ୍ ପାଢୀ ପୁରସ୍କାର ବିଜେତାମାନଙ୍କୁ ବିଭାଗର ଅଭିବୃଦ୍ଧି ଏବଂ ଉନ୍ନତି ପାଇଁ ଏଭଳି ଅବଦାନ ଜାରି ରଖିବାକୁ ଉତ୍ସାହିତ କରିଥିଲେ। ଉଲ୍ଲେଖନୀୟ, କର୍ମଚାରୀମାନଙ୍କୁ ଏସ୍‌ପି-୨ର ମୂଳ ମରାମତି କାର୍ଯ୍ୟକୁ ବିନା ବିଳମ୍ବରେ ସଫଳତାର ସହିତ ସମାପ୍ତ କରିବା ଏବଂ ସମସ୍ତ ସୁରକ୍ଷା ମାନଦଣ୍ଡ ପାଳନ କରିବା ପାଇଁ ପୁରସ୍କୃତ କରାଯାଇଥିଲା। ଏସ୍‌ପି-୨ ବିଭାଗର ମ୍ୟାନେଜର ସନ୍ଦୀପ ଅବସ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଠିକା ଶ୍ରମିକ ଏବଂ ଅଧିକାରୀ।

# ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ପ୍ରାଥମିକତା



ବନ୍ୟପ୍ରାଣୀ ସୁରକ୍ଷା ଅଭିଯାନରେ ଅତିଥି ଏବଂ ଅନ୍ୟମାନେ।

ରାଉରକେଲା,୬।୧୦(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ପରିଚଳିତ ଇନ୍ଦିରା ଗାନ୍ଧୀ ପାର୍କ ଏବଂ ଚିଡିଆଖାନାରେ ବନ୍ୟପ୍ରାଣୀ, ପ୍ରକୃତି ପ୍ରତି ପ୍ରେମ ଓ ଦାୟିତ୍ୱବୋଧତା ବୃଦ୍ଧି କରିବା ଦିଗରେ ପାଳନ କରାଯାଉଥିବା ବନ୍ୟପ୍ରାଣୀ ସପ୍ତାହ-୨୦୨୫ ଅବସରରେ ବିବିଧ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏ ନେଇ ଏକ ସ୍ୱାକ୍ଷର ଅଭିଯାନ ହୋଇଥିଲା ଯେଉଁଥିରେ ପର୍ଯ୍ୟଟକମାନେ ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ସେମାନଙ୍କ ପ୍ରତିଶ୍ରୁତି ସ୍ୱରୂପ ଦସ୍ତଖତ କରିଥିଲେ। କ୍ୟାମ୍ପସରେ ସବୁଜିମା ବୃଦ୍ଧି ଏବଂ ସବୁଜ ବଳୟ ସୃଷ୍ଟି କରିବା ଲକ୍ଷ୍ୟନେଇ ଇନ୍ଦିରା ଗାନ୍ଧୀ ପାର୍କ କର୍ମଚାରୀ ବୃକ୍ଷରୋପଣ ଅଭିଯାନରେ ଅଂଶଗ୍ରହଣ ମଧ୍ୟ କରିଥିଲେ। ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ ବି. କେ. ଜୋଜୋ ଏବଂ ଉଦ୍ୟାନ କୃଷି ବିଭାଗ ତଥା ଜେଡ.ପି ଇନ୍‌ଚାର୍ଜ ଡକ୍ଟର ଅଭିଜିତ ବିଶ୍ୱାସ ଅଭିଯାନର ନେତୃତ୍ୱ ନେଇଥିଲେ। ଯୁବବର୍ଗଙ୍କୁ ସାମିଲ କରିବା ଲକ୍ଷ୍ୟରେ ଗତ ୪ ତାରିଖରେ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସିଟ୍ ଆଣ୍ଡ ଡ୍ର ପ୍ରତିଯୋଗିତା କରାଯାଇଥିଲା। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନିଜର କଳା ମାଧ୍ୟମରେ ବନ୍ୟପ୍ରାଣୀ ସୁରକ୍ଷାର ଗୁରୁତ୍ୱକୁ ସୃଜନଶୀଳ ଭାବେ ପ୍ରକାଶ କରିଥିଲେ। ବି.କେ ଯୋଜୋ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିଳି ଗତ ରବିବାର ଛାତ୍ରୀଛାତ୍ର ଏବଂ ପ୍ରକୃତିପ୍ରେମୀମାନଙ୍କୁ ପରିବେଶଗତ ସନ୍ତୁଳନ ବଜାୟ ରଖିବାରେ ବନ୍ୟପ୍ରାଣୀଙ୍କ ଭୂମିକା ଉପରେ ଆଲୋକପାତ କରିଥିବା ବିଶେଷଜ୍ଞମାନଙ୍କ ସହିତ ସଂଯୋଗ କରିବା ପାଇଁ ଏକ ଆଭାସୀ ମତବିନିମୟ ଅଧିବେଶନ ଆୟୋଜନ କରାଯାଇଥିଲା। ଏଥିରେ ଉଦ୍ୟାନ କୃଷି ବିଭାଗର ଏଜିଏମ୍ ଡକ୍ଟର ସତ୍ୟନାରାୟଣ ମିଶ୍ର ବକ୍ତା ଭାବେ ଯୋଗ ଦେଇଥିଲେ। ସେହିପରି ସୋମବାର ଏକ ଚିଡିଆଖାନା ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୩୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍ୟାନ କୃଷି ଦଳ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନାବାଳିକା ମୃତ୍ୟୁ ମାମଲାରେ ଦମ୍ପତି ଗିରଫ

ରାଉରକେଲା,୬।୧୦(ସଙ୍ଗୀତା ଜେନା)

ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ (ଆର୍‌ଏସ୍‌ସିଏଲ)ରେ ନିର୍ମାଣାଧୀନ ଟ୍ରାଇବାଲ ମ୍ୟୁଜିୟମ୍‌ରେ କାର୍ଯ୍ୟରତ ନାବାଳିକା ସନ୍ଧ୍ୟା ଝରା(୧୫)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ରହସ୍ୟ ସୋମବାର ଉନ୍ମୋଚିତ ହୋଇଛି। ଉକ୍ତ ନାବାଳିକାଙ୍କ ଆତ୍ମହତ୍ୟା ପାଇଁ ପ୍ରୋତ୍ସାହିତ କରିବା ଅଭିଯୋଗରେ ପୋଲିସ ଏକ ଦମ୍ପତିଙ୍କୁ ଗିରଫ କରିଛି। ନାବାଳିକାଙ୍କ ମୃତ୍ୟୁ ବିଷକ୍ରିୟା ଯୋଗୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଉଭୟଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତ ହେଲେ ଡକ୍ଟର ମୁଣ୍ଡା ଓ ତାଙ୍କ ସ୍ତ୍ରୀ ସବିନା ମୁଣ୍ଡା। ଏ ନେଇ ପୋଲିସ ଏକ ମାମଲା (ନଂ.୫୬୨/୨୫) ରୁଜୁ କରି ଉଭୟଙ୍କୁ ଅପରାହ୍ନ ୪ଟାରେ ସୁନ୍ଦରଗଡ଼ ପୋକ୍‌ସୋ କୋର୍ଟକୁ ଚାଲାଣ କରିଛି।

ପୋଲିସ ସୂଚନା ଅନୁଯାୟୀ, ମୃତା ସନ୍ଧ୍ୟାଙ୍କ ସହ ତାଙ୍କ ସହକର୍ମୀ ଡକ୍ଟର ମୁଣ୍ଡାଙ୍କ ପ୍ରେମ ସମ୍ପର୍କ ଥିବା ନେଇ ସହକର୍ମୀଙ୍କ ସ୍ତ୍ରୀ ସବିନା ମୁଣ୍ଡା ସନ୍ଦେହ କରୁଥିଲେ। ଗତ ୩ ତାରିଖରେ ନିର୍ମାଣାଧୀନ କୋଠାରେ କାମ କରୁଥିବା ସନ୍ଧ୍ୟା, ମିସ୍ତ୍ରୀ ଏବଂ ପୂର୍ବରୁ ବିବାହିତ ଡକ୍ଟର ମୁଣ୍ଡା ଏକାଠି ବସି ଖାଉଥିଲେ। ଘଟଣାସ୍ଥଳରେ ଡକ୍ଟରଙ୍କ ସ୍ତ୍ରୀ ସବିନା ପହଞ୍ଚି ସେମାନଙ୍କୁ ଗାଳି କରିଥିଲେ ଏବଂ ସନ୍ଧ୍ୟାଙ୍କୁ ଚାପୁଡା ମାରିଥିଲେ। ଏଥିରେ ଅପମାନ ବୋଧ କରି ସନ୍ଧ୍ୟା ବିଷ ପିଇ ଦେଇଥିଲେ। ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ତାଙ୍କୁ କିଛି ସହକର୍ମୀ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ବିଷୟରେ ଅନଭିଜ୍ଞ ମୃତା ସନ୍ଧ୍ୟାଙ୍କ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ହସ୍ପିଟାଲ ଆସିଥିଲେ। ସେହିଦିନ ବିଳମ୍ବିତ ରାତିରେ ରଘୁନାଥପାଲୀ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣା ସମ୍ପର୍କରେ ତଦନ୍ତ କରିଥିଲା। ଅପରପକ୍ଷେ ଏ ନେଇ ସୋମବାର ଶ୍ରମ ବିଭାଗ ଏନ୍‌ଫୋର୍ସମେଣ୍ଟ ପକ୍ଷରୁ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି। ମୃତା ନାବାଳିକା କିମ୍ବା ସାବାଳିକା ଜାଣିବା ପରେ କର୍ମ ନିଯୁକ୍ତି ଦେଇଥିବା ଏଜେନ୍ସି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରମ ଅଧିକାରୀ ଗୋପାଳ ଚନ୍ଦ୍ର ମଙ୍ଗରାଜ କହିଛନ୍ତି। ସେହିପରି ଜିଲା ଶ୍ରମ ବିଭାଗ ଏବଂ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍‌କୁ ଆକ୍ସନ ଟେକେନ୍ ରିପୋର୍ଟ ସୋମବାର ମଗାଯାଇଛି ବୋଲି ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି) ସଦସ୍ୟ ବାଲମୁକୁନ୍ଦ ଶୁକ୍ଳା କହିଛନ୍ତି।

# ସରିଲା ଦୁର୍ଗାପୂଜା, ପଡ଼ିଛି କୁଢ଼ କୁଢ଼ ଆବର୍ଜନା

ରାଉରକେଲା,୬।୧୦(ଦିନେଶ ମିଶ୍ର)

ରାଉରକେଲା ସହରରେ ଚଳିତ ବର୍ଷ ଦୁର୍ଗାପୂଜା ଶେଷ ହୋଇଛି। ସହରରେ ୧୦୯ଟି ମଣ୍ଡପରେ ମା' ଦୁର୍ଗାଙ୍କ ପୂଜା ସହ ତୋରଣମାନ ଶୋଭାପାଇଥିଲା। ତେବେ ପୂଜା ଶେଷ ହେବା ପରେ ପୂଜା ପଡିଆ ସମେତ ବିଭିନ୍ନ ସ୍ଥାନରେ କୁଢ କୁଢ ଅଳିଆ ଆବର୍ଜନା ପଡିରହିଛି। ଏହି ସ୍ଥାନକୁ ଏଯାଏ ସଫେଇ କରାଯାଇନାହିଁ। ରାଉରକେଲାର ବିଭିନ୍ନ ସେକ୍ଟର, ବାସନ୍ତୀ କଲୋନ, ଉଦିତନଗର, ସେକ୍ଟର-୧୩ ମେଳଣ ପଡିଆରେ ଏଭଳି ଦେଖିବାକୁ ମିଳିଛି। ସେକ୍ଟର-୧ ଓ ସେକ୍ଟର-୨ ଦୁର୍ଗାପୂଜା ପଡିଆରେ ମୀନା ବଜାର ଲାଗିଥିଲା। ଏହି ସ୍ଥାନରେ ପଲିଥିନ ଜରି, ଠୁଙ୍ଗା, ଅଇଁଠା ପତ୍ର, ପ୍ଲାଷ୍ଟିକ୍ ଦନା, ବୋତଲ ଆଦି ପଡି ରହିଥିବା ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ବାସନ୍ତୀ କଲୋନି ସ୍ଥିତ ବିଏଲ୍ ବ୍ଲକ ପୂଜା ପଡିଆରେ ମଧ୍ୟ ଅପୁରୂପ ଅବସ୍ଥା। ରିଂରୋଡ୍‌ରେ ଭସାଣି ଉତ୍ସବ ପରେ ଅଳିଆ ଆବର୍ଜନା ପଡିରହିଛି। ଏ ନେଇ ଆର୍‌ଏମ୍‌ସି ଉପଆୟୁକ୍ତ ଅନୀତା ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଦୁର୍ଗାପୂଜା ସମୟରେ ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପଡିଛି। ଆମେ ଆର୍‌ଏସ୍‌ପି ସହିତ କଥା ହୋଇଛୁ। ଆସନ୍ତା ୨ ଦିନ ଭିତରେ ସହରର ବିଭିନ୍ନ ମଣ୍ଡପ ଓ ପୂଜା ପଡିଆକୁ ସଫେଇ କରାଯିବ ବୋଲି ନାୟକ କହିଥିଲେ।


ସେକ୍ଟର-୨ ପୂଜା ପଡିଆରେ ପଡିଥିବା ଅଳିଆ ଆବର୍ଜନା।

# ନିୟମ ପ୍ରତ୍ୟାହାର ଦାବିରେ ସିଟୁର ବିକ୍ଷୋଭ

## ଶ୍ରମିକଙ୍କ କାର୍ଯ୍ୟ ସମୟ ୧୦ ଘଣ୍ଟା ବୃଦ୍ଧିକୁ ବିରୋଧ

ରାଉରକେଲା,୬।୧୦(ସଙ୍ଗୀତା ଜେନା)

ରାଜ୍ୟ ସରକାର ଗତ ସେପ୍ଟେମ୍ବର ୩୦ରେ ଏକ ପାଖିଆ ଭାବେ ରାଜ୍ୟରେ ଫ୍ୟାକ୍ଟ୍ରି ଆଇନ ୧୯୪୮ର ଧାରା ୫୧ ଓ ଧାରା ୫୪ରେ ସଂଶୋଧନ ଆଣି ଶ୍ରମିକଙ୍କ ଦୈନିକ କାର୍ଯ୍ୟ ସମୟ ୮ରୁ ୧୦ ଘଣ୍ଟାକୁ ବୃଦ୍ଧି କରିଛନ୍ତି। ଯାହା ପ୍ରକୃତପକ୍ଷେ କାର୍ଯ୍ୟକାରୀ ହେଲେ ଶ୍ରମିକଙ୍କ କାର୍ଯ୍ୟ ସମୟ ୧୨ଘଣ୍ଟା ଅର୍ଥାତ ସପ୍ତାହକୁ ୪୮ ଘଣ୍ଟା ବଦଳରେ ୬୦ ଘଣ୍ଟା ହେବ। ସେହିପରି ମହିଳା ଶ୍ରମିକ ରାତ୍ରିକାଳୀନ କାର୍ଯ୍ୟ କରିବା ପାଇଁ ଫ୍ୟାକ୍ଟ୍ରି ଆଇନ ଧାରା ୬୧/୧(ବି)କୁ ପରିବର୍ତ୍ତନ କରାଯାଇଛି। କର୍ପୋରେଟ ମାଲିକଙ୍କୁ ଖୁସି କରାଇବା ପାଇଁ ଏପରି ବ୍ୟବସ୍ଥା କରାଯାଉଛି। ଏହି ନିୟମକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ସିଟୁ ଦାବି କରିଛି। ଏ ନେଇ ସୋମବାର ପୂର୍ବାହ୍ନ ୧୧ଟାରେ ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ଉଦିତନଗରସ୍ଥିତ ଯୁଗ୍ମ ଶ୍ରମ ସଂସ୍ଥାପକଙ୍କ



ଯୁଗ୍ମ ଶ୍ରମ ସଂସ୍ଥାପକଙ୍କ ଅଫିସ ଆଗରେ ବିକ୍ଷୋଭ କରାଯାଉଛି।

କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜେଏଲ୍‌ସି ପ୍ରଣବ ଜେନାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରା ନ ଗଲେ ଆଗାମୀ ଦିନରେ ବ୍ୟାପକ ଶ୍ରମିକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ବିକ୍ଷୋଭରେ ସିଟୁ ସାଧାରଣ ସମ୍ପାଦକ ତଥା ରାଜ୍ୟ ଉପସଭାପତି ବିମାନ ମାଇତି କହିଛନ୍ତି, ରାଜ୍ୟ ସରକାର ଶ୍ରମିକ ବିରୋଧୀ ନୀତି ଘୋଷଣା କରିଛନ୍ତି। ଏହି ଆଇନକୁ କୌଣସି ପ୍ରକାରରେ କାର୍ଯ୍ୟକାରୀ କରିବାକୁ ଦିଆଯିବନାହିଁ। ନ ହେଲେ ଆନ୍ଦୋଳନର ବହ୍ନି ଜଳିବ। ଆଇନ ବଳରେ ଶହ ଶହ ଶ୍ରମିକ ଛଟେଇ ହେବେ। ଶ୍ରମିକମାନଙ୍କୁ କ୍ରୀତଦାସ କରାଯାଉଛି ବୋଲି ମାଇତି କହିଥିଲେ। ସେହିପରି ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ଶ୍ରୀମନ୍ତ ବେହେରା, ବି. ପି. ମହାପାତ୍ର, ରାଜକିଶୋର ପ୍ରଧାନ, ଯଯାତି କେଶରୀ ସାହୁ, ଅଜୟ ଶର୍ମା, ଲକ୍ଷ୍ମୀଧର ନାୟକ, ଅଜିତ ଏକ୍କା, ବିଶ୍ୱଜିତ ମାଝୀ, ଚନ୍ଦ୍ରଭାନୁ ଦାସ, ପ୍ରଭାତ ମହାନ୍ତି, ବିନୟ ଦେହୁରିଆ, ସମେତ ଅନ୍ୟମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଜୟ ସ୍ୱାଇଁ, ଉପେନ୍ଦ୍ର ତ୍ରିପାଠୀ, ଏନ୍. କେ. ରାଉତରାୟ, ଅରୁଣ ମହାରଣା, ଶୁଭେନ୍ଦୁ ମହାନ୍ତି, ସି. ଦିବାକର ରାଓ, ବସନ୍ତ ପାଢ଼ୀ, ଜୟନ୍ତୀ ମୋହିନୀ, କାଞ୍ଚନ ଦେହୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଗିରିଗୋବର୍ଦ୍ଧନ ପୂଜା ପାଇଁ ପ୍ରସ୍ତୁତି ବୈଠକ**

ଉଲୁଣ୍ଡା/ଡୁଙ୍ଗୁରିପାଲି, (ଦୀନବନ୍ଧୁ ସୁନା): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଡୁଙ୍ଗୁରିପାଲି ମାଝୀମୁଣ୍ଡା ଗୁଡୁଭାଡ଼ିଙ୍କ ଗିରିଗୋବର୍ଦ୍ଧନ ପୂଜା ପାଇଁ ସାଉଲିଆ ଅଗ୍ରୱାଲଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚଳିତ ବର୍ଷ ପୂଜାରେ ଗୁପ୍ତ ଗଜଲକ୍ଷ୍ମୀ ଦେବୀଙ୍କ ଆଧାରିତ ନାଟକ ପରିବେଷଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଯୁଗଳ କିଶୋର ମଲ୍ଲିକ, ଅନିରୁଦ୍ଧ ବାରିକ, କୈଳାଶ ହାତୀ, ରମାକାନ୍ତ ବରିହା, ସୋମନାଥ ଠାକୁର, ସୁରେଶ ପ୍ରଧାନ, ଘାସି ଦଣ୍ଡସେନା, ଭୃଷାକେଶ ରଣା, ପ୍ରଫୁଲ୍ଲ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଜମିରୁ ଜବରଦଖଲ ହଟାଅ

## ତହସିଲ କାର୍ଯ୍ୟାଳୟ ଘେରିଲେ, ପ୍ରଦାନ କଲେ ଦାବିପତ୍ର



ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବୀରମହାରାଜପୁର, ୬।୧୦ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତ ଅନ୍ତର୍ଗତ କୁତାପଡା ଗାଁରେ ଥିବା ଗୋଚର ଓ ଅନାବାଦୀ ଜମିକୁ ବେଆଇନଭାବେ ଜବରଦଖଲ କରାଯାଇଛି। ସମ୍ପୃକ୍ତ ଜମିକୁ କେତେକ ବ୍ୟକ୍ତି ଅଧିକାର କରି ଚାଷ କରୁଛନ୍ତି। ଏ ନେଇ ଅଭିଯୋଗ କଲେ ମଧ୍ୟ ରାଜସ୍ୱ ପ୍ରଶାସନ ପଦକ୍ଷେପ ନେଉନାହିଁ। ସୋମବାର କୁତାପଡା ଗାଁର ବହୁ ଲୋକେ ବୀରମହାରାଜପୁର ତହସିଲ ଅଫିସ ଘେରାଉ କରି ଜବରଦଖଲ ଉଚ୍ଛେଦ ଦାବି କରିଥିଲେ। ଏଥିସହିତ ଗାଁ ପାଖରେ ଥିବା ହରିହର ଯୋରରୁ ବାଲି ଚୋରି କରି ବିକ୍ରି କରାଯାଉଥିବାରୁ ରାସ୍ତାଘାଟ ଖାଲଖମା ହୋଇଯାଇଛି ବୋଲି ସେମାନେ ଅଭିଯୋଗ କରିଥିଲେ। ସମସ୍ତ ଦାବି ପୂରଣ କରିବାକୁ ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଯୋରଦାର କରାଯିବ ବୋଲି ଗାଁ ଲୋକେ ଚେତାବନୀ ଦେଇଛନ୍ତି। ଅପର ପକ୍ଷରେ ଅତିରିକ୍ତ ତହସିଲଦାର ପଣ୍ଡା କହିଛନ୍ତି, କୌଣସି ବ୍ୟକ୍ତି ସରକାରୀ ଜମି ଜବର ଦଖଲ କରି ରଖିଥିଲେ ଆଇନ ଅନୁଯାୟୀ ଉଚ୍ଛେଦ କରାଯିବ ବୋଲି କହିଛନ୍ତି।

## ସର୍ବଭାରତୀୟ ଫୁଟବଲ: ଧାନବାଦ ଇଲେଭେନ ସେମିରେ

ବିନିକା, ୬।୧୦ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ପଧାନପାଲି ପ୍ରଜାମଙ୍ଗଳ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ସୋମବାର ଚତୁର୍ଥ ଦିନର ପ୍ରଥମ ଖେଳ ନାଗପୁର (ଦ୍ୟାନମୋସ କ୍ଲବ) ଓ ଝାରଖଣ୍ଡ (ଅମିତ ବ୍ରଦର) ମଧ୍ୟରେ ହୋଇଥିଲା। ଏଥିରେ ନାଗପୁର ଦଳ ଟାଇବ୍ରେକରରେ ୪-୨ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ଖେଳ ଧାନବାଦ ଇଲେଭେନ(ଝାରଖଣ୍ଡ) ଓ ରିମିକ୍ସ ସ୍ପୋର୍ଟି (ଜାମସେଦପୁର) ମଧ୍ୟରେ ହୋଇଥିଲା। ଏଥିରେ ଧାନବାଦ ଇଲେଭେନ ୨-୦ ଗୋଲରେ ବିଜୟୀ ହୋଇଥିଲା। ତୃତୀୟ ଖେଳ ନାଗପୁର ଓ ଧାନବାଦ ଇଲେଭେନ ମଧ୍ୟରେ ହୋଇଥିଲା। ଏଥିରେ ଧାନବାଦ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଦେବେନ୍ଦ୍ର ପ୍ରଧାନ, ପ୍ରମୋଦ ପ୍ରଧାନ, ହିମାଂଶୁ ସାହୁ, କେଶବ ଷାଣ୍ଡ, ଅନିଲ ଭୋଇ, ମୁରଲୀ ପ୍ରଧାନ, ଚରଣ ଭୋଇ, ସୁରଜ ଭୋଇ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଡିମୁଲକୁ ଯାତ୍ରା କଲେ ମା' ମାହେଶ୍ୱରୀ

ବୀରମହାରାଜପୁର, ୬।୧୦ (ଯୁଗଳ କିଶୋର ମିଶ୍ର)



ମା' ମାହେଶ୍ୱରୀଙ୍କ ଡିମୁଲ ବିଜେ ନୀତି କରାଯାଉଛି।

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରର ପ୍ରସିଦ୍ଧ ମାହେଶ୍ୱରୀ ପୀଠ କାନପୁରରେ ମା' ମାହେଶ୍ୱରୀଙ୍କ ମହାଷ୍ଟମୀ ପୂଜା ପରେ ସୋମବାର ସନ୍ଧ୍ୟାରେ ମା' ଛତି, ଛତ୍ର, ପାରମ୍ପରିକ ପଞ୍ଚବାଦ୍ୟର ବାଡି ଖେଳ ମଧ୍ୟରେ ଡିମୁଲକୁ ଯାତ୍ରା କରିଛନ୍ତି। ଗୌନ୍ତିଆ ସ୍ୱୟମ୍ଭୁନାଥ ଖଣ୍ଡଗିରୀ କର୍ତ୍ତାଭାବେ ଛେରାପହଁରା କାର୍ଯ୍ୟ କରିଥିଲେ। ପାଡି ଭାବରେ ପଣ୍ଡିତ ତପନ ଚାନ୍ଦ କାର୍ଯ୍ୟ ନିର୍ବାହ କରିଥିଲେ। ମାହେଶ୍ୱରୀ ସେବାୟତ ପୂଜକ ଭାବରେ ରବୀନ୍ଦ୍ର ଦେହୁରୀ, ବିଷ୍ଣୁ ଚରଣ ଦେହୁରୀ, ସୁରେନ୍ଦ୍ର ଦେହୁରୀ, ରମେଶ ଦେହୁରୀ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ମା'ଙ୍କ ଦୁଇ ପ୍ରସ୍ତରେ ମାହେଶ୍ୱରୀ ଓ ପରମେଶ୍ୱରୀ, ଆଲମରେ ରଣଘଣ୍ଟ ପୂଜା ପାଉଥିବାବେଳେ ଧଳା ଛତ୍ରରେ ପରମେଶ୍ୱରୀ ଓ କଳା ଛତ୍ରରେ ମାହେଶ୍ୱରୀ ଖଡ଼ୁଗେଶ୍ୱରୀ ଓ ଅନ୍ୟାନ୍ୟ ଦେବୀଙ୍କ ପୂଜା କରୁଛନ୍ତି ଦେହୁରୀମାନେ। କାନପୁର ମାହେଶ୍ୱରୀ ପୀଠର ଏକ ନିଆରା ପରମ୍ପରା ରହିଛି ଯାହାକି ଅନ୍ୟ ମାହେଶ୍ୱରୀ ପୀଠରେ ଦେଖିବାକୁ ମିଳି ନ ଥାଏ। ଏଠାରେ ମାହେଶ୍ୱରୀ କେବଳ ଆଶ୍ୱିନ ପୂର୍ଣ୍ଣିମାରେ ବର୍ଷକୁ ଥରେ ବାହାରି ବାହାରି ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଏହି କାର୍ଯ୍ୟକ୍ରମରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ସାମିଲ ହୋଇ ମାହେଶ୍ୱରୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ତାଙ୍କ ସହିତ ଜିଲ୍ଲା ଯୁବଜନ ପରିଷଦ ସଭାପତି ଅଶ୍ୱିନୀ ମହାକୁଡ଼, ଗବେଷକ ଶିକ୍ଷାବିତ୍ ଭୂଷଣ କୁମାର ପାତ୍ର ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଚମ୍ପେଶ୍ୱର ମିଶ୍ର, ଅଜୟ କଳତା, ପ୍ରକାଶ ପ୍ରଧାନ, ଆଲୋକ ପ୍ରଧାନ, ସୁଦର୍ଶନ ମହାକୁଡ଼, ବୈଶାଖୁ ମହାକୁଡ଼, ମାନଭଞ୍ଜନ ଦେହୁରୀ, ସିଦ୍ଧାର୍ଥ ପାତ୍ର, ରମେଶ ପ୍ରଧାନ, ଚମ୍ପେଶ୍ୱର କଳତା, ସତ୍ୟ ନାରାୟଣ ମହାକୁଡ଼ଙ୍କ ସହିତ ପଞ୍ଚ ବାଦକରେ କଂଗ୍ରେସ ବାଦି, ସାନ ବାଦି ଓ ତାଙ୍କ ଦଳ ସହାୟତା କରିଥିଲେ। ଡିମୁଲରେ ମା' ମାହେଶ୍ୱରୀଙ୍କ ମହାସ୍ନାନ ପରେ ତିନୋଟି ପୋଡ ସମେତ ଅନେକ ଛେଳି, ମେଣ୍ଢା ବଳି ଦିଆଯାଇଥିଲା। ଏହା ପରେ ମାହେଶ୍ୱରୀଙ୍କୁ ସ୍ୱାଦିଷ୍ଟ ସେବାଲି ଭୋଗ ଅର୍ପଣ କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓ, ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀଙ୍କ ସମେତ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା। ମଙ୍ଗଳବାର ମା'ଙ୍କ ମନ୍ଦିର ବିଜେ କାର୍ଯ୍ୟକ୍ରମ ରହିଛି।

## ଶିବିରରେ ୬୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବୀରମହାରାଜପୁର, ୬।୧୦ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲ୍ଲାବୀରମହାରାଜପୁର ବ୍ଲକ ପ୍ରଶାସନ ତରଫରୁ ପୁର୍ଷୁଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ସକାଳ ୧୦ଟାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡ଼ ଶିବାନନ୍ଦ ଚାଉଳିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ଧରୁଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ ୬୦ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଔଷଧ ବଣ୍ଟନ କରାଯାଇଥିଲା। ବିଏସ୍‌ଏସ୍‌ ସତ୍ୟନାରାୟଣ ପ୍ରଧାନ, କନିଷ୍ଠ ସହାୟିକା ସୀମାରାଣୀ ପଣ୍ଡାଙ୍କ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## କଳସ ଶୋଭାଯାତ୍ରା, ଗଜଲକ୍ଷ୍ମୀ ପୂଜା ଆରମ୍ଭ



ପୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା ପାଇଁ ବାହାରିଥିବା କଳସ ଶୋଭାଯାତ୍ରା।

ବୀରମହାରାଜପୁର, ୬।୧୦ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ପୁର୍ଷୁଣ୍ଡୀରେ ୪୩ତମ ଗଜଲକ୍ଷ୍ମୀ ପୂଜା ପାଇଁ ସୋମବାର କଳସ ଶୋଭା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୁର୍ଷୁଣ୍ଡୀ ଗାଁ ବସ୍ତିରେ ରୀତିନୀତି ଅନୁସାରେ ଗଙ୍ଗାମାତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଶତାଧିକ ମହିଳା ଓ ପୁରୁଷ ଜଳ ପୂର୍ଣ୍ଣ କଳସ ଧରି ଏକ ଆଧ୍ୟାତ୍ମିକ ପରିବେଶରେ ନଗର ପରିକ୍ରମା କରିଥିଲେ। ପରେ ସମସ୍ତେ ଯାତ୍ରା ପଡ଼ିଆରେ ପ୍ରତିଷ୍ଠିତ ପୂଜା ମଣ୍ଡପରେ କଳସ ସ୍ଥାପନ କରିଥିଲେ। ଗଜଲକ୍ଷ୍ମୀ ପୂଜା କର୍ତ୍ତାଭାବେ ଚିରଞ୍ଜନ ସାହୁ ତାଙ୍କ ସ୍ତ୍ରୀ ରଶ୍ମିତା ସାହୁ, ରାମାୟଣ ନବାହ ପରାୟଣର କର୍ତ୍ତା ଡ଼. ବ୍ରଜଭୂଷଣ ବିଶ୍ୱାଳ ଓ ମାଧୁରୀ ବିଶ୍ୱାଳ, ହନୁମାନଯଜ୍ଞ ପୂଜାରେ କର୍ତ୍ତା ସନ୍ତୋଷ ସମର୍ଥ ଓ ବାସନ୍ତୀ ସମର୍ଥ କାର୍ଯ୍ୟ ନିର୍ବାହ କରୁଛନ୍ତି। ତୁଳସୀ ରାମାୟଣ ନବାହ ପାରାୟଣ ପଣ୍ଡିତ ଅଜିତ କୁମାର ଦାଶ କରୁଛନ୍ତି। ୪୩ ବର୍ଷରେ ପଦାର୍ପଣ କରିଥିବା ଗଜଲକ୍ଷ୍ମୀ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସାଜସଜ୍ଜାଠାରୁ ଆରମ୍ଭ କରି ମେଢ଼, ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି। ୧୦୦ରୁ ଊର୍ଦ୍ଧ୍ୱ ବ୍ରତଧାରୀ ନିଷ୍ଠା ଓ ଭକ୍ତି ସହିତ ବ୍ରତ ଧାରଣ କରିବେ। ଆଜିର କାର୍ଯ୍ୟକ୍ରମରେ କମିଟି ସଭାପତି ଲବ କୁମାର ସାହୁ, ଉପଦେଷ୍ଟା ରାଜଗୋପାଳ ପାଣିଗ୍ରାହୀ, କୁଶ କୁମାର ସାହୁ, ପ୍ରେମାନନ୍ଦ ଜଟି, ଉପସଭାପତି ଧନଞ୍ଜୟ ସାହୁ, ସମ୍ପାଦକ ତ୍ରୟମ୍ବକ ମିଶ୍ର, କୋଷାଧ୍ୟକ୍ଷ ସତ୍ୟମୋହନ ବେଦପାଣି, ସହସମ୍ପାଦକ ବିଦ୍ୟାଧର ଖୁଣ୍ଟିଆଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ସୁବର୍ଣ୍ଣପୁର ଜିଲ୍ଲାର ୭ଜଣଙ୍କୁ ସମ୍ବର୍ଦ୍ଧନା

### ଓସିଏସ୍ ପରୀକ୍ଷାରେ ସଫଳତା

ସୋନପୁର,୬।୧୦(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଶା ଲୋକସେବା ଆୟୋଗ ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ) ପରୀକ୍ଷାରେ ସୁବର୍ଣ୍ଣପୁର ଜିଲ୍ଲାର ୭ ଜଣ କୃତିତ୍ୱ ଅର୍ଜନ କରିଛନ୍ତି। ସେମାନଙ୍କୁ ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ସୋମବାର ସମ୍ବର୍ଦ୍ଧନା ଦିଆଯାଇଛି। ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏହି ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ, ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲ୍ଲାପାଳ ଡ଼ ସୌମ୍ୟାଗୁପ୍ତା ରଥ ଉପସ୍ଥିତ ରହି ଜିଲ୍ଲା ପାଇଁ ଗୌରବ ଆଣିଥିବା ୭ ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେମାନେ ହେଲେ ତରଭା ବ୍ଲକ ରମ୍ଭା ସିଙ୍ଗୋଲର ପ୍ରଜ୍ଞା ମିଶ୍ର, ସୁବର୍ଣ୍ଣପୁର ସହର ରାମଜୀନଗର ଅଞ୍ଚଳର ଅଂଶୁମାନ ସାହୁ, ବୀରମହାରାଜପୁର ବ୍ଲକ ଜଟେସିଂହା ଗ୍ରାମର ଯତୀନ କୁମାର ବାଦି, ସୋନପୁର ବ୍ଲକ ନାରାୟଣପୁର ଗ୍ରାମର ବିପ୍ଲବ କିଶୋର ଭୋଇ, ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ ସୁରେଶିଖା ଭୋଇ, ସୋନପୁର ବ୍ଲକ କଲୋନୀର ବିଶାଳ ରଞ୍ଜନ ଭୋଇ, ବିନିକା ବ୍ଲକ କର୍ଣ୍ଣଭଙ୍ଗା ବାହାଦୁର ଦେବତା ଓ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସୁପୁତ୍ର ଶାଶ୍ୱତ ସୌମ୍ୟକାନ୍ତ ସାହୁଙ୍କୁ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ସମାଜର କଲ୍ୟାଣ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ସେମାନେ ନିଜ ପ୍ରତିକ୍ରିୟାରେ କହିଥିଲେ।



କୃତିତ୍ୱ ଅର୍ଜନ କରିଥିବା ଓସିଏସଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ବିନିକାରେ ଗଜଲକ୍ଷ୍ମୀ ପୂଜା

ବିନିକା, ୬।୧୦(ରାମ ଗୋପାଳ ବାଘ)



ବିନିକା ଜୁହାପଡା ମଣ୍ଡପରେ ପୂଜିତ ମା' ଗଜଲକ୍ଷ୍ମୀ।

ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହରର ଜୁହାପଡାଠାରେ ଗଜଲକ୍ଷ୍ମୀ ପୂଜାରେ ସୋମବାର ରାମାୟଣ ପାରାୟଣ ଆରମ୍ଭ ହୋଇଛି। ପୂଜା କର୍ତ୍ତାଭାବେ ସନ୍ତୋଷ ଅଗ୍ରୱାଲ, ରାମାୟଣ ପାରାୟଣ କର୍ତ୍ତାଭାବେ ଆଲୋକ ଅଗ୍ରୱାଲ ସସ୍ତ୍ରୀକ କାର୍ଯ୍ୟ ତୁଲାଉଛନ୍ତି। ପାରାୟଣ ବ୍ୟାସ ଆଳିଗାଛିଆ (ପାଟଣାଗଡ଼)ର ରମାକାନ୍ତ ପଣ୍ଡା, ଉମାବଲ୍ଲଭ ଷଡ଼ଙ୍ଗୀ ପୂଜା କାର୍ଯ୍ୟ ତୁଲାଉଛନ୍ତି। ରବିବାର ମହାନଦୀରୁ ପୂର୍ଣ୍ଣ ଜଳ କଳସ ଅଣାଯାଇ ପୂଜାମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ସୂଚନା ଅନୁସାରେ ଜୁହାପଡାର ଚଳିତ ବର୍ଷ ୪୦ତମ ଗଜଲକ୍ଷ୍ମୀ ପୂଜା ଏବଂ ୧୬ତମ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଛି। ପ୍ରତ୍ୟହ ସନ୍ଧ୍ୟା ୬ରୁ ୭ଟା ପର୍ଯ୍ୟନ୍ତ ହନୁମାନ ଚାଳିଶା ପାଠ ପରେ ୭ରୁ ୧୦ଟା ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମ ହେବ। ରାମାୟଣ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମକୁ ସୁଚାରୁ ପରିଚାଳନା ପାଇଁ ଜୟଧ୍ୱଜ ମେହେର ଓ ମାନଗୋବିନ୍ଦ ମେହେରଙ୍କୁ ଦାୟିତ୍ୱ ଦିଆଯାଇଛି। ସମ୍ପାଦକ ଦିଗମ୍ବର ମେହେର, ଉପସଭାପତି ରାକେଶ ମେହେର, କୋଷାଧ୍ୟକ୍ଷ ଅଜିତ ମେହେର ତଥା କମିଟିର ସଦସ୍ୟ ଏବଂ ପଦାଧିକାରୀ ଏଥିରେ ସହଯୋଗ କରୁଛନ୍ତି। ଆସନ୍ତା ୧୫ ତାରିଖରେ ଉଦ୍‌ଯାପନୀ ଶୋଭାଯାତ୍ରା ହେବ ବୋଲି କମିଟି ସଭାପତି ମହାବୀର ପ୍ରସାଦ ଅଗ୍ରୱାଲ ସୂଚନା ଦେଇଛନ୍ତି।

## ଗଜଲକ୍ଷ୍ମୀ ପୂଜା, ନାମଯଜ୍ଞ ପାଇଁ କଳସ ଯାତ୍ରା

ବୀରମହାରାଜପୁର, ୬।୧୦ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସହର ଉପକଣ୍ଠ ବାଗମାରି ଗଜଲକ୍ଷ୍ମୀ ପୂଜା ଓ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ସୋମବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତମାଲ ଦେଉଳ ବନ୍ଧରେ ପୂଜାର୍ଚ୍ଚନା ପରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କଳସ ଶୋଭାଯାତ୍ରା ଚମ୍ପେଶ୍ୱର ମହାଦେବ ମନ୍ଦିର ଉପଜିଲ୍ଲାପାଳ ଛକ, କଲେଜ ଛକ ଦେଇ ପୂଜା ମଣ୍ଡପରେ ପହଞ୍ଚି ଥିଲା। ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜା କର୍ତ୍ତା ଭାବରେ ଅମିତ କୁମାର ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ରଶ୍ମିତା ପ୍ରଧାନ, ନାମ ଯଜ୍ଞ ପୂଜା ପାଇଁ ସତ୍ୟ ନାରାୟଣ ପଣ୍ଡା ତାଙ୍କ ଧର୍ମପତ୍ନୀ ଉପଶ୍ରୀ ମିଶ୍ର କାର୍ଯ୍ୟ ନିର୍ବାହ କରୁଛନ୍ତି।

## ଜିଲ୍ଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଓ ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ସୋନପୁର,୬।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକସ୍ଥିତ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଓ ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ଶିବିରରେ ଯୋଗଦାନ କରି ୩୫ଟି ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରିବା ସହ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୨୫ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ଥିଲା। ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋନପୁର ବିଡିଓ ସଞ୍ଜୀବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲ୍ଲାପାଳ ଡ଼. ସୌମ୍ୟାଗୁପ୍ତା ରଥ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ ଓ ତହସିଲଦାରଙ୍କ ରଶ୍ମିରେଖାଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦାନ କରିଥିଲେ।

## ଖଣ୍ଡହତା ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା

### ପ୍ରତ୍ୟହ ସନ୍ଧ୍ୟାରେ ହେବ କଂସ ଦରବାର

ଅମରପାଲି, ୬।୧୦ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ଗଜଲକ୍ଷ୍ମୀ ପୂଜା ଚଳିତ ବର୍ଷ ୧୭ ବର୍ଷରେ ପହଞ୍ଚିଛି। ସୋମବାର ସକାଳୁ ଏଥିପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଗ୍ରାମର ବାଉଶୀ ଯୋରକୁ ଯାଇ ପୂଜାର୍ଚ୍ଚନା ସହ ଗଙ୍ଗା ମାତାଙ୍କୁ ଆବାହନ କରିଥିଲେ। ଏହାପରେ ଏକ ଶୋଭାଯାତ୍ରାରେ ପୂଜା ମଣ୍ଡପକୁ ଜଳପୂର୍ଣ୍ଣ କଳସ ଅଣାଯାଇ ମଣ୍ଡପ ରେ ସ୍ଥାପନ କରାଯାଇଥିଲା। ଏଥିରେ ମଧୁସୂଦନ ମହାକୁର ଓ କୁନ୍ତୀ ମହାକୁର ସପତ୍ନିକ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ରୁଦ୍ର ପ୍ରକାଶ ମିଶ୍ର, ସମ୍ପାଦକ ପ୍ରଦୀପ ମାଝିଙ୍କ ତତ୍ତ୍ୱାବଧାନରେ କଳସ ଶୋଭାଯାତ୍ରା ହୋଇଥିଲା। ସୋମବାରଠାରୁ ଆରମ୍ଭ ହୋଇଥିବା ଉକ୍ତ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରତ୍ୟହ ଦିନବେଳା ପୂଜାର୍ଚ୍ଚନା, ହୋମଯଜ୍ଞ, ପୁଷ୍ପାଞ୍ଜଳି ସହିତ ସନ୍ଧ୍ୟା ଆଳତି କରାଯାଉଛି। ବୁଧବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜନ ହେବ କଂସ ଦରବାର। ଏଥିରେ ଗୋପାଳ ଦାସ କଂସ ଭୂମିକାରେ ଅଭିନୟ କରିବେ।



ଖଣ୍ଡହତା ଗଜଲକ୍ଷ୍ମୀ ପୂଜା ପାଇଁ ବାହାରିଥିବା କଳସ ଶୋଭାଯାତ୍ରାରେ ମହିଳା, ପୁରୁଷ।

# ସୁସ୍ଥ, ସୁନ୍ଦର ସ୍ୱାସ୍ଥ୍ୟ ବାର୍ତ୍ତା ନେଇ ସାଇକେଲ ଯାତ୍ରା

## ରଘୁନାଥଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ, ଏସ୍‌ପି

ସୋନପୁର,୬।୧୦(ମୃତ୍ୟୁଞ୍ଜୟ ଶତପଥୀ)



ରଘୁନାଥଙ୍କୁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ସମ୍ବର୍ଦ୍ଧିତ କରୁଛନ୍ତି।

ପୁରୀର ଅବସରପ୍ରାପ୍ତ ଶାରୀରିକ ଶିକ୍ଷକ ରଘୁନାଥ ସାହୁ(୭୨)। ବାର୍ଦ୍ଧକ୍ୟ ତାଙ୍କ ପାଖରେ ହାର ମାନିଛି। ପରିଣତ ବୟସରେ ସେ ସୁସ୍ଥ ଓ ସୁନ୍ଦର ସ୍ୱାସ୍ଥ୍ୟର ବାର୍ତ୍ତା ନେଇ ସାଇକେଲରେ ବିଭିନ୍ନ ପଡୋଶୀ ରାଜ୍ୟକୁ ଯାତ୍ରା କରୁଛନ୍ତି। ସୋମବାର ସେ ସୁବର୍ଣ୍ଣପୁର ସହରରେ ପହଞ୍ଚିଥିଲେ। ତାଙ୍କ ଦୃଢ଼ ଇଚ୍ଛାଶକ୍ତିକୁ ଦେଖି ସମସ୍ତେ ପ୍ରଶଂସା କରିଥିଲେ। ରଘୁନାଥଙ୍କୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ, ଏସ୍‌ପି ନାରାୟଣ ନାୟକ, ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ସୋନପୁର-ମନମୁଣ୍ଡା ସ୍ୱଚ୍ଛ ଭାରତ ଅଭିଯାନ ଓ କୌଶଳ ଆବାସିକ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଘୁନାଥ ତାଙ୍କ ପ୍ରତିକ୍ରିୟାରେ କହିଥିଲେ, ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫିଟ୍ ଇଣ୍ଡିଆ ମୁଭମେଣ୍ଟ ଆହ୍ୱାନରେ ଅନୁପ୍ରାଣିତ ହୋଇ ୨୦୨୨ମସିହାରୁ ପଡୋଶୀ ରାଜ୍ୟଗୁଡ଼ିକୁ ସାଇକେଲରେ ଯାତ୍ରା କରୁଛନ୍ତି। ଗତବର୍ଷ ଆନ୍ଧ୍ରପ୍ରଦେଶ ଯାତ୍ରା କରି ଲୋକଙ୍କୁ ସଚେତନ କରିଥିଲେ। ଗତ ସେପ୍ଟେମ୍ବର ୨୪ରେ ସେ ପୁରୀରୁ କଟକ, ଅନୁଗୋଳ, ସମ୍ବଲପୁର, ବରଗଡ ଦେଇ ଛତିଶଗଡ଼କୁ ଯାତ୍ରା କରିଥିଲେ। ପୁଣି ରାୟପୁରରୁ ମହାସମୁନ୍ଦ, ସରାଇପାଲି, ସେଣ୍ଡିଆ ଓ ବଲାଙ୍ଗୀର ଦେଇ ସୁବର୍ଣ୍ଣପୁରରେ ପହଞ୍ଚିଛନ୍ତି। ସେ ୭୨ ବର୍ଷ ବୟସରେ ନିଜର ଫିଟନେସ ବାର୍ତ୍ତା ଦେବାକୁ ଯାଇ କହିଛନ୍ତି ସେ ପିଲା ଦିନରୁ ଏଯାଏଁ ସବୁଦିନ କିଛି ସମୟ ବ୍ୟାୟାମ କରନ୍ତି। ଏଯାଏଁ ତାଙ୍କୁ କୌଣସି ରୋଗ ନାହିଁ କି ଔଷଧ ଖାଇବାକୁ ପଡ଼ିନି। ସେ ନିରାମିଷ ଖାଦ୍ୟ ଖାଇଥାନ୍ତି। ପ୍ରତିଦିନ କିଛି ସମୟ ବ୍ୟାୟାମ କରିବା ସହ ଭଲ ଚିନ୍ତା କଲେ ମଣିଷ ସୁସ୍ଥ ଓ ସ୍ୱାସ୍ଥ୍ୟବାନ ହୋଇପାରିବେ ବୋଲି କହିଥିଲେ। ପୁରୀରେ ପହଞ୍ଚିବା ପରେ ପରବର୍ତ୍ତୀ ସମୟରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ଯାତ୍ରା କରିବେ ବୋଲି ସେ ସୂଚନା ଦେଇଛନ୍ତି। ରଘୁନାଥ ବିଦ୍ୟା ଭାରତୀ ଶାରୀରିକ ଶିକ୍ଷା କ୍ରୀଡ଼ା ଭାରତୀର କେନ୍ଦ୍ରୀୟ ସଂଯୋଜକ ଅଛନ୍ତି। ପୂର୍ବରୁ ଅଖିଳ ଭାରତୀୟ ଶାରୀରିକ ଶିକ୍ଷାର ପ୍ରମୁଖ ଥିଲେ ବୋଲି ଜଣାପଡ଼ିଛି।

## ବେଲପାହାଡ଼ ପୌରାଞ୍ଚଳ

# ଫେଲ୍ ମାରିଛି ପରିମଳ ବ୍ୟବସ୍ଥା

ବେଲପାହାଡ଼, ୬।୧୦ (ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳରେ ପରିମଳ ବ୍ୟବସ୍ଥା ଫେଲ୍ ମାରିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଆବର୍ଜନା ସଫା କରି ପରିବେଶ ସ୍ୱଚ୍ଛ ରଖିବା ପାଇଁ ସେମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ବେଲପାହାଡ଼ ପୌରାଞ୍ଚଳର ୧୯ଟି ୱାର୍ଡରେ କିଛିଦିନ ହେବ ଠିକ୍‌ଭାବେ ସଫେଇ କରାଯାଇ ନ ଥିବାରୁ ବିଭିନ୍ନ ସ୍ଥାନରେ କୁଢ଼କୁଢ଼ ଆବର୍ଜନା ଜମି ରହିଛି। ଏଥିଯୋଗୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଆବର୍ଜନା ସ୍ଥଳରେ ଗଦା ହୋଇଥିବା ପଲିଥିନ୍ ଗୋରୁ ଖାଉଥିବା ଦେଖିବାକୁ ମିଳିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସଫେଇ ପାଇଁ ଦାୟିତ୍ୱରେ ଥିବା ଠିକାଦାରଙ୍କୁ ଦଶହରା ପୂର୍ବରୁ ପୌର ପରିଷଦ ପକ୍ଷରୁ ୬୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ହେଲେ ପୌର ଅଧିକାରୀ ଓ କର୍ମଚାରୀଙ୍କୁ ଆବର୍ଜନା ଜମିରହିବା ଦେଖା ନ ଯିବା ୱାର୍ଡ ବାସିନ୍ଦାଙ୍କୁ ଆଶ୍ଚର୍ଯ୍ୟ କରିଛି। ସଫେଇ ପାଇଁ ଯଦି ଅର୍ଥ ପ୍ରଦାନ କରାଯାଇଛି ତା'ହେଲେ କାହିଁକି ତଦାରଖ କରାଯାଉନାହିଁ ବୋଲି ୱାର୍ଡବାସୀ ପ୍ରଶ୍ନ ଉଠାଇଛନ୍ତି। ଅପରପକ୍ଷେ ବିଭିନ୍ନ ୱାର୍ଡରେ ଡ୍ରେନେଜ୍ ସମସ୍ୟା ଯୋଗୁ ବର୍ଷାପାଣି ନିଷ୍କାସନରେ ସମସ୍ୟା ହେଉଛି। ଦୀର୍ଘଦିନ ଧରି ବର୍ଷାଜଳ ଜମି ରହିବା ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏନେଇ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ କି ଡ୍ରେନ୍ ନିର୍ମାଣ ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଉନାହିଁ। ଫଳରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଆବର୍ଜନା ସଫା କରିବା ସହ ଡ୍ରେନେଜ୍ ବ୍ୟବସ୍ଥା ପାଇଁ ସେମାନେ ଦାବି କରିଛନ୍ତି। ଏନେଇ ବେଲପାହାଡ଼ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ କହିଛନ୍ତି, ପୌରାଞ୍ଚଳରୁ ଆବର୍ଜନା ସଫା କରିବା ପାଇଁ ଠିକାଦାରଙ୍କୁ ୬୦ ଲକ୍ଷ ଟଙ୍କା ଦିଆଯାଇଛି। ସଫେଇ କାର୍ଯ୍ୟ ଧିମାଗତିରେ ଚାଲିଛି। ମଙ୍ଗଳବାର ପୌରାଞ୍ଚଳର ବିଭିନ୍ନ ସ୍ଥାନ ବୁଲି ସଫେଇ କାର୍ଯ୍ୟ ତଦାରଖ କରିବି। ସେହିପରି ବର୍ଷାଜଳ ନିଷ୍କାସନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରଧାନ କହିଛନ୍ତି।


ଆବର୍ଜନାସ୍ଥଳରୁ ଗୋରୁ ପଲିଥିନ୍ ଖାଉଛନ୍ତି।

- ଜମି ରହିଛି ଆବର୍ଜନା, ବର୍ଷାଜଳ
- ପ୍ରଦୂଷିତ ହେଉଛି ପରିବେଶ
- ଖର୍ଚ୍ଚ ସତ୍ତ୍ୱେ କାମ ହେଉନି

# ଜାତୀୟ ଟେନିସ୍ କ୍ରିକେଟ୍ ଦଳରେ ସ୍ଥାନ ପାଇଲେ ଝାରସୁଗୁଡ଼ାର ଅର୍‌ମାନ, ସଚ୍ଚିଦାନନ୍ଦ


ଅର୍‌ମାନ ମହାପାତ୍ର ଓ ସଚ୍ଚିଦାନନ୍ଦ ମାଳି।

ଝାରସୁଗୁଡ଼ା, ୬।୧୦(ଆଶିଷ ରଞ୍ଜନ ଦାଶ)

ଆସନ୍ତା ୧୪ ତାରିଖରୁ ରାଜସ୍ଥାନରେ ଜାତୀୟ ସବ୍ ଜୁନିୟର ଟେନିସ୍ କ୍ରିକେଟ୍ ପ୍ରତିଯୋଗିତା ଆରମ୍ଭ ହେବ। ଏଥିପାଇଁ ଓଡ଼ିଶା ରାଜ୍ୟ ଟେନିସ୍ କ୍ରିକେଟ୍ ସଂଘ ପକ୍ଷରୁ ଖେଳାଳି ତାଲିକା ପ୍ରକାଶ ପାଇଛି। ଏଥିରେ ଝାରସୁଗୁଡ଼ା ଜିଲା ଲପଙ୍ଗା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅର୍‌ମାନ ମହାପାତ୍ର ଓ ଝାରସୁଗୁଡ଼ା ଅରବିନ୍ଦ ବିଦ୍ୟାଳୟର ସଚ୍ଚିଦାନନ୍ଦ ମାଳି ସ୍ଥାନ ପାଇ ଜିଲା ପାଇଁ ଗୌରବ ଆଣିଛନ୍ତି। କୋଚ୍ ଗୋପାଳ ଦତ୍ତ ଏହି ଖେଳାଳିମାନଙ୍କୁ ଉଚ୍ଚ ସ୍ତରର ପ୍ରଶିକ୍ଷଣ ଦେଇଥିବାରୁ ଏହା ସମ୍ଭବ ହୋଇଛି ବୋଲି ଜିଲା ସଂଘ ସଭାପତି ଜୀବନ ମହାନ୍ତି ଏବଂ ସମ୍ପାଦକ ଅଶ୍ୱିନୀ କୁମାର ପାଣ୍ଡେ ସୂଚନା ଦେଇଛନ୍ତି। ଏଭଳି ଚୟନ ଦ୍ୱାରା ଆଗାମୀ ଦିନରେ ଜିଲାରୁ ଅନେକ ଖେଳାଳି ପ୍ରତିନିଧିତ୍ୱ କରି ସୁନାମ ଆଣିବେ ବୋଲି ଜିଲା ଟେନିସ୍ ସଂଘ ସଭ୍ୟ ସୁଶାନ୍ତ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ପାଉଁଶ ପ୍ରଭାବରେ ଫସଲ ନଷ୍ଟ

## ଜିଲାପାଳଙ୍କୁ ଦାବିପତ୍ର

ଝାରସୁଗୁଡ଼ା, ୬।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ବୃନ୍ଦାମାଲ ଗ୍ରାମରେ ଏକ କାରଖାନାରୁ ବିଷାକ୍ତ ଗ୍ୟାସ୍ ନିର୍ଗତ ହେବା ଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ସେହିପରି କାରଖାନାରୁ ନିର୍ଗତ ପାଉଁଶ ଚାଷଜମିରେ ମିଶିବାରୁ ଫସଲ ନଷ୍ଟ ହେଉଛି। ତେଣୁ ଏ ଦିଗରେ ପଦକ୍ଷେପ ନିଆଯିବା ସହ ଚାଷୀଙ୍କ କ୍ଷତିପୂରଣ ପ୍ରଦାନ ପାଇଁ ସ୍ଥାନୀୟ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ର ପ୍ରଦାନ ସମୟରେ ବୃନ୍ଦାମାଲ ଗ୍ରାମର ମଞ୍ଜରୀ ମରେଇ, ଜନନୀ ରୋହିଦାସ, ଯୋଗେଶ୍ୱର ରୋହିଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଗଜଲକ୍ଷ୍ମୀ ପୂଜା ପାଇଁ କଳସଯାତ୍ରା

ବ୍ରଜରାଜନଗର, ୬।୧୦ (ବିଜୟ ବରାଡ଼)

ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ଜୱାହର ନଗରଠାରେ ଗଜଲକ୍ଷ୍ମୀ ପୂଜା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧିକ ମହିଳା, ପୁରୁଷ ଶୋଭାଯାତ୍ରାରେ ବାହାରି କଲ୍ୟାଣ ମଣ୍ଡପ ନିକଟ ଜଳାଶୟରୁ କଳସରେ ଜଳ ଆଣି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ପରେ ମା'ଙ୍କ ପୂଜା କରାଯାଇଥିଲା। ଚଳିତବର୍ଷ ଧନଞ୍ଜୟ ଦାସ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ଚଳିତ ବର୍ଷର ସଭାପତି ଭାବରେ ଗୋବିନ୍ଦ ସାହୁ ଓ ସମ୍ପାଦକ ଭାବେ ପ୍ରଭାତ ପ୍ରଧାନ ଅଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଓରିଏଣ୍ଟ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଛି।


ଦେବଗଡ଼ ପୌରାଞ୍ଚଳ ୩ ନମ୍ବର ୱାର୍ଡ ଅଧୀନ ବଣିଆସାହିରେ ଲାଲ୍‌ବାହାଦୁର ଶାସ୍ତ୍ରୀ କ୍ଲବ୍ ପକ୍ଷରୁ ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।

# ସମସ୍ୟା ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ


ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୬।୧୦ (ଶଶାଙ୍କ ଶେଖର ଝାଙ୍କର)

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ୨୪ଟି ଅଭିଯୋଗ ଗ୍ରହଣ କରିଥିଲେ। ବିଶେଷକରି ଦେବଗଡ଼ ସହରରେ ମାଙ୍କଡ଼, ବୁଲା କୁକୁର ଓ ଗୋରୁଙ୍କୁ ନିୟନ୍ତ୍ରଣ, ଜମିପଟ୍ଟା, ଶ୍ରମିକ କାର୍ଡ ପ୍ରଦାନ ଭଳି ଅଭିଯୋଗ ହୋଇଥିଲା। ଜିଲାପାଳ ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଏସ୍‌ପି ଅନିଲ କୁମାର ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲ୍ଲିକ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ସହକାରୀ ଜିଲାପାଳ ହେମନ୍ତ ସିଂଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ୪୧ ଅଭିଯୋଗର ଶୁଣାଣି କଲେ ଜିଲାପାଳ

ଝାରସୁଗୁଡ଼ା, ୬।୧୦ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବେହେରାମାଲସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁନାଲ ମୋତିରାମ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଅତିରିକ୍ତ ଜିଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂର୍ଯ୍ୟାଂଶୁ ରୁତ୍, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଶିବିରରେ ୧୦ଟି ସାମୂହିକ ଅଭିଯୋଗ ଓ ୩୧ଟି ବ୍ୟକ୍ତିଗତ ହୋଇଥିବାବେଳେ ଚିକିତ୍ସା ବାବଦକୁ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବିଶେଷକରି ବାଲିଜୋରୀରେ ଗୋଚର କିସମ ଜମିକୁ ଶ୍ମଶାନସ୍ଥଳ ଭାବେ ବ୍ୟବହାର ପାଇଁ ଅନୁମତି ପ୍ରଦାନ, ହ୍ୱଏଲ ପ୍ରକଳ୍ପ ପରିଚାଳନା ପାଇଁ ଆନୁସଙ୍ଗିକ ଅର୍ଥ ବ୍ୟବସ୍ଥା କରାଯିବା, ଲଖନପୁର ଅଞ୍ଚଳର ଯୁବକଙ୍କୁ ମ୍ୟାକ୍‌ମେଟ୍ କମ୍ପାନୀରେ ପୁନଃନିଯୁକ୍ତି ପ୍ରଦାନ, ସିଂଘିବାହାଲ ତଥା ଆଖପାଖ ଅଞ୍ଚଳରେ ଖୁଚୁରା ମଦ ବିକ୍ରି ବନ୍ଦ କରାଯିବା, ଖଲିଆମାଲ ଗ୍ରାମରେ କଂକ୍ରିଟ ରାସ୍ତା ନିର୍ମାଣ ସମ୍ପର୍କିତ ଅଭିଯୋଗ ଆଗତ ହୋଇଥିଲା। ଅଭିଯୋଗଗୁଡ଼ିକ ତର୍ଜମା ପୂର୍ବକ ସମସ୍ୟା ସମାଧାନ ପାଇଁ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ତଦନ୍ତ ରିପୋର୍ଟ ଆସିଲେ ଚାଷୀଙ୍କୁ ମିଳିବ କ୍ଷତିପୂରଣ

## ଚାଷଜମିରେ ପାଉଁଶ ମାଡ଼ିବା ଘଟଣା

- ଜଙ୍ଗଲ ଜମି ବ୍ୟବହାର କରୁଛି କମ୍ପାନୀ

ଝାରସୁଗୁଡ଼ା, ୬।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ୍ ଅଧୀନ ମରାକୁଟାଠାରେ ଥିବା ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ କମ୍ପାନୀ ଜଙ୍ଗଲ ଜମି ବ୍ୟବହାର କରୁଥିବା ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଝାରସୁଗୁଡ଼ା ଜିଲାପାଳ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜଙ୍ଗଲ ବିଭାଗକୁ ଆସନ୍ତା ନଭେମ୍ବର ୨୮ ସୁଦ୍ଧା ମତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ମରାକୁଟା ଓ ଜମେରା ଗ୍ରାମବାସୀ ସମର୍ଥନ କରିଛନ୍ତି। ଅପରପକ୍ଷେ ଉକ୍ତ କମ୍ପାନୀ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଗଦା କରାଯାଇଥିବା ପାଉଁଶ ବର୍ଷାପାଣିରେ ଧୋଇଯାଇ ନିକଟସ୍ଥ ଚାଷଜମିରେ ମିଶି କ୍ଷତିଗ୍ରସ୍ତ ହୋଇଛି। ସ୍ଥାନୀୟ ତହସିଲଦାର ଓ କୃଷି ବିଭାଗ ଅଧିକାରୀ ତଦନ୍ତକରି ରିପୋର୍ଟ ଦେବା ପରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳିବ ବୋଲି ଉପଜିଲାପାଳ ସବ୍ୟସାଚୀ ପଣ୍ଡା ସୂଚନା ଦେଇଛନ୍ତି।

ଉକ୍ତ କମ୍ପାନୀ ଜଙ୍ଗଲ ଜମି ବ୍ୟବହାର କରିବା ନେଇ ମରାକୁଟା ଓ ଜମେରା ଅଞ୍ଚଳର ଲୋକମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ ଏହାର ତଦନ୍ତ ପାଇଁ ଝାରସୁଗୁଡ଼ା ଜିଲା ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) ଅଶୋକ ମନୁ ଭଟ୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଡିଏଫ୍‌ଓ ଏହାର ଯୁଗ୍ମ ତଦନ୍ତ ପାଇଁ ଝାରସୁଗୁଡ଼ା ରେଞ୍ଜର ଓ ତହସିଲଦାରଙ୍କୁ ଚିଠି କରିଥିଲେ। ତଦନୁଯାୟୀ ରେଞ୍ଜର ଏବଂ ତହସିଲଦାରଙ୍କ ପକ୍ଷରୁ ଆର୍‌ଆଇ ଉକ୍ତ କମ୍ପାନୀ ଭିତରକୁ ଯାଇ ଯୁଗ୍ମ ତଦନ୍ତ କରିସାରିଛନ୍ତି। ହେଲେ ଏହାର ରିପୋର୍ଟ ଡିଏଫ୍‌ଓ କିମ୍ବା ଜିଲାପାଳଙ୍କୁ ପ୍ରଦାନ କରାଯାଇ ନ ଥିବା ଜଣାପଡିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ମରାକୁଟା ପଞ୍ଚାୟତର ନାଏବ ସରପଞ୍ଚ ଆଶିଷ କୁମାର ଗର୍ଡିଆ କହିଛନ୍ତି, ଜଙ୍ଗଲ ଜମି ହେଉଛି ଆମର ଜାତୀୟ ସମ୍ପତ୍ତି। ଏକ କମ୍ପାନୀ ଏହାକୁ ବ୍ୟବହାର କରି ଲାଭବାନ୍ ହେଉଥିବାବେଳେ ପ୍ରଶାସନର ତଦନ୍ତରେ ମନ୍ଥରତା ଦେଖିବାକୁ ମିଳିଛି। ତଦନ୍ତ ବିଳମ୍ବ ହେଲେ ଜଙ୍ଗଲ ଜମି ଅଧିକାର ପାଇଁ ଲଢୁଥିବା ରାଜ୍ୟ ଓ ଜାତୀୟସ୍ତରୀୟ ସଂଗ୍ରାମୀମାନଙ୍କୁ ଡକାଯାଇ ଅଞ୍ଚଳବାସୀ ମିଶି ଜୋର୍‌ଦାର ଆନ୍ଦୋଳନ କରିବେ ବୋଲି ଗର୍ଡିଆ କହିଛନ୍ତି। ଏନେଇ ତଦନ୍ତକାରୀ ଅଧିକାରୀ ଝାରସୁଗୁଡ଼ା ରେଞ୍ଜର ବିଜୟ ପ୍ରଧାନଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ସେପଟେ ଚାଷଜମିରେ ପାଉଁଶ ମାଡିଯିବା ଘଟଣାରେ ଉପଜିଲାପାଳ ପଣ୍ଡା କହିଛନ୍ତି, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆମକୁ ରିପୋର୍ଟ ପ୍ରଦାନ କରିସାରିଛନ୍ତି। ତହସିଲଦାର ଏବଂ କୃଷି ବିଭାଗ ମିଳିତ ଭାବେ ପାଉଁଶ ମାଡିଥିବା ସ୍ଥାନର ତଦନ୍ତ କରି ରିପୋର୍ଟ ଦେଲା ପରେ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳିବ।

# ସପ୍ତାହବ୍ୟାପୀ ହେବ ସଚେତନତା ଅଭିଯାନ

## ଜିଲା ଯୁବ ଏକତା ମଞ୍ଚର ବୈଠକ

- ପୁରାତନ ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରଦାନ ପ୍ରସଙ୍ଗ

ଦେବଗଡ଼,୬।୧୦(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ଦେବଗଡ଼ ଜିଲା ଯୁବ ଏକତା ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଆବାହକ ସୁରଞ୍ଜିତ୍ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ଦେବଗଡ଼ ସହର ମଧ୍ୟସ୍ଥଳରେ ଥିବା ପୁରାତନ ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରଦାନ ପ୍ରସଙ୍ଗରେ ସବିଶେଷ ଆଲୋଚନା ହୋଇଥିଲା। ଏଥିସହ ମଞ୍ଚର ଡାକରାରେ ହୋଇଥିବା ଦେବଗଡ଼ ବନ୍ଦ ପାଳନ ପରେ ସରକାର ୧ ମାସ ମଧ୍ୟରେ ଦାବି ପୂରଣ ପାଇଁ ଦେଇଥିବା ପ୍ରତିଶ୍ରୁତି ପାଳନ ହୋଇ ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ସେହିପରି ସୋମବାରଠାରୁ ଉପରୋକ୍ତ ଦାବି ପ୍ରସଙ୍ଗରେ ମଞ୍ଚ ପକ୍ଷରୁ ଜନସାଧାରଣଙ୍କ ମଧ୍ୟରେ ଏକ ସପ୍ତାହବ୍ୟାପୀ ସଚେତନତା ସୃଷ୍ଟି କରାଯିବା ସହ ଆଗାମୀ ଦିନରେ ଦଳମତ ନିର୍ବିଶେଷରେ ସମସ୍ତ ରାଜନୈତିକ ଦଳ, ନାଗରିକ ଓ ସାମାଜିକ ସଙ୍ଗଠନର ପ୍ରତିନିଧିଙ୍କୁ ନେଇ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ନିମନ୍ତେ ଏକ ବୈଠକ ଆୟୋଜନ ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ବୈଠକରେ ଜିଲା ଯୁବ ଏକତା ମଞ୍ଚର ସନ୍ତୋଷ କୁମାର ଦେବତା, ଆଲୋକ କୁମାର ପାତ୍ର, ପ୍ରଭାତ କୁମାର ସାହୁ, ରୁଦ୍ର ବେହେରା, ମିତ୍ରଭାନୁ ମହାପାତ୍ର, ସିଦ୍ଧେଶ୍ୱର ଗୁରୁ, କ୍ଷମାନିଧି ପାତ୍ର, ରିଙ୍କୁ ନାଏକ, ମାନସ କୁମାର ଦ୍ୱିବେଦୀ, ସୋନୁ ଗୋଏଲ, ପ୍ରବୀଣ କୁମାର ସାମଲ ଓ ସଞ୍ଜୀବ ନାୟକଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।


ବୈଠକରେ ଜିଲା ଯୁବ ଏକତା ମଞ୍ଚର ସଦସ୍ୟ ଓ ଅନ୍ୟମାନେ।

# ୧୦୦୦ ଚାରାର ରକ୍ଷଣାବେକ୍ଷଣ ଦାବି

## ଜିଲାପାଳଙ୍କୁ ଦାବିପତ୍ର

- ଜଙ୍ଗଲ, ଗୋଚର ଜମି କାହାକୁ ଦିଆ ନ ଯାଉ
- ବେଆଇନ ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଉ

ଝାରସୁଗୁଡ଼ା, ୬।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ଶ୍ରିପୁରା ଗ୍ରାମର ଜଙ୍ଗଲରେ ଏକ୍ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ ମାଧ୍ୟମରେ ରୋପଣ କରାଯାଇଥିବା ଚାରାର ରକ୍ଷଣାବେକ୍ଷଣ ପାଇଁ ସହାୟତା, ଶ୍ରିପୁରା ପଞ୍ଚାୟତରେ ଥିବା ଜଙ୍ଗଲ ଓ ଗୋଚର ଜମିକୁ କୌଣସି ସଂସ୍ଥା କିମ୍ବା କମ୍ପାନୀକୁ ନ ଦେବା, ଶ୍ରିପୁରା ଗ୍ରାମରେ ଥିବା ଏପ୍‌ଶିଲୋନ କାର୍ବନ ଅଶୋକା ପ୍ରାଇଭେଟ୍ ଲିମିଟେଡ୍‌ର ବେଆଇନ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ପାଇଁ ସ୍ଥାନୀୟ ସରପଞ୍ଚ ସୋମବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଉକ୍ତ ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀ, ଏମ୍‌ପି, ବିଧାୟକ, ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ସଚିବଙ୍କ ସମେତ ଅନ୍ୟମାନଙ୍କ ନିକଟକୁ ପଠାଇଛନ୍ତି।

ସୂଚନାନୁଯାୟୀ, ଝାରସୁଗୁଡ଼ା ଡିଏଫ୍‌ଓଙ୍କ ନିର୍ଦ୍ଦେଶ ଅନୁସାରେ ଶ୍ରିପୁରା ଗ୍ରାମର ଏକ ଜଙ୍ଗଲ ଜମିରେ ଗ୍ରାମବାସୀ ୧୦୦୦ ଚାରାରୋପଣ କରିଥିଲେ। ଏହାର ଯତ୍ନ ଓ ରକ୍ଷଣାବେକ୍ଷଣ ପାଇଁ ସହାୟତା ଯୋଗାଇ ଦେବାକୁ ଶ୍ରିପୁରା ସରପଞ୍ଚ ଯଶୋବନ୍ତୀ ପାଣ୍ଡେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଅପରପକ୍ଷେ ଶ୍ରିପୁରା ଗ୍ରାମ ନିକଟରେ ବହୁ ପରିମାଣର ଜଙ୍ଗଲ ଓ ଗୋଚର ଜମି ରହିଛି। ଏଥିସହ ଉକ୍ତ ଗ୍ରାମର ଚତୁଃପାର୍ଶ୍ୱରେ ବିଭିନ୍ନ ଶିଳ୍ପାନୁଷ୍ଠାନ ରହିଛି। ତେଣୁ ଏହି ଜମିଗୁଡିକୁ ଇଡ୍‌କୋ କିମ୍ବା ଅନ୍ୟ କମ୍ପାନୀକୁ ନ ଦେବା ପାଇଁ ପଞ୍ଚାୟତରେ ହୋଇଥିବା ଗ୍ରାମସଭାରେ ରିଜଲ୍ୟୁଶନ କରି ନିଷ୍ପତ୍ତି ନିଆଯାଇଛି। କାରଣ ଏହି କମ୍ପାନୀଗୁଡିକର ପ୍ରଦୂଷଣର ଶିକାର ହୋଇ ଲୋକମାନେ କ୍ୟାନ୍‌ସର, ଟିବି ଓ ଚର୍ମରୋଗର ଶିକାର ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରୋପଣ କରାଯାଇଥିବା ଚାରାର ରକ୍ଷଣାବେକ୍ଷଣ ଓ ଜଙ୍ଗଲ ଜମିରେ ଚାରା ଲଗାଇବା ପାଇଁ ସୁଯୋଗ ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଶ୍ରିପୁରାରେ ଥିବା ଏପ୍‌ଶିଲୋନ କାର୍ବନ ଅଶୋକା ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀକୁ ୨୦୨୪ ଜୁଲାଇ ୭ରେ ସ୍ଥାନୀୟ ପଞ୍ଚାୟତରେ ହୋଇଥିବା ଏକ ବୈଠକରେ ରିଜଲ୍ୟୁଶନ କରି ପ୍ରାୟ ୩୧ ଏକର ଜମିରେ ତାହାର କାର୍ଯ୍ୟ କରିବା ପାଇଁ ଏନ୍‌ଓସି ଦିଆଯାଇଥିଲା। ହେଲେ ଉକ୍ତ କମ୍ପାନୀ ବେଆଇନ ଭାବେ ଏସ୍‌ସି/ଏସ୍‌ଟିଙ୍କ ଜମି ଓ ଗ୍ରାମ୍ୟ ନଳାଗୁଡିକୁ ପୋତି ତାହାର କାମରେ ଲଗାଉଛି। ସେହିପରି ଗ୍ରାମ୍ୟ ଜଙ୍ଗଲରେ ଥିବା ଗଛଗୁଡିକୁ ବେଆଇନ ଭାବେ କାଟି ପକାଉଛି। ତୁରନ୍ତ ଏହାକୁ ବନ୍ଦ କରିବା ସହ ପଦକ୍ଷେପ ନେବା ପାଇଁ ସରପଞ୍ଚ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏନେଇ ଏପ୍‌ଶିଲୋନ କାର୍ବନ ଅଶୋକା ପ୍ରାଇଭେଟ୍ ଲିମିଟେଡ୍‌ର ମାନବ ସମ୍ବଳ ବିଭାଗ ମୁଖ୍ୟ ରାକେଶ ମୋହନ କହିଛନ୍ତି, ଅଭିଯୋଗ ହୋଇଛି। ତଦନ୍ତ ପରେ ସବୁକିଛି ଜଣାପଡିବ।


ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଶ୍ରୀପୁରା

ତାରିଖ : 06-10-2025

To
The Collector & DM
Jharsuguda

Sub: Maintenance and management of Massive Plantation made by Sripura G.P. under "Ek Ped Maa Ke Nam 2.0" 2025-26.

Respected Sir,

With reference to the subject cited above after obtaining permission from D.F.O., Jharsuguda, Sripura G.P. have made Massive Plantation of 1000 trees made by Sripura G.P. under "Ek Ped Maa Ke Nam 2.0" 2025-26 in the barren forest land.

The people of Sripura G.P. have passed resolution in the Gram Sabha not to alienate any forest land and Gochar Land to the Industrial Houses or IDCO due to massive pollution threats. Because our G.P. is surrounded by large industrial Houses which exhaust immense pollution which causes Cancer, TB, Heart disease and various skin diseases. In order to save the human habitat, there is a need to save forest land and to take up massive plantation in the barren forest land.

Enclosed the proceedings of Gram Sabha and Grampanchayat and other correspondence for your ready reference.

Yours faithfully,
Sarpanch

RECEIPT SECTION

ଜିଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ର।

# କ୍ରାଇମବ୍ରାଞ୍ଚ ପଞ୍ଝାରେ ଷଷ୍ଠ ମଧ୍ୟସ୍ଥ, ଆସିଲା ରାଜନୈତିକ ଲିଙ୍କ୍

ଭୁବନେଶ୍ୱର,(ଏସ୍‌ବଜିତ ରାଉତ)/ ବାଲେଶ୍ୱର, ୬।୧୦ (ବାଞ୍ଛାନିଧି ଦେ)

## ଏସ୍ଆଇ ପରୀକ୍ଷା ଜାଲିଆତି ଘଟଣା

ବହୁଚର୍ଚ୍ଚିତ ପୋଲିସ ଏସ୍ଆଇ ପରୀକ୍ଷା ନିଯୁକ୍ତି ଜାଲିଆତି ଘଟଣାକୁ ନେଇ କ୍ରାଇମବ୍ରାଞ୍ଚ ଛାନଭିନ୍ ଚଳାଉଛି। ଏଥିରେ ବହୁ ବଡ଼ ଅଧିକାରୀ, ନେତା ଓ ପ୍ରଭାବଶାଳୀଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ଉଠୁଥିବାରୁ କ୍ରାଇମବ୍ରାଞ୍ଚ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ତେବେ ଏହି ମାମଲାରେ ବାଲେଶ୍ୱରରୁ ଷଷ୍ଠ ମଧ୍ୟସ୍ଥଙ୍କୁ କ୍ରାଇମବ୍ରାଞ୍ଚ ଉଠାଇ ଆଣିଛି। ସେ ହେଲେ ଚନ୍ଦନ ମଲ୍ଲିକ। ବାଲେଶ୍ୱର ସଦର ବ୍ଲକ ଚାନ୍ଦିପୁର ଥାନା ଉଦଳାସାହି ପଞ୍ଚାୟତ ତପସ୍ୱୀ ଗ୍ରାମସ୍ଥିତ ଘରୁ ଚନ୍ଦନଙ୍କୁ ରବିବାର ରାତିରେ କ୍ରାଇମବ୍ରାଞ୍ଚ ଟିମ୍ କାବୁ କରିଥିଲା। ତେବେ ତାଙ୍କୁ ସୋମବାର କ୍ରାଇମବ୍ରାଞ୍ଚ ମାରାଥନ୍ ଜେରା କରି ପ୍ରମାଣ ସଂଗ୍ରହ କରିବାରେ ଲାଗିଛି। ଚନ୍ଦନଙ୍କୁ ପଚରାଉଚରାବେଳେ ଘଟଣା ସହ ରାଜନୈତିକ ଲିଙ୍କର ସୁରାକ ମିଳିଥିବା ସୂଚନା ମିଳିଛି।

ରବିବାର ବାଲେଶ୍ୱର ଜିଲ୍ଲା ସିଲା ଥାନା ଅନ୍ତର୍ଗତ ନାବରା ଗ୍ରାମର (ପଞ୍ଚମ ମଧ୍ୟସ୍ଥ) ଅରବିନ୍ଦ ଦାସଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରିଥିବା ବେଳେ ତାଙ୍କଠାରୁ ଚନ୍ଦନଙ୍କ ଲିଙ୍କ୍ ମିଳିଥିଲା। ଚନ୍ଦନ ଜାଲିଆତିର ମାଷ୍ଟରମାଇଣ୍ଡ କୁହାଯାଉଥିବା ପଞ୍ଚସଫ୍ଟ ସମେତ ବିଭିନ୍ନ ସଂସ୍ଥାର ମାଲିକ ଶଙ୍କର ପୃଷ୍ଟିଙ୍କର ଅନ୍ୟତମ ଘନିଷ୍ଠ ସହଯୋଗୀ ଥିଲେ ବୋଲି ସୂଚନା ମିଳିଛି। ଚନ୍ଦନ ହେଉଛନ୍ତି ଏକ ରାଜନୈତିକ


ଚନ୍ଦନ ମଲ୍ଲିକ

ଦଳର ଯୁବନେତା। ଏଥିସହ ସେ ନିଜକୁ ସମାଜସେବୀ ବୋଲି ପରିଚୟ ଦିଅନ୍ତି। ବାଲେଶ୍ୱର ରେମୁଣା ବିଧାନସଭା ନିର୍ବାଚନ ମଣ୍ଡଳୀରେ ତାଙ୍କର ରାଜନୈତିକ ପରିଚୟ ରହିଛି। ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଆଗଧାଡ଼ିର ନେତାମାନଙ୍କ ସହ ଚନ୍ଦନଙ୍କ ଅନେକ ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି, ଯାହାକୁ ନେଇ ଅଧିକ ଚର୍ଚ୍ଚା ଚାଲିଛି। ସେପଟେ ଶଙ୍କର ବାଙ୍କର ଏବଂ ତାଙ୍କ ସହଯୋଗୀ କଟକ ବାଙ୍କର ପୁନା ମହାନ୍ତି ଫେରାର ଥିବା ବେଳେ କ୍ରାଇମବ୍ରାଞ୍ଚ ଏଯାଏ ଉଭୟଙ୍କ ପତ୍ତା ପାଇପାରିନାହିଁ। ଭୁବନେଶ୍ୱର ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁରସ୍ଥିତ ପ୍ଲଟ୍ ନଂ.୩୨୦/୩୫୯୦ରେ ଥିବା ଅନ୍‌ଲାଇନ ପରୀକ୍ଷା କେନ୍ଦ୍ର (ଶ୍ରୀ ଲିଙ୍ଗରାଜ ଇନ୍‌ଫୋସୋଲ)ରେ କ୍ରାଇମବ୍ରାଞ୍ଚ ଟିମ୍ ରବିବାର ଚଢ଼ାଉ କରିଥିଲା। ଆଉକୁ ଅନ୍‌ଲାଇନ୍ ପରୀକ୍ଷା କେନ୍ଦ୍ରଗୁଡ଼ିକରେ କ୍ରାଇମବ୍ରାଞ୍ଚ ଚଢ଼ାଉ କରିବ ବୋଲି ତାଲିକା ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଏହି ମାମଲାରେ ୧୧୪ ପରୀକ୍ଷାର୍ଥୀ ଓ ୫ଜଣ ମଧ୍ୟସ୍ଥଙ୍କ ସମେତ ୧୧୯ ଗିରଫ ହୋଇ ଜେଲରେ ଅଛନ୍ତି।

# ପୂର୍ବତନ ପଞ୍ଚାୟତ ସମ୍ପାଦକଙ୍କୁ ହତ୍ୟା

ଭଞ୍ଜନଗର,୬।୧୦(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ବୁଗୁଡ଼ି ଗ୍ରାମରେ ରବିବାର ରାତିରେ ସାମାନ୍ୟ କଥାରୁ ଏକ ହତ୍ୟାକାଣ୍ଡ ଘଟିଛି। ମୁଜାଗଡ଼ ପଞ୍ଚାୟତର ପୂର୍ବତନ ସମ୍ପାଦକ ପଞ୍ଚୁ ବେହେରା(୬୫)ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲ ପଠାଇଛି। ଏନେଇ ନଂ. ୧୧୩୦/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

ରବିବାର ସନ୍ଧ୍ୟାରେ ପଞ୍ଚୁ ବେହେରାଙ୍କ ଦୋକାନ ସମ୍ମୁଖରେ ବୁଗୁଡ଼ି ଗ୍ରାମର କେତେଜଣ ଯୁବକଙ୍କ ସହ ଅନ୍ୟ ଜଣେ ଯୁବକଙ୍କ କୌଣସି କଥାକୁ କେନ୍ଦ୍ର କରି ବଚସା ହୋଇଥିଲା। ଏହି ସମୟରେ ଦୋକାନରେ ଥିବା ପଞ୍ଚୁଙ୍କ ଦୁଇ ପୁଅ ଏହାକୁ ପ୍ରତିବାଦ କରିବାରୁ ସେମାନଙ୍କ ସହ ମଧ ଉକ୍ତ ଯୁବକମାନେ ଝଗଡ଼ା କରିଥିଲେ। ଏପରିକି ପରସ୍ପର ହାତାହାତି ହୋଇଥିଲେ। ପରେ ପଞ୍ଚୁ ଖବର ପାଇ


ପୋଲିସ ଘଟଣାର ତଦନ୍ତ ଚଳାଉଛି।

ଘଟଣାସ୍ଥଳକୁ ଯିବାବେଳେ ତାଙ୍କୁ ସମ୍ପୃକ୍ତ ଯୁବକମାନେ ଆକ୍ରମଣ କରି ଆହତ କରିଥିଲେ। ଗଣ୍ଡଗୋଳ ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରି ଫେରି ଯାଇଥିଲା। ଏହାର କିଛି ସମୟ ପରେ ପଞ୍ଚୁ ଘରେ ବାନ୍ତି କରିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପଞ୍ଚୁଙ୍କ ରାତି ୧୨ଟାରେ ମୃତ୍ୟୁ ଘଟିଥିଲା। ଏହି ଗଣ୍ଡଗୋଳ ଘଟଣାରେ ବିପକ୍ଷ ଗୋଷ୍ଠୀର ମଧ ଏକାଧିକ ଆହତ ହୋଇଥିବା ଜଣାପଡ଼ିଛି। ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଏନେଇ ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କୁ ପଚାରିବାରେ,ଏହି ଘଟଣାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି କହିଛନ୍ତି।

# ପୂର୍ବ ଶତ୍ରୁତାରୁ ଖଣ୍ଡାରେ ଆକ୍ରମଣ: ଯୁବକ ମୃତ

ତିର୍ତ୍ତୋଲ, ୬।୧୦ (ଗୌରାଙ୍ଗ ଚରଣ ସ୍ୱାଇଁ)

## ଅଭିଯୁକ୍ତ ଗିରଫ

ତିର୍ତ୍ତୋଲ ଥାନା ବଣିତୋ ପଞ୍ଚାୟତ ଅନ୍ତର୍ଗତ ସରିଖ୍ ଗ୍ରାମରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକଙ୍କ ଖଣ୍ଡା ଆକ୍ରମଣରେ ଅନ୍ୟ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ମନୋଜ ସ୍ୱାଇଁ। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ



ମୃତ ମନୋଜ ସ୍ୱାଇଁ। ଅଭିଯୁକ୍ତ ପରେଶ ସ୍ୱାଇଁ।

ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ହତ୍ୟା ଅଭିଯୋଗରେ ଉକ୍ତ ଗ୍ରାମର ପରେଶ ସ୍ୱାଇଁଙ୍କୁ ପୋଲିସ ଗିରଫ କରି ଥାନାରେ ପଚରାଉଚରା କରୁଛି। ଏନେଇ ସ୍ତ୍ରୀ ସ୍ୱର୍ଣ୍ଣପ୍ରିୟା ସ୍ୱାଇଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୫୧୬/୨୫)ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ମନୋଜ ଓ ଗ୍ରାମର ଅନ୍ୟ କେତେଜଣ ଯୁବକ ନିକଟସ୍ଥ ବୋଧେଇ ଗ୍ରାମକୁ ଡ୍ରାମା ଦେଖିବାକୁ ଯିବା ନିମନ୍ତେ ରାତି ପ୍ରାୟ ୧୦ଟାରେ ଗାଁ ମୁଣ୍ଡ ଚାନ୍ଦିନୀରେ ଏକତ୍ରିତ ହୋଇଥିଲେ। ଏହି ସମୟରେ ପରେଶ ସେଠାରେ ପହଞ୍ଚି ମନୋଜଙ୍କୁ ଏକ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ମନୋଜ ଗୁରୁତର ହେବା ସହ ଅନ୍ୟ ୩ ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ମନୋଜଙ୍କୁ ଉଦ୍ଧାର କରି ପ୍ରଥମେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ପେଟ, ବେକ ଓ ହାତରେ ଗଭୀର ଆଘାତ ଲାଗିଥିଲା। ମନୋଜଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏନେଇ ତଦନ୍ତ ଜାରି ରହିଛି ବୋଲି ତିର୍ତ୍ତୋଲ ଥାନା ଆଇଆଇସି ପ୍ରଦୀପ କୁମାର ସେଠୀ କହିଛନ୍ତି।

# ୫ ଲୁହାପଥର ବୋଝେଇ ଟ୍ରକ୍ ଜବତ


ଜବତ ଲୁହାପଥର ବୋଝେଇ ଟ୍ରକ୍।

ବଡ଼ବିଲ/ଯୋଡ଼ା,୬।୧୦
(ଜୟନ୍ତୀ ରଣା/ମାନସ ମହାନ୍ତି)

## ସୁରକ୍ଷାକର୍ମୀଙ୍କୁ ଧମକାଇ ଚୋରାଚାଲାଣ ହେଉଥିଲା

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ରୁଗୁଡି ଥାନା ଅନ୍ତର୍ଗତ ନୂଆଗାଁ ଖଣି ଲିଜ ଅଞ୍ଚଳ ଓଏମ୍ସି (ଓଡ଼ିଶା ମାଇନିଂ କର୍ପୋରେଶନ) ଷ୍ଟକ୍ ୟାର୍ଡରୁ ଲୁହାପଥର ଚୋରାଚାଲାଣ ବେଳେ ପୋଲିସ ୫ ଲୁହାପଥର ବୋଝେଇ ଟ୍ରକ୍ ଜବତ କରିଛି। ଘରୋଇ ସୁରକ୍ଷାକର୍ମୀଙ୍କୁ ଧମକାଇ ଲୁହାପଥର ଚୋରାଚାଲାଣ ହେଉଥିଲା। ଘଟଣାସ୍ଥଳରୁ ଚୋରା କାରବାରରେ ସମ୍ପୃକ୍ତ ଜଣେ ଡ୍ରାଇଭରଙ୍କୁ ପୋଲିସ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ୨୦୨୦ରୁ ଖଣି ନିଲାମ ପୂର୍ବରୁ ଏଠାରେ ବହୁ ପରିମାଣର ଗୁଣ୍ଡ ଲୁହାପଥର ଗଚ୍ଛିତ ହୋଇଛି। ତାହା ଓଡ଼ିଶା ଖଣି ନିଗମ ତତ୍ତ୍ୱାବଧାନରେ ଥିବା ବେଳେ ସୁରକ୍ଷା ପାଇଁ ଓଏମ୍ସି ଦ୍ୱାରା ସୁରକ୍ଷାକର୍ମୀ ନିୟୋଜିତ କରାଯାଇଥିଲା। ସୁରକ୍ଷାକର୍ମୀଙ୍କୁ ଧମକ ଦେଇ ରବିବାର ବିଳମ୍ବିତ ରାତିରେ ଲିଜ୍ ଅଞ୍ଚଳରେ ପୂର୍ବରୁ ଗଚ୍ଛିତ ଷ୍ଟକ୍‌ରୁ ଖଣିଜ ଚୋରା ବ୍ୟବସାୟୀମାନେ ଲୋଡର ମେଶିନ ଦ୍ୱାରା ଟ୍ରକ୍‌ରେ ଲୁହାପଥର ଲୋଡିଂ କରୁଥିଲେ। ଖବର ପାଇ ରୁଗୁଡ଼ି ପୋଲିସ ଅତର୍କିତ ଚଢ଼ାଉ କରିଥିଲା। ତେବେ ପୋଲିସ ଗାଡ଼ି ଆସୁଥିବାର ଦେଖି ଘଟଣାସ୍ଥଳରୁ ଖଣିଜ ଚୋରା ବ୍ୟବସାୟୀ ଖସିଯିବାକୁ ସକ୍ଷମ ହୋଇଥିଲେ। ପୋଲିସ ୫ ଟି ଟ୍ରକ୍ (ଓଡି ୦୯ ୱାଇ ୦୦୧୪, ଓଡି ୦୪ ଏମ ୪୨୪୨, ଡବ୍ଲୁବି ୧୫ ଏଚ୍ ୭୪୯୫, ଜେଏଚ୍ ୦୨ ବିପି ୪୦୯୪, ଓଡି ୧୪ ଏଏଫ ୫୪୮୯) ଜବତ କରିଛି। ଚୋରା କାରବାରରେ ଏକ ବଡ଼ ଧରଣର ର୍ୟାକେଟ କାମ କରୁଥିବା ପୋଲିସ ସନ୍ଦେହ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଛି। ପୋଲିସ ଏ ନେଇ ରୁଗୁଡି ଥାନାରେ ଏକ ମାମଲା(ନଂ. ୧୨୫/୨୦୨୫) ରୁଜୁ କରିବା ସହ ଅଟକ ଅଭିଯୁକ୍ତଙ୍କୁ ପଚରାଉଚରା କରୁଛି।

# ପୂର୍ବ ଶତ୍ରୁତା, ଜୁଆଖେଳ ଟଙ୍କାକୁ ନେଇ ଯୁବକଙ୍କୁ ହତ୍ୟା

ଧରାକୋଟ,୬।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ରେଞ୍ଜୀ ଦାମୋଦରପଲ୍ଲୀ ଗ୍ରାମରେ ପୂର୍ବ ଶତ୍ରୁତା ଓ ଜୁଆଖେଳ ଟଙ୍କା ମାଗିବାକୁ ନେଇ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଗ୍ରାମର ଡି.ଶଙ୍କର ରେଞ୍ଜୀ ଓରଫ କାଳିଆ (୩୩)। ଏ ସଂକ୍ରାନ୍ତରେ ମୃତକଙ୍କ ବଡ଼ଭାଇ ଡି.ସଞ୍ଜୀବ ରେଞ୍ଜୀ ଧରାକୋଟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୩୮୩/୨୫ରେ ମାମଲା ରୁଜୁ କରି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଖବରରୁ ଜଣାପଡିଛି, ରବିବାର ରାତି ୧୧ଟାରେ କେତେଜଣ ଡି. ଶଙ୍କରଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ନେଉଥିବାବେଳେ ହିଞ୍ଜିଳି ନିକଟରେ ଡି. ଶଙ୍କରଙ୍କ ମୃତ୍ୟୁ ହୋଇଥିଲା। ବ୍ରହ୍ମପୁର ବଡ଼ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଧାର ଟଙ୍କା ମାଗିବା ଓ ପୂର୍ବ ଶତ୍ରୁତାକୁ ନେଇ ତାଙ୍କ ଭାଇଙ୍କୁ ହତ୍ୟା କରାଯାଇଛି ବୋଲି ଡି.ସଞ୍ଜୀବ କହୁଥିବାବେଳେ ଜୁଆଖେଳରୁ ମିଳିଥିବା ଟଙ୍କା ଭାଗବଣ୍ଟାକୁ ନେଇ ଏପରି ଘଟଣା ଘଟିଥିବା ମଧ୍ୟ ଶୁଣିବାକୁ ମିଳୁଛି। ଗ୍ରାମର ଜଗନ୍ନାଥ ମନ୍ଦିରରେ ଜୁଆଖେଳ ଚାଲିଥିବା ସମ୍ପର୍କରେ ଗତ ୨୦ ତାରିଖରେ ଗ୍ରାମର ଜଣେ ଯୁବ ସାମାଜିକ କର୍ମୀ ଧରାକୋଟ ଥାନା, ଆସିକା ଏସ୍‌ଡିପିଓ, ଗଞ୍ଜାମ ଏସ୍‌ପିଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଇଥିଲେ। ଏ ଦିଗରେ କିଛି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଏପରି ହତ୍ୟାକାଣ୍ଡ ଘଟିଲା ବୋଲି ମଧ୍ୟ ଅଭିଯୋଗ ହେଉଛି। ତଦନ୍ତକାରୀ ଅଧିକାରୀ ଏସ୍ଆଇ ବାଲ୍ମୀକି ପ୍ରଧାନ ଘଟଣାର ତଦନ୍ତ କରୁଛନ୍ତି। ଏଥିରେ ସଂପୃକ୍ତ ଥିବା ଅନ୍ୟ ସମସ୍ତ ଅଭିଯୁକ୍ତଙ୍କୁ ଧରିବାକୁ ଜିଲାର ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ଖୁବଶୀଘ୍ର ସମସ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍ଆଇ ପ୍ରଧାନ କହିଛନ୍ତି।

## ରାଜ୍ୟ ଖବର

# ଖରସ୍ରୋତା ନଦୀରେ ମହିଳାଙ୍କୁ ଟାଣିନେଲା କୁମ୍ଭୀର

ବିଞ୍ଝାରପୁର/ ବରୀ,୬।୧୦
(ରାମକୃଷ୍ଣ ଦାସ/ ମହେନ୍ଦ୍ର ସ୍ୱାଇଁ)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଖରସ୍ରୋତା ନଦୀରେ ସୋମବାର ଅପରାହ୍ଣରେ ଜଣେ ମହିଳାଙ୍କୁ ଏକ କୁମ୍ଭୀର ଟାଣିନେଇଛି। ମହିଳା ଜଣଙ୍କ ହେଲେ ବରୀ ବ୍ଲକ ଅଧୀନ ବୋଦୁଅ ପଞ୍ଚାୟତ କନ୍ତିଆ ଗ୍ରାମର ଶୁକଦେବ ମହଲାଙ୍କ ସ୍ତ୍ରୀ ସୌଦାମିନୀ ମହଲା(୫୫)।

ସୌଦାମିନୀ ସବୁଦିନ ପରି ଗାଁ ନଦୀ ତୁଠକୁ ଶୌଚହେବାକୁ ଆସିଥିଲେ। ଶୌଚ ହେବା ସମୟରେ ତୁଠରେ ଛପି ରହିଥିବା କୁମ୍ଭୀର ତାଙ୍କୁ ଗଭୀର ଜଳକୁ ଟାଣି ନେଇଥିଲା। ସ୍ଥାନୀୟ ଲୋକେ ପହଞ୍ଚି ହୋହଲ୍ଲା କରିଥିଲେ। ଏହି ସମୟରେ କୁମ୍ଭୀର ମହିଳାଙ୍କୁ ନଦୀରେ ବୁଡ଼ାଇ ମାରିଦେଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ମହିଳାଙ୍କ ପତ୍ତା ପାଇ ନ ଥିଲେ। ଅନ୍ୟପକ୍ଷରେ ଏହି ଘଟଣାପରେ ସ୍ଥାନୀୟ ବିଞ୍ଝାରପୁର


ମହିଳାଙ୍କୁ କୁମ୍ଭୀର ଟାଣି ନେଉଥିବାର ଦୃଶ୍ୟ


ସୌଦାମିନୀ ମହଲା

ଓ ବରୀ ସଂଲଗ୍ନ ଖରସ୍ରୋତା ନଦୀର ଉଭୟ ପାର୍ଶ୍ୱ ନଦୀକୂଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଗତ ୧ ମାସ ପୂର୍ବରୁ ଏହି ତୁଠରୁ ଏକ ଗାଈକୁ କୁମ୍ଭୀର ଟାଣି ନେଇଥିଲା। ସେହି ସମୟରେ ଆତଙ୍କିତ ଜନସାଧାରଣ ଏଠାରୁ କୁମ୍ଭୀରକୁ ତଡ଼ିବା ପାଇଁ ବନ ବିଭାଗ ନିକଟରେ ଦାବି କରିଥିଲେ। ଯଦି ବନବିଭାଗ ଉଚିତ ପଦକ୍ଷେପ ନେଇଥାନ୍ତା ଆଜି ଏଭଳି ଘଟଣା ଘଟି ନ ଥାନ୍ତା ବୋଲି ଲୋକେ କହିଛନ୍ତି। ଖବର ଲେଖାହେବାବେଳକୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ଥିଲେ।

# ବିଷାକ୍ତ ଖାଦ୍ୟ ଖାଇ ଜଣେ ମୃତ, ୨ ଗୁରୁତର ସନ୍ଦେହ

କାମାକ୍ଷାନଗର, ୬।୧୦
(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାଟଗାଁ ପଞ୍ଚାୟତ ଝାଙ୍ଗିରୀବେରଣା ଗ୍ରାମରେ ବିଷାକ୍ତ ଖାଦ୍ୟ ଖାଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଥିବା ସାଧାରଣରେ ସନ୍ଦେହ କରାଯାଉଛି। ମୃତକ ହେଉଛନ୍ତି ଝାଙ୍ଗିରୀବେରଣା ଗ୍ରାମର ଲକ୍ଷ୍ମଣ ମୁର୍ମୁ (୬୬)। ଗୁରୁତର ହେଲେ ଲକ୍ଷ୍ମଣଙ୍କ ସ୍ତ୍ରୀ ଫୁଲ ମୁର୍ମୁ (୫୯) ଓ ଝିଅ ସୁଲୋଚନା ମୁର୍ମୁ (୩୯)।

ସୂଚନା ଅନୁଯାୟୀ, ଲକ୍ଷ୍ମଣ, ତାଙ୍କ ସ୍ତ୍ରୀ ଓ ଝିଅ ସୋମବାର ସକାଳୁ ଘରୁ ବାହାରି ନ ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘର କବାଟ ବନ୍ଦ ଥିବାରୁ ପଡ଼ୋଶୀମାନେ କବାଟ ବାଡ଼େଇଥିଲେ। ହେଲେ ଭିତରୁ କେହି ଜବାବ ନ ଦେବାରୁ ପଡ଼ୋଶୀମାନେ କବାଟ ଭାଙ୍ଗି ଘରେ ପଶିଥିଲେ। ଲକ୍ଷ୍ମଣ, ସ୍ତ୍ରୀ ଓ ଝିଅ ଅଚେତ ଅବସ୍ଥାରେ ପଡ଼ିଥିବାରୁ ସେମାନଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲକ୍ଷ୍ମଣଙ୍କ ମୃତ୍ୟୁ ହୋଇଥିବା ବେଳେ ଫୁଲ ଓ ସୁଲୋଚନାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। କଙ୍କଡ଼ାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା କହିଛନ୍ତି, ସମ୍ପୃକ୍ତ ୩ ଜଣ ରବିବାର ରାତିରେ ବାସୀ ଖାଦ୍ୟ ଖାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଖବରପାଇ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଉଦ୍‌ବେଗ ପ୍ରକାଶ କରିବା ସହ ସମବେଦନା ଜଣାଇଛନ୍ତି। ଘଟଣା ସମ୍ପର୍କରେ ଜିଲାପାଳ,ଏସ୍‌ପିଙ୍କ ସହିତ ଆଲୋଚନା କରିଥିବା ଏମ୍‌ପି ପାଣି କହିଛନ୍ତି।

# ସିବିଆଇ ତଦନ୍ତ ନ ହେଲେ ଆଗକୁ ଜୋର୍‌ଦାର ଆନ୍ଦୋଳନ: ବିଜେଡି




ଭୁବନେଶ୍ୱର, ୬।୧୦ (ସୁନିତ୍ ମିଶ୍ର)

ପୋଲିସ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ଘଟଣାରେ ଆଶାୟୀଙ୍କୁ ନ୍ୟାୟ ଦାବି ସହ ଅନିୟମିତତା ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସୋମବାର ମାଷ୍ଟର କ୍ୟାଣ୍ଟିନଠାରେ ଜୋରଦାର ପ୍ରତିବାଦ କରାଯାଇଛି। ଏହି ଘଟଣାରେ ଆରମ୍ଭରୁ ହିଁ ବିଜେଡି ସିବିଆଇ ତଦନ୍ତ ଦାବିକରି ଆସୁଛି। ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆ ନ ଗଲେ ଆଗକୁ ଜୋରଦାର ଆନ୍ଦୋଳନ କରିବାକୁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

## ମାଷ୍ଟର କ୍ୟାଣ୍ଟିନଠାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ପ୍ରତିବାଦ

ମାଷ୍ଟର କ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ବେଳେ ବିଜେଡି କର୍ମୀ ଓ ପୋଲିସ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି, ଭାଜପା ଶାସନରେ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ବୃଦ୍ଧି ପାଇ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ, ଲଜ୍ଜିତ ହୋଇଥିବା ବେଳେ ଏବେ ସରକାରୀ ଚାକିରି ବିକ୍ରି ଭଳି ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ଗତ ୧୫ ମାସରେ ୧୬ଟି ନିଯୁକ୍ତି ପରୀକ୍ଷା ଶେଷ ମୁହୂର୍ତ୍ତରେ ବାତିଲ ହୋଇଛି। ଏଥିଯୋଗୁ ନିଯୁକ୍ତି ଆଶାୟୀମାନେ ହତାଶ ହୋଇଛନ୍ତି। ପୋଲିସ ଏସ୍ଆଇ ପଦବୀ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୮ ଓ ୯ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା। ଏହାକୁ ଅକ୍ଟୋବର ୭ ଓ ୮ରେ କରିବାକୁ ସ୍ଥିର କରାଯାଇଥିଲା। ହେଲେ ୩୦ ସେପ୍ଟେମ୍ବରରେ ଏହାକୁ ପୁନର୍ବାର ବାତିଲ କରାଗଲା। ଏହି ନିଯୁକ୍ତି ପ୍ରକ୍ରିୟାରେ ଜାଲିଆତିରେ ସମ୍ପୃକ୍ତ ଥିବା ୧୧୪ ଜଣ ପରୀକ୍ଷାର୍ଥୀ ଓ ୩ ଜଣ ଦଲାଲଙ୍କୁ ଗିରଫ କରାଯାଇଛି। ଗିରଫ ପରୀକ୍ଷାର୍ଥୀମାନେ ମୋଟା ଅଙ୍କର ଲାଞ୍ଚ ଦେଇ ଏହି ଚାକିରି ହାତେଇବା ପାଇଁ ଉଦ୍ୟମ କରୁଥିଲେ ବୋଲି କୁହାଯାଉଛି। ଯେଉଁ ପଞ୍ଚସଫ୍ଟ କମ୍ପାନୀ ଏହି ପରୀକ୍ଷା ପରିଚାଳନା ଦାୟିତ୍ୱ ପାଇଥିଲା ତା'ର ମୁଖ୍ୟ ଶଙ୍କର ପୃଷ୍ଟି ଭାଜପାର ଜଣେ ସଦସ୍ୟ ବୋଲି ବିଜେଡି ଅଭିଯୋଗ କରିଛି। କେଉଁ ପରିସ୍ଥିତିରେ ଓ କାହା ନିର୍ଦ୍ଦେଶରେ ପଞ୍ଚସଫ୍ଟ ଭଳି ଏକ ଅନଭିଜ୍ଞ କମ୍ପାନୀକୁ ଏଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା ବୋଲି ବିଜେଡି ପ୍ରଶ୍ନ କରିଛି। ଏବେ ଘଟଣାର ତଦନ୍ତ ପୋଲିସ କରୁଛି, ଯିଏ ନିଜେ ଏଥିରେ ସମ୍ପୃକ୍ତ ବୋଲି ବିଜେଡି କହିଛି।

# ସିବିଆଇ କ'ଣ, ଦରକାର ପଡ଼ିଲେ ଏନ୍ଆଇଏ ତଦନ୍ତ ହେବ: ଭାଜପା ଯୁବମୋର୍ଚ୍ଚା

ଭୁବନେଶ୍ୱର, ୬।୧୦ (ସୁନିତ୍ ମିଶ୍ର)

ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଦେଢ଼ ବର୍ଷ ହେବ ଭାଜପା ସରକାର ଚାଲିଛି। ମାତ୍ର ଏହି ସରକାରରେ ଏପର୍ଯ୍ୟନ୍ତ କୌଣସି ପ୍ରକାର ଦୁର୍ନୀତିର ଛାପ ପଡ଼ିନାହିଁ। ଯେଉଁଠି ବି ଦୁର୍ନୀତି ହୋଇଛି, ସେଠାରେ ବିହୀତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତଦନ୍ତ ପରେ ସେମାନଙ୍କୁ ଗିରଫ କରି ଜେଲ ପଠାଇ ଦିଆଯାଇଛି। ଏବେ ପୋଲିସ ଏସ୍ଆଇ ଦୁର୍ନୀତି ଘଟଣାରେ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୧୧୪ ଆଶାୟୀ ଓ ୩ ମଧ୍ୟସ୍ଥଙ୍କୁ ଗିରଫ କରାଯାଇଛି। ବିଜେଡି ସରକାରରେ ଅତୀତରେ ଦୁର୍ନୀତି ଉପରେ ଘଣ୍ଟ ଘୋଡ଼ାଯାଉଥିଲା। ହେଲେ ଏବେ ଭାଜପା ସରକାର ଆକ୍ସନ ନେଉଛନ୍ତି। ତେଣୁ ଦୋଷୀଙ୍କୁ ଧରିବା ପାଇଁ ସିବିଆଇ କ'ଣ, ଦରକାର ପଡ଼ିଲେ ଏନ୍ଆଇଏ ତଦନ୍ତ ହେବ ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଭିଳାଷ କହିଛନ୍ତି, ଗତ ସରକାରରେ ଦୁର୍ନୀତି ଚରମସୀମା ଛୁଇଁଥିଲା। ୨୦୨୩ରେ ସିଭିଲ୍ ଜେଇ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ସେତେବେଳେ ବାଲେଶ୍ୱର ପୋଲିସ ଗୋଟିଏ ର୍ୟାକେଟକୁ ଧରିଥିଲା। ସେହି ସମୟରେ ବିଜେଡି ସରକାରରେ ଥିଲା। ଏହି ମାମଲାରେ ସେତେବେଳେ ୮୬ଜଣ ପରୀକ୍ଷାର୍ଥୀଙ୍କୁ ପୋଲିସ ଅଟକ ରଖିଥିଲା। ସମ୍ପୃକ୍ତ ଅଭିଯୁକ୍ତମାନେ ଏହି ଚାକିରି ପାଇଁ ଟଙ୍କା ଦେଇଥିବା ଜଣାପଡ଼ିଥିଲା। ମାତ୍ର ସେମାନଙ୍କ ବିରୋଧରେ ବିଜେଡି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଏପରିକି ଏଫ୍ଆଇଆର୍ ମଧ୍ୟ ହୋଇ ନ ଥିଲା। କାରଣ ଏଥିରେ ବିଜେଡି ନେତାମାନଙ୍କ ସିଧାସଳଖ ସମ୍ପୃକ୍ତି ଥିଲା। ଟଙ୍କା ନେଇ ଚାକିରି ଦେବା ଦୁର୍ନୀତି ବିଜେଡିର ଏକ ପ୍ରକ୍ରିୟା ପାଲଟିଯାଇଥିଲା। ମାତ୍ର ଭାଜପା ସରକାର ପୁରୁଣା ଢାଞ୍ଚାରେ ଚାଲୁଥିବା ଚାକିରି ବିକ୍ରି ସିଣ୍ଡିକେଟକୁ ଧରିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ୧୩ ଜଣ ଗୋଟିଏ କୋଚିଂ ସେଣ୍ଟରର ନାମ କହିଛନ୍ତି। ତାହା ହେଲା ବଣିକ। ଦେଶର ଯେତେସବୁ ଭଲ କୋଚିଂ ସେଣ୍ଟର ରହିଛି ସଭିଏଁ ପିଲାଙ୍କୁ ପାଠ ପଢ଼ିବା ପାଇଁ ଭଲଭଲ ସ୍ଲୋଗାନ ଦେଉଥିବାବେଳେ ବଣିକର ସ୍ଲୋଗାନ ଥିଲା ସରକାରୀ ଚାକିରି ଥୁଆ ହୋଇଛି। ଅର୍ଥାତ୍ ସରକାରୀ ଚାକିରି କରିବାକୁ ଚାହିଁଲେ କେବଳ ବଣିକରେ ନାମ ଲେଖାନ୍ତୁ। ଏଥିରୁ ସ୍ପଷ୍ଟ ଯେ, ଏହି କେଳେଙ୍କାରୀରେ ବଣିକ ଅନୁଷ୍ଠାନର ମାଲିକ ତଥା ବିଜେଡିର ଟାଣୁଆ ନେତା ସୁବ୍ରତ ଛାଟୋଇଙ୍କ ସମ୍ପୃକ୍ତି ରହିଛି। ବିଜେଡି ସରକାର ଅମଳରୁ ଏହା ଚାଲିଆସୁଛି, ଏଣୁ ପିଲାମାନଙ୍କୁ ଏହି ସଂସ୍ଥା ଓ ଏହାର ମାଲିକ ନିର୍ଭର ପ୍ରତିଶ୍ରୁତି ଦେଇଚାଲିଥିଲେ। ଏବେ ପୋଲିସ ଏସ୍ଆଇ ନିଯୁକ୍ତି ଘଟଣାରେ ନୟାଗଡ଼ ଜିଲା ଖଣ୍ଡପଡ଼ା ଏନ୍ଏସି ଅନ୍ତର୍ଗତ ୪ ନମ୍ବର କାଉନସିଲର ତଥା ବିଜେଡି ନେତା ଯତୀନ କୁମାର ଦଳାଇଙ୍କୁ ଗିରଫ କରିଛି। ସେହିପରି ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ପତ୍ରାପାଲିର ମୁନକି ରାଜପଲିଆ ଓ ତାଙ୍କ ସ୍ୱାମୀ ପ୍ରହଲ୍ଲାଦ ନାଗ ମଧ୍ୟ ଗିରଫ ହୋଇଛନ୍ତି। ମୁନକି ହେଉଛନ୍ତି ବିଜେଡି ସମର୍ଥିତ ସମିତି ସଭ୍ୟ ଏବଂ ଉକ୍ତ ଦଳର ଜଣେ ନାରୀନେତ୍ରୀ। କେବଳ ଏମାନେ ନୁହନ୍ତି ଧରାପଡ଼ିଥିବା ଅଧିକାଂଶ ଅଭିଯୁକ୍ତ ହେଲେ ବିଜେଡିର କାର୍ଯ୍ୟକର୍ତ୍ତା। ମାତ୍ର ଚୋର ମଚାଏ ସୋର ଭଳି ବିଜେଡି ନେତାମାନେ ଏବେ ପ୍ରଳାପ କରିବାରେ ଲାଗିଛନ୍ତି ବୋଲି ଅଭିଳାଷ କହିଛନ୍ତି।

# ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର ତାଙ୍କ ସମ୍ବେଦନହୀନତାକୁ ଦର୍ଶାଉଛି: ବିଜେଡି

ଭୁବନେଶ୍ୱର, ୬।୧୦(ସୁନିତ୍ ମିଶ୍ର)

କଟକରେ ଉଦ୍‌ବେଗଜନକ ସ୍ଥିତି, ଗଜପତି ଜିଲାରେ ଭୂସ୍ଖଳନଜନିତ ସମସ୍ୟା, ୨୦୦ କୋଟି ଟଙ୍କାର ଏସ୍ଆଇ ଚାକିରି କେଳେଙ୍କାରୀ, ୫ଟି ଜିଲାରେ ବର୍ଷାଜନିତ ବ୍ୟାପକ କ୍ଷୟକ୍ଷତି, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା କରିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ାରେ ନିର୍ବାଚନୀ ପ୍ରଚାରକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ଶଙ୍ଖ ଭବନଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା କହିଛନ୍ତି, ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ୨ ଘଣ୍ଟା ପୂର୍ବରୁ ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ୧୧୦୦ କୋଟିର ପ୍ରକଳ୍ପ ଘୋଷଣା କରିବା ଦୁର୍ଭାଗ୍ୟଜନକ। ଭାଇଚାରାର ସହର କଟକରେ କେବେ ନ ଦେଖିବା ସ୍ଥିତି ବର୍ତ୍ତମାନ ଡବଲ ଇଞ୍ଜିନ ସରକାରରେ ଦେଖିବାକୁ ମିଳିଛି। ନିଯୁକ୍ତି ଆଶାୟୀ ଯୁବ ସମାଜକୁ ପ୍ରତାରଣା କରି ସରକାରୀ ପ୍ରୋତ୍ସାହନରେ ପୋଲିସ ଏସ୍ଆଇ ଚାକିରି ବିକ୍ରି ହେବା ଘଟଣା ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରିଛି। ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ାରେ ନିର୍ବାଚନୀ ପ୍ରଚାର ରାଜ୍ୟବାସୀଙ୍କ ପ୍ରତି ସମ୍ବେଦନହୀନତାକୁ ଦର୍ଶାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ବିଜୁ ମହିଳା ଜନତା ଦଳ ସଭାପତି ସ୍ନେହାଙ୍ଗିନୀ ଛୁରିଆ ଏବଂ ବିଧାୟକ ଅଶ୍ୱିନୀ ପାତ୍ର ଉପସ୍ଥିତ ଥିଲେ।

# କ୍ରାଇମବ୍ରାଞ୍ଚ ପଞ୍ଝାରେ ଷଷ୍ଠ ମଧ୍ୟସ୍ଥ, ଆସିଲା ରାଜନୈତିକ ଲିଙ୍କ୍

ଭୁବନେଶ୍ୱର,(ଅଚ୍ୟୁତାନନ୍ଦ ରାଉତ)/ ବାଲେଶ୍ୱର, ୬।୧୦ (ବାଞ୍ଛାନିଧି ବେ)

**ଏସ୍ଆଇ ପରୀକ୍ଷା ଜାଲିଆତି ଘଟଣା**


ଚନ୍ଦନ ମଲ୍ଲିକ

ବହୁଚର୍ଚ୍ଚିତ ପୋଲିସ ଏସ୍ଆଇ ପରୀକ୍ଷା ନିଯୁକ୍ତି ଜାଲିଆତି ଘଟଣାକୁ ନେଇ କ୍ରାଇମବ୍ରାଞ୍ଚ ଛାନଭିନ୍ ଚଳାଉଛି। ଏଥିରେ ବହୁ ବଡ଼ ଅଧିକାରୀ, ନେତା ଓ ପ୍ରଭାବଶାଳୀଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ଉଠୁଥିବାରୁ କ୍ରାଇମବ୍ରାଞ୍ଚ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ତେବେ ଏହି ମାମଲାରେ ବାଲେଶ୍ୱରରୁ ଷଷ୍ଠ ମଧ୍ୟସ୍ଥଙ୍କୁ କ୍ରାଇମବ୍ରାଞ୍ଚ ଉଠାଇ ଆଣିଛି। ସେ ହେଲେ ଚନ୍ଦନ ମଲ୍ଲିକ। ବାଲେଶ୍ୱର ସଦର ବ୍ଲକ ଚାନ୍ଦିପୁର ଥାନା ଉଦସାହି ପଞ୍ଚାୟତ ତପସ୍ୱୀ ଗ୍ରାମସ୍ଥିତ ଘରୁ ଚନ୍ଦନଙ୍କୁ ରବିବାର ରାତିରେ କ୍ରାଇମବ୍ରାଞ୍ଚ ଟିମ୍ କାବୁ କରିଥିଲା। ତେବେ ତାଙ୍କୁ ସୋମବାର କ୍ରାଇମବ୍ରାଞ୍ଚ ମାରାଥନ୍ ଜେରା କରି ପ୍ରମାଣ ସଂଗ୍ରହ କରିବାରେ ଲାଗିଛି। ଚନ୍ଦନଙ୍କୁ ପଚରାଉଚରାବେଳେ ଘଟଣା ସହ ରାଜନୈତିକ ଲିଙ୍କର ସୂଚନା ମିଳିଥିବା ସୂଚନା ମିଳିଛି। ରବିବାର ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ନବରା ଗ୍ରାମର (ପଞ୍ଚମ ମଧ୍ୟସ୍ଥ) ଅରବିନ୍ଦ ଦାସଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରିଥିବା ବେଳେ ତାଙ୍କଠାରୁ ଚନ୍ଦନଙ୍କ ଲିଙ୍କ୍ ମିଳିଥିଲା। ଚନ୍ଦନ ଜାଲିଆତିର ମାଷ୍ଟରମାଇଣ୍ଡ କୁହାଯାଉଥିବା ପଞ୍ଚସଫ୍ଟ ସମେତ ବିଭିନ୍ନ ସଂସ୍ଥାର ମାଲିକ ଶଙ୍କର ପ୍ରୁଷ୍ଟିଙ୍କର ଅନ୍ୟତମ ଘନିଷ୍ଠ ସହଯୋଗୀ ଥିଲେ ବୋଲି ସୂଚନା ମିଳିଛି। ଚନ୍ଦନ ହେଉଛନ୍ତି ଏକ ରାଜନୈତିକ ଦଳର ଯୁବନେତା। ଏଥିସହ ସେ ନିଜକୁ ସମାଜସେବୀ ବୋଲି ପରିଚୟ ଦିଅନ୍ତି। ବାଲେଶ୍ୱର ରେମୁଣା ବିଧାନସଭା ନିର୍ବାଚନ ମଣ୍ଡଳୀରେ ତାଙ୍କର ରାଜନୈତିକ ପରିଚୟ ରହିଛି। ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଆଗଧାଡ଼ି ନେତାମାନଙ୍କ ସହ ଚନ୍ଦନଙ୍କ ଅନେକ ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି, ଯାହାକୁ ନେଇ ଅଧିକ ଚର୍ଚ୍ଚା ଚାଲିଛି। ସେପଟେ ଶଙ୍କର ବାଙ୍କର ସହଯୋଗୀ କଟକ ବାଙ୍କର ପୁନା ମହାନ୍ତି ଫେରାର ଥିବା ବେଳେ କ୍ରାଇମବ୍ରାଞ୍ଚ ଏଯାଏ ଉଭୟଙ୍କ ପତ୍ତା ପାଇପାରିନାହିଁ। ଭୁବନେଶ୍ୱର ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁରସ୍ଥିତ ପ୍ଲଟ୍ ନଂ.୩୨୦/୩୫୯୦ରେ ଥିବା ଅନ୍ଲାଇନ ପରୀକ୍ଷା କେନ୍ଦ୍ର (ଶ୍ରୀ ଲିଙ୍ଗରାଜ ଇନ୍ଫୋସୋଲ)ରେ କ୍ରାଇମବ୍ରାଞ୍ଚ ଟିମ୍ ରବିବାର ଚଢ଼ାଉ କରିଥିଲା। ଆଉକୁ ଅନ୍ଲାଇନ୍ ପରୀକ୍ଷା କେନ୍ଦ୍ରଗୁଡ଼ିକରେ କ୍ରାଇମବ୍ରାଞ୍ଚ ଚଢ଼ାଉ କରିବ ବୋଲି ତାଲିକା ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଏହି ମାମଲାରେ ୧୧୪ ପରୀକ୍ଷାର୍ଥୀ ଓ ୫ଜଣ ମଧ୍ୟସ୍ଥଙ୍କ ସମେତ ୧୧୯ ଗିରଫ ହୋଇ ଜେଲ୍‌ରେ ଅଛନ୍ତି।

# ପୂର୍ବତନ ପଞ୍ଚାୟତ ସମ୍ପାଦକଙ୍କୁ ହତ୍ୟା

ଭଞ୍ଜନଗର,୬।୧୦(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ବୁଡୁଲି ଗ୍ରାମରେ ରବିବାର ରାତିରେ ସାମାନ୍ୟ କଥାରୁ ଏକ ହତ୍ୟାକାଣ୍ଡ ଘଟିଛି। ମୁଜାଗଡ଼ ପଞ୍ଚାୟତର ପୂର୍ବତନ ସମ୍ପାଦକ ପଞ୍ଚୁ ବେହେରା(୬୫)ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲ ପଠାଉଛି। ଏନେଇ ନଂ. ୧୧୩୦/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ରବିବାର ସନ୍ଧ୍ୟାରେ ପଞ୍ଚୁ ବେହେରାଙ୍କ ଦୋକାନ ସମ୍ମୁଖରେ ବୁଡୁଲି ଗ୍ରାମର କେତେଜଣ ଯୁବକଙ୍କ ସହ ଅନ୍ୟ ଜଣେ ଯୁବକଙ୍କ କୌଣସି କଥାକୁ କେନ୍ଦ୍ର କରି ବଚସା ହୋଇଥିଲା। ଏହି ସମୟରେ ଦୋକାନରେ ଥିବା ପଞ୍ଚୁଙ୍କ ଦୁଇ ପୁଅ ଏହାକୁ ପ୍ରତିବାଦ କରିବାରୁ ସେମାନଙ୍କ ସହ ମଧ ଉକ୍ତ ଯୁବକମାନେ ଝଗଡ଼ା କରିଥିଲେ। ଏପରିକି ପରସ୍ପର ହାତାହାତି ହୋଇଥିଲେ। ପରେ ପଞ୍ଚୁ ଖବର ପାଇ ଘଟଣାସ୍ଥଳକୁ ଯିବାବେଳେ ତାଙ୍କୁ ସମ୍ପୃକ୍ତ ଯୁବକମାନେ ଆକ୍ରମଣ କରି ଆହତ କରିଥିଲେ। ଗଣ୍ଡଗୋଳ ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରି ଫେରି ଯାଇଥିଲା। ଏହାର କିଛି ସମୟ ପରେ ପଞ୍ଚୁ ଘରେ ବାନ୍ତି କରିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପଞ୍ଚୁଙ୍କ ରାତି ୧୨ଟାରେ ମୃତ୍ୟୁ ଘଟିଥିଲା। ଏହି ଗଣ୍ଡଗୋଳ ଘଟଣାରେ ବିପକ୍ଷ ଗୋଷ୍ଠୀର ମଧ ଏକାଧିକ ଆହତ ହୋଇଥିବା ଜଣାପଡ଼ିଛି। ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଏନେଇ ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କୁ ପଚାରିବାରେ,ଏହି ଘଟଣାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି କହିଛନ୍ତି।


ପୋଲିସ ଘଟଣାର ତଦନ୍ତ ଚଳାଉଛି।

# ପୂର୍ବ ଶତ୍ରୁତାରୁ ଖଣ୍ଡାରେ ଆକ୍ରମଣ: ଯୁବକ ମୃତ

ତିର୍ତ୍ତୋଲ, ୬।୧୦ (ଗୌରାଙ୍ଗ ଚରଣ ସ୍ୱାଇଁ)

**ଅଭିଯୁକ୍ତ ଗିରଫ**

ତିର୍ତ୍ତୋଲ ଥାନା ବଣିତୋ ପଞ୍ଚାୟତ ଅନ୍ତର୍ଗତ ସରିଷ୍ଠି ଗ୍ରାମରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକଙ୍କ ଖଣ୍ଡା ଆକ୍ରମଣରେ ଅନ୍ୟ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ମନୋଜ ସ୍ୱାଇଁ। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ



ମୃତ ମନୋଜ ସ୍ୱାଇଁ। ଅଭିଯୁକ୍ତ ପରେଶ ସ୍ୱାଇଁ।

ଘଟିଥିବା ଗ୍ରାମୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ହତ୍ୟା ଅଭିଯୋଗରେ ଉକ୍ତ ଗ୍ରାମର ପରେଶ ସ୍ୱାଇଁଙ୍କୁ ପୋଲିସ ଗିରଫ କରି ଥାନାରେ ପଚରାଉଚରା କରୁଛି। ଏନେଇ ସ୍ତ୍ରୀ ସ୍ୱର୍ଣ୍ଣପ୍ରିୟା ସ୍ୱାଇଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୫୧୬/୨୫)ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ମନୋଜ ଓ ଗ୍ରାମର ଅନ୍ୟ କେତେଜଣ ଯୁବକ ନିକଟସ୍ଥ ବୋଉଧେଇ ଗ୍ରାମକୁ ଗ୍ରାମ ଦେଖାବାକୁ ଯିବା ନିମନ୍ତେ ରାତି ପ୍ରାୟ ୧୦ଟାରେ ଗାଁ ମୁଣ୍ଡ ଚାନ୍ଦିନୀରେ ଏକତ୍ରିତ ହୋଇଥିଲେ। ଏହି ସମୟରେ ପରେଶ ସେଠାରେ ପହଞ୍ଚି ମନୋଜଙ୍କୁ ଏକ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ମନୋଜ ଗୁରୁତର ହେବା ସହ ଅନ୍ୟ ୩ ଜଣ ଆହତ ହୋଇଥିଲେ। ଗ୍ରାମୀୟ ଲୋକେ ମନୋଜଙ୍କୁ ଉଦ୍ଧାର କରି ପ୍ରଥମେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ପେଟ, ବେକ ଓ ହାତରେ ଗଭୀର ଆଘାତ ଲାଗିଥିଲା। ମନୋଜଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏନେଇ ତଦନ୍ତ ଜାରି ରହିଛି ବୋଲି ତିର୍ତ୍ତୋଲ ଥାନା ଆଇଆଇସି ପ୍ରଦୀପ କୁମାର ସେଠୀ କହିଛନ୍ତି।

# ୫ ଲୁହାପଥର ବୋଝେଇ ଟ୍ରକ୍ ଜବତ


ଜବତ ଲୁହାପଥର ବୋଝେଇ ଟ୍ରକ୍।

ବଡ଼ବିଲ/ଯୋଡ଼ା,୬।୧୦ (ଜୟନ୍ତୀ ରଣା/ମାନସ ମହାନ୍ତି)

**ସୁରକ୍ଷାକର୍ମୀଙ୍କୁ ଧମକାଇ ଚୋରାଚାଲାଣ ହେଉଥିଲା**

କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳର ଗୁରୁଡ଼ି ଥାନା ଅନ୍ତର୍ଗତ ନୁଆଗାଁ ଖଣି ଲିଜ ଅଞ୍ଚଳ ଓଏମ୍ସି (ଓଡ଼ିଶା ମାଇନିଂ କର୍ପୋରେଶନ) ଷ୍ଟକ୍ ୟାର୍ଡରୁ ଲୁହାପଥର ଚୋରାଚାଲାଣ ବେଳେ ପୋଲିସ ୫ ଲୁହାପଥର ବୋଝେଇ ଟ୍ରକ୍ ଜବତ କରିଛି। ଘରୋଇ ସୁରକ୍ଷାକର୍ମୀଙ୍କୁ ଧମକାଇ ଲୁହାପଥର ଚୋରାଚାଲାଣ ହେଉଥିଲା। ଘଟଣାସ୍ଥଳରୁ ଚୋରା କାରବାରରେ ସମ୍ପୃକ୍ତ ଜଣେ ଡ୍ରାଇଭରଙ୍କୁ ପୋଲିସ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ୨୦୨୦ରୁ ଖଣି ନିଲାମ ପୂର୍ବରୁ ଏଠାରେ ବହୁ ପରିମାଣର ଗୁଣ୍ଡ ଲୁହାପଥର ଗଚ୍ଛିତ ହୋଇଛି। ତାହା ଓଡ଼ିଶା ଖଣି ନିଗମ ଦାୟିତ୍ୱରେ ରହିଥିବା ବେଳେ ସୁରକ୍ଷା ପାଇଁ ଓଏମ୍ସି ଦ୍ୱାରା ସୁରକ୍ଷାକର୍ମୀ ନିୟୋଜିତ କରାଯାଇଥିଲା। ସୁରକ୍ଷାକର୍ମୀଙ୍କୁ ଧମକ ଦେଇ ରବିବାର ବିଳମ୍ବିତ ରାତିରେ ଲିଜ୍ ଅଞ୍ଚଳରେ ପୂର୍ବରୁ ଗଚ୍ଛିତ ହୋଇଥିବା ଖଣିଜ ଚୋରା ବ୍ୟବସାୟୀମାନେ ଲୋଡର ମେସିନ ଦ୍ୱାରା ଟ୍ରକ୍‌ରେ ଲୁହାପଥର ଲୋଡିଂ କରୁଥିଲେ। ଖବର ପାଇ ଗୁରୁଡ଼ି ପୋଲିସ ଅନ୍ତର୍ଗତ ଚଢ଼ାଉ କରିଥିଲା। ତେବେ ପୋଲିସ ଗାଡ଼ି ଆସୁଥିବାର ଦେଖି ଘଟଣାସ୍ଥଳରୁ ଖଣିଜ ଚୋରା ବ୍ୟବସାୟୀ ଖସିପଳାଇବାରେ ସକ୍ଷମ ହୋଇଥିଲେ। ପୋଲିସ ୫ ଟି ଟ୍ରକ୍ (ଓଡ଼ି ୦୯ ୱାଇ ୦୦୧୪, ଓଡ଼ି ୦୪ ଏମ ୪୨୪୨, ଡବ୍ଲୁବି ୧୫ ଏଚ୍ ୭୪୯୫, ଜେଏଚ୍ ୦୨ ବିପି ୪୦୯୫, ଓଡ଼ି ୧୪ ଏଏଫ ୫୪୮୯) ଜବତ କରିଛି। ଚୋରା କାରବାରରେ ଏକ ବଡ଼ ଧରଣର ର୍‍ୟାକେଟ କାମ କରୁଥିବା ପୋଲିସ ସନ୍ଦେହ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଛି। ପୋଲିସ ଏ ନେଇ ଗୁରୁଡ଼ି ଥାନାରେ ଏକ ମାମଲା(ନଂ. ୧୨୪/୨୦୨୫) ରୁଜୁ କରିବା ସହ ଅଟକ ଅଭିଯୁକ୍ତଙ୍କୁ ପଚରାଉଚରା କରୁଛି।

# ପୂର୍ବ ଶତ୍ରୁତା, ଜୁଆଖେଳ ଟଙ୍କାକୁ ନେଇ ଯୁବକଙ୍କୁ ହତ୍ୟା

ଧରାକୋଟ,୬।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ରେଞ୍ଜି ଦାମୋଦରପଲ୍ଲୀ ଗ୍ରାମରେ ପୂର୍ବ ଶତ୍ରୁତା ଓ ଜୁଆଖେଳ ଟଙ୍କା ମାଗିବାକୁ ନେଇ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଗ୍ରାମର ଡି.ଶଙ୍କର ରେଡ୍ଡି ଓରଫ କାଳିଆ (୩୩)। ଏ ସଂକ୍ରାନ୍ତରେ ମୃତକଙ୍କ ବଡ଼ଭାଇ ଡି.ସଞ୍ଜୀବ ରେଡ୍ଡି ଧରାକୋଟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୩୮୩/୨୫ରେ ମାମଲା ରୁଜୁ କରି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଖବରରୁ ଜଣାପଡ଼ିଛି, ରବିବାର ରାତି ୧୧ଟାରେ କେତେଜଣ ଡି. ଶଙ୍କରଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ନେଉଥିବାବେଳେ ହିଞ୍ଜିଳି ନିକଟରେ ଡି. ଶଙ୍କରଙ୍କ ମୃତ୍ୟୁ ହୋଇଥିଲା। ବ୍ରହ୍ମପୁର ବଡ଼ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଧାର ଟଙ୍କା ମାଗିବା ଓ ପୂର୍ବ ଶତ୍ରୁତାକୁ ନେଇ ତାଙ୍କ ଭାଇଙ୍କୁ ହତ୍ୟା କରାଯାଇଛି ବୋଲି ଡି.ସଞ୍ଜୀବ କହୁଥିବାବେଳେ ଜୁଆଖେଳରୁ ମିଳିଥିବା ଟଙ୍କା ଭାଗବାଣ୍ଟକୁ ନେଇ ଏପରି ଘଟଣା ଘଟିଥିବା ମଧ୍ୟ ସୂଚନାରୁ ମିଳୁଛି। ଗ୍ରାମର ଜଗନ୍ନାଥ ମନ୍ଦିରରେ ଜୁଆଖେଳ ଚାଲିଥିବା ସମ୍ପର୍କରେ ଗତ ୨୦ ତାରିଖରେ ଗ୍ରାମର ଜଣେ ଯୁବ ସାମାଜିକ କର୍ମୀ ଧରାକୋଟ ଥାନା, ଆସିକା ଏସ୍‌ଡିପିଓ, ଗଞ୍ଜାମ ଏସ୍‌ପିଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଇଥିଲେ। ଏ ଦିଗରେ କିଛି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଏପରି ହତ୍ୟାକାଣ୍ଡ ଘଟିଲା ବୋଲି ଲୋକ ମଧ୍ୟ ଅଭିଯୋଗ କରିଛନ୍ତି। ତଦନ୍ତକାରୀ ଅଧିକାରୀ ଏସ୍ଆଇ ବାଲ୍ମୀକି ପ୍ରଧାନ ଘଟଣାର ତଦନ୍ତ କରୁଛନ୍ତି। ଏଥିରେ ସଂପୃକ୍ତ ଥିବା ଅନ୍ୟ ସମସ୍ତ ଅଭିଯୁକ୍ତଙ୍କୁ ଧରିବାକୁ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଖୁବଶୀଘ୍ର ସମସ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍ଆଇ ପ୍ରଧାନ କହିଛନ୍ତି।

## ରାଜ୍ୟ ଖବର

# ଖରସ୍ରୋତା ନଦୀରେ ମହିଳାଙ୍କୁ ଟାଣିନେଲା କୁମ୍ଭୀର

ବିଞ୍ଝାରପୁର/ ବରୀ,୬।୧୦ (ରାମକୃଷ୍ଣ ଦାସ/ ମହେନ୍ଦ୍ର ସ୍ୱାଇଁ)

ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଖରସ୍ରୋତା ନଦୀରେ ସୋମବାର ଅପରାହ୍ନରେ ଜଣେ ମହିଳାଙ୍କୁ ଏକ କୁମ୍ଭୀର ଟାଣିନେଇଛି। ମହିଳା ଜଣଙ୍କ ହେଲେ ବରୀ ବ୍ଲକ ଅଧୀନ ବୋଦୁଅ ପଞ୍ଚାୟତ କଣ୍ଡିଆ ଗ୍ରାମର ଶୁକଦେବ ମହଲାଙ୍କ ସ୍ତ୍ରୀ ସୌଦାମିନୀ ମହଲା(୫୫)। ସୌଦାମିନୀ ସବୁଦିନ ପରି ଗାଁ ନଦୀ ତୁଠକୁ ଶୌଚହେବାକୁ ଆସିଥିଲେ। ଶୌଚ ହେବା ସମୟରେ ତୁଠରେ ଛପି ରହିଥିବା କୁମ୍ଭୀର ତାଙ୍କୁ ଗଭୀର ଜଳକୁ ଟାଣି ନେଇଥିଲା। ଗ୍ରାମୀୟ ଲୋକେ ପହଞ୍ଚି ହୋହଲ୍ଲା କରିଥିଲେ। ଏହି ସମୟରେ କୁମ୍ଭୀର ମହିଳାଙ୍କୁ ନଦୀରେ ବୁଡ଼ାଇ ମାରିଦେଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ମହିଳାଙ୍କ ପତ୍ତା ପାଇ ନ ଥିଲେ। ଅନ୍ୟପକ୍ଷରେ ଏହି ଘଟଣାପରେ ଗ୍ରାମୀୟ ବିଞ୍ଝାରପୁର


ମହିଳାଙ୍କୁ କୁମ୍ଭୀର ଟାଣି ନେଉଥିବାର ଦୃଶ୍ୟ

ସୌଦାମିନୀ ମହଲା

ଓ ବରୀ ସଂଲଗ୍ନ ଖରସ୍ରୋତା ନଦୀର ଉଭୟ ପାର୍ଶ୍ୱ ନଦୀକୂଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଗତ ୧ ମାସ ପୂର୍ବରୁ ଏହି ତୁଠରୁ ଏକ ଗାଈକୁ କୁମ୍ଭୀର ଟାଣି ନେଇଥିଲା। ସେହି ସମୟରେ ଆତଙ୍କିତ ଜନସାଧାରଣ ଏଠାରୁ କୁମ୍ଭୀରକୁ ତଡ଼ିବା ପାଇଁ ବନ ବିଭାଗ ନିକଟରେ ଦାବି କରିଥିଲେ। ଯଦି ବନବିଭାଗ ଉଚିତ ପଦକ୍ଷେପ ନେଇଥାନ୍ତା ଆଜି ଏଭଳି ଘଟଣା ଘଟି ନ ଥାନ୍ତା ବୋଲି ଲୋକେ କହିଛନ୍ତି। ଖବର ଲେଖାହେବାବେଳକୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ଥିଲେ।

# ବିଷାକ୍ତ ଖାଦ୍ୟ ଖାଇ ଜଣେ ମୃତ, ୨ ଗୁରୁତର ସନ୍ଦେହ

କାମାକ୍ଷାନଗର, ୬।୧୦ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ବାଟଗାଁ ପଞ୍ଚାୟତ ଖଣ୍ଡିଗାବେଣୀ ଗ୍ରାମରେ ବିଷାକ୍ତ ଖାଦ୍ୟ ଖାଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଥିବା ସାଧାରଣରେ ସନ୍ଦେହ କରାଯାଉଛି। ମୃତକ ହେଉଛନ୍ତି ଖଣ୍ଡିଗାବେଣୀ ଗ୍ରାମର ଲକ୍ଷ୍ମଣ ମୁର୍ମୁ (୬୬)। ଗୁରୁତର ହେଲେ ଲକ୍ଷ୍ମଣଙ୍କ ସ୍ତ୍ରୀ ଫୁଲ ମୁର୍ମୁ (୫୯) ଓ ଝିଅ ସୁଲୋଚନା ମୁର୍ମୁ (୩୯)। ସୂଚନା ଅନୁଯାୟୀ, ଲକ୍ଷ୍ମଣ, ତାଙ୍କ ସ୍ତ୍ରୀ ଓ ଝିଅ ସୋମବାର ସକାଳୁ ଘରୁ ବାହାରି ନ ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘର କବାଟ ବନ୍ଦ ଥିବାରୁ ପଡ଼ୋଶୀମାନେ ଡାକିଥିଲେ ମଧ୍ୟ ଭିତରୁ କେହି ଜବାବ ନ ଦେବାରୁ ପଡ଼ୋଶୀମାନେ କବାଟ ଭାଙ୍ଗି ଘରେ ପଶିଥିଲେ। ଲକ୍ଷ୍ମଣ, ସ୍ତ୍ରୀ ଓ ଝିଅ ଅଚେତ ଅବସ୍ଥାରେ ପଡ଼ିଥିବାରୁ ସେମାନଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲକ୍ଷ୍ମଣଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଓ ସୁଲୋଚନାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ଗ୍ରାମୀୟ ସରପଞ୍ଚଙ୍କ ଉପସ୍ଥିତିରେ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। କଙ୍କଡ଼ାହାଡ଼ ଥାନାଧିକାରୀ କଳ୍ପନା ବେହେରା କହିଛନ୍ତି, ସମ୍ପୃକ୍ତ ୩ ଜଣ ରବିବାର ରାତିରେ ବାସୀ ଖାଦ୍ୟ ଖାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଖବରପାଇ ଢେଙ୍କାନାଳ ଏମ୍ପି ରୁଦ୍ର ନାରାୟଣ ପାଣି ଉଦ୍‌ବେଗ ପ୍ରକାଶ କରିବା ସହ ସମବେଦନା ଜଣାଇଛନ୍ତି। ଘଟଣା ସମ୍ପର୍କରେ ଜିଲାପାଳ,ଏସ୍‌ପିଙ୍କ ସହିତ ଆଲୋଚନା କରିଥିବା ଏମ୍ପି ପାଣି କହିଛନ୍ତି।

# ସିବିଆଇ ତଦନ୍ତ ନ ହେଲେ ଆଗକୁ ଜୋରଦାର ଆନ୍ଦୋଳନ: ବିଜେଡି



ଭୁବନେଶ୍ୱର, ୬।୧୦ (ସୁଜିତ୍ ମିଶ୍ର)

**ମାଷ୍ଟର କ୍ୟାଣ୍ଟିନଠାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ପ୍ରତିବାଦ**

ପୋଲିସ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ଘଟଣାରେ ଆଶାୟୀଙ୍କୁ ନ୍ୟାୟ ଦାବି ସହ ଅନିୟମିତତା ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସୋମବାର ମାଷ୍ଟର କ୍ୟାଣ୍ଟିନଠାରେ ଜୋରଦାର ପ୍ରତିବାଦ କରାଯାଇଛି। ଏହି ଘଟଣାରେ ଆରମ୍ଭରୁ ହିଁ ବିଜେଡି ସିବିଆଇ ତଦନ୍ତ ଦାବିକରି ଆସୁଛି। ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆ ନ ଗଲେ ଆଗକୁ ଜୋରଦାର ଆନ୍ଦୋଳନ କରିବାକୁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ମାଷ୍ଟର କ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ବେଳେ ବିଜେଡି କର୍ମୀ ଓ ପୋଲିସ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି, ଭାଜପା ଶାସନରେ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ବୃଦ୍ଧି ପାଇ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ, ଲଜ୍ଜିତ ହୋଇଥିବା ବେଳେ ଏବେ ସରକାରୀ ଚାକିରି ବିକ୍ରି ଭଳି ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ଗତ ୧୫ ମାସରେ ୧୭ଟି ନିଯୁକ୍ତି ପରୀକ୍ଷା ସ୍ଥଗିତ ବା ବାତିଲ ହୋଇଛି। ଏଥିଯୋଗୁ ନିଯୁକ୍ତି ଆଶାୟୀମାନେ ହତାଶ ହୋଇଛନ୍ତି। ପୋଲିସ ଏସ୍ଆଇ ପଦବୀ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୮ ଓ ୯ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା। ଏହାକୁ ଅକ୍ଟୋବର ୭ ଓ ୮ରେ କରିବାକୁ ସ୍ଥିର କରାଯାଇଥିଲା। ହେଲେ ୩୦ ସେପ୍ଟେମ୍ବରରେ ଏହାକୁ ପୁନର୍ବାର ବାତିଲ କରାଗଲା। ଏହି ନିଯୁକ୍ତି ପ୍ରକ୍ରିୟାରେ ଜାଲିଆତିରେ ସମ୍ପୃକ୍ତ ଥିବା ୧୧୪ ଜଣ ପରୀକ୍ଷାର୍ଥୀ ଓ ୩ ଜଣ ଦଲାଲଙ୍କୁ ଗିରଫ କରାଯାଇଛି। ଗିରଫ ପରୀକ୍ଷାର୍ଥୀମାନେ ମୋଟା ଅଙ୍କର ଲାଞ୍ଚ ଦେଇ ଏହି ଚାକିରି ହାସଲ କରିବା ପାଇଁ ଉଦ୍ୟମ କରୁଥିଲେ ବୋଲି କୁହାଯାଉଛି। ଯେଉଁ ପଞ୍ଚସଫ୍ଟ କମ୍ପାନୀ ଏହି ପରୀକ୍ଷା ପରିଚାଳନା ଦାୟିତ୍ୱ ପାଇଥିଲା ତା'ର ମୁଖ୍ୟ ଶଙ୍କର ପ୍ରୁଷ୍ଟି ଭାଜପାର ଜଣେ ସଦସ୍ୟ ବୋଲି ବିଜେଡି ଅଭିଯୋଗ କରିଛି। କେଉଁ ପରିସ୍ଥିତିରେ ଓ କାହା ନିର୍ଦ୍ଦେଶରେ ପଞ୍ଚସଫ୍ଟ ଭଳି ଏକ ଅନଭିଜ୍ଞ କମ୍ପାନୀକୁ ଏଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା ବୋଲି ବିଜେଡି ପ୍ରଶ୍ନ କରିଛି। ଏବେ ଘଟଣାର ତଦନ୍ତ ପୋଲିସ କରୁଛି, ଯିଏ ନିଜେ ଏଥିରେ ସମ୍ପୃକ୍ତ ବୋଲି ବିଜେଡି କହିଛି।

# ସିବିଆଇ କ'ଣ, ଦରକାର ପଡ଼ିଲେ ଏନ୍ଆଇଏ ତଦନ୍ତ ହେବ: ଭାଜପା ଯୁବମୋର୍ଚ୍ଚା

ଭୁବନେଶ୍ୱର, ୬।୧୦ (ସୁଜିତ୍ ମିଶ୍ର)

ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଦେଢ଼ ବର୍ଷ ହେବ ଭାଜପା ସରକାର ଚାଲିଛି। ମାତ୍ର ଏହି ସରକାରରେ ଏପର୍ଯ୍ୟନ୍ତ କୌଣସି ପ୍ରକାର ଦୁର୍ନୀତିର ଛାପ ପଡ଼ିନାହିଁ। ଯେଉଁଠି ବି ଦୁର୍ନୀତି ହୋଇଛି, ସେଠାରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ତଦନ୍ତ ପରେ ସେମାନଙ୍କୁ ଗିରଫ କରି ଜେଲ ପଠାଇ ଦିଆଯାଉଛି। ଏବେ ପୋଲିସ ଏସ୍ଆଇ ଦୁର୍ନୀତି ଘଟଣାରେ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ୧୧୪ ଆଶାୟୀ ଓ ୩ ମଧ୍ୟସ୍ଥଙ୍କୁ ଗିରଫ କରାଯାଇଛି। ବିଜେଡି ସରକାରରେ ଅତୀତରେ ଦୁର୍ନୀତି ଉପରେ ଘଣ୍ଟ ଘୋଡ଼ାଯାଉଥିଲା। ହେଲେ ଏବେ ଭାଜପା ସରକାର ଆକ୍ସନ ନେଉଛନ୍ତି। ତେଣୁ ଦୋଷୀଙ୍କୁ ଧରିବା ପାଇଁ ସିବିଆଇ କ'ଣ, ଦରକାର ପଡ଼ିଲେ ଏନ୍ଆଇଏ ତଦନ୍ତ ହେବ ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଭିଳାଷ କହିଛନ୍ତି, ଗତ ସରକାରରେ ଦୁର୍ନୀତି ଚରମସୀମା ଛୁଇଁଥିଲା। ୨୦୨୩ରେ ସିଭିଲ ଜେଇ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ସେତେବେଳେ ବାଲେଶ୍ୱର ପୋଲିସ ଗୋଟିଏ ବାସକୁ ଧରିଥିଲା। ସେହି ସମୟରେ ବିଜେଡି ସରକାରରେ ଥିଲା। ଏହି ମାମଲାରେ ସେତେବେଳେ ୮୬ଜଣ ପରୀକ୍ଷାର୍ଥୀଙ୍କୁ ପୋଲିସ ଅଟକ ରଖିଥିଲା। ସମ୍ପୃକ୍ତ ଅଭିଯୁକ୍ତମାନେ ଏହି ଚାକିରି ପାଇଁ ଟଙ୍କା ଦେଇଥିବା ଜଣାପଡ଼ିଥିଲା। ମାତ୍ର ସେମାନଙ୍କ ବିରୋଧରେ ବିଜେଡି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଏପରିକି ଏଫ୍ଆଇଆର୍ ମଧ୍ୟ ହୋଇ ନ ଥିଲା। କାରଣ ଏଥିରେ ବିଜେଡି ନେତାମାନଙ୍କ ସିଧାସଳଖ ସମ୍ପୃକ୍ତି ଥିଲା। ଟଙ୍କା ନେଇ ଚାକିରି ଦେବା ଦୁର୍ନୀତି ବିଜେଡିର ଏକ ପ୍ରକ୍ରିୟା ପାଲଟିଯାଇଥିଲା। ମାତ୍ର ଭାଜପା ସରକାର ପୁରୁଣା ଢାଞ୍ଚାରେ ଚାଲୁଥିବା ଚାକିରି ବିକ୍ରି ସିଣ୍ଡିକେଟକୁ ଧରିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ୧୩ ଜଣ ଗୋଟିଏ କୋଚିଂ ସେଣ୍ଟରର ନାମ କହିଛନ୍ତି। ତାହା ହେଲା ବଣିକ। ସେଥିରେ ଯେତେସବୁ ଭଲ କୋଚିଂ ସେଣ୍ଟର ରହିଛି ସବିଶେଷ ପିଲାଙ୍କୁ ପାଠ ପଢ଼ିବା ପାଇଁ ଭଲଭଲ ସ୍ଲୋଗାନ ଦେଉଥିବାବେଳେ ବଣିକର ସ୍ଲୋଗାନ ଥିଲା ସରକାରୀ ଚାକିରି ଥୁଆ ହୋଇଛି। ଅର୍ଥାତ୍ ସରକାରୀ ଚାକିରି କରିବାକୁ ଚାହିଁଥିଲେ କେବଳ ବଣିକରେ ନାମ ଲେଖାନ୍ତୁ। ଏଥିରୁ ସ୍ପଷ୍ଟ ଯେ, ଏହି କେଳେଙ୍କାରୀରେ ବଣିକ ଅନୁଷ୍ଠାନର ମାଲିକ ତଥା ବିଜେଡିର ଟାଣୁଆ ନେତା ସୁବ୍ରତ ଛାଟୋଇଙ୍କ ସମ୍ପୃକ୍ତି ରହିଛି। ବିଜେଡି ସରକାର ଅମଳରୁ ଏହା ଚାଲିଆସୁଛି, ଏଣୁ ପିଲାମାନଙ୍କୁ ଏହି ସଂସ୍ଥା ଓ ଏହାର ମାଲିକ ନିର୍ଭର ପ୍ରତିଶ୍ରୁତି ଦେଇଚାଲିଥିଲେ। ଏବେ ପୋଲିସ ଏସ୍ଆଇ ନିଯୁକ୍ତି ଘଟଣାରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଏନ୍ଏସି ଅନ୍ତର୍ଗତ ୪ ନମ୍ବର କାଉନସିଲର ତଥା ବିଜେଡି ନେତା ଯତୀନ କୁମାର ଦଳାଇଙ୍କୁ ଗିରଫ କରିଛି। ସେହିପରି ବଲାଙ୍ଗିର ଜିଲ୍ଲା ତୁରିକେଲା ଥାନା ଅନ୍ତର୍ଗତ ପତ୍ରପାଲିର ପୁନକି ରାଜପଲିଆ ଓ ତାଙ୍କ ସ୍ୱାମୀ ପ୍ରହ୍ଲାଦ ନାଗ ମଧ୍ୟ ଗିରଫ ହୋଇଛନ୍ତି। ପୁନକି ହେଉଛନ୍ତି ବିଜେଡି ସମର୍ଥିତ ସମିତି ସଭ୍ୟ ଏବଂ ଉକ୍ତ ଦଳର ଜଣେ ନାରୀନେତ୍ରୀ। କେବଳ ଏମାନେ ନୁହଁନ୍ତି, ଧରାପଡ଼ିଥିବା ଅଧିକାଂଶ ଅଭିଯୁକ୍ତ ହେଲେ ବିଜେଡିର କାର୍ଯ୍ୟକର୍ତ୍ତା। ମାତ୍ର ଚୋର ମଚାଏ ସୋର ଭଳି ବିଜେଡି ନେତାମାନେ ଏବେ ପ୍ରଳାପ କରିବାରେ ଲାଗିଛନ୍ତି ବୋଲି ଅଭିଳାଷ କହିଛନ୍ତି।

# ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର ତାଙ୍କ ସମ୍ବେଦନହୀନତାକୁ ଦର୍ଶାଉଛି: ବିଜେଡି

ଭୁବନେଶ୍ୱର, ୬।୧୦(ସୁଜିତ୍ ମିଶ୍ର)

କଟକରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି, ଗଜପତି ଜିଲାରେ ଭୂସ୍ଖଳନଜନିତ ସମସ୍ୟା, ୨୦୦ କୋଟି ଟଙ୍କାର ଏସ୍ଆଇ ଚାକିରି କେଳେଙ୍କାରୀ, ୫ଟି ଜିଲାରେ ବର୍ଷାଜନିତ ବ୍ୟାପକ କ୍ଷୟକ୍ଷତି, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିରେ ମୁକାବିଲା କରିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ାରେ ନିର୍ବାଚନୀ ପ୍ରଚାର ତାଙ୍କ ସମ୍ବେଦନହୀନତାକୁ ଦର୍ଶାଉଛି ବୋଲି ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ଶଙ୍ଖ ଭବନଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା କହିଛନ୍ତି, ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ୨ ଘଣ୍ଟା ପୂର୍ବରୁ ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ୧୧୦୦ କୋଟିର ପ୍ରକଳ୍ପ ଘୋଷଣା କରିବା ଦୁର୍ଭାଗ୍ୟଜନକ। ଭାରତରତ୍ନ ସହର କଟକରେ କେବେ ନ ଦେଖିବା ସ୍ଥିତି ବର୍ତ୍ତମାନ ସରକାରରେ ଦେଖିବାକୁ ମିଳିଛି। ନିଯୁକ୍ତି ଆଶାୟୀ ଯୁବ ସମାଜକୁ ପ୍ରତାରଣା କରି ସରକାରୀ ପ୍ରୋତ୍ସାହନରେ ପୋଲିସ ଏସ୍ଆଇ ଚାକିରି ବିକ୍ରି ହେବା ଘଟଣା ରାଜ୍ୟବାସୀଙ୍କ ମନକୁ ଆଘାତ ଦେଇଛି। ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ାରେ ନିର୍ବାଚନୀ ପ୍ରଚାର ରାଜ୍ୟବାସୀଙ୍କ ପ୍ରତି ସମ୍ବେଦନହୀନତାକୁ ଦର୍ଶାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ବିଜୁ ମହିଳା ଜନତା ଦଳ ସଭାପତି ସ୍ନେହାଙ୍ଗିନୀ ଛୁରିଆ ଏବଂ ବିଧାୟକ ଅଶ୍ୱିନୀ ପାତ୍ର ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଦୀକ୍ଷିତା ସାହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କ୍ୟାଶ୍ ଅନ୍ ଡେଲିଭରିରେ ଅତିରିକ୍ତ ଶୁଳ୍କ ଉପରେ ନଜର

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)



ଦେଶରେ ଇ-କମର୍ସ କମ୍ପାନୀଗୁଡ଼ିକର ବ୍ୟବସାୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ମାତ୍ର ଏହା ସହିତ ଏହି ପ୍ଲାଟଫର୍ମଗୁଡ଼ିକର କାର୍ଯ୍ୟପ୍ରଣାଳୀକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ନିକଟରେ ଅନେକ ଘଟଣା ସାମ୍ନାକୁ ଆସିଛି, ଯେଉଁଥିରେ ଗ୍ରାହକମାନଙ୍କଠାରୁ କ୍ୟାସ ଅନ ଡେଲିଭରି (ସିଓଡି) ବିକଳ୍ପ ଚୟନ କରିବା ପାଇଁ ଅତିରିକ୍ତ ଶୁଳ୍କ ନିଆଯାଉଛି। ଏହାକୁ ଗମ୍ଭୀରତାର ସହ ନେଇ ସରକାର ଏଭଳି କମ୍ପାନୀଗୁଡ଼ିକ ବିରୁଦ୍ଧରେ ତଦନ୍ତକୁ ଜୋରଦାର କରିଛନ୍ତି। କଞ୍ଜ୍ୟୁମର ଆଫେୟାର୍ସ ବିଭାଗ ଗ୍ରାହକଙ୍କଠାରୁ ନଗଦ ପେମେଣ୍ଟ ବିକଳ୍ପରେ ଅତିରିକ୍ତ ଶୁଳ୍କ ଆଦାୟ କରୁଥିବା ଇ-କମର୍ସ ପ୍ଲାଟଫର୍ମଗୁଡ଼ିକର ତଦନ୍ତ କରୁଛି। କେନ୍ଦ୍ରୀ ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ଏକ ଟ୍ୱିଟ୍ ଏହାକୁ ଡାର୍କ ପ୍ୟାଟର୍ନ ବୋଲି ଅଭିହିତ କରିଛନ୍ତି। ଅର୍ଥାତ୍ ଗ୍ରାହକଙ୍କୁ ଭ୍ରମରେ ରଖି ଅତିରିକ୍ତ ଶୁଳ୍କ ଆଦାୟ କରୁଥିବା ଭ୍ରାନ୍ତିମୂଳକ ରଣନୀତି। ମନ୍ତ୍ରୀ ଜୋଶୀ କହିଛନ୍ତି ଯେ, ଗ୍ରାହକଙ୍କ ଅଧିକାର ସୁରକ୍ଷା ପାଇଁ ସରକାର କଡ଼ା ପଦକ୍ଷେପ ନେବ ଏବଂ ଇ-କମର୍ସ କ୍ଷେତ୍ରରେ ପାରଦର୍ଶିତା ବୃଦ୍ଧି ପାଇଁ ଆବଶ୍ୟକୀୟ ସଂସ୍କାର କରିବ। ସୋସିଆଲ ମିଡିଆରେ ଅନେକ ଗ୍ରାହକ ସ୍କ୍ରିନସଟ ସେୟାର କରି ଦର୍ଶାଇଥିଲେ ଯେ, କେତେକ କମ୍ପାନୀ ପେମେଣ୍ଟ ହ୍ୟାଣ୍ଡଲିଂ ଚାର୍ଜ ନାମରେ ଅତିରିକ୍ତ ଶୁଳ୍କ ନେଉଥିବା ଅଭିଯୋଗ କରିବା ପରେ ଏପରି ବିବାଦ ମୁଣ୍ଡ ଟେକିଥିଲା। 'ଏକ୍ସ' ପ୍ଲାଟଫର୍ମରେ ଜୋମାଟୋ, ସ୍ୱିଗି ଓ ଜେପ୍ଟୋ ଭଳି ଆପ୍‌ଗୁଡ଼ିକ ରେନ ଫି ଓ ଅନ୍ୟାନ୍ୟ ଅତିରିକ୍ତ ଶୁଳ୍କ ନେବା ନେଇ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଅଭିଯୋଗ ପରେ ସରକାର ଏକ୍ସନ ମୋଡରେ ରହିଛନ୍ତି। ମନ୍ତ୍ରୀ ଜୋଶୀ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି ଯେ, ଏହି ମାମଲାଗୁଡ଼ିକର ଗଭୀର ତଦନ୍ତ କରାଯିବ ଏବଂ ଗ୍ରାହକଙ୍କ ଅଧିକାର ଉଲ୍ଲଂଘନ କରୁଥିବା କମ୍ପାନୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସରକାର ପୂର୍ବରୁ ଇ-କମର୍ସ କମ୍ପାନୀଙ୍କୁ ଗ୍ରାହକଙ୍କ ସହ ଅନୁଚିତ ବ୍ୟବହାର ନ କରିବାକୁ ଚେତାବନୀ ଦେଇଛନ୍ତି। ଏହା ସହିତ, ଡାର୍କ ପ୍ୟାଟର୍ନ ଓ ଅତିରିକ୍ତ ଶୁଳ୍କ ଆଦାୟ ଭଳି କାର୍ଯ୍ୟକଳାପକୁ ରୋକିବା ପାଇଁ ନୂଆ ଆଇନ ଆଣିବାର ପ୍ରସ୍ତୁତି ଚାଲିଛି। ସରକାରଙ୍କ ଲକ୍ଷ୍ୟ ହେଉଛି ଗ୍ରାହକଙ୍କୁ କ୍ରୟ ସମୟରେ ପୂର୍ଣ୍ଣ ପାରଦର୍ଶିତା ମିଳୁ ଏବଂ ସେମାନଙ୍କୁ ଲୁକ୍କାୟିତ ଶୁଳ୍କ କିମ୍ବା ଭ୍ରାନ୍ତିମୂଳକ ବିକଳ୍ପ ଦ୍ୱାରା ଭ୍ରମିତ କରାନଯାଉ। ଏହି ସରକାରୀ କଡ଼ାକଡ଼ି ଦ୍ୱାରା ଆଗାମୀ ଦିନରେ ଅନଲାଇନ କ୍ରୟକୁ ଅଧିକ ପ୍ରସାର ଓ ଗ୍ରାହକ ଅନୁକୂଳ କରାଯିବ ବୋଲି ଆଶା କରାଯାଉଛି।

## ଶେୟାର ବଜାରକୁ ପ୍ରଭାବିତ କରିବ ଏଆଇ

ଭୁବନେଶ୍ୱର,୬।୧୦

ଗୋଲ୍ଡମ୍ୟାନ ସାକ୍ସର ସିଇଓ ଡେଭିଡ ସୋଲୋମନ କହିଛନ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଆଗାମୀ ୧-୨ ବର୍ଷ ମଧ୍ୟରେ ଶେୟାର ବଜାରକୁ ଖୁବ୍ ପ୍ରଭାବିତ କରିପାରେ। ଡେଭିଡ ସୋଲୋମନ କହିଛନ୍ତି ଆଗାମୀ ମାସଗୁଡ଼ିକରେ ଷ୍ଟକ ମାର୍କେଟରେ ହ୍ରାସ ହେବାର ଚେତାବନୀ ଦେଇଛନ୍ତି। ସିଏନବିସି ରିପୋର୍ଟ ଅନୁଯାୟୀ, ସୋଲୋମନ କହିଛନ୍ତି ଯେ ଏଆଇର ବଢୁଥିବା ପ୍ରଭାବ ଯୋଗୁ ଆଗାମୀ ସମୟରେ ଷ୍ଟକ ମାର୍କେଟରେ ହ୍ରାସ ହୋଇ ନିବେଶକମାନଙ୍କୁ କ୍ଷତି ସହିବାକୁ ପଡିପାରେ। ଏଆଇ ଯୋଗୁ ସମ୍ପ୍ରତି ଷ୍ଟକ ମାର୍କେଟ ରେକର୍ଡ ଉଚ୍ଚତାରେ ପହଞ୍ଚିଛି ମାତ୍ର ଆଗାମୀ ଏକ-ଦୁଇ ବର୍ଷରେ କିଛି ନିବେଶକଙ୍କୁ କ୍ଷତି ହେବ। କିଛି ଲାଭରେ ରହିବେ। ନୂଆ ଟେକ୍ନୋଲୋଜି ଆସିଲେ ବଡ ପୁଞ୍ଜି ନିର୍ମାଣ ହୁଏ। ଅନେକ ନୂଆ କମ୍ପାନୀ ଉଭା ହୁଅନ୍ତି। ଏହା ବଜାରକୁ ସାମର୍ଥ୍ୟରୁ ଆଗେଇ ନେଇଯାଏ - ଏଥିରେ ଉଭୟ ଜିତିବା ଓ ହାରିବା ବର୍ଗ ରହିବେ।

# ସାମନ୍ଥା ରୁଥ୍ ପ୍ରଭୁ ଜୟଆଲୁକ୍କାସର ନୂଆ ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)



ବିଶ୍ୱପ୍ରସିଦ୍ଧ ଅଳଙ୍କାର ବ୍ୟବସାୟୀ ଜୟଆଲୁକ୍କାସ ପ୍ରଖ୍ୟାତ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କୁ ନିଜର ନୂଆ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଘୋଷଣା କରିଛି। ସାମନ୍ଥାଙ୍କର ଆକର୍ଷଣୀୟ ବ୍ୟକ୍ତିତ୍ୱ ଓ ଅଭିନୟ ଜୟଆଲୁକ୍କାସର ସୁନ୍ଦର ଡିଜାଇନ ଓ ଉଚ୍ଚମାନର ଅଳଙ୍କାରକୁ ବିଶ୍ୱ ବଜାରରେ ପହଞ୍ଚାଇବ। ପୂର୍ବରୁ ଅଭିନେତ୍ରୀ କାଜଲ ଜୟଆଲୁକ୍କାସ ସହ ଥିବାବେଳେ ବର୍ତ୍ତମାନ ଏହି ଘୋଷଣା ୨ ଆଇକନଙ୍କୁ ଏକାଠି ଆଣିଛି, ଯେଉଁମାନେ କି ସୌନ୍ଦର୍ଯ୍ୟ, ସତ୍ୟତା ଓ ଉତ୍କର୍ଷକୁ ମୂଲ୍ୟ ଦିଅନ୍ତି। ଜୟଆଲୁକ୍କାସ ଗ୍ରୁପର ଅଧ୍ୟକ୍ଷ ଡ. ଜୟଆଲୁକ୍କାସ କହିଛନ୍ତି, ସାମନ୍ଥା ଆଧୁନିକ ମହିଳାଙ୍କର ଆତ୍ମବିଶ୍ୱାସ ଓ ଶୈଳୀକୁ ପ୍ରତିଫଳିତ କରନ୍ତି। ତାଙ୍କୁ ଆମ ପରିବାରରେ ସ୍ୱାଗତ କରି ଆମେ ଗର୍ବିତ। ସାମନ୍ଥା ଉତ୍ସାହ ପ୍ରକାଶ କରି କହିଛନ୍ତି, ଅଳଙ୍କାର ମୋ ପାଇଁ ବ୍ୟକ୍ତିଗତ ଅଭିବ୍ୟକ୍ତିର ଏକ ମାଧ୍ୟମ। ଜୟଆଲୁକ୍କାସର ସୌନ୍ଦର୍ଯ୍ୟ ଓ କାରିଗରି ମୋତେ ମୁଗ୍ଧ କରିଛି। ଏହା ସହ ଜଡ଼ିତ ହେବା ମୋ ପାଇଁ ଗୌରବର ବିଷୟ। ଜୟଆଲୁକ୍କାସର ସୂଚନାନୁସାରେ ଖୁବ୍ ଶୀଘ୍ର ଏକ ବିଶ୍ୱବ୍ୟାପୀ ଅଭିଯାନ ଆରମ୍ଭ ହେବ, ଯେଉଁଥିରେ ସାମନ୍ଥା ଓ କାଜଲ ଜୟଆଲୁକ୍କାସର ଅଳଙ୍କାରର ସୌନ୍ଦର୍ଯ୍ୟକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶନ କରିବେ।

# ଏଆଇବିଓସିର ୪୧ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)




ଅଖିଳ ଭାରତୀୟ ବ୍ୟାଙ୍କ ଅଧିକାରୀ ସଂଘ (ଏଆଇବିଓସି) ଓଡ଼ିଶା ଶାଖା ପକ୍ଷରୁ ଏହାର ୪୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱର ଖାରବେଳନଗରସ୍ଥିତ ପିଏନବି ଜୋନାଲ ଅଫିସ ପରିସରରେ ଏଆଇବିଓସି ଧ୍ୱଜାରୋହଣ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ରାଜ୍ୟ ସଭାପତି ତ୍ରୈଲୋଚନ ସାହୁ, ସଚିବ ଅମିତାଭ ଦାସ, ୟୁନିୟନ ବ୍ୟାଙ୍କର ସାଧାରଣ ସଚିବ ଗୌରୀଶଙ୍କର ଚୌଧୁରୀ, ସ୍ନେହାଶିଷ ଘଡ଼େଇ, ସୁକାନ୍ତ ଛାଟୋଇ, ସୌମେନ୍ଦ୍ର ସାହୁ ଓ ବିଭିନ୍ନ ବ୍ୟାଙ୍କ ପଦାଧିକାରୀ ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ସମସ୍ତେ ମିଶି ଏଆଇବିଓସିର ୧୯୮୪ରୁ ବର୍ତ୍ତମାନ ପର୍ଯ୍ୟନ୍ତର ଯାତ୍ରାକୁ ସ୍ମରଣ କରିଥିଲେ। ରାଜ୍ୟ ସଚିବ ତାଙ୍କ ଉଦ୍‌ବୋଧନରେ ଏଆଇବିଓସିର ସ୍ଥାପକ ନେତାମାନଙ୍କୁ ସ୍ମରଣ କରି ବର୍ତ୍ତମାନର ଅର୍ଥନୈତିକ ପରିବର୍ତ୍ତନ, ବ୍ୟାଙ୍କର ଘରୋଇକରଣ, ଆଉଟସୋର୍ସିଂ ଓ ଡିଜିଟାଲ ରୂପାନ୍ତରଣ ଭଳି ଚ୍ୟାଲେଞ୍ଜ ମଧ୍ୟରେ ଅଫିସରମାନଙ୍କ ଅଧିକାର ଓ ସମ୍ମାନ ରକ୍ଷା ପାଇଁ ଏକତା ଓ ସଚେତନତା ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ। ସାମାଜିକ ଓ ପରିବେଶୀୟ ଦାୟିତ୍ୱର ପ୍ରତୀକ ଭାବେ ଏହି ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଆଗାମୀ ଦିନରେ ରଚନା ଓ ବିତର୍କ ପ୍ରତିଯୋଗିତା ସହିତ ଏକ ୱାକାଥନ ଅନୁଷ୍ଠିତ ହେବ ବୋଲି ଏଆଇବିଓସି ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ପ୍ରତିଯୋଗିତାର ବିଷୟ ହେବ ରାଷ୍ଟ୍ର ଗଠନରେ ବ୍ୟାଙ୍କ ଅଫିସରମାନଙ୍କ ଭୂମିକା, ଆଧୁନିକ ବ୍ୟାଙ୍କିଙ୍ଗରେ ନୈତିକତା, ସ୍ଥାୟୀ ଅର୍ଥନୀତି ଓ ସାମାଜିକ ଦାୟିତ୍ୱ। ୱାକାଥନ ମାଧ୍ୟମରେ ସୁସ୍ଥ ଜୀବନ, ଏକତା ଓ ବ୍ୟାଙ୍କ ଅଫିସରମାନଙ୍କ ଦେଶ ଗଠନରେ ଭୂମିକା ବିଷୟରେ ସଚେତନତା ସୃଷ୍ଟି କରାଯିବ।

# ସୌମିତ୍ର ପି. ଶ୍ରୀବାସ୍ତବ ହେଲେ ଇଣ୍ଡିଆନ୍ ଅଏଲ ବିପଣନ ବିଭାଗ ନିର୍ଦ୍ଦେଶକ

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)



ସୌମିତ୍ର ପି. ଶ୍ରୀବାସ୍ତବ ଭାରତୀୟ ତୈଳ ନିଗମ (ଇଣ୍ଡିଆନ୍ ଅଏଲ)ର ନିର୍ଦ୍ଦେଶକ (ବିପଣନ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତିନି ଦଶନ୍ଧିରୁ ଅଧିକ ସମୟ ଧରି ଏହି ନିଗମରେ କାର୍ଯ୍ୟ କରି ସେ ଏକ ଉଲ୍ଲେଖନୀୟ କ୍ୟାରିଅର ଗଢ଼ିଛନ୍ତି। ଆଇଆଇଟି ରୁଡ଼କୀରୁ ସିଭିଲ ଇଞ୍ଜିନିୟରିଂରେ ସ୍ନାତକ ଏବଂ ମୁମ୍ବାଇର ଏସ୍‌ପି ଜୈନ ଇନ୍‌ଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଆଣ୍ଡ ରିସର୍ଚ୍ଚରୁ ଏକ୍ସିକ୍ୟୁଟିଭ ଏମ୍‌ବିଏ ଡିଗ୍ରୀ ହାସଲ କରିଥିବା ଶ୍ରୀବାସ୍ତବ ବିପଣନ, ରଣନୀତି ଏବଂ ଡାଉନଷ୍ଟ୍ରିମ ଅପରେସନ୍ସରେ ବିଶେଷ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ଏଲ୍‌ପିଜି ବ୍ୟବସାୟରେ ୪ ବର୍ଷ କାର୍ଯ୍ୟ କରିଥିଲେ। ପରେ ସେ ବିକ୍ରୟ ବିଭାଗରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଦାୟିତ୍ୱ ନିର୍ବାହ କରିଛନ୍ତି। ସେ ନନ୍-ଫୁଏଲ କନଭେନିଏନ୍ସ ଷ୍ଟୋର୍ସ ଏବଂ ଧ୍ରୁବ - ରିଟେଲ ଟ୍ରାନ୍ସଫର୍ମେଶନ ପ୍ରୋଜେକ୍ଟ ଭଳି ପ୍ରକଳ୍ପଗୁଡ଼ିକର ନେତୃତ୍ୱ ନେଇଛନ୍ତି। ଏହାସହ ଅନେକ ପ୍ରଯୁକ୍ତିବିଦ୍ୟା ଓ ଡିଜିଟାଲାଇଜେଶନ ପଦକ୍ଷେପରେ ମଧ୍ୟ ସେ ନେତୃତ୍ୱ ଦେଇଛନ୍ତି। ଉତ୍ତର ଓ ପୂର୍ବ ଭାରତର ରିଟେଲ ବ୍ୟବସାୟର ମୁଖ୍ୟ ଏବଂ ରିଟେଲ ଟ୍ରାନ୍ସଫର୍ମେଶନ ଗ୍ରୁପର ମୁଖ୍ୟ ଭାବେ କାର୍ଯ୍ୟ କରିବା ସହ ସେ ନୂଆଦିଲ୍ଲୀ ଓ ମୁମ୍ବାଇରେ ଡିଭିଜନାଲ ଅଫିସରେ ମୁଖ୍ୟ ଭୂମିକା ତୁଲାଇଛନ୍ତି। ପଶ୍ଚିମ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡରେ ବିକ୍ରୟ କାର୍ଯ୍ୟ ଓ ମହାରାଷ୍ଟ୍ର ଓ ଗୋଆର ରାଜ୍ୟ ମୁଖ୍ୟ ଭାବେ ସେ ସମସ୍ତ ପ୍ରମୁଖ ଉତ୍ପାଦ ଓ ବ୍ୟବସାୟର ପରିଚାଳନା କରିଥିଲେ। ନିକଟରେ ସେ କର୍ପୋରେଟ ରଣନୀତିର ଏକ୍ସିକ୍ୟୁଟିଭ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଗ୍ରାହକ ସନ୍ତୁଷ୍ଟି ବୃଦ୍ଧି ଓ ଅପରେସନ୍ସରେ ଦକ୍ଷତା ଆଣିବା ପାଇଁ ରଣନୀତିକ ପଦକ୍ଷେପ ଗ୍ରହଣ କରିଥିଲେ।

# ଡିଜିଟାଲ ଭିତ୍ତିଭୂମି ସୁଦୃଢ଼ କରିବ ରେଳପଥ ସୁରକ୍ଷା ଅପରେଶନ ସେଣ୍ଟର

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)

## ଏୟାରଟେଲ ବିଜନେସ ସହ ଚୁକ୍ତି

ଏୟାରଟେଲ ବିଜନେସ ଭାରତୀୟ ରେଳପଥ ସୁରକ୍ଷା ଅପରେସନ ସେଣ୍ଟର (ଆଇଆରଏସଓସି) ପାଇଁ ବହୁବର୍ଷିଆ ଚୁକ୍ତି ହାସଲ କରିଛି। ଏହା ଅଧୀନରେ ଏୟାରଟେଲ ଭାରତୀୟ ରେଳପଥର ଡିଜିଟାଲ ଭିତ୍ତିଭୂମିକୁ ସୁରକ୍ଷିତ ରଖିବା ପାଇଁ ୨୪ଘଣ୍ଟିଆ ସାଇବର ସୁରକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରିବ। ଭାରତୀୟ ରେଳପଥ ପ୍ରତିଦିନ ୧୩,୦୦୦ ଟ୍ରେନ ଚଳାଇ ୨ କୋଟିରୁ ଅଧିକ ଯାତ୍ରୀଙ୍କୁ ସେବା ଦେଇଥାଏ ଓ ଲକ୍ଷାଧିକ ଡିଜିଟାଲ କାରବାର ପରିଚାଳନା କରିଥାଏ। ଏୟାରଟେଲ ରେଳବାଇର ଟିକେଟ, ପେମେଣ୍ଟ, ଟ୍ରେନ ଟ୍ରାକିଂ ଓ ମାଲପରିବହନ ଭଳି ଗୁରୁତ୍ୱପୂର୍ଣ୍ଣ ଡାଟାକୁ ସୁରକ୍ଷିତ ରଖିବ। ଏହା ୧୬୦,୦୦୦ କର୍ମଚାରୀ ଓ ୨୬ଟି ଅଞ୍ଚଳରେ ଥିବା ଡିଜିଟାଲ କାର୍ଯ୍ୟକୁ ସୁନିଶ୍ଚିତ କରିବ। ଏୟାରଟେଲ ଏଆଇ-ଆଧାରିତ ସୁରକ୍ଷା ବ୍ୟବସ୍ଥା ଓ ମେକ ଇନ ଇଣ୍ଡିଆ ପ୍ରଯୁକ୍ତି ବ୍ୟବହାର କରି ସାଇବର ଆକ୍ରମଣରୁ ରକ୍ଷା କରିବ। ଏହା ରିଅଲ-ଟାଇମ ମନିଟରିଂ, ଏଣ୍ଡପଏଣ୍ଟ ସୁରକ୍ଷା, ଭଲନେରାବିଲିଟି ମ୍ୟାନେଜମେଣ୍ଟ ଓ ନେଟୱାର୍କ ସୁରକ୍ଷା ଯୋଗାଇବ। ଏୟାରଟେଲ ବିଜନେଶ୍‌ର ସିଇଓ ଶରତ ସିହ୍ନା କହିଛନ୍ତି, ଆମେ ରେଳପଥ ଜଟିଳ ଡିଜିଟାଲ ଭିତ୍ତିଭୂମିକୁ ସୁରକ୍ଷିତ କରିବା ପାଇଁ ଗର୍ବିତ। ଆମର ସୁରକ୍ଷା ବ୍ୟବସ୍ଥା ଯାତ୍ରୀଙ୍କ ପାଇଁ ନିରାପଦ ଓ ନିରବଚ୍ଛିନ୍ନ ସେବା ନିଶ୍ଚିତ କରିବ। ରେଳପଥ ବୋର୍ଡର ଇଡିଆଇପି ଦିଲୀପ କୁମାର କହିଛନ୍ତି, ଆଇଆରଏସଓସି ରେଳପଥ ସମ୍ପତ୍ତିର ନିରନ୍ତର ନିରୀକ୍ଷଣ ଓ ସାଇବର ସୁରକ୍ଷା ନିଶ୍ଚିତ କରିବ, ଯାହା ଯାତ୍ରୀ ସେବାକୁ ଉନ୍ନତ କରିବ।




ଧ-୨୧୯୩


# ରେଳ ଦୁର୍ଘଟଣା ବେଳେ ଏକାଠି କାର୍ଯ୍ୟ କରିବେ ୩ ସଂସ୍ଥା

ଭୁବନେଶ୍ୱର,୬।୧୦

ରେଳ ଚଳାଚଳ ସମ୍ବନ୍ଧିତ ବିପଦ ତଥା ଦୁର୍ଘଟଣାର ମୁକାବିଲା ଏବଂ ଗୋଲଡେନ ଆୱାରକୁ ଉପଯୋଗ କରିବା ପାଇଁ ଆରପିଏଫ୍, ଏନଡିଆରଏଫ୍ ଏବଂ ବେଙ୍ଗାଲୁରୁ ଆଇଆର୍‌ଆଇଡିଏମ୍ ଏକାଠି କାର୍ଯ୍ୟ କରିବେ। ଏଥିପାଇଁ ୩ ସଂସ୍ଥା ମଧ୍ୟରେ ତ୍ରିପାକ୍ଷିକ ବୁଝାମଣାପତ୍ର ନୂଆଦିଲ୍ଲୀର ରେଳ ଭବନର ପଞ୍ଚବଟୀ ସମ୍ମିଳନୀ କକ୍ଷରେ ସ୍ୱାକ୍ଷରିତ ହୋଇଯାଇଛି। ଆରପିଏଫ୍ ପକ୍ଷରୁ ମହାନିରୀକ୍ଷକ (ପ୍ରଶିକ୍ଷଣ) ବି. ଭି. ରାଓ, ଏନ୍‌ଡିଆରଏଫ୍ ପକ୍ଷରୁ ମହାନିରୀକ୍ଷକ ନରେନ୍ଦ୍ର ସିଂହ ବୁନ୍ଦେଲା ଏବଂ ଆଇଆରଆଇଡିଏମ ପକ୍ଷରୁ ନିର୍ଦ୍ଦେଶକ ଶ୍ରୀନିବାସ ଏହି ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ରେଳ ବୋର୍ଡର ସଦସ୍ୟ (ଟ୍ରାକ୍ସନ ଏବଂ ରୋଲିଂ ଷ୍ଟକ) ଆର୍. ରାଜଗୋପାଳ, ମହାନିର୍ଦ୍ଦେଶକ (ମାନବ ସମ୍ବଳ) ଅରୁଣା ନାୟର, ମହାନିର୍ଦ୍ଦେଶକ (ଏନଡିଆରଏଫ୍) ପୀୟୂଷ ଆନନ୍ଦ, ମହାନିର୍ଦ୍ଦେଶକ (ଆରପିଏଫ୍) ସୋନାଲୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ସହଯୋଗ ରେଳ ଦୁର୍ଘଟଣା ସମୟରେ ଏକୀକୃତ ରିଲିଫ ଅପରେଶନ ଏବଂ କ୍ଷମତା ନିର୍ମାଣ ପାଇଁ ସ୍ପଷ୍ଟ ସଂସ୍ଥାଗତ ଢାଞ୍ଚା ସ୍ଥାପନ କରିବ। ଦୁର୍ଘଟଣା ପରେ ପ୍ରଥମ ଘଣ୍ଟା ଅର୍ଥାତ୍ ଗୋଲଡେନ ଆୱାର୍‌ରେ ଜୀବନ ବଞ୍ଚାଇବାର ସୁଯୋଗ ସର୍ବାଧିକ ଥିବାରୁ ଏହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସୋନାଲୀ ମିଶ୍ର କହିଛନ୍ତ, ସମସ୍ତ ହିତାଧିକାରୀଙ୍କ ମଧ୍ୟରେ ପ୍ରଭାବଶାଳୀ ସହଯୋଗ ଏବଂ ସମନ୍ୱୟ ଆବଶ୍ୟକ ଏବଂ ଏହି ପ୍ରସଙ୍ଗରେ ମାନକ ଅପରେଟିଂ ପ୍ରକ୍ରିୟା ପ୍ରସ୍ତୁତ କରାଯିବା ଉଚିତ।




# Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296.
D-1942

Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call-9861642492.
D-2018

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

5000 sqft plot(bounded) for sale in Sambalpur town near Jail Khana Chowk. with 3-storey building. Site excellent for commercial venture. Call- 7978499399/ 7978038331.
D-76078

**Duplex sale near Aiims Hospital, Patrapada, Bhubaneswar. Gated Society: 9777433701.** D-03




The massage felt totally professional & comfortable at all times-7978109255.
D-76495

## AFFIDAVIT

By virtue of an affidavit sworn before the Notary Public, Dharmasala on dated- 23.05.2025, I, Sanjay Kumar Sahoo son of Ajaya Kumar Sahoo permanent resident of Vill- Purushottampur, P.O.- Sisua, P.S.- Salepur, Dist.- Cuttack, Odisha PIN- 754202 declare that I have changed my old name Sanjaya Kumar Sahoo to new name Sanjay Kumar Sahoo. Henceforth, I shall be known as Sanjay Kumar Sahoo for all purposes.
Sanjay Kumar Sahoo
D-2197

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Balasore, dated- 22.09.25, I, Sabitri Sahu, Address: At- Dalingia, P.O.- Jirital, P.S.- Khantapada, Dist.- Balasore State- Odisha, PIN- 756043 declare that I have changed my name from Kantare Sahu to Sabitri Sahu,. Henceforth, I shall be known as Sabitri Sahu for all puposes.
Sabitri Sahu.
D-2198

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମହକୁମେ, ବରିଷ୍ଠ ଦେୱାନୀ ବିଚାରପତିଙ୍କ ଅଦାଲତ, କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର
Order 5 Rule 20 C.P.C.
Execution No. 01/ 2015

ନୀଳମଣୀ ପଟେଲ .....ବାଦୀ
ବନାମ
ବାବଲି ଗୁପ୍ତା ଓ ମୁନି ଗୁମ୍ପା ...... ପ୍ରତିବାଦୀ

ପ୍ରାୟେଷୁ,
ପ୍ରତିବାଦୀ ନଂ. ୧ (ଡି)- ବାବଲି ଗୁପ୍ତା, ପିତା- ସ୍ୱର୍ଗତ ରାମ ପ୍ରସାଦ ଗୁପ୍ତା, ବୟସ ୩୨ ବର୍ଷ, ପ୍ରତିବାଦୀ ନଂ. ୧ (ଇ) ମୁନି ଗୁପ୍ତା, ପିତା- ସ୍ୱର୍ଗତ ରାମ ପ୍ରସାଦ ଗୁପ୍ତା, ବୟସ ୨୮ ବର୍ଷ, ଉଭୟ ନିବାସୀ- କୁଚିଣ୍ଡା ଏନ୍.ଏ.ସି. ୱାର୍ଡ ନଂ. ୦୭, (ବାଇପାସ୍ ରୋଡ), ପୋ.ଅ./ ଥାନା/ ତହସିଲ- କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର ।

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନୀଳମଣୀ ପଟେଲ, ପିତା- ସ୍ୱର୍ଗତ ମନବୋଧ ପଟେଲ, ନିବାସୀ/ପୋ.ଅ.- ଟାଇଁସର, ଥାନା- ମହୁଲପାଲି, ତହସିଲ- କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର । ତୁମ୍ଭମାନଙ୍କ ନାମରେ ଉପରୋକ୍ତ ବିଚାରାଳୟରେ କୁଚିଣ୍ଡା ଟାଉନ ମୌଜା ସ୍ଥିତ ଖାତା ନଂ. ୪୦୪/୪୦୪, ପ୍ଲଟ୍ ନଂ. ୧୭୧୦ ରକବା ଏ. ୦.୦୫ଡି, ପ୍ଲଟ୍ ନଂ. ୧୭୧୧ ରକବା ଏ. ୦.୦୩ଡି ଜମି ସଂକ୍ରାନ୍ତୀୟ ମୋକଦ୍ଦମା ଦାଏର କରିଛନ୍ତି । ତୁମ୍ଭ ପାଖକୁ ଅଦାଲତ ତରଫରୁ ଡାକ ଯୋଗେ ନୋଟିସ ଯାଉଥିଲେ ସୁଦ୍ଧା ତୁମ୍ଭେ ଜାଣି ଶୁଣି ଗ୍ରହଣ ନ କରି ଅଗ୍ରାହ୍ୟ କରିବାର ପ୍ରତୀତ ହେଉଅଛି ।

ଏଣୁ ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାର ପରବର୍ତ୍ତୀ ତାରିଖ ଆସନ୍ତା ତା. ୧୦।୧୦।୨୦୨୫, ରିଖ ସମୟ ୧୦.୦୦ଘଣ୍ଟା ଧାର୍ଯ୍ୟ କରାଯାଇଛି । ଉକ୍ତ ତାରିଖ ଓ ସମୟ ମତେ ତୁମ୍ଭେ ନିଜେ କିମ୍ବା ତୁମ୍ଭ ଓକିଲଙ୍କ ଜରିଆରେ ହାଜର ହୋଇ ମୋକଦ୍ଦମା ବିଷୟରେ ଲିଖିତ ଭାବରେ ଜଣାଇବ ନଚେତ୍ ମୋକଦ୍ଦମାଟି ତୁମ୍ଭ ଅନୁପସ୍ଥିତିରେ ଏକତରଫା ଭାବରେ ବିଚାର କରାଯିବ ।

ବରିଷ୍ଠ ଦେୱାନୀ ବିଚାରପତି, କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର
ଧ-୨୧୯୪

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ପ୍ରଫୁଲ୍ଲ କୁମାର ପଣ୍ଡା
ଆବିର୍ଭାବ - ୨୭/୧୧/୧୯୫୫
ତିରୋଧାନ - ୧୮/୧୦/୨୦୨୪
ଜଟଣୀ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ : ପରିବାରବର୍ଗ
ଧ-୨୧୯୩

# କିପରି ଚିହ୍ନିବେ ନକଲି ମସଲା



**ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ମସଲାରେ ମଧ୍ୟ ଅପମିଶ୍ରଣ କରାଯାଉଛି, ଯାହା ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ତେଣୁ ନକଲି ମସଲା କିପରି ଚିହ୍ନିବେ ଜାଣିରଖନ୍ତୁ କେତୋଟି ସହଜ ଉପାୟ...**

★ ଯଦି ପ୍ୟାକେଟ୍ ନ ଆଣି ଖୋଲାରେ ଲଙ୍କାଗୁଣ୍ଡ ଆଣିଛନ୍ତି ତେବେ ତାହା ଅସଲି କି ନୁହେଁ ଜାଣିବା ଲାଗି ଏକ ଗ୍ଲାସ୍ ପାଣି ନିଅନ୍ତୁ। ସେଥିରେ ୧ ଚାମଚ ଲଙ୍କାଗୁଣ୍ଡ ପକାନ୍ତୁ। ଯଦି ତାହା ତୁରନ୍ତ ପାଣିରେ ଗ୍ଲାସ୍‌ର ତଳ ଭାଗକୁ ବସିଯାଉଛି ତେବେ ତାହା ନକଲି। କାରଣ ଅସଲି ଲଙ୍କାଗୁଣ୍ଡ କିଛି ସମୟ ପାଣିରେ ଭାସିବା ପରେ ଧୀରେ ଧୀରେ ତଳକୁ ବସିଥାଏ।

★ ଠିକ୍ ସେହିପରି ହଳଦୀଗୁଣ୍ଡ ଅସଲି କି ନକଲି ଯାଞ୍ଚ କରିପାରିବେ। ୧ କାଚ ଗ୍ଲାସ୍‌ରେ ପାଣି ନିଅନ୍ତୁ ଏବଂ ସେଥିରେ ୧ ଚାମଚ ହଳଦୀଗୁଣ୍ଡ ପକାନ୍ତୁ। ଯଦି ହଳଦୀଗୁଣ୍ଡ କିଛି ସମୟ ଭାସି ଧୀରେ ଧୀରେ ତଳକୁ ଯିବ ଏବଂ ପାଣି ଫିକା ହଳଦୀ ରଙ୍ଗ ଦେଖାଯିବ ତେବେ ତାହା ଅସଲି ବୋଲି ଜାଣିବେ। ଯଦି ପାଣିରେ ପକାଇବା ମାତ୍ରେ ହଳଦୀଗୁଣ୍ଡ ତଳକୁ ବସିଯିବ ଏବଂ ପାଣିର ରଙ୍ଗ ଗାଢ଼ ହଳଦିଆ ଦିଶିବ ତେବେ ତାହା ନକଲି।

★ ଖରାପ ଜିରା ଉପରେ ରଙ୍ଗ କିମ୍ବା ପ୍ରିଜର୍ଭେଟିଭ ଭଳି ଜିନିଷ ମିଶାଯାଇ ଅଧିକ ଦିନ ରଖାଯାଉଛି। ତେଣୁ ଜିରାରେ ମିଶ୍ରଣ ଅଛି କି ନାହିଁ ଜାଣିବା ପାଇଁ କିଛି ଜିରା ନେଇ ଦୁଇ ହାତରେ ରଗଡ଼ନ୍ତୁ, ଯଦି ତାହା ସେହିପରି ରହିବ ଏବଂ ପାପୁଲିରେ କିଛି ନ ଲାଗିବ ତେବେ ତାହା ଅସଲି। ହେଲେ ଯଦି ପାପୁଲିରେ କଳା କିମ୍ବା ମାଟିଆ ରଙ୍ଗର ଧୂଳି ଲାଗିବ ତେବେ ତାହା ନକଲି।

★ ଏକ ଗିନାରେ ପାଣି ନେଇ ଗୋଲମରିଚ ଗୁଣ୍ଡ ପକାନ୍ତୁ। ଅସଲି ଗୋଲମିରିଚ ପାଣିରେ ବୁଡ଼ିଯାଉଥିବା ବେଳେ ନକଲି ପାଣିରେ ଭାସିବ।

★ ଗ୍ୟାସ୍ ଚୁଲା ଅନ୍ କରି ଏହି ଚାମଚ ଦେଖାନ୍ତୁ। ଯଦି ନିଆଁ ସଂସ୍ପର୍ଶରେ ଆସୁ ଆସୁ ଚାମଚରେ ଥିବା ହେଙ୍ଗୁ ଜଳିଯାଏ ତେବେ ଜାଣିବେ ଏହା ଅସଲି ଏବଂ ଠିକ୍ ଭାବେ ନ ଜଳିଲେ ଜାଣିବେ ତାହା ନକଲି।

# ତ୍ୱଚାର ଶତ୍ରୁ ଆଲ୍‌କହଲ୍



**ଅଧିକାଂଶ ମହିଳା ଆଲକହଲ୍ ପିଉଥିବା ଦେଖିବାକୁ ମିଳୁଛି। ହେଲେ ଆପଣ ଜାଣନ୍ତି କି ଏହା ନା କେବଳ କ୍ୟାନ୍‌ସର, ହୃଦ୍‌ରୋଗ ଏବଂ ଅନ୍ୟାନ୍ୟ ଘାତକ ରୋଗର ଆଶଙ୍କା ବୃଦ୍ଧି କରିଥାଏ ବରଂ ତ୍ୱଚା ପାଇଁ ମଧ୍ୟ ଏହା କ୍ଷତିକାରକ...**

❖ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ ଆଲ୍‌କହଲ୍ ଶରୀର ପାଇଁ କ୍ଷତିକାରକ। ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଫଳରେ ତ୍ୱଚା କୁଣ୍ଡେଇହେବା, ଆଲର୍ଜି ଭଳି ସମସ୍ୟା ଦେଖାଦେଇଥାଏ। ଏହା ଡ୍ରାଏ ସ୍କିନ୍ ସମସ୍ୟା ସହ ଆଖି ଲାଲ୍ ପଡ଼ିବା ଏବଂ ଓଠ ଫାଟିବା ସମସ୍ୟାର ମୂଳ କାରଣ ସାଜିଥାଏ।

❖ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ମୁତାବକ ଦିନରେ ୧ ପେଗ୍‌ରୁ ଅଧିକ ଆଲ୍‌କହଲ୍ ପିଉଥିବା ମହିଳାଙ୍କ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଫଳରେ ତ୍ୱଚାରେ ସହଜରେ ବିଭିନ୍ନ ରୋଗ ସଂକ୍ରମଣ ହୋଇଥାଏ। କେବଳ ଏତିକି ନୁହେଁ, ଏମାନଙ୍କ ତ୍ୱଚା ଅଧିକ ସମ୍ବେଦନଶୀଳ (ସେନ୍‌ସିଟିଭ୍) ଥିବାରୁ କ୍ୟାନ୍‌ସର ଆଶଙ୍କା ବଢ଼ିଯାଏ।

❖ଆଲ୍‌କହଲ୍ ପିଇବା ଯୋଗୁ ଅନେକଙ୍କଠାରେ ନିଦ୍ରାହୀନତା ଦେଖାଯାଏ। ତ୍ୱଚାରେ ଲାଲ୍ ହୋଇ ଫଳିଯିବା, ଆଖିତଳ କଳା ପଡ଼ିବା, ମୁହଁ ଫୁଲିଯିବା ଭଳି ଲକ୍ଷଣ ଦେଖାଦିଏ।

❖ଏମାନଙ୍କଠାରେ ଅଧିକାଂଶ ସମୟରେ ହାଇବ୍ଲଡ୍‌ପ୍ରେସର ଏବଂ ନିଦ୍ରାହୀନତା ସମସ୍ୟା ଦେଖାଦେଇଥାଏ। କମ୍ ଶୋଇବା କାରଣରୁ ଆଖିତଳେ ଡାର୍କ ସର୍କଲ, ଏଜ୍ ଲାଇନ, ରିଙ୍କଲ୍ ମାର୍କ, ସ୍କିନ୍ ଟୋନ୍ ଡାର୍କ ହେବା ଭଳି ସମସ୍ୟା ଦେଖାଦିଏ।

❖ଆଲ୍‌କହଲ୍ ଶରୀରରେ ଅଧିକ ହିଷ୍ଟାମାଇନ୍ ନିର୍ଗତ କରିଥାଏ। ତେଣୁ ତ୍ୱଚାର ତଳଭାଗରେ ଥିବା ବ୍ଲଡ୍ ଭେଜେଲ୍ ଫୁଲିଯାଇଥାଏ। ଫଳରେ ମୁହଁ ଓ ପୂରା ଶରୀର ମୋଟା ଦେଖାଯାଏ।

# ନିଶାରୁ ପେସା





**ପାଠ ପଢ଼ି ଭଲ ଚାକିରିଟିଏ କରି ଆତ୍ମନିର୍ଭରଶୀଳ ହେବାକୁ କେଉଁ ମହିଳା ବା ନ ଚାହାନ୍ତି। ଆଉ ଏଥିରେ କୃତକାର୍ଯ୍ୟ ହେଲେ ଖୁସି ବି ଲାଗେ। ତଥାପି କେବେ କେବେ ମନରେ ନିଜ ରୁଚିକୁ ନେଇ ରହିଯାଏ ଅବସୋସ। ଆଉ ଏମିତିରେ ଯଦି ନିଜ ନିଶାକୁ ନେଇ ସଫଳ କ୍ୟାରିୟର ଗଢ଼ିବାର ସୁଯୋଗ ମିଳିଯାଏ, ତେବେ ଖୁସି ଦ୍ୱିଗୁଣିତ ହୋଇଯାଏ...**

ଚାକିରି ହେଉ ଅବା ବ୍ୟବସାୟ କିମ୍ବା ଅନ୍ୟ କ୍ଷେତ୍ରରେ ରୋଜଗାରକ୍ଷମ ହୋଇପାରିଲେ ଏହା ମହିଳାମାନଙ୍କୁ ଅଧିକ ଉତ୍ସାହିତ କରିଥାଏ। ଆଉ ଏମିତିରେ ସେହି ପେସା ଯଦି ତାଙ୍କ ନିଶା ମଧ୍ୟ ହୋଇଥାଏ ତେବେ ଏହା ସେମାନଙ୍କୁ ଅଧିକ ଉର୍ଜାବାନ୍ ଓ ସୁଦୃଢ଼ କରିଥାଏ। ତେବେ ବର୍ତ୍ତମାନ ନିଜ ରୁଚିକୁ ଏକ ସଫଳ କ୍ୟାରିୟର ଅପ୍ସନ ଭାବେ ବାଛିବା ଲାଗି ଭରପୂର ସୁଯୋଗ ରହିଛି। ତେଣୁ ଡ୍ରଇଂ, ରାଇଟିଂ, କୁକିଂ, ଫ୍ୟାଶନ ଡିଜାଇନିଂ, ଆକ୍ଟିଂ, ଡ୍ୟାନ୍ସିଂ, ଫଟୋଗ୍ରାଫି ଭଳି ରୁଚିଥିବା ଯେକୌଣସି ସଫଳତା ହାସଲ କରିପାରିବେ। ହେଲେ ଏଥିପାଇଁ ଯଥେଷ୍ଟ ନିଷ୍ଠା, ସାଧନା ସହ କେତେକ ଦିଗ ପ୍ରତି ବିଶେଷ ଦୃଷ୍ଟିଦେବା ଆବଶ୍ୟକ...

**ନିଜ ଦକ୍ଷତା ଜାଣିବା ସହ ପରାମର୍ଶ ଜରୁରୀ:** ଅନେକଙ୍କର ନାଚ, ଗୀତ, ପେଣ୍ଟିଂ, ଫଟୋଗ୍ରାଫି, କୁକିଂ ଭଳି ବିଭିନ୍ନ କ୍ଷେତ୍ରରେ ରୁଚିଥାଏ। କେହି କେହି ଏ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଇଚ୍ଛା ମଧ୍ୟ କରନ୍ତି। ହେଲେ ସେଥିରେ ସଫଳ ହେବେ କି ନାହିଁ ଦ୍ୱନ୍ଦ୍ୱରେ ପଡ଼ନ୍ତି। ଏଥିପାଇଁ ପ୍ରଥମେ ନିଜେ ଏ ଦିଗରେ କେତେ ଦକ୍ଷ ତାହା ଜାଣିବାକୁ ଚେଷ୍ଟା କରନ୍ତୁ। ମା'ବାପା କିମ୍ବା ଅନ୍ୟ ଗୁରୁଜନ ଓ ବନ୍ଧୁଙ୍କ ସହ ଆଲୋଚନା କରନ୍ତୁ। ଆବଶ୍ୟକସ୍ଥଳେ କୌଣସି ଏକ୍ସପର୍ଟ କିମ୍ବା କ୍ୟାରିୟର କାଉନ୍‌ସିଲରଙ୍କ ପରାମର୍ଶ ନେଲେ ଉପକୃତ ହୋଇପାରିବେ।

**ରିସର୍ଚ୍ଚ କରିବା ଆବଶ୍ୟକ:** ଆପଣ ଯଦି ପ୍ରଫେଶନ ଭାବେ ନିଜ ପ୍ୟାଶନକୁ ବାଛିବାକୁ ଚାହାନ୍ତି ତେବେ ପ୍ରଥମେ ଏହାର ମାର୍କେଟ୍‌ରେ ଡିମାଣ୍ଡ କେତେ, ଏଥିରେ କ୍ୟାରିୟର ଏବଂ ରୋଜଗାର ଅପ୍ସନ କ'ଣ, ଭଲ ଭାବେ ରିସର୍ଚ୍ଚ କରନ୍ତୁ। କେଉଁମାନେ ପୂର୍ବରୁ ଏ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ଏବଂ ଏହା ପାର୍ଟଟାଇମ୍ ନା ଫୁଲ୍‌ଟାଇମ୍ ଭଲ ଭାବେ ବୁଝିନିଅନ୍ତୁ। କାରଣ କ୍ୟାରିୟରକୁ ନେଇ କୌଣସି ନିଷ୍ପତ୍ତିନେବା ପୂର୍ବରୁ ରିସର୍ଚ୍ଚ କରିନେଲେ ଆପଣଙ୍କୁ ଆଗକୁ ବଢ଼ିବା ଏବଂ ସଫଳତା ହାସଲକରିବା ସହଜ ହୋଇପାରିବ।

**ସ୍କିଲ୍ ଡେଭେଲପ୍ କରନ୍ତୁ:** କେହି କୁକିଂ ଭିଡିଓ କରି ଅବା କେହି ଫାଶନ ଡିଜାଇନିଂ କିମ୍ବା ପେଣ୍ଟିଂ ଆଦି କରି ବେଶ୍ ଭଲ ରୋଜଗାର କରୁଥିବା ଦେଖିଲେ କେତେଜଣ ମହିଳା ସେଥିରେ ପ୍ରଭାବିତ ହୋଇ ଉକ୍ତ ପ୍ରଫେଶନକୁ ବାଛିନିଅନ୍ତି, ଯେଉଁଥିରେ ସେମାନଙ୍କର ରୁଚିଥାଏ ହେଲେ ଦକ୍ଷତା ନ ଥାଏ। ଏପରି ନ କରି ଯଦି ରୁଚିଥିବା କ୍ଷେତ୍ରକୁ କ୍ୟାରିୟର ଭାବେ ବାଛିବାକୁ ଚାହୁଁଛନ୍ତି, ତେବେ ଏ ଦିଗରେ ଦକ୍ଷତା ବୃଦ୍ଧି କରିବା ଦିଗରେ ଅଧିକ ଫୋକସ୍ କରନ୍ତୁ। ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ସ୍କିଲ୍ ଡେଭେଲପ୍‌ମେଣ୍ଟ ଶର୍ଟଟର୍ମ କୋର୍ସ ଉପଲବ୍ଧ। ତେଣୁ ଆପଣ ଶର୍ଟଟର୍ମ କୋର୍ସକରି ଅଧିକ ଉପକୃତ ହୋଇପାରିବେ।

**ମାନସିକ ସ୍ତରରେ ଦୃଢ଼ ହୁଅନ୍ତୁ:** ପ୍ରଥମେ ପ୍ରଥମେ ଯଦି କୌଣସି କାରଣରୁ ଅସଫଳ ହୁଅନ୍ତି ତେବେ ହାର୍ ନ ମାନି ନିଜକୁ ମାନସିକ ସ୍ତରରେ ସୁଦୃଢ଼ କରନ୍ତୁ। କାରଣ ବାରମ୍ବାର ଚେଷ୍ଟା କରିବା ଦ୍ୱାରା ହିଁ ସଫଳତାର ସ୍ୱାଦ ଚାଖିପାରିବେ। ତେଣୁ ଉଦ୍ୟମ ଜାରି ରଖିବା ନିହାତି ଜରୁରୀ।

**ଆରମ୍ଭ ଭଲ ହେବା ଦରକାର:** ନିଜକୁ ପୂର୍ବରୁ ଭଲ ଭାବେ ପ୍ରସ୍ତୁତ କରିନେଲେ କୌଣସି କାର୍ଯ୍ୟ ଆରମ୍ଭ କରିବା ବେଳେ ତାହା ଖୁବ୍ ଭଲ ହୋଇପାରିବ। ଦମ୍‌ଦାର ଆରମ୍ଭ ହିଁ ସବୁବେଳେ ଆପଣଙ୍କ କାମ ପ୍ରତି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ, ଯାହାକି ଆଗକୁ ବଢ଼ିବାର ମାର୍ଗ ସୁଗମ କରିଥାଏ।



## ଏମାନେ କ'ଣ କରନ୍ତି

### ନିଶାକୁ ପେଷା ଭାବେ ଗ୍ରହଣ କରି ଖୁସୀ



**ପ୍ରିୟଦର୍ଶିନୀ ଦାସ**(ପଟିଆ, ଭୁବନେଶ୍ୱର) – ପିଲାବେଳୁ ଆର୍ଟ ଆଉ କ୍ରାଫ୍ଟରେ ବହୁତ ଆଗ୍ରହ ଥିଲା। ବାଉଁଶ କଣି, ମାଟି, ପୁରୁଣା କପଡ଼ାରେ ଜୁଏଲାରୀ ତିଆରି କରୁଥିଲି। ସେ ସମୟରେ ମୋ ମାକୁ ଛାଡ଼ି ଆଉ କେହି ଏହାକୁ ସ୍ୱୀକାର କରୁନଥିଲେ। ମୁଁ ବି ଏହା ମୋର ପ୍ୟାଶନ ବୋଲି ଜାଣି ପାରୁନଥିଲି। ତଥାପି କିଏ ପସନ୍ଦ କରୁ ନ କରୁ ନିଜେ ତିଆରି କରି ସେ ସବୁକୁ ପିନ୍ଧେ। ଧିରେ ଧିରେ ଏହା ମୋର ନିଶାରେ ପରିଣତ ହେଲା। ଦୃଢ଼ ଇଚ୍ଛାଶକ୍ତି ବଳରେ ସଷ୍ଟେନେବଲ ଓ ଇକୋଫ୍ରେଣ୍ଡଲି ଜୁଏଲାରୀ ପ୍ରସ୍ତୁତ କରିବା ଲାଗି ଇକୋଦର୍ଶିନୀ ପ୍ରତିଷ୍ଠା କଲି। ଲୋକଙ୍କ ନେଗେଟିଭ ଫିଡବାକକୁ ଅଣଦେଖା କଲି ଏବଂ କେବଳ ପାଜିଟିଭ କଥାକୁ ଗ୍ରହଣ କରି ଆଗକୁ ବଢ଼ି ଆଜି ନିଜ ନିଶାକୁ ପେଶା ଭାବେ ଗ୍ରହଣ କରି ବହୁ ଖୁସି ଅଛି। ଏହି କାର୍ଯ୍ୟରେ ଅନେକଙ୍କୁ ନିୟୋଜିତ କରି ରୋଜଗାରକ୍ଷମ କରିପାରିଥିବାରୁ ଗର୍ବିତ।

### ଦୃଢ଼ ଇଚ୍ଛାଶକ୍ତି ଥିଲେ ସବୁ ସମ୍ଭବ



**ପ୍ରଜ୍ଞା ମିଶ୍ର** (ଫଟୋଗ୍ରାଫର, ପଟିଆ)– ନାରୀ ହେଉ ଅବା ପୁରୁଷ ମୋ ମତରେ ଜଣେ ଚାହିଁଲେ ଯେକୌଣସି କାର୍ଯ୍ୟ ହାସଲ କରିପାରିବେ। ସେଥିପାଇଁ ଆବଶ୍ୟକ ଦୃଢ଼ ଇଚ୍ଛାଶକ୍ତି। ଆଉ ଏହା ହିଁ ମୋ ସଫଳତାର ରହସ୍ୟ। ଜଣେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟକରୁଥିଲି। ହେଲେ ଫଟୋଗ୍ରାଫି ମୋର ନିଶା ଥିଲା। ତେଣୁ ସେଥିରେ କ୍ୟାରିୟର ଗଢ଼ିବାକୁ ଇଚ୍ଛାହେଲା। ଯଦିଓ ଏହା ସହଜ କାମ ନୁହେଁ ତଥାପି ନିଷ୍ଠାର ସହ କାର୍ଯ୍ୟ ଆରମ୍ଭ କଲି ଏବଂ ଧୈର୍ଯ୍ୟର ସହ ଯଥେଷ୍ଟ ସମୟ ଦେଲି। ସେଥିପାଇଁ ନିଜ ନିଶାକୁ ପେସାକରି ସମାଜରେ ଜଣେ ଫିମେଲ୍ ଫଟୋଗ୍ରାଫର ଭାବେ ପରିଚୟ ସୃଷ୍ଟି କରିପାରିଲି। ଏଥିରୁ ମୋର ବେଶ୍ ଭଲ ରୋଜଗାର ହେବା ସହ ଅନେକଙ୍କୁ ମଧ୍ୟ ରୋଜଗାରକ୍ଷମ କରାଇପାରିଥିବାରୁ ବେଶ୍ ଆତ୍ମସନ୍ତୋଷ ମିଳୁଛି।

**ଆୟ ଉପରେ ଫୋକସ୍ ଦରକାର:** ଯଦି ନିଶାକୁ ପେସା ଭାବେ ବାଛୁଛନ୍ତି ତେବେ ସେଥିରେ କିଭଳି ଭଲ ଆୟ ହୋଇପାରିବ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତୁ। କାରଣ ଏକ ମଜଭୁତ କ୍ୟାରିୟର ଗଢ଼ିବାର ଅର୍ଥ ଭଲ ରୋଜଗାର କରିବା। ତେଣୁ ପ୍ରଥମେ ମାର୍କେଟ୍ ଷ୍ଟଡି କରନ୍ତୁ, ଆପଣଙ୍କ ଫିଲ୍ଡରେ କିଏ ସବୁ କମ୍ପିଟିଟର ଅଛନ୍ତି ଏବଂ ସେମାନଙ୍କ କାର୍ଯ୍ୟଶୈଳୀ ଓ ଇନ୍‌କମ୍ ସୋର୍ସ ସମ୍ପର୍କରେ ଭଲଭାବେ ଜାଣନ୍ତୁ। ଏହାଦ୍ୱାରା ଆପଣଙ୍କର କାମ ଠିକ୍ ଚାଲିବା ସହ ଭଲ ଆୟ ମଧ୍ୟ ହୋଇପାରିବ।

**କରନ୍ତୁ ବଜେଟ ସେଟ୍ :** ଯଦି ନିଜ ପ୍ୟାଶନକୁ ନେଇ ଷ୍ଟାର୍ଟଅପ୍ କରିବାକୁ ଚିନ୍ତା କରୁଛନ୍ତି, ତେବେ କେତେ ଟଙ୍କା ଖର୍ଚ୍ଚ କରିବେ, କେତେଜଣ ସହକର୍ମୀ ରଖିଲେ ସେମାନଙ୍କୁ କେତେ ଦରମା ଦେବେ ଇତ୍ୟାଦିର ବଜେଟ ଭଲ ଭାବେ ପୂର୍ବରୁ ନିର୍ଦ୍ଧାରଣକରି ରଖନ୍ତୁ। ଏସବୁ ଖର୍ଚ୍ଚ ବାଦ୍ ଆଗାମୀ ୬ ମାସ ପର୍ଯ୍ୟନ୍ତ ଆବଶ୍ୟକ ଅର୍ଥକୁ ଏକ ଏମର୍ଜେନ୍ସି ଫଣ୍ଡକରି ଜମାରଖନ୍ତୁ। କାରଣ କୌଣସି କାରଣରୁ ଟଙ୍କା କମ୍ ପଡ଼ିଲେ ଏହା ବେଶ୍ କାମରେ ଆସିଥାଏ।

## ସୌନ୍ଦର୍ଯ୍ୟ

# କୋକୋନଟ୍ ହେୟାର ସ୍ପା

**ବର୍ତ୍ତମାନ କେଶର ଯତ୍ନ ପାଇଁ ଅନେକ ମହିଳା ହେୟାର ସ୍ପା କରାଇବା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ହେଲେ ଏଥିପାଇଁ ବ୍ୟୁଟିପାର୍ଲର ଯାଇ ଅଧିକ ଟଙ୍କା ଖର୍ଚ୍ଚ କରିବା ପରିବର୍ତ୍ତେ ଆପଣ ଚାହିଁଲେ ଘରେ ମଧ୍ୟ ନଡ଼ିଆରେ ହେୟାର ସ୍ପା କରି କେଶର ସୌନ୍ଦର୍ଯ୍ୟ ବୃଦ୍ଧି ସହ ମଜଭୁତ ବି କରିପାରିବେ...**





➔କେଶ ପାଇଁ ନଡ଼ିଆତେଲ କେତେ ଭଲ ସମସ୍ତେ ଜାଣନ୍ତି। ସେଥିପାଇଁ ସର୍ବପ୍ରଥମେ ନଡ଼ିଆତେଲ ନେଇ ନଖଉଷୁମ କରିଦିଅନ୍ତୁ। ଏହାକୁ କେଶମୂଳରୁ ଶେଷ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ଆଙ୍ଗୁଳି ଟିପ ସାହାଯ୍ୟରେ ଧୀରେ ଧୀରେ ୫–୧୦ ମିନିଟ୍ ମସାଜ କରନ୍ତୁ। ଏହା ମୁଣ୍ଡରେ ବ୍ଲଡ୍ ସାର୍କୁଲେଶନ ଠିକ୍ ଭାବେ କରିବାରେ ସାହାଯ୍ୟ କରେ।

➔ଏକ ଟାୱେଲକୁ ଗରମପାଣିରେ ବୁଡ଼ାଇ ଚିପୁଡ଼ିଦିଅନ୍ତୁ। ଟାୱେଲକୁ ମୁଣ୍ଡରେ ଗୁଡ଼ାଇ ୫–୬ମିନିଟ୍ ପର୍ଯ୍ୟନ୍ତ ଷ୍ଟିମ୍ ନିଅନ୍ତୁ। ଏହାଦ୍ୱାରା ତେଲ ଭଲ ଭାବେ କେଶ ମୂଳରେ ଭେଦିଯିବ।

➔ଏହାପରେ ସ୍ପା କ୍ରିମ୍ ଲଗାନ୍ତୁ। କୋକୋନଟ୍ ସ୍ପା କ୍ରିମ୍ ପ୍ରସ୍ତୁତ କରିବା ଲାଗି ନଡ଼ିଆକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ କିମ୍ବା ପେଷ୍ଟକୁ ଛାଣିଦେଇ ନଡ଼ିଆ କ୍ଷୀରକୁ କେଶ ମୂଳରୁ ଶେଷ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ୧ ଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ।

➔ଏହା ପରେ କୌଣସି ମାଇଲ୍ଡ ଶାମ୍ପୁ ଏବଂ ନର୍ମାଲ ପାଣିରେ କେଶ ଧୋଇଦିଅନ୍ତୁ। ଆପଣ ଚାହିଁଲେ ଏହା ପରେ କୌଣସି କଣ୍ଡିଶନର ଲଗାଇ ମଧ୍ୟ ୨–୩ ମିନିଟ୍ ରଖି ଧୋଇ ପାରିବେ।

➔ସପ୍ତାହରେ ଥରେ ଏହି ସ୍ପା କଲେ ନଡ଼ିଆରେ ଥିବା ଭିଟାମିନ୍ ବି୧, ବି୩, ବି୬, ସି, ଇ ସହ ଥିବା ଅନେକ ମିନେରାଲ୍ସ ତତ୍ତ୍ୱ କେଶକୁ ମଜଭୁତ, କଳା ଏବଂ ଚମକପ୍ରଦ କରିଥାଏ।

## ଖାଦ୍ୟରୁଚି

# ରାଇସ୍ ପକୋଡ଼ା

**ଆବଶ୍ୟକ ସାମଗ୍ରୀ:** ୧ କପ୍ ସିଝା ଚାଉଳ ବା ଭାତ, ୫ ବଡ଼ ଚାମଚ ବେସନ, ଅଧା କପ୍ ଛୋଟ ଛୋଟ କଟାଯାଇଥିବା ପିଆଜ, ଛେଚା ଅଦା ୧ ଚାମଚ, ଛୋଟ ଛୋଟ କଟା ହୋଇଥିବା ଗୋଟିଏ କଞ୍ଚାଲଙ୍କା, ୨ ଚାମଚ କଟା ଧନିଆପତ୍ର, ଅଧା ଛୋଟ ଚାମଚ ଲେଖାଏ ଧନିଆଗୁଣ୍ଡ, ଜିରାଗୁଣ୍ଡ, ହଳଦୀ ଗୁଣ୍ଡ, ଚିମୁଟାଏ ହେଙ୍ଗୁ, ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ଭାତ ନେଇ ଏହାକୁ ହାତରେ ଚକଟି ଦିଅନ୍ତୁ। ସେଥିରୁ ଅନ୍ୟ ସମସ୍ତ ସାମଗ୍ରୀ ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ୧୦–୧୫ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ରଖି ଦିଅନ୍ତୁ। ପିଆଜରୁ ରସ ବାହାରି ଏହି ମିଶ୍ରଣ ଅଧିକ ସଫ୍ଟ ହୋଇଯିବ। ବର୍ତ୍ତମାନ ସେଥିରେ ଅଳ୍ପ ପାଣି ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ ଯେପରି ମିଶ୍ରଣ ଅଧିକ କାଠୁଆ କିମ୍ବା ପାଣିଆ ନ ହୁଏ। ବର୍ତ୍ତମାନ କଡ଼େଇରେ ତେଲ ଗରମ କରନ୍ତୁ। ସେଥିରେ ଚାମଚ ସାହାଯ୍ୟରେ ବରା ମିଶ୍ରଣକୁ ପକାନ୍ତୁ। ମିଡିଅମ ଆଞ୍ଚରେ ଏହାକୁ ଲାଇଟ୍ ବ୍ରାଉନ୍ କଲର ହେବା ପରେ ଓଲଟାଇ ଦିଅନ୍ତୁ। ପକୋଡ଼ା ଗୋଲ୍ଡେନ କଲର ହୋଇଗଲେ ଏହାକୁ ଛାଣି ଦିଅନ୍ତୁ। ଏହାକୁ ଟମାଟୋ ସସ୍, ଚିଲି ସସ୍ ଏବଂ ପୁଦିନା ଚଟଣି ସହ ଗରମ ଗରମ ଖାଇବାର ମଜା ନିଅନ୍ତୁ।



# ଧରିତ୍ରୀ
DHARITRI

ଧରିତ୍ରୀ 51 Years

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୭/୨୦୨୫ Bhubaneswar, Tuesday, October 7/ 2025







## ଶ୍ରୀଲଙ୍କା ପ୍ରିମିୟର ଲିଗ୍‌ରେ ଖେଳିବେ ଭାରତୀୟ ଖେଳାଳି

**ନୂଆଦିଲ୍ଲୀ, ୬।୧୦ (ପି.ଟି.):** ଶ୍ରୀଲଙ୍କା ପ୍ରିମିୟର ଲିଗ୍ (ଏଲ୍‌ପିଏଲ୍)ରେ ପ୍ରଥମ ଥର ଭାରତୀୟ ଖେଳାଳିମାନଙ୍କୁ ଦେଖିବାକୁ ମିଳିବ। ଟୁର୍ନାମେଣ୍ଟର ଆୟୋଜକଙ୍କ ତରଫରୁ ଏହା ସୋମବାର ଘୋଷଣା କରାଯାଇଛି। ଏଲ୍‌ପିଏଲ୍‌ର ୬ଷ୍ଠ ସଂସ୍କରଣ ଡିସେମ୍ବର ୧ରୁ ଆରମ୍ଭ ହେବ। ଏହି ଟି୨୦ ଇଭେଣ୍ଟରେ ମୋଟ ୨୪ଟି ମ୍ୟାଚ ଖେଳାଯିବ। ତନ୍ମଧ୍ୟରେ ୨୦ ଲିଗ୍ ମ୍ୟାଚ ଏବଂ ୪ନକ୍‌ଆଉଟ ମ୍ୟାଚ ରହିଛି। ଏହା ଦେଶର ତିନୋଟି ପ୍ରମୁଖ ଭେନ୍ୟୁରେ ଖେଳାଯିବ। ସେଗୁଡ଼ିକ ହେଲା କଲମ୍ବୋସ୍ଥିତ ଆର୍. ପ୍ରେମାଦାସା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ, କାଣ୍ଡିସ୍ଥିତ ପାଲିକେଲ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମ ଏବଂ ଦାମ୍ବୁଲାସ୍ଥିତ ରଣଗିରି ଦାମ୍ବୁଲା ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମ। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଥିବା ଭାରତୀୟ ଖେଳାଳିମାନଙ୍କ ନାମ ନିକଟରେ ଘୋଷଣା କରାଯିବ। ଫର୍ମାଟ ଅନୁସାରେ ଲିଗ୍ ପର୍ଯ୍ୟାୟରେ ୫ ଫ୍ରାଞ୍ଚାଇଜ ଭାଗ ନେବେ। ସେମାନେ ପରସ୍ପରକୁ ଦୁଇଥର ଭେଟିବେ। ରାଉଣ୍ଡ-ରବିନ ପର୍ଯ୍ୟାୟ ଶେଷ ହେବାପରେ ଶ୍ରେଷ୍ଠ ୪ଟି ଦଳ ପ୍ଲେ-ଅଫ୍‌କୁ ଉନ୍ନୀତ ହେବେ। ଓପନିଂ ପ୍ଲେ-ଅଫ୍ କ୍ୱାଲିଫାୟର-୧ରେ ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ମୁକାବିଲା ହେବ। ବିଜେତା ଦଳ ସିଧାସଳଖ ଫାଇନାଲକୁ ଉନ୍ନୀତ ହେବ। ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳ ଏଲିମିନେଟରରେ ପରସ୍ପରକୁ ଭେଟିବେ। ଏହି ମ୍ୟାଚର ବିଜେତା କ୍ୱାଲିଫାୟର-୧ର ପରାଜିତ ଦଳକୁ କ୍ୱାଲିଫାୟର-୨ରେ ଭେଟିବ। ଏଥିରୁ ଦ୍ୱିତୀୟ ଫାଇନାଲିଷ୍ଟ ନିରୁପିତ ହେବ ବୋଲି ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସମନ୍ଥା ଡୋଡାନୱେଲା ପ୍ରକାଶ କରିଛନ୍ତି।

# ପ୍ରମୋଦଙ୍କୁ ୩ ସ୍ୱର୍ଣ୍ଣ ପଦକ



ପ୍ରମୋଦ ଭଗତ (ବାମ) ଓ ପଦକ ବିଜୟୀ ଅନ୍ୟ ଖେଳାଳିମାନେ।

### ନାଇଜେରିଆ ପାରା ବ୍ୟାଡ୍‌ମିଣ୍ଟନରେ ଓଡ଼ିଶା ପ୍ରତିଯୋଗୀଙ୍କୁ ସଫଳତା

**ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ)**

ନାଇଜେରିଆରେ ଅନୁଷ୍ଠିତ ପ୍ରଥମ ଏବିଆଇଏ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶା ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ତାରକା ଖେଳାଳି ପ୍ରମୋଦ ଭଗତ ଏକାକୀ ୩ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ସେ ଏସ୍‌ଏଲ୍‌୩ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଅନ୍ୟତମ ଭାରତୀୟ ଖେଳାଳି ମନ୍ଜୁ କୁମାରଙ୍କୁ ୨୧-୭, ୯-୨୧ ଓ ୨୧-୯ରେ ପରାସ୍ତ କରିଛନ୍ତି। ପୁରୁଷ ଡବଲ୍ସରେ ପ୍ରମୋଦ ଓ ସୁକାନ୍ତ କଦମଙ୍କ ଯୋଡ଼ି ଫାଇନାଲରେ ପେରୁର ଗେର୍ସନ ଜେର ଭୋର୍ଗାସ ଲୋଷ୍ଟାନଲ ଓ ଡିଆନା ରୋଜାସ ଗୋଲାକଙ୍କୁ ୨୧-୧୩, ୨୧-୧୭ରେ ପରାସ୍ତ କରିଥିଲେ। ସେହିପରି ଏସଏଲ୍‌୩-ଏସୟୁ୫ ମିକ୍ସଡ ଡବଲ୍ସ ଫାଇନାଲରେ ପ୍ରମୋଦ ଏବଂ ଆରତି ପାଟିଲଙ୍କ ଯୋଡ଼ି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ୩୭ ବର୍ଷୀୟ ପ୍ରମୋଦ ହୋୟାର ଏବାଉଟ୍ସ ଫେଲୁଅର୍ସ ପାଇଁ ପ୍ୟାରିସ ଅଲିମ୍ପିକ୍ସ ମିସ୍ କରିଥିଲେ। ୧୮ ମାସ ବାସନ୍ଦ ପରେ ସେ ଚାଇନା ପାରା ବ୍ୟାଡ୍‌ମିଣ୍ଟନରେ ପ୍ରତ୍ୟାବର୍ତ୍ତନ କରି ସଫଳ ହୋଇଥିଲେ। ନୁରୁଲ ହୋସେନ ଖାଁ ଡବ୍ଲ୍ୟୁଏଚ୨ ପୁରୁଷ ସିଙ୍ଗଲ୍ସରେ ରୌପ୍ୟ, ଡବଲ୍ସରେ ସ୍ୱର୍ଣ୍ଣ ପାଇଥିବାବେଳେ କୁଲଦୀପ ମହାକୁଳ ଏସ୍‌ଏଲ୍‌୪ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ନାଇଜେରିଆର ସି. ନନାନ୍ନାଙ୍କଠାରୁ ୮-୨୧ ଓ ୧୬-୨୧ରେ ହାରି ବ୍ରୋଞ୍ଜ ପାଇଥିବାବେଳେ ବିଶ୍ୱରଞ୍ଜନ ପଣ୍ଡା ଏସ୍‌ୟୁ୫ ପୁରୁଷ ଡବଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ପାକିସ୍ତାନର ସିଦ୍ରା ଅମିନଙ୍କୁ ଭର୍ତ୍ସନା

**କଲମ୍ବୋ, ୬।୧୦ (ପି.ଟି.)**



ଭାରତ ବିପକ୍ଷ ମହିଳା ବିଶ୍ୱକପ୍ ମ୍ୟାଚରେ ଆଚରଣ ସଂହିତାର ଲେଭଲ-୧ ବିଧି ଉଲ୍ଲଂଘନ କରିଥିବାରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ସୋମବାର ପାକିସ୍ତାନ ବ୍ୟାଟର ସିଦ୍ରା ଅମିନଙ୍କୁ ଭର୍ତ୍ସନା କରିବା ସହ ଗୋଟିଏ ଡିମେରିଟ୍ ପଏଣ୍ଟ ପ୍ରଦାନ କରିଛି। ରବିବାର ଆର. ପ୍ରେମାଦାସା ଷ୍ଟାଡିୟମରେ ଅନୁଷ୍ଠିତ ଭାରତ ବିପକ୍ଷ ଏକତରଫା ମୁକାବିଲାରେ ଅମିନ ଏକମାତ୍ର ବ୍ୟାଟର ଭାବେ ଲଢୁଆ ପ୍ରଦର୍ଶନ କରି ବ୍ୟକ୍ତିଗତ ୮୧ ରନ କରିଥିଲେ। ଭାରତର ୨୪୭ ରନ ଜବାବରେ ପାକିସ୍ତାନ ୧୫୯ରନ ରକି ଅଲଆଉଟ ହୋଇଯାଇଥିଲା। ପାକିସ୍ତାନ ଏହି ମ୍ୟାଚ ୮୮ରନରେ ହାରିଯାଇଥିଲା। ପାକିସ୍ତାନର ବିଜୟ ଲକ୍ଷ୍ୟ ପିଛା ବେଳେ ୪୦ତମ ଓଭରରେ ଏହି ଘଟଣା ଘଟିଥିଲା। ସ୍ନେହ ରାଣାଙ୍କ ବଲ୍‌ରେ ଆଉଟ ହୋଇଯିବା ପରେ ଅମିନ ତାଙ୍କ ବ୍ୟାଟ୍‌କୁ ପିଚ୍‌ରେ ଜୋର୍‌ଦାର ପ୍ରହାର କରିଥିଲେ। ୨୪ ମାସ ମଧ୍ୟରେ ପ୍ରଥମ ଅପରାଧ ହୋଇଥିବାରୁ ଅମିନଙ୍କ ଶୃଙ୍ଖଳାଗତ ରେକର୍ଡରେ ଏକ ଡିମେରିଟ ପଏଣ୍ଟ ଯୋଗ କରାଯାଇଥିଲା। ସିଦ୍ରା ଅପରାଧ ସ୍ୱୀକାର କରିବା ସହ ଏମିରେଟ୍ସ ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରିଜର ଶାଣ୍ଡ୍ରେ ଫ୍ରିଜ୍‌ଙ୍କ ଦ୍ୱାରା ପ୍ରସ୍ତାବିତ ଦଣ୍ଡକୁ ଗ୍ରହଣ କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା।

## ଭାଗୀରଥି ସ୍ମାରକୀ ଡବଲ୍ସ କ୍ୟାରମ୍ ୧୧ରୁ

**ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ):** ଯୁବଶକ୍ତି କ୍ଲବ ଏବଂ ଭୁବନେଶ୍ୱର ଜିଲା କ୍ୟାରମ୍ ଆସୋସିଏଶନ ଆନୁକୂଲ୍ୟରେ ଭାଗୀରଥି ପଟ୍ଟନାୟକ ସ୍ମାରକୀ ଡବଲ୍ସ କ୍ୟାରମ୍ ଟୁର୍ନାମେଣ୍ଟ ଆସନ୍ତା ୧୧ ଓ ୧୨ ତାରିଖରେ ଅନୁଷ୍ଠିତ ହେବ। ୟୁନିଟ୍-୪ସ୍ଥିତ ଯୁବଶକ୍ତି କ୍ଲବ ପରିସରରେ ହେବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ଶ୍ରେଷ୍ଠ ୩୨ଟି ଯୋଡ଼ିଙ୍କୁ ନେଇ ମୁକାବିଲା ହେବ। ଖୋର୍ଦ୍ଧା, ଭୁବନେଶ୍ୱର, ପୁରୀ, କଟକ, ଅନୁଗୋଳ, ସୁନ୍ଦରଗଡ଼, ଜଗତ୍‌ସିଂହପୁର ଆଦି ଜିଲାର ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବେ। ପୂର୍ବତନ ବିଶ୍ୱକପ ଚାମ୍ପିୟନ ଭି. ଆକାଶଙ୍କ ସହ ୨୦ ଜଣ ଜାତୀୟ ଖେଳାଳି ମଧ୍ୟ ଭାଗ ନେଉଛନ୍ତି ବୋଲି ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସୁନୀଲ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଆକର୍ଷଣୀୟ ଟ୍ରଫି ସହ ପ୍ରତିଯୋଗିତା ପାଇଁ ୩୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ୧୧ ତାରିଖ ପୂର୍ବାହ୍ନ ୯ଟାରେ ପ୍ରତିଯୋଗିତା ଉଦ୍‌ଘାଟିତ ହେବ ଏବଂ ୧୨ ତାରିଖ ସନ୍ଧ୍ୟା ୭ଟାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସମ୍ପାଦକ ବୀରେନ୍ଦ୍ର ମିଶ୍ର ଜଣାଇଛନ୍ତି।

# ଦକ୍ଷିଣ ଆଫ୍ରିକାର ସହଜ ବିଜୟ

**ଇନ୍ଦୋର,୬।୧୦**

### ମହିଳା କ୍ରିକେଟ ବିଶ୍ୱକପ୍

ଚଳିତ ମହିଳା କ୍ରିକେଟ ବିଶ୍ୱକପ୍‌ର ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ପଏଣ୍ଟ ଖାତା ଖୋଲିଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୪୭.୫ ଓଭରରେ ୨୩୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଏକଦା ୩ ଉଇକେଟ ହରାଇ ୧୮୭ ରନ କରିଥିବା ନ୍ୟୁଜିଲାଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୪ ରନ ମଧ୍ୟରେ ବଳକା ୭ ଉଇକେଟ ହରାଇ ଅଲଆଉଟ୍ ହୋଇଯାଇଥିଲା। ଜବାବରେ ତଜମିନ ବ୍ରିଟ୍ସଙ୍କ ଶତକ ବଳରେ ଦକ୍ଷିଣ ଆଫ୍ରିକା ୪୦.୫ ଓଭରରେ ୪ ଉଇକେଟ ହରାଇ ୨୩୪ ରନ କରି ମ୍ୟାଚ୍ ଜିତି ନେଇଥିଲା। ତଜମିନ ୮୯ ବଲରେ ୧୫ ଚୌକା ଓ ୧ ଛକା ସହିତ ୧୦୧ ରନର ବିସ୍ଫୋରକ ପାଳି ଖେଳିଥିଲେ। ଏହା ତାଙ୍କ କ୍ୟାରିୟରର ସପ୍ତମ ତଥା ଚଳିତ ବର୍ଷର ପଞ୍ଚମ ଶତକ। ତାଙ୍କ ବ୍ୟତୀତ ସୁନେ ଲୁସ ଅପରାଜିତ ୮୩ ରନ କରିଥିଲେ।



ଶତକ ହାସଲ ପରେ ଉଲ୍ଲସିତ ତଜମିନ ବ୍ରିଟ୍ସ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ: ୪୭.୫ ଓଭରରେ ୨୩୧/ଅଲଆଉଟ୍(ସୋଫି ଡିଭାଇନ-୮୫, ବ୍ରୁକ ହାଲିଡେ-୪୫, ନନକୁଲୁଲେକୋ ଏମଲାବା-୪/୪୦)। ଦକ୍ଷିଣ ଆଫ୍ରିକା: ୪୦.୫ ଓଭରରେ ୨୩୪/୪(ତଜମିନ ବ୍ରିଟ୍ସ-୧୦୧, ସୁନେ ଲୁସ-୮୩, ଆମେଲିଆ କେର-୨/୬୨)।

### ଭିନୁ ମଙ୍କଡ ଟ୍ରଫି

## ଦ୍ରାବିଡ଼୍‌ଙ୍କ ପୁଅଙ୍କୁ କର୍ଣ୍ଣାଟକ ଦଳର ନେତୃତ୍ୱ

**ବେଙ୍ଗାଲୁରୁ,୬।୧୦(ପି.ଟି.)**

ଚଳିତ ମାସ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ଡେରାଡୁନଠାରେ ହେବାକୁ ଥିବା ଭିନୁ ମଙ୍କଡ଼ ଟ୍ରଫି ଲାଗି ସୋମବାର କର୍ଣ୍ଣାଟକ ଦଳ ଘୋଷଣା କରାଯାଇଛି। କିମ୍ବଦନ୍ତୀ ଭାରତୀୟ କ୍ରିକେଟର ରାହୁଲ ଦ୍ରାବିଡ୍‌ଙ୍କ ପୁଅ ଅନଭୟଙ୍କୁ ଦଳର ନେତୃତ୍ୱ ଦାୟିତ୍ୱ ଦିଆଯାଇଛି। ଗତ ସଂସ୍କରଣରେ ସେ ଟୁର୍ନାମେଣ୍ଟରେ ସର୍ବାଧିକ ସ୍କୋର କରିଥିଲେ।

## ଭଉଣୀଙ୍କୁ ସ୍କୁଟି ଉପହାର ଦେଲେ ରିଙ୍କୁ

**ଲକ୍ଷ୍ନୌ,୬।୧୦**



ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ରିଙ୍କୁ ସିଂ ତାଙ୍କ ଭଉଣୀ ନେହାକୁ ଏକ ନୂଆ ଇଲେକ୍ଟ୍ରିକ୍ ସ୍କୁଟି ଉପହାରରେ ଦେଇଛନ୍ତି। ଏ ନେଇ ସୋସିଆଲ ମିଡିଆରେ ଫଟୋ ଶେୟାର କରି ରିଙ୍କୁଙ୍କ ଭଉଣୀ ନେହା ସୂଚନା ଦେଇଛନ୍ତି। ଫଟୋରେ ସ୍କୁଟି ସହିତ ନେହା ଓ ରିଙ୍କୁ ରହିଛନ୍ତି। ଏଥିପୂର୍ବରୁ ରିଙ୍କୁ ଗତ ନଭେମ୍ବରରେ ଅଲିଗଡ଼ରେ ଏକ ବିଳାଶପୂର୍ଣ୍ଣ ୩ ତାଲା ବାଙ୍ଗଲୋ କିଣିଥିଲେ, ଯାହାର ନାମ ତାଙ୍କ ମା'ଙ୍କ ନାମରେ ରଖିଛନ୍ତି। ଏହାର ଆନୁମାନିକ ମୂଲ୍ୟ ୩.୫ କୋଟି ଟଙ୍କା। ଉଲ୍ଲେଖଯୋଗ୍ୟ, ଗତ ମାସରେ ଅନୁଷ୍ଠିତ ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷ ଫାଇନାଲରେ ରିଙ୍କୁ ଚୌକା ଲଗାଇ ଭାରତକୁ ଜିତାଇଥିଲେ।

## ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସରେ ଭାରତର ପ୍ରଦର୍ଶନକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

**ନୂଆଦିଲ୍ଲୀ,୬।୧୦(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସରେ ଭାରତର ପ୍ରଦର୍ଶନକୁ ଐତିହାସିକ ବୋଲି ଅଭିହିତ କରିଛନ୍ତି। ରବିବାର ଶେଷ ହୋଇଥିବା ପ୍ରତିଯୋଗିତାରେ ଭାରତ ରେକର୍ଡ ୨୨ ପଦକ ଜିତିଛି। ପଦକ ତାଲିକାରେ ୬ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୭ ବ୍ରୋଞ୍ଜ ରହିଛି। ଆମ ପାରା ଆଥ୍‌ଲେଟ୍ସଙ୍କର ଐତିହାସିକ ପ୍ରଦର୍ଶନ। ଚଳିତବର୍ଷର ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସ ଖୁବ୍ ସ୍ୱତନ୍ତ୍ର ଥିଲା। ଭାରତୀୟ ଦଳ ତା'ର ଶ୍ରେଷ୍ଠ ପ୍ରଦର୍ଶନ କରି ୬ ସ୍ୱର୍ଣ୍ଣ ସମେତ ୨୨ ପଦକ ଜିତିଛି। ଆମ ଆଥ୍‌ଲେଟଙ୍କୁ ଅଭିନନ୍ଦନ। ସେମାନଙ୍କର ଏହି ସଫଳତା ଅନେକ ଲୋକଙ୍କୁ ପ୍ରେରଣା ଦେବ। ମୁଁ ଦଳର ପ୍ରତ୍ୟେକ ସଦସ୍ୟଙ୍କ ଲାଗି ଗର୍ବିତ ଏବଂ ସେମାନଙ୍କୁ ଭବିଷ୍ୟତ ଲାଗି ଶୁଭକାମନା ଜଣାଉଛି। ଦିଲ୍ଲୀରେ ଟୁର୍ନାମେଣ୍ଟ ଆୟୋଜନ କରିବା ଭାରତ ପାଇଁ ଏକ ସମ୍ମାନର ବିଷୟ। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ପ୍ରାୟ ୧୦୦ ଦେଶର ଆଥ୍‌ଲେଟ୍ସ ଓ ସପୋର୍ଟ ଷ୍ଟାଫଙ୍କ ନିକଟରେ ମୁଁ କୃତଜ୍ଞ ବୋଲି ପ୍ରଧାନମନ୍ତ୍ରୀ ଏକ୍ସ'ରେ ପୋଷ୍ଟ କରିଛନ୍ତି।

## ଜୋକିମ୍ ଘୋଷଣା କଲେ ୨୩ ଜଣିଆ ଭାରତୀୟ ଦଳ

**ନୂଆଦିଲ୍ଲୀ, ୬।୧୦ (ପି.ଟି.):** କିର୍‌ଗିଜ୍ ରିପବ୍ଲିକର ବିଶ୍‌କେକ୍‌ଠାରେ ଅକ୍ଟୋବର ୧୩ରୁ ୧୭ ପର୍ଯ୍ୟନ୍ତ ହେବାକୁଥିବା ୨୦୨୬ ଏଏଫ୍‌ସି ୧୭ବର୍ଷରୁ କମ୍ ମହିଳା ଏସିଆ କପ୍ ଫୁଟ୍‌ବଲ କ୍ୱାଲିଫାୟର୍ସ ପାଇଁ କୋଚ୍ ଜୋକିମ ଆଲେକ୍ଜାଣ୍ଡରସନ ସୋମବାର ଏକ ୨୩ ଜଣିଆ ଦଳ ଘୋଷଣା କରିଛନ୍ତି। ଭାରତ ତିନୋଟି ଦଳକୁ ନେଇ ଗ୍ରୁପ୍ 'ଜି'ରେ ସ୍ଥାନ ପାଇଛି। ଭାରତ ପ୍ରଥମେ ଅକ୍ଟୋବର ୧୩ରେ ଆୟୋଜକ କିରଗିଜ୍ ରିପବ୍ଲିକ ଏବଂ ଅକ୍ଟୋବର ୧୭ରେ ଉଜ୍‌ବେକିସ୍ତାନକୁ ଭେଟିବ। ଗ୍ରୁପ୍ ବିଜେତା ଆସନ୍ତାବର୍ଷ ଚାଇନାରେ ୧୨ଟି ଦଳକୁ ନେଇ ହେବାକୁଥିବା ଫାଇନାଲ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଭୁଟାନରେ ସାଫ୍ ୧୭ବର୍ଷରୁ କମ୍ ମହିଳା ଚାମ୍ପିୟନଶିପ୍ ଜିତିବାପରେ ଭାରତୀୟ ଦଳ କ୍ୟାମ୍ପରେ ବ୍ୟସ୍ତ ରହିଛି।

# ଭାଗନେଲେ ୧୬ ରାଜ୍ୟର ଖେଳାଳି

**ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ)**

### ସ୍ପେଶାଲ୍ ଅଲିମ୍ପିକ୍ସ ଭାରତ ଜାତୀୟ ବାସ୍କେଟବଲ୍ ଉଦ୍‌ଘାଟିତ

ବରୁଣେଇସ୍ଥିତ କେଟି ଗ୍ଲୋବାଲ୍ ସ୍କୁଲ୍ କ୍ରିକେଟ୍ ଗ୍ରାଉଣ୍ଡରେ ସୋମବାର ସ୍ପେଶାଲ୍ ଅଲିମ୍ପିକ୍ସ ଭାରତ ଜାତୀୟ ବାସ୍କେଟବଲ୍ ଚାମ୍ପିଅନଶିପ୍ ଉଦ୍‌ଘାଟିତ ହୋଇଛି। ଏଥିରେ ୧୬ ରାଜ୍ୟର ଖେଳାଳି, ପ୍ରଶିକ୍ଷକ, ଅଂଶୀଦାର, ଅଧିକାରୀ ଏବଂ ଅଭିଭାବକମାନେଅଂଶଗ୍ରହଣ କରିଛନ୍ତି। କଲୋନେଲ (ଅବସରପ୍ରାପ୍ତ) କେଦାରନାଥ ଦାଶ ପତାକା ଉତ୍ତୋଳନ କରି ମାର୍ଚ୍ଚ ପାଷ୍ଟରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସ୍ପେଶାଲ୍ ଅଲିମ୍ପିକ୍ସ ଭାରତର ଜାତୀୟ ବୋର୍ଡ ସଦସ୍ୟ ରାଜଶେଖର ଚେଲି, ଅବସରପ୍ରାପ୍ତ ଡିଜିଏମ୍, ଏସବିଆଇ ଗୋକୁଳାନନ୍ଦ ଦାଶ, ଉପାଧ୍ୟକ୍ଷ ଉମାକାନ୍ତ ସାରଙ୍ଗୀ, କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ରଥ, ଏସଓବି-ଓଡିଶାର ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଅର୍ପିତା ମହାପାତ୍ର ଏବଂ କେଟି ଗ୍ଲୋବାଲ୍ ସ୍କୁଲର ସିଇଓ ସିଦ୍ଧାର୍ଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ସ୍ୱତନ୍ତ୍ର ଅଲିମ୍ପିଆନ ସରିତା ରାଉତରାୟ, ଅରିଦିତା ଚକ୍ରବର୍ତ୍ତୀ ଏବଂ ବୈଷ୍ଣବ ରାଜପାଲିଆ ସମସ୍ତ ଅତିଥି ଏବଂ କ୍ୟାମ୍ପରମାନଙ୍କୁ ଶପଥ ପାଠ କରାଇଥିଲେ। ବୋର୍ଡ ସଦସ୍ୟ ମାନତୋଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଦିନର ଶେଷ ଭାଗରେ ଓଡ଼ିଶା ସରକାରଙ୍କ କ୍ରୀଡା ବିଭାଗ ଓଏସଡି ସୋନାଲି ଚାନ୍ଦ ଜର୍ସି ଉନ୍ମୋଚନ କରିଥିଲେ ଏବଂ ଗୁଜରାଟ ଏବଂ ମହାରାଷ୍ଟ୍ରର ମହିଳା ଦଳ ମଧ୍ୟରେ ପ୍ରଥମ ଲିଗ୍ ମ୍ୟାଚ୍ ଆରମ୍ଭ କରିବା ପାଇଁ ବଲ୍ ଟସ୍ କରିଥିଲେ। ସ୍ପେଶାଲ୍ ଅଲିମ୍ପିକ୍ସ ଭାରତର ସୁରେଶ କୁମାର ଏବଂ ଓମଶ୍ରୀଙ୍କ ଦ୍ୱାରା ଏକ ଜାତୀୟ ଯୁବ ତାଲିମ କାର୍ଯ୍ୟକ୍ରମ ଏବଂ ପରିବାର ଫୋରମ୍ କାର୍ଯ୍ୟକ୍ରମ ମଧ୍ୟ ପରିଚାଳନା କରାଯାଇଥିଲା।



ସ୍ପେଶାଲ୍ ଅଲିମ୍ପିକ୍ସ ଭାରତ ଜାତୀୟ ବାସ୍କେଟବଲ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଖେଳାଳିମାନେ।

# ଜାତୀୟ ଜୁ-ଜିତ୍‌ସୁ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ)**

ଉତ୍ତର ପ୍ରଦେଶର ସାହାରାନପୁରସ୍ଥିତ ଡ. ଆମ୍ବେଡକର ସ୍ପୋର୍ଟ୍ସ ଇନ୍‌ଡୋର ଷ୍ଟାଡିୟମରେ ନଭେମ୍ବର ୯ରୁ ୧୨ ପର୍ଯ୍ୟନ୍ତ ଜାତୀୟ ୨୧ ବର୍ଷରୁ କମ୍ ଓ ସିନିୟର ଜୁ- ଜିତ୍‌ସୁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜୁ-ଜିତ୍‌ସୁ ଆସୋସିଏଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ହେବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମନ୍ତେ ଏକ ୩୫ ଜଣିଆ ଓଡ଼ିଶା ଦଳ ମନୋନୀତ ହୋଇ ଉତ୍ତରପ୍ରଦେଶ ଯାତ୍ରା କରିଛି। ଓଡ଼ିଶାରୁ ଅନେକ ଜାତୀୟ ପଦକ ବିଜେତା ଖେଳାଳି ଏହି ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରେ ୮ ମହିଳା ଓ ୨୭ ଜଣ ପୁରୁଷ ପ୍ରତିଯୋଗୀ ରହିଛନ୍ତି। ପୁରୁଷ ବିଭାଗରେ ସୁମନ୍ତ ସାହୁ, ଅମରେଶ ସ୍ୱାଇଁ, ଉମାକାନ୍ତ ଦାସ, ସିଦ୍ଧାର୍ଥ ମହନ୍ତ, ରଞ୍ଜନ ମଙ୍ଗରାଜ, ଦେବାଶିଷ ସାମନ୍ତରାୟ, ସ୍ୱରାଜ ଯାନୀ, ରାଧାକାନ୍ତ ସେଠୀ, ନିଶାନ୍ତ ଧାରୁଆ, ସନ୍ତୋଷ ସିଂ, ଅକ୍ଷୟ କୁମାର କାହାଳି, ସିଦ୍ଧାନ୍ତ ବେହେରା, କାହ୍ନା ସାହୁ , ମିର୍ଜା ତାହିର ବେଗ, ଅମିତାଭ ନାୟକ, ସମରେଶ ସାହୁ, କାମେଶ ମହାପାତ୍ର, ସିଦ୍ଧାର୍ଥ ଭୂୟାଁ, ଖିତେଶ ବଞ୍ଜୋର, ତନ୍ମେସ ଲେଙ୍କା, ଅନିଲ ପ୍ରଧାନ, ଦୀପକ ଗୌଡ, ସନ୍ଦୀପ ବେହେରା, ସୋନୁ କୁମାର, ଲିଙ୍କନ ବିଶ୍ୱାଳ, ଓମ୍ ପ୍ରଧାନ, ରେବତୀ ରମନ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିପରି ମହିଳା ବିଭାଗରେ ରୋଜାଲିନ ଜେନା, ଅନୁପମା ସ୍ୱାଇଁ, ନିରୁପମା ସ୍ୱାଇଁ, ଅଜିଜା ବେଗମ, ରୋଜାଲିନ ପାଲ, ବିଦ୍ୟା ପୃଷ୍ଟ୍ୟ, ପ୍ରିୟଦର୍ଶିନୀ ଘଗୁଆରୀ ଓ ପାଲକ ପ୍ରିୟଦର୍ଶିନୀ ଭାଗନେବେ। ଓଡ଼ିଶା ଜୁ-ଜିତ୍‌ସୁ ସଂଘ ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ, ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତାମାନେ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



କର୍ମକର୍ତ୍ତାଙ୍କ ଗହଣରେ ଜାତୀୟ ଜୁ-ଜିତ୍‌ସୁ ପାଇଁ ମନୋନୀତ ଓଡ଼ିଶା ଦଳ।


Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ